# ବେଦାନ୍ତା

Spreading Knowledge Amongst Mankind.......

ମାର୍ଚ୍ଚ–୨୦୧୯ MARCH - 2019



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

vedantimagazine@gmail.com

editor.vedantimagazine@gmail.com



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ଉଲ୍ଲାସମୟ ପ୍ରକୃତିର ସୁନ୍ଦରତମ ରୂପ ବସନ୍ତ ମହୋତ୍ସବ ହୋଲିରେ ସର୍ବୋର ହୋଇ ସମସ୍ତ ମନୁଷ୍ୟ ଜାତିକୁ ଆନନ୍ଦ ରୂପକ ରଙ୍ଗରେ ହର୍ଷମୁଖରିତ କରି ସ୍ନେହ, ପ୍ରେମ, ସଦଭ୍ଵନା ର ପ୍ରତୀକ ରୂପେ ଅବତରଣ କରେ । ପ୍ରେମ ଅବର୍ଣ୍ଣନୀୟ । ପ୍ରେମକୁ ଅନୁଭବ କରିହୁଏ । ପ୍ରେମ ପରମେଶ୍ଵର । ଏହାର ଗଭୀରତା ମାପିବାକୁ ଯାଇ ମନ, ବୁଦ୍ଧି, ବିଗ୍ଯର ସର୍ବଦା ଥକ୍କାମାରି ବସିଯାନ୍ତି । ମାନବୀୟ ପ୍ରେମ ହେଉଛି ଈଶ୍ଵରୀୟ ପ୍ରେମର ଲଘୁତମ ଅଂଶ । ଯେଉଁ ପ୍ରେମ ସମୁଦ୍ରରେ ରାଧା- କୃଷ୍ଣ ବିବଶ ହୋଇ ସ୍ନାନ- କେଳ କରୁଥିଲେ, ସେହି ପ୍ରେମର ତରଳ- ତରଙ୍ଗରୁ କଛିଟା ବିନ୍ଦୁ ଭ୍ସିଆସି ମାନବର ମନକୁ ଆକୃଷ୍ଟ କରୁଛି । ପ୍ରେମ ସର୍ବଦା ଲୌକିକରୁ ଆରମ୍ଭ ହୋଇ ଅଲୌକିକକୁ ଗତିକରେ । ଭୌତିକ ପ୍ରେମ ଧିରେ ଧିରେ ଆଧ୍ଯାତ୍ମିକ ପ୍ରେମରେ ପରିଣତ ହୋଇଥାଏ । ପ୍ରେମର ରଙ୍ଗରେ ଭର୍ ହୋଲିର ରଙ୍ଗ ଧର୍ମ, ସମ୍ପ୍ରଦାୟ, ବନ୍ଧନକୁ ଖୋଲି ଖୁସି ଏବଂ ମିତ୍ରତାକୁ ସ୍ଵାଗତ କରୁଥିବା ଲୋକପ୍ରିୟ ଉତ୍ସବ ସୁଦୃଢ ସମାଜ ଗଠନରେ ମନଭ୍ବନ ସାଂସ୍କୃତିକ, ପାରମ୍ପାରିକ ପର୍ବ ସମସ୍ତ ଦେଶବାସୀଙ୍କ ମନରେ ସ୍ନେହ ଓ ପ୍ରେମ ଉତ୍ପନ୍ନ କରେ । ବିବିଧତାରେ ଏକତା ଜୀବନକୁ ଅନନ୍ଦମୟ ଏବଂ ରଙ୍ଗମୟ ବନେଇଦିଏ ହୋଲିର ସାତ ରଙ୍ଗ ପରି । ହସ, ଖୁସି, ମିତ୍ରତାର ସ୍ଵାଗତ ହୋଲିର ପ୍ରମୁଖ ଅଙ୍ଗ । ପ୍ରେମର ରଙ୍ଗ, ଭକ୍ତିର ରଙ୍ଗ, ବିଶ୍ଵାସର ରଙ୍ଗ, ବାହ୍ୟ ରଙ୍ଗ ଅପେକ୍ଷା ଅନ୍ତଃର୍ମନର ରଙ୍ଗ ବିଶୁଦ୍ଧ ପ୍ରେମ ପ୍ରାପ୍ତିର ଜିଜ୍ଞାସା ମନୁଷ୍ୟକୁ ଉତ୍ସବ ମୁଖରିତ କରେ ।

ଏହି ସଂସାର ଯାହା ଉପରେ ତିଷ୍ଠି ରହିଛି, ତାହା ହେଉଛି ମିତ୍ରତା । ଯଦି ପୃଥିବୀର ବଡ ବଡ ଭୌତିକ ଶକ୍ତି ମିଳମିଶି ରହିବାକୁ ପ୍ରସ୍ତୁତ ନହେବେ, ଏବଂ ସମସ୍ତେ ନିଜ ନିଜ ଶକ୍ତି ପ୍ରଦର୍ଶନ କରିବାକୁ ଠିଆହେବେ, ତେବେ ବିନାଶଲୀଳା ଆରମ୍ଭ ହୋଇଯିବ । ଅଗ୍ନି, ଜଳ, ବାୟୁ, ଆକାଶ, ଭୂମି ଭଳି ପାଞ୍ଚ ମହାଭୂତ ଯଦି ମିଳମିଶି ନରହି ପରସ୍ପର ସଂଘର୍ଷରେ ଲାଗି ରହିବେ, ତେବେ ସମସ୍ତଙ୍କର ଅସ୍ତିତ୍ୱ ବିପଦରେ ପଡିଯିବ । ଜଣେ ଅନ୍ୟ ସହିତ ମିଳମିଶି ରହିଥିବାରୁ ଏହି ସଂସାର ଏବଂ ତାହାର କାର୍ଯ୍ୟ ସୁରୁଖୁରୁ ରୂପେ ଚାଲୁଛି । ମିତ୍ରତା ଏକ ସଦଗୁଣ । ଆମ ସମସ୍ତଙ୍କର ଆବଶ୍ୟକତା ମଧ୍ୟ । ସମସ୍ତେ ସ୍ନେହ, ପ୍ରେମ, ସୌହାର୍ଦ୍ଧ ଏବଂ ମିତ୍ରତାରେ ବାନ୍ଧିହୋଇ ରହିଲେ ସୁଖଶାନ୍ତି ମିଳେ । ସହଯୋଗ ଏବଂ ସହକାର କାର୍ଯ୍ୟ ମିତ୍ରତା ଦ୍ୱାରା ସମ୍ପନ୍ନ ହୋଇପାରେ । ମିତ୍ରତା ଦୁଇଟି ସମାନ ପଦାର୍ଥ ମଧ୍ୟରେ ସମ୍ଭବ, ଏପରି ନୁହେଁ । ମିତ୍ରତା ସିଂହ ଏବଂ ମୂଷା ମଧ୍ୟରେ ହୋଇପାରେ, ବଗ ଏବଂ କଙ୍କଡା ମଧ୍ୟରେ ହୋଇପାରେ, ମାଙ୍କଡ ଏବଂ କୁମ୍ଭୀର ମଧ୍ୟରେ ହୋଇପାରେ । କିନ୍ତୁ ସେଥିରେ ସ୍ୱାର୍ଥ ଏବଂ ପ୍ରଲୋଭନ ଉଚିତ ନୁହେଁ । ମିତ୍ରର ଦୁଃଖକୁ ଯଥା ମୂଲ୍ୟରେ ଦୂର କରିବା ଭାବ ମିତ୍ରତା ମଧ୍ୟରେ ରହିବା ଉଚିତ ।

ଇତିହାସ ପୁରାଣରେ ଏପରି ଏନେକ ଉଦାହରଣ ରହିଅଛି ଯେଉଁଠାରେ ଦୁଇ ଅସମାନ ପ୍ରବୃତ୍ତି ବିଶିଷ୍ଟ ଲୋକଙ୍କ ମଧ୍ୟରେ ମିତ୍ରତା ସମ୍ଭବ ହୋଇଛି । ରାମ ଏବଂ ସୁଗ୍ରୀବଙ୍କ ମିତ୍ରତା, କୃଷ୍ଣ ଏବଂ ଗୋପାଳ ବାଳକମାନଙ୍କ ମିତ୍ରତା, ଗୋପାଳକୃଷ୍ଣଙ୍କୁ ଯୋଗେଶ୍ୱର କରିଦେଇଛି । କୃଷ୍ଣ ଏବଂ ସୁଦାମାଙ୍କ ମିତ୍ରତା କଳ୍ପନାତୀତ ସ୍ତରର ମିତ୍ରତାର ଏକ ଅନୁପମ ଉଦାହରଣ । ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ମିତ୍ରତା ହେଉ ବା ଦୁଇ ଗୋଷ୍ଠୀ ମଧ୍ୟରେ ମିତ୍ରତା ହେଉ, କିମ୍ବା ଦୁଇ ରାଷ୍ଟ୍ର ମଧ୍ୟରେ, ଯଦି ତାହା ଉତ୍ତମ ସିଦ୍ଧାନ୍ତ ଏବଂ ଉଚିତ ଉଦ୍ଦେଶ୍ୟ ପାଇଁ ହୋଇଥାଏ, ତେବେ ତଦ୍ୱାରା ବଡବଡ କାର୍ଯ୍ୟ ସମ୍ପନ୍ନ ହୋଇପାରେ । ଉତ୍ତମ ମିତ୍ରତା ଦ୍ୱାରା ନିଜର ପର୍ବତ ସମାନ କଷ୍ଟକୁ ଧୂଳିକଣା ପରି ଏବଂ ମିତ୍ରର ଧୂଳିକଣା ପରି କଷ୍ଟକୁ ପର୍ବତ ଭଳି ମନେକରି ସହାୟତା କରାଯାଏ । ନ୍ୟାୟ ଏବଂ ସଚ୍ଚୋଟତା ମିତ୍ରତାର ପ୍ରାଣ ।

ପ୍ରେମ ଏବଂ ଭକ୍ତିର ଉଦ୍ଗମସ୍ଥଳ ହିମାଳୟ ରୂପି ମାନବ ହୃଦୟ । ପ୍ରେମ, ଶ୍ରଦ୍ଧା, ଭକ୍ତିର ଅମୀୟ ପାନ କରି ସରଳ ହୃଦୟ ଭକ୍ତର ଭକ୍ତିହିଁ ତାହାର ଆରାଧ ଏବଂ ଆରାଧ୍ୟା । ପ୍ରଭୁ ଶ୍ରୀ

ରାମଚନ୍ଦ୍ର ଯେତେବେଳେ ସୁଗ୍ରୀବ ଏବଂ ତାଙ୍କର ସାଥୀମାନଙ୍କୁ ପଚାରିଲେ – ତୁମର କଣ ଆବଶ୍ୟକ? ସମସ୍ତେ ଏକାସଙ୍ଗରେ କହିଲେ, ପ୍ରଭୁ, ଜନ୍ମେ ଜନ୍ମାନ୍ତର ଆମର ପ୍ରେମ ଆପଣଙ୍କ ଚରଣରେ ରହୁ । ଗ୍ରୀଷ୍ମକାଳୀନ ସରିତା ଭଳି ଭକ୍ତିର ଅନୁଶାସନରେ ସର୍ବଦା ବାନ୍ଧିହୋଇ ଚାଲୁଥାଏ । ଭକ୍ତି ହିଁ ତା ପାଇଁ ସମାଗମର ମାର୍ଗ । ଭକ୍ତ ତା ଆରାଧ୍ୟ ସହିତ ମିଳନ ପାଇଁ କାମନା ରଖେନାହିଁ । ପ୍ରଭୁଙ୍କ ସହିତ ସାକ୍ଷ୍ୟାତକାର ପରେ ଭକ୍ତିର ସବୁ ଉପାଦାନ ଭକ୍ତିର ଲାଳସା ସବୁ ସମାପ୍ତ ହୋଇଯାଏ । ସମ୍ପୂର୍ଣ୍ଣ ରସପୂର୍ଣ୍ଣ ଆନନ୍ଦରୁ ଭକ୍ତ ବଞ୍ଚିତ ହୋଇଯାଏ । ଗୋପୀମାନେ କୃଷ୍ଣ ଦର୍ଶନ ପରେ ତିଳେ ମାତ୍ର ଏକୁଟିଆ ରହିବାକୁ ପସନ୍ଦ କରୁନଥିଲେ । ରାସଲିଳା ପଶ୍ଚାତ୍, କୃଷ୍ଣ ଯେତେବେଳେ ଲୁଚଗଲେ, ସେତେବେଳେ ଗୋପୀମାନେ ଜଡ-ଚେତନ ସମସ୍ତଙ୍କୁ କାନ୍ଦିକାନ୍ଦି କୃଷ୍ଣଙ୍କ ବିଷୟରେ ପଚାରୁଥିଲେ । ଯେମିତି ସୀତା ହରଣ ପଶ୍ଚାତ୍, ଶ୍ରୀ ରାମଚନ୍ଦ୍ର କାନ୍ଦିକାନ୍ଦି ପଚାରୁଥିଲେ – "ହେ ଖଗ, ମୃଗ, ମଧୁକର ଶ୍ରେଣୀ, ତୁମେ ଦେଖି ସୀତା ମୃଗନୟନୀ" ।

ଭକ୍ତି ଏକ ପବିତ୍ର ଭାବନା । ଈଶ୍ୱର ପ୍ରତି ତୀବ୍ର ପ୍ରେମ । ଭକ୍ତି ବିଶ୍ୱାସରୁ ଆରମ୍ଭ । ଭକ୍ତର ଉଚ୍ଚସ୍ତରର ଚେତନାକୁ ଉନ୍ନତ କରେ । ଜୀବନର ସମସ୍ତ କାର୍ଯ୍ୟ ଭକ୍ତର ପ୍ରିୟ ଈଶ୍ୱର ସହିତ ଜଡିତ ଥାଏ । ସଖା ଭାବର ଭକ୍ତି ଉତ୍ତମ ସ୍ତରର । ଶ୍ରୀକୃଷ୍ଣଙ୍କ ପ୍ରତି ସୁଦାମାର ଭକ୍ତି ସଖା ଭାବକୁ ପ୍ରକଟ କରେ । ଭକ୍ତି ଶବ୍ଦର ରୂପ, ରଚନା ବ୍ୟାପକ । ମନରେ ପ୍ରେମ ଭକ୍ତି ଥିଲେ କର୍ମରେ ସେବା ଭକ୍ତିଭାବ ଦେଖାଯାଏ । ମନରେ ସ୍ନେହ, ପ୍ରେମ ଥିଲେ, ପ୍ରାଣୀ ଅହଂକାରରୁ ମୁକ୍ତ ହୋଇଯାଏ ଏବଂ ଈଶ୍ୱରଙ୍କ ଠାରେ ସମର୍ପଣର ଭାବ ରଖେ ।

ଲୋକପ୍ରିୟ ଉତ୍ସବ "ହୋଲି" ସାତରଙ୍ଗରେ ଭରା ମନଭାବନ ପର୍ବ ସମସ୍ତଙ୍କ ଜୀବନରେ ସୁଖ-ସମୃଦ୍ଧି, ସ୍ନେହ-ପ୍ରେମ ଆଣିଦେଉ, ଏହି ଆଶା ନେଇ "ବେଦାନ୍ତୀ" ର ସମସ୍ତ ପାଠକବୃନ୍ଦଙ୍କୁ ପବିତ୍ର ହୋଲି ପର୍ବରେ ହାର୍ଦ୍ଦିକ ଶୁଭକାମନା ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।



ମମତା ଦାଶ

# ଭିତର ପୃଷ୍ଠାରେ....


| | | |
|---|---|---|
| ଫଗୁଣ ଆସିଲା | ମମତା ଦାଶ | ୧୦ |
| ହିନ୍ଦୁ ଅସ୍ମାର ମହାପର୍ବ କୁମ୍ଭ | ପ୍ରତିଭା ପ୍ରିୟଦର୍ଶିନୀ | ୧୨ |
| ଶିବ ବନ୍ଦନା | ସତ୍ୟବ୍ରତ ସାହୁ | ୧୯ |
| ହସ | ଆଶୁତୋଷ ମେହେର | ୨୦ |
| ମାନିଲେ ଦେବତା | ଡକ୍ଟର ବିଜ୍ଞାନୀ ଦାସ | ୨୧ |
| ଲୋଭ | ଦୀପାଳି ଦାସ | ୩୦ |
| କବି ଯେବେ | ଅନୁସୂୟା ମିଶ୍ର | ୩୨ |
| ଅସରନ୍ତି ମେଘ | ଶାନ୍ତିଲତା ମିଶ୍ର | ୩୪ |
| ତୁମର ଦିନେକୁ ମୋର ଦିନେ | ଶଶଧର ମହାପାତ୍ର | ୪୧ |
| ବାପା | ଆଶା ସାହୁ ( ଆରତୀ) | ୪୩ |
| ସାତକୋଶିଆ ଗଣ୍ଡର କାହାଣୀ | ଅଶୋକ ବିଶ୍ୱାଳ | ୪୬ |
| ଗାଁ ଟି ମୋର | ଡ଼ଃ ଅମ୍ରେଶ ପଟ୍ଟନାୟକ | ୫୪ |
| ଯଦି କାଲି ଯିବି ଭୁଲି | ଭାସ୍କର ଚନ୍ଦ୍ର ଖଣ୍ଡା | ୫୬ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୫୮ |
| ଭବ୍ୟ ଭଗବଦ ଗୀତା | ରାଜଶେଖର ସି. "ଚମା" | ୬୬ |
| ଭ୍ରମର | ସ୍ମିତା ତ୍ରିପାଠୀ | ୬୮ |
| ବାସବଦତ୍ତା ଓ ରେଜି | ସୁଲୋଚନା ପଟ୍ଟନାୟକ | ୬୯ |

| | | |
|---|---|---|
| ଚଷମା | ସୌମ୍ୟ ରଞ୍ଜନ ପାଲ | ୭୫ |
| ମା | ସିଦ୍ଧେଶ୍ୱର ତ୍ରିପାଠୀ | ୭୬ |
| ଆସିଲା ଫଗୁଣ | ଜୟପ୍ରକାଶ ଦୁରିଆ( ରମଣ) | ୭୭ |
| ଧୂଳ ଧୂଆଁ ର ଜୀବନ | ଲୋପାମୁଦ୍ରା ମିଶ୍ର | ୭୯ |
| ପୁଲୱାମାର ଶୁନଶାନ ସଡ଼କରେ | କାର୍ତ୍ତିକ ପାଣିଗ୍ରାହୀ | ୮୯ |
| ଏଇଠି ଏକ ନଇ ଥିଲା | ସନ୍ତୋଷ କୁମାର ମହାନ୍ତି | ୯୧ |
| ମହୁମାଛିର ଘର | ରଞ୍ଜିତ କୁମାର ସାହୁ | ୯୨ |
| ବସନ୍ତ ର ଆଗମନ | ସାଗର ପ୍ରଧାନ | ୯୫ |
| ହେ ବସନ୍ତ | ଚନ୍ଦ୍ର ଶେଖର ଗୋ | ୯୬ |
| ଶାଶ୍ୱତ ପ୍ରେମ | ସୀତାରାମ ଦାଶ | ୯୮ |
| ଜନ୍ମଭୂମି | ଅଜୟ କୁମାର ବେହେରା | ୧୦୧ |
| ଉତ୍କଳ ସଭ୍ୟତା | ଅରୁଣ କୁମାର ମହାନ୍ତି | ୧୦୩ |
| ଆଇନା | ବିନୟ ମହାପାତ୍ର | ୧୦୪ |
| ବାପାଟିଏ ଗୃହେଁ | ବ୍ରଜନାରାୟଣ ପାଣିଗ୍ରାହୀ | ୧୧୦ |
| ଫଗୁନ ଆର କେତେ ଦୂରେ | ଫିରୋଜ କୁମାର ପଟେଲ | ୧୧୨ |
| ଜୀବନ ବିଦ୍ୟାଳୟ ପାଇଁ ଦୀପଟିଏ | ପ୍ରିୟବ୍ରତ ପାତ୍ର | ୧୧୩ |
| କାକର କାଖରେ ମକର ଆସିଛି | ସନ୍ତୋଷ ପଟ୍ଟନାୟକ | ୧୨୨ |
| ବେଳେବେଳେ ଭଲଲାଗେ | ତପସ୍ୱିନୀ ବେହେରା | ୧୨୩ |
| ଭ୍ରମଣ କାହାଣୀ – ଗିରନାର ପାହାଡ | ସୁବଳ ମହାପାତ୍ର | ୧୨୫ |

| | | |
|---|---|---|
| ନବବର୍ଷ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୩୬ |
| ମନ ହସ୍ତାକ୍ଷର | ପୂର୍ଣ୍ଣଚନ୍ଦ୍ର ରଣା | ୧୩୭ |
| ଜୀବନ | ନନ୍ଦିତା ନାଗ | ୧୩୯ |
| ମୂଲ୍ୟ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୪୦ |
| ଦୁଇଟି ଅଣୁ ଗଳ୍ପ | ଲିନା ରାଣୀ ଧଳ ମଙ୍ଗରାଜ | ୧୪୧ |
| ନବଧା ଭକ୍ତି | ନରେଶ କୁମାର ତ୍ରିପାଠୀ | ୧୪୨ |
| କଳ୍ପନା ରେ ଅପେକ୍ଷା | ପ୍ରବୀଣ୍ ରମେଶ୍ | ୧୪୩ |
| ସାଧନା | ସନାତନ ମହାକୁଡ | ୧୪୪ |
| ଖେଳ ନା କାଳ | ସୁଷମା ପରିଜା | ୧୪୫ |
| ଭଲ କର୍ମ କରି ଚାଲ | ଡମ୍ବରୁଧର ବାଗ | ୧୪୮ |
| ସୁଖ୍ | ବିନୋଦ ବିଶି | ୧୫୦ |
| ବାପା | ଶିଶିର କୁମାର ପଣ୍ଡା | ୧୫୧ |
| କବିତା | ସଚ୍ଚିଦା ନନ୍ଦ ବାରିକ | ୧୫୨ |
| ନାହିଁ ନାହିଁ<br>ତୋର ରକ୍ଷା ନାହିଁ | ହରେରାମ ପଣ୍ଡା | ୧୫୪ |
| ସହିଦ ସ୍ମରଣେ | ଡ଼ି ଶୁଭମ୍ | ୧୫୬ |
| ସମ୍ପର୍କ | ଦିପ୍ତିଶିଖା କର | ୧୫୯ |
| କଳଙ୍କିତ ଜହ୍ନ | ଶୁଭସ୍ମିତା ବେହେରା | ୧୬୦ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତା ପଣ୍ଡା | ୧୬୨ |
| ଖରା ଦିନ ରେ ବର୍ଷା | ପ୍ରକାଶ ସାହୁ | ୧୬୮ |
| ସମୟର ଅପେକ୍ଷାରେ | ପ୍ରଶାନ୍ତ କୁମାର ପଧାନ | ୧୬୯ |
| ଆଜିର ଯୁବ ସମାଜ ପାଇଁ<br>ପ୍ରେରଣାର ଉତ୍ସ ସ୍ୱାମୀଜୀ | ଅଧ୍ୟାପକ ପରୀକ୍ଷିତ ସାହୁ | ୧୭୦ |

| | | |
|---|---|---|
| ଜାଣି ଅଜଣା | ବିଭୁତି ଭୁଷଣ ସାମଲ | ୧୭୭ |
| ହେଇଛି ମୁଁ ସହିଦ | ଧିରେନ୍ ବାଗ | ୧୭୯ |
| ମଣିମା ଶୁଣିମା ହେଉ | ଶ୍ରୀ ଅଖଣ୍ଡ | ୧୮୦ |
| ତୁମେ ନାରୀ<br>ପ୍ରେମ ପ୍ରତୀକ୍ଷା | ଖଗେଶ୍ୱର ବାଗ<br>ପ୍ରଶାନ୍ତ କୁମାର ନାଥ | ୧୮୨<br>୧୮୩ |
| ପିଜୁଳର ସହଜ କଲମୀ | ପ୍ରୀତିଲଗ୍ନା ଧଳ | ୧୮୪ |
| କର ହେ ଶପଥ | ପ୍ରେମଶିଲ୍ ରାଉତ | ୧୮୬ |
| ଦଏବ ଦେଇଛେ ଯୁଖି | ଶଙ୍ଖସିନ୍ଧୁ ପୁରୋହିତ | ୧୮୭ |
| ଅନ୍ତିମ ସୂର୍ଯ୍ୟ | ପୁରୁଷୋତ୍ତମ ମିଶ୍ର | ୧୮୮ |
| ଭ୍ରୃଣ କନ୍ୟା ହତ୍ୟା | କେ. ନିର୍ମଳ | ୧୯୮ |
| ଫଗୁନ ଆର କେତେ ଦୂରେ | କବି ପ୍ରସାଦ | ୧୯୯ |
| ତୃତୀୟ ପୁରୁଷ | କେଶରୀ ପ୍ରସାଦ ମହାନ୍ତି | ୨୦୦ |
| ମୋର୍ ଗାଁ ମୋର ମାଁ | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୨୦୩ |
| ଭେଟଦିଅ ତମେ ଭେଟଦିଅ<br>ସ୍ୱପ୍ନର ପଥିକ | ଏମ୍. ବିଜୟ କୁମାର<br>କାର୍ତ୍ତିକ ତ୍ରିପାଠୀ | ୨୦୪<br>୨୦୬ |
| ପ୍ରିୟା ଆସିବ ତୁମେ | ବିଶ୍ୱରଂଜନ ପଣ୍ଡା | ୨୧୧ |
| ପ୍ରାଚୀନ ହିନ୍ଦୁ ସଂସ୍କୃତି କେତେ ମହାନ୍ | ବାଲ୍ମୀକ ନାୟକ | ୨୧୨ |
| ପୁସ୍ତକ ସମୀକ୍ଷା | ସନ୍ତୋଷ କୁମାର ମହାନ୍ତି | ୨୨୧ |

# ଶିଶୁ ବିଭାଗ


| | | |
|---|---|---|
| ଘେନ ସ୍ୱୟୁ ପ୍ରଣିପାତ | ସତ୍ୟବ୍ରତ ସାହୁ | ୨୨୪ |
| ମୁଁ ବି ଫଗୁ ଖେଳବି | ଚନ୍ଦ୍ର ଶେଖର ଗୋ | ୨୨୫ |
| ଆମ ମହାନ ଓଡ଼ିଶା | ରାଜଶେଖର ସି "ଚମା" | ୨୨୭ |
| ଶୁଣ ଶୁଣ ପିଲାମାନେ | ଅବିନାଶ ବେହେରା | ୨୨୯ |
| ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୩୧ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୩୨ |




# ଫଗୁଣ ଆସିଲ୍



ମମତା ଦାଶ

ଫଗୁଣର ପ୍ରବେଶ ………….

ମଞ୍ଜରିତ ଯୌବନର ମଧୁମୟ ହସ

କୋକଳର ମଧୁରିମା – ସୁମଧୁର କଣ୍ଠ

ମାଦକତା – ମଧୁକର କରଇ ଆକୃଷ୍ଟ

ମନ୍ଦ- ମନ୍ଦ ମଳୟର ମନ୍ଦ- ମନ୍ଥର ଗତି

ମନ୍ଦାର- ମଲ୍ଲୀ- ମାଳତୀ ମଣ୍ଡିତ

ଏକାନ୍ତ- କ୍ରୀଡିତ ମଧୁବନେ- ମଧୁର- ବିଶ୍ରାନ୍ତ

ସଦୃଶ ଲକ୍ଷ୍ମୀକାନ୍ତ ॥

ଜଗତର ଏହି ରହସ୍ୟ

ଆଉ, ମୋ……………..

ଚଞ୍ଚଳ ମନର ଆଳସ୍ୟ

ଅରୁଣର ଅମ୍ଳାନ କରଣ

ବିଭ୍ବ- ବୈଭବେ କୁସୁମ ସମାନ

ଅବିଭ୍ରମ ଜଗତକୁ କରୁଛି ପାବନ ॥

ବିଜନ- କାନନେ ମସ୍ତିଭର୍‌ କୁଞ୍ଜର

ତାଳେ- ତାଳେ ନୃତ୍ୟରତ ଧରି ପୃଥୁଳ ଶରୀର

ମଧୁ- ମାଳତୀର ମୃଦୁଳ ଅର୍ଦ୍ଧମୁକ୍ତ ଅଙ୍ଗ

ଦେଖ..........ଦେଖ..........

ଅଦିନଆ ମେଘ ମଧ୍ୟେ ବିଜୁଳର ରଙ୍ଗ

ଫଗୁଣର ଏହି ଆକର୍ଷଣ, ବିଶ୍ୱ କାମନା ପୂର୍ତ୍ତି

ଅଳସେଇ ମନରେ ମୋ ଭରିଦେଲା ସ୍ଫୂର୍ତ୍ତି ।।

ସମ୍ପାଦିକା

# ହିନ୍ଦୁ ଅସ୍ଥାର ମହାପର୍ବ କୁମ୍ଭ



ପ୍ରତିଭା ପ୍ରିୟଦର୍ଶିନୀ

୧୯୪୨ ମସିହା କଥା। ସେ ବର୍ଷ ପ୍ରୟାଗରାଜ ରେ ଖୁବ ଧୁମଧାମ ରେ କୁମ୍ଭମେଳା ର ଆୟୋଜନ ହୋଇଥାଏ। ତତ୍କାଳୀନ ଭାରତର ଭାଇସରାୟ ଗଭର୍ଣ୍ଣର ଜେନେରାଲ ଲିନଲିଥଗୋ କୁମ୍ଭ ଅବଲୋକନ ପାଇଁ ମହାମନା ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ସହିତ ସଙ୍ଗମ ତଟରେ ପହଞ୍ଚିଲେ। ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ନିଜନିଜ ବେଶଭୁଷା ରେ ଏକାଠି ତ୍ରିବେଣୀ ସ୍ନାନ, ଭଜନ କୀର୍ତ୍ତନ ଓ ପୂଜା ଆରାଧନା କରୁଥିବା ଦେଖିଲେ। ସେ ଆଶ୍ଚର୍ଯ୍ୟ ଚକିତ ହୋଇ ଉଠିଲେ। କୌତୁହଳ ରେ ସେ ମାଲବ୍ୟ ଆଜ୍ଞାଙ୍କୁ ପଚାରିଲେ, ଏଇ ମେଳାରେ ଏତେ ଲୋକଙ୍କୁ ଏକତ୍ରିତ କରିବା ପାଇଁ ପ୍ରଚାର ପ୍ରସାର ରେ କେତେ ଖର୍ଚ୍ଚ ହେଉଥିବ?

କେବଳ ୨ ପଇସା, ମାଲବ୍ୟ ଆଜ୍ଞା ଉତ୍ତର ଦେଲେ। ଏକଥା ଶୁଣି ଭାଇସରାୟ ଚମକି ପଡିଲେ ଆଉ ଦୋହରାଇଲେ, କଣ କହିଲେ ଆପଣ, ମାତ୍ର ୨ପଇସା ? ଏହା କେମିତି ସମ୍ଭବ? ସେତେବେଳେ ମାଲବ୍ୟ ଆଜ୍ଞା ତାଙ୍କ ପକେଟରୁ ପାଞ୍ଜି ଖଣ୍ଡିଏ ବାହାର କଲେ ଆଉ ସେଇଟିକୁ ଦେଖେଇ କହିଲେ, ୨ ପଇସା ମୂଲ୍ୟର ଏଇ ପଞ୍ଜିକା ଦେଖି ଦେଶ ଯାକର ହିନ୍ଦୁ ଶ୍ରଦ୍ଧାଳୁ ଜାଣି ଯାଆନ୍ତି ଆମର କେଉଁ ପର୍ବ କେବେ ପଡିବ ବା ପାଳନ କରାଯିବ। କୁମ୍ଭ ଯୋଗ ଦେଖିଲେ ସମସ୍ତେ ସ୍ୱତଃ ଶ୍ରଦ୍ଧା ରେ ବଶୀଭୂତ ହୋଇ କୁମ୍ଭ ନଗରୀ ଅଭିମୁଖେ ତୀର୍ଥଯାତ୍ରା ରେ ବାହାରି ପଡନ୍ତି।

ଧାର୍ମିକ ସଂସ୍ଥା ଅଥବା ସରକାରଙ୍କୁ କେବେବି ପ୍ରଚାର କରିବା ର ଆବଶ୍ୟକତା ପଡିଛି ନା ନିମନ୍ତ୍ରଣ ଆମନ୍ତ୍ରଣ ପତ୍ର ପଠେଇବାକୁ ପଡିଛି। ପଣ୍ଡିତ ମହାଶୟ ଲାଟସାହେବ ଙ୍କୁ

ବୁଝାଇଲେ, ଏହା ଭିଡ଼ ନୁହେଁ, ଧର୍ମ ଓ ଈଶ୍ୱରଙ୍କ ପ୍ରତି ଅତୁଟ ନିଷ୍ଠା ରଖୁଥିବା ଶ୍ରଦ୍ଧାଳୁ ମାନଙ୍କ ଅପୂର୍ବ ସଙ୍ଗମ। କୁମ୍ଭର ଭବ୍ୟତା, ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ମହାମନାଙ୍କ ଉତ୍ତର ପରେ ୱାଇସରଗ୍ରୟ ଆମ ଧାର୍ମିକ ଆସ୍ଥା ପ୍ରତି ନତମସ୍ତକ ହେଲେ।

ଏହିଭଳି ଅଟେ ମହାପର୍ବ କୁମ୍ଭ ର ବୈଶିଷ୍ଟ୍ୟ। ପ୍ରକୃତି ଓ ଆଧ୍ୟାତ୍ମ ର ସୁନ୍ଦର ସଙ୍ଗମ ହୁଏ ଆମ ସନାତନ ଧର୍ମରେ। ଆମେ ବୃକ୍ଷ ଲତା ଠୁ ଆରମ୍ଭ କରି ଜୀବଜନ୍ତୁ, ନଦୀ, ପାହାଡ଼, ମାଟି, ଆକାଶ, ବାୟୁ ରୁ ନିଆଁ ପର୍ଯ୍ୟନ୍ତ ସବୁଥିରେ ଈଶ୍ୱରଙ୍କ ସତ୍ତା ଦେଖୁ ଓ ପୂଜାକରୁ। ସୃଷ୍ଟିର କ୍ଷୁଦ୍ରାତିକ୍ଷୁଦ୍ର କଣିକା ରେ ଆମେ ଈଶ୍ୱରଙ୍କ ଉପସ୍ଥିତି ଦେଖୁ। ଜୀବନଦାୟିନୀ ନଦୀ ମାନଙ୍କୁ ତାଙ୍କର ଅମୃତ ତୁଲ୍ୟ ଜଳ ପାଇଁ ପୂଜା, ଆଳତି ଓ ବନ୍ଦନା କରୁ। ସେହିଭଳି ତିନୋଟି ନଦୀ ହେଉଛନ୍ତି ପତିତପାବନୀ ମା ଗଙ୍ଗା, ଚଞ୍ଚଳ ଓ ବେଗଗାମିନୀ ସିପ୍ରା ଏବଂ ଦାକ୍ଷିଣାତ୍ୟ ର ଗଙ୍ଗା ବୋଲାଉଥିବା ଗୋଦାବରୀ। ଏହି ପବିତ୍ର ନଦୀତ୍ରୟ ର ତଟ ଦେଶରେ ଅବସ୍ଥିତ ଚାରି ସୁନ୍ଦର ନଗରୀ, ଦେବଭୂମି ଉତ୍ତରାଖଣ୍ଡ ର ହରିଦ୍ୱାର, ଗଙ୍ଗା- ଯମୁନା- ସରସ୍ୱତୀ ର ପବିତ୍ର ସଙ୍ଗମ ସ୍ଥଳୀ ପ୍ରୟାଗରାଜ, ତ୍ରୟମ୍ବକେଶ୍ୱର ଙ୍କ ପୀଠ ମହାରାଷ୍ଟ୍ରର ନାସିକ ଓ ବାବା ମହାକାଳ ଙ୍କ ଧାମ ଉଜ୍ଜୟିନୀ ଠାରେ ଆୟୋଜିତ ହୁଏ ଆସ୍ଥା ଓ ଆଧ୍ୟାତ୍ମ ର ମହାପର୍ବ କୁମ୍ଭ। ନାସିକ ଓ ଉଜ୍ଜୟିନୀ ରେ ପ୍ରତି ୧୨ ବର୍ଷ ଅନ୍ତରାଳରେ ହୁଏ କିନ୍ତୁ ହରିଦ୍ୱାର ଓ ପ୍ରୟାଗରାଜ ରେ ପ୍ରତି ୬ବର୍ଷ ବ୍ୟବଧାନ ରେ ହୁଏ। ତେବେ ଏହି ୪ ନଗରୀରେ ପର୍ଯ୍ୟାୟକ୍ରମେ ପ୍ରତି ୩ ବର୍ଷ ଅନ୍ତରାଳ ରେ କୁମ୍ଭମେଳା ଲାଗେ।

## କୁମ୍ଭ ଆୟୋଜନ ର ତିଥି

- - - - - - - - - - - - - - - - - -

କୁମ୍ଭ ମେଳା ରେ ସୂର୍ଯ୍ୟ ଏବଂ ବୃହସ୍ପତି ଙ୍କ ଭୂମିକା ଖୁବ ଗୁରୁତ୍ତ୍ୱପୂର୍ଣ୍ଣ। ଯେବେ ସୂର୍ଯ୍ୟଦେବ ଏବଂ ଗୁରୁ ବୃହସ୍ପତି ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନ୍ତି ସେତେବେଳେ କୁମ୍ଭ ଆୟୋଜନର ସ୍ଥାନ ଓ ତିଥି ନିର୍ଦ୍ଧାରିତ ହୁଏ। ଜ୍ୟୋତିଷ ଗଣନା ଅନୁଯାୟୀ ଯେବେ ସୂର୍ଯ୍ୟ ମେଷ ରାଶି ଓ ବୃହସ୍ପତି କୁମ୍ଭ ରାଶିରେ ଅଧିଷ୍ଠିତ ହୁଅନ୍ତି ସେବେ ହରିଦ୍ୱାର ରେ କୁମ୍ଭ ଆୟୋଜନ ହୁଏ। ଯେବେ ବୃହସ୍ପତି ବୃଷ ରାଶିରେ ଓ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି ସେତେବେଳେ କୁମ୍ଭ ପ୍ରୟାଗରାଜ ରେ ଅନୁଷ୍ଠିତ ହୁଏ। ଯେବେ ଉଭୟ ସୂର୍ଯ୍ୟ ଓ

ବୃହସ୍ପତି ସିଂହ ରାଶିରେ ରୁହନ୍ତି ସେତେବେଳେ ନାସିକ ଠାରେ କୁମ୍ଭ ମେଳା ହୁଏ। ଏତଦ ବ୍ୟତୀତ ବୃହସ୍ପତି, ସୂର୍ଯ୍ୟ ଓ ଚନ୍ଦ୍ର ତିନୋଟି ଯାକ ଯଦି ଅମାବାସ୍ୟା ତିଥିରେ କର୍କଟ ରାଶିରେ ପ୍ରବେଶ କରିଲେ ତେବେ ମଧ୍ୟ ନାସିକ ଠାରେ କୁମ୍ଭ ମେଳା ଅନୁଷ୍ଠିତ ହୋଇଥାଏ। ଉଜ୍ଜୟିନୀ ରେ କୁମ୍ଭ ସେତେବେଳେ ଆୟୋଜିତ ହୁଏ ଯେବେ ବୃହସ୍ପତି ସିଂହ ରାଶିରେ ଓ ସୂର୍ଯ୍ୟ ଦେବ ମେଷ ରାଶିରେ ପ୍ରବେଶ କରୁଥାନ୍ତି। ଏହାକୁ ସିଂହସ୍ଥ କୁମ୍ଭ ମଧ୍ୟ କୁହାଯାଏ। ୨୦୧୬ ମସିହାରେ ଉଜ୍ଜୟିନୀ ରେ ସିଂହସ୍ଥ କୁମ୍ଭ ଆୟୋଜିତ ହୋଇଥିଲା।

ତେବେ ଭାରତରେ ପାଞ୍ଚ ପ୍ରକାର କୁମ୍ଭ ମେଳା ଆୟୋଜିତ ହୋଇଥାଏ।

୧- ମହାକୁମ୍ଭ ମେଳା - କୁହାଯାଏ ଯେ ହିନ୍ଦୁ ମାନେ ଜୀବଦ୍ଦଶାରେ ଅନ୍ତତଃ ଥରେ ମହାକୁମ୍ଭ ରେ ସ୍ନାନ କରିବା ଉଚତ। ମହାକୁମ୍ଭ ପ୍ରତି ୧୪୪ ବର୍ଷରେ ଥରେ ଅର୍ଥାତ ୧୨ଟି ପୂର୍ଣ୍ଣ କୁମ୍ଭ ମେଳା ପରେ ଆସେ। ଏହା କେବଳ ପ୍ରୟାଗରାଜ ରେ ଅନୁଷ୍ଠିତ ହୁଏ। ମାନ୍ୟତା ରହିଛି ଯେ ମହାକୁମ୍ଭ ସମୟରେ ଗଙ୍ଗା ନଦୀରେ ସ୍ନାନ କଲେ ବା ବୁଡ଼ ପକାଇଲେ ନିଜ ସହିତ ନିଜର ଅଠାଅଶି ପିଢ଼ିର ପୂର୍ବଜ ମଧ୍ୟ ପାପରୁ ମୁକ୍ତି ପାଇଯାନ୍ତି।

୨- ପୂର୍ଣ୍ଣ କୁମ୍ଭ ମେଳା - ଏହା ପ୍ରତି ୧୨ ବର୍ଷ ଅନ୍ତରାଳ ରେ ପ୍ରୟାଗରାଜ ରେ ଆୟୋଜିତ ହୁଏ।

୩- ଅର୍ଦ୍ଧ କୁମ୍ଭ ମେଳା - ଏହା ପ୍ରତି ଛଅ ବର୍ଷ ବ୍ୟବଧାନ ରେ, ପ୍ରତ୍ୟେକ ପୂର୍ଣ୍ଣ କୁମ୍ଭର ଠିକ ମଧ୍ୟାନ୍ତର ରେ ହରିଦ୍ୱାର ଓ ପ୍ରୟାଗ ରେ ଅନୁଷ୍ଠିତ ହୁଏ।

୪ - କୁମ୍ଭ ମେଳା - ସୂର୍ଯ୍ୟ, ବୃହସ୍ପତି ଓ ଚନ୍ଦ୍ର ଙ୍କ ଚଳନ ଅନୁସାରେ ଉଜ୍ଜୟିନୀ, ନାସିକ, ହରିଦ୍ୱାର ଓ ପ୍ରୟାଗ ଠାରେ ପ୍ରତି ତିନିବର୍ଷ ଅନ୍ତରାଳରେ କ୍ରମାନ୍ୱୟରେ କୁମ୍ଭ ଆୟୋଜିତ ହୁଏ।

୫ - ମାଘ କୁମ୍ଭ ମେଳା - ଏହା ହିନ୍ଦୁ ମାନଙ୍କ ପାଇଁ ଖୁବ ମହତ୍ତ୍ୱପୂର୍ଣ୍ଣ। କାରଣ ମାନ୍ୟତା ରହିଛି ଯେ ମାଘ ମେଳା ର ଉତ୍ପତ୍ତି ବ୍ରହ୍ମାଣ୍ଡ ନିର୍ମାଣ ସମୟରେ ହୋଇଥିଲା। ଏହି ମେଳା ପ୍ରୟାଗ ର ସଙ୍ଗମ ତଟ ରେ ପ୍ରତିବର୍ଷ ହୁଏ।

କୁମ୍ଭ ଆୟୋଜନ କୁ ନେଇ ଅନେକ କାହାଣୀ ପ୍ରଚଳିତ ଅଛି। ସେଥି ମଧ୍ୟରୁ ସର୍ବାଧିକ ଆଦୃତ କଥା ଟି ହେଉଛି ସମୁଦ୍ର ମନ୍ଥନ ସମ୍ପର୍କିତ। କୁହାଯାଏ ମହର୍ଷି ଦୁର୍ବାସା ଦେବରାଜ ଇନ୍ଦ୍ର ଙ୍କୁ ଏକ ଦିବ୍ୟ ମାଳା ପ୍ରଦାନ କରିଥିଲେ। ଇନ୍ଦ୍ର ସେହି ମାଳା ର ଘୋର ଅପମାନ କରିଥିଲେ। ସେ ମାଳାଟିକୁ ଐରାବତ ହାତୀ ମଥା ରେ ରଖିଦେଲେ ଏବଂ ଐରାବତ ତାକୁ ତଳେ ପକାଇ ପଦରେ ଦଳି ଦେଲା। ଫଳତଃ ଦୁର୍ବାସା ଭୟଙ୍କର କ୍ରୋଧିତ ହୋଇ ଇନ୍ଦ୍ର ଙ୍କୁ ଅଭିଶାପ ଦେଲେ। ଅଭିଶପ୍ତ ଇନ୍ଦ୍ରଙ୍କ ସହିତ ଅନ୍ୟାନ୍ୟ ଦେବତା କ୍ରମଶଃ ଦୁର୍ବଳ ହେବାକୁ ଲାଗିଲେ। ଏହି ପରିସ୍ଥିତି ର ସୁଯୋଗ ନେଇ ଦାନବ ମାନେ ସ୍ୱର୍ଗ ଉପରେ ଆକ୍ରମଣ କରି ଦେବତା ମାନଙ୍କୁ ପରାସ୍ତ କଲେ। ସମସ୍ତ ଦେବତା ସମାଧାନ ଆଶାରେ ଭଗବାନ ବିଷ୍ଣୁ ଙ୍କ ପାଖରେ ପହଞ୍ଚି ସକଳ ବୃତ୍ତାନ୍ତ ବଖାଣିଲେ। ସେତେବେଳେ ଭଗବାନ ବିଷ୍ଣୁ ସମୁଦ୍ର ମନ୍ଥନ କରି ଅମୃତ ପ୍ରାପ୍ତ କରିବା ପାଇଁ ଉପାୟ ଦେଲେ। ସ୍ୱୟଂ କୂର୍ମ ଅବତାର ନେଇ ମନ୍ଦର ପର୍ବତ କୁ ଆପଣା ପିଠିରେ ମେଢ଼ି ଖୁଣ୍ଟ ଭାବେ ଧାରଣ କଲେ ଓ ନାଗରାଜ ବାସୁକି ଙ୍କୁ ରଜ୍ଜୁ କରି ଉଭୟ ଦେବ ଓ ଦାନବ ମିଶି କ୍ଷୀର ସାଗର ମନ୍ଥିବା ରେ ଲାଗିଗଲେ। ଅମୃତ ବାହାରିବା ମାତ୍ରେ ଦେବତା ମାନଙ୍କ ଇଶାରା ରେ ଇନ୍ଦ୍ରପୁତ୍ର ଜୟନ୍ତ ଅମୃତ କଳସ ଧରି ଆକାଶ କୁ ଉଡ଼ିଗଲେ। ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ଙ୍କ ନିର୍ଦ୍ଦେଶ ରେ ଦାନବ ମାନେ ଅମୃତ ପାଇଁ ଜୟନ୍ତଙ୍କ ପିଛା କରିବାକୁ ଲାଗିଲେ। ଘୋର ପରିଶ୍ରମ ପରେ ସେମାନେ ଜୟନ୍ତ ଙ୍କୁ ଅଧବାଟରେ ଧରିନେଲେ ଓ ଅମୃତ କଳସ ପାଇଁ ଦୁଇ ପକ୍ଷ ଭିତରେ ୧୨ ଦିନ ଯାଏ ଭୟଙ୍କର ଯୁଦ୍ଧ ହେଲା। ସେଇ ଭିତରେ ଅମୃତର କେଇବୁନ୍ଦା ଛିଟିକି ପଡ଼ିଥିଲା ପୃଥିବୀର ଚାରୋଟି ସ୍ଥାନରେ ( ଯେଉଁଠି କୁମ୍ଭ ଆୟୋଜନ ହୁଏ) । ସେହି ସମୟରେ କାଳସରୁ ପ୍ରସ୍ରବଣ ନହେବା ପାଇଁ ଚନ୍ଦ୍ର, କଳସ ନ ଭାଙ୍ଗିବା ପାଇଁ ସୂର୍ଯ୍ୟ, ଦୈତ୍ୟ ଙ୍କ ଦ୍ୱାରା ଅପହୃତ ନହେବା ପାଇଁ ବୃହସ୍ପତି ଓ ଦେବେନ୍ଦ୍ର ଙ୍କ ଭୟରୁ ଶନି ରକ୍ଷା କରିଥିଲେ। ତେଣୁ ଏହି ଗ୍ରହ ମାନଙ୍କ ଚଳନ ଅନୁସାରେ କୁମ୍ଭ ତିଥି ନିର୍ଣ୍ଣିତ ହୁଏ। ଦେବତା ମାନଙ୍କର ଗୋଟିଏ ଦିନ ପୃଥିବୀର ଏକ ବର୍ଷ ସମାନ। ଅତଃ ୧୨ ଟି କୁମ୍ଭ ପାଳନ ହୁଏ, ସେଥିରୁ ୪ଟି ଭୂଲୋକ ରେ ଏବଂ ୮ଟି ଦେବଲୋକ ରେ ପାଳିତ ହୁଏ।

ଏହିଭଳି ଆହୁରି ଅନେକ କଥା ମଧ୍ୟ ପ୍ରଚଳିତ ରହିଛି। କଥା ଯେତେ ପ୍ରକାର ଥାଉ ପଛେ, କୁମ୍ଭ ର ମହତ୍ତ୍ୱ ଶତାବ୍ଦୀ ଶତାବ୍ଦୀ ଧରି ଅକ୍ଷୁର୍ଣ୍ଣ ରହି ଆସିଛି। ଆସ୍ଥା ଓ ଶ୍ରଦ୍ଧା ରେ ଏତେଟିକେ କମି ଆସିନାହିଁ। ଐତିହାସିକ ମାନେ ଏହାର ପ୍ରାମାଣିକ ତଥ୍ୟ ଖୋଜି ଖୋଜି

ଲିଖିତ ଭାବରେ ଚୀନ ପରିବ୍ରାଜକ ହୁଏନସାଂ ଙ୍କ ପାଖରେ ପହଞ୍ଚିଛନ୍ତି। ସେ ତାଙ୍କ ଭ୍ରମଣ ବୃତ୍ତାନ୍ତ ରେ ସମ୍ରାଟ ହର୍ଷବର୍ଦ୍ଧନ ଙ୍କ ଦ୍ୱାରା ପ୍ରୟାଗଠାରେ ଏକ ବିରାଟ ଧାର୍ମିକ ମେଳା ଆୟୋଜନ ଓ ସଙ୍ଗମ ସ୍ନାନ ବିଷୟ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ସେତେବେଳେ ପ୍ରାୟ ୫ ଲକ୍ଷ ଲୋକ ସାମିଲ ହୋଇଥିବା କଥା କହିଛନ୍ତି। ତେବେ ସ୍କନ୍ଦ ପୁରାଣ ଓ ବ୍ରହ୍ମ ପୁରାଣରେ ବିଶିଷ୍ଟ ତିଥିରେ ଏହି ସମସ୍ତ ପବିତ୍ର ନଦୀରେ ସ୍ନାନ ଓ ବୁଡ଼ ପକାଇବା ର ମହତ୍ତ୍ୱ ବର୍ଣ୍ଣିତ ହୋଇଛି। ଗୋଦାବରୀ ନଦୀକୁ ଗୋମତୀ ଗଙ୍ଗା ଓ ସିପ୍ରା ନଦୀକୁ ଉତ୍ତର ଗଙ୍ଗା ( କାରଣ ଭାରତର ପ୍ରାୟ ସମସ୍ତ ନଦୀ ଉତ୍ତରରୁ ଦକ୍ଷିଣ କୁ ପ୍ରବାହିତ ହେଉଥିବା ବେଳେ କେବଳ ସିପ୍ରା ହିଁ ଦକ୍ଷିଣ ରୁ ଉତ୍ତର ଆଡକୁ ପ୍ରବାହିତ ହୁଏ) ବୋଲି କୁହାଯାଏ। ଏଥିରୁ ସହଜେ ଅନୁମାନ କରିହୁଏ କାହିଁକି ଏହି ନଦୀ ମାନଙ୍କୁ କୁମ୍ଭ ପାଇଁ ମାନ୍ୟତା ମିଳଛି।

ବିଶ୍ୱାସ କରାଯାଏ ଯେ କୁମ୍ଭ ସମୟରେ ସଙ୍ଗଠିତ ହେଉଥିବା ଜ୍ୟୋତିଷୀୟ ଯୋଗର ପ୍ରଭାବ ଏତେ ଉତ୍କୃଷ୍ଟ ହୋଇଥାଏ ଯେ, ସେଇ ସମୟରେ ଏହି ନଦୀ ମାନଙ୍କର ଜଳ ଅମୃତ ସମ ହୋଇଯାଏ। ତେବେ ବୈଜ୍ଞାନିକ ଦୃଷ୍ଟିରୁ ଦେଖିଲେ ମଧ ପୃଥିବୀର ବିଭିନ୍ନ ସ୍ଥାନ ଉପରେ ଭିନ୍ନ ଭିନ୍ନ ଆକାଶୀୟ ପିଣ୍ଡର ପ୍ରଭାବ ମଧ ଭିନ୍ନ ଭିନ୍ନ ହୋଇଥାଏ। ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଯୋଗୁଁ ମହାସାଗର ମାନଙ୍କରେ ସାମୁଦ୍ରିକ ସ୍ରୋତ ମାନ ସୃଷ୍ଟି ହୁଏ, ସମୁଦ୍ରରେ ଜୁଆର ଭଟ୍ଟା ହୁଏ ଯାହା ପୃଥିବୀର ଜଳବାୟୁ ଓ ପ୍ରକାରାନ୍ତ ରେ ଜୀବନ କୁ ନିୟନ୍ତ୍ରଣ କରେ। ତେବେ ୭୦% ଜଳ ଧାରଣ କରୁଥିବା ଆମ ଶରୀର ଉପରେ ମଧ ଏମାନଙ୍କର ବିଶେଷ ପ୍ରଭାବ ରହିବା ସ୍ୱାଭାବିକ। ପବିତ୍ର ନଦୀ ମାନଙ୍କର ଚିହ୍ନିତ ସ୍ଥାନ ଗୁଡିକରେ ଏହି ମହାଜାଗତିକ ଉର୍ଜା ଅଧିକ ପ୍ରଭାବଶାଳୀ ହୋଇଥାଏ। ସେଇଥିପାଇଁ ଆମ ପୂର୍ବଜ ମାନେ ନିର୍ଦ୍ଧିଷ୍ଟ ତିଥିରେ, ନିର୍ଦ୍ଧିଷ୍ଟ ସ୍ଥାନରେ ନଦୀରେ ବୁଡ଼ ପକାଇବା ବ୍ୟବସ୍ଥା କରିଛନ୍ତି, ଯାହାଦ୍ୱାରା ଆମେ ସେହି ଆକାଶୀୟ ଉର୍ଜା ରୁ ଅଧିକ ରୁ ଅଧିକ ଲାଭ ପାଇପାରିବା। ଏହାକୁ ଧର୍ମ ଓ ଆଧାତ୍ମ ସହିତ ଯୋଡି ଦିଆଯାଇଛି, ଯଦ୍ୱାରା ସାଧାରଣ ରୁ ସାଧାରଣ ମଣିଷ ମଧ ଆକାଶୀୟ ଉର୍ଜା ର ଲାଭ ପାଇ ପାରିବେ।

କୁମ୍ଭ ସମୟରେ କୌଣସି ନିର୍ଦ୍ଧିଷ୍ଟ ଦେବୀଦେବତା ଙ୍କ ପୂଜନ କରିବା ପାଇଁ ବାଧତା ବା ନିୟମ ନାହିଁ। ସେଥିପାଇଁ ସବୁ ମତ ଓ ସମ୍ପ୍ରଦାୟର ସାଧୁ ଓ ଶ୍ରଦ୍ଧାଳୁ ସମାନ ଉତ୍ସାହ

ନେଇ କୁମ୍ଭରେ ସାମିଲ ହୁଅନ୍ତି। ପବିତ୍ର ନଦୀରେ ସ୍ନାନ ସହିତ, ସାଧୁ ସନ୍ଥ ଙ୍କ ଦର୍ଶନ ଓ ସାନିଧ୍ୟ ସହିତ ଶାସ୍ତ୍ରାର୍ଥ ଏବଂ ଆଧ୍ୟାତ୍ମିକ ଚର୍ଚ୍ଚା ବ୍ୟାଖ୍ୟା ଶୁଣିବାର ସୌଭାଗ୍ୟ ଲାଭ କରନ୍ତି ଓ ଆନନ୍ଦ ନିଅନ୍ତି। ବିଭିନ୍ନ ଆଖଡା ର ସାଧୁ ସନ୍ଥ ମାନେ ଶ୍ରେଷଣୀ କରି ଆସନ୍ତି ଏବଂ ସାମୁହିକ ସ୍ନାନ କରନ୍ତି। ସେହି ଦୃଶ୍ୟ ଖୁବ ମନୋରମ। ଶ୍ରଦ୍ଧାଳୁ ମାନେ ସ୍ନାନ ପରେ ଭଜନ କୀର୍ତ୍ତନ କରନ୍ତି। କିଛି ଦିନ ସନ୍ଥ ଙ୍କ ସାନିଧ୍ୟ ରେ ଆଧ୍ୟାତ୍ମିକ ଜୀବନ ବ୍ୟତୀତ କରନ୍ତି।

ପ୍ରୟାଗରାଜ କୁମ୍ଭ ରେ କଳ୍ପବାସ ର ଖୁବ ବେଶି ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ମାଘ ମାସରେ ଏହାର ମହତ୍ତ୍ୱ ଆହୁରି ଅଧିକ। ଏହା ପୌଷ ମାସ ୧୧ଶ ଦିନରୁ ଆରମ୍ଭ ହୋଇ ମାଘ ମାସ ୧୨ଶ ଦିନ ଯାଏ ରହେ। କଳ୍ପବାସ ର ଧୈର୍ଯ୍ୟ, ଅହିଂସା ଓ ଭକ୍ତି ପାଇଁ ଖ୍ୟାତି ରହିଛି। ଏହି ସମୟରେ ଦିନରେ ଥରେ ମାତ୍ର ଭୋଜନ ଗ୍ରହଣ କରାଯାଏ। ମାନ୍ୟତା ରହିଛି ଯେ ଯିଏ ବିଧି ଅନୁସାରେ କଳ୍ପବାସ ପୁରଣ କରେ ପରଜନ୍ମରେ ସେ ରାଜା ଭାବେ ଜନ୍ମ ପାଏ ବା ରାଜଭୋଗ ଲାଭକରେ।

କୁମ୍ଭ ର ଶାବ୍ଦିକ ଅର୍ଥ ହେଉଛି ମାଠିଆ ବା କଳସ। ହିନ୍ଦୁ ଧର୍ମରେ କାଳସର ଖୁବ ମହତ୍ତ୍ୱ ରହିଛି। କଳସ ର ମୁଖକୁ ବିଷ୍ଣୁ, ବେକକୁ ରୁଦ୍ର, ଆଧାର କୁ ବ୍ରହ୍ମା, ମଧ୍ୟ ଭାଗକୁ ସମସ୍ତ ଦେବୀ ଏବଂ ଅନ୍ତରସ୍ଥ ଜଳକୁ ସମ୍ପୂର୍ଣ୍ଣ ସାଗର ର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଏହାକୁ ଚାରି ବେଦ ର ସଙ୍ଗମ ବୋଲି ମଧ୍ୟ କୁହାଯାଏ। ତେଣୁ କୁମ୍ଭର ଅର୍ଥ ପୂର୍ଣ୍ଣତଃ ଔଚିତ୍ୟପୂର୍ଣ୍ଣ ଅଟେ। ବାସ୍ତବରେ କୁମ୍ଭ ଆମ ସଭ୍ୟତାର ସଙ୍ଗମ। ଆତ୍ମ ଜାଗୃତିର ପ୍ରତୀକ। ଏହା ମାନବତା ର ଅନନ୍ତ ପ୍ରବାହ। ଏହା ପ୍ରକୃତି ଓ ମାନବତାର ସଙ୍ଗମ। କୁମ୍ଭ ମେଳା ଉର୍ଜା ର ସ୍ରୋତ। କୁମ୍ଭ ମାନବଜାତିକୁ ପାପ- ପୁଣ୍ୟ ଓ ପ୍ରକାଶ- ଅନ୍ଧକାର ର ଅନୁଭବ କରାଏ। ନଦୀ ଜୀବନ ରୂପୀ ଜଳର ଅନନ୍ତ ପ୍ରବାହ କୁ ଦର୍ଶାଏ।

ବିଶ୍ୱର ବିଭିନ୍ନ ଦେଶରୁ ଲୋକ କୁମ୍ଭର ଭବ୍ୟତା ଦର୍ଶନ କରିବା ପାଇଁ ଆସନ୍ତି। ସନାତନ ହିନ୍ଦୁ ଧର୍ମ, ଭାରତୀୟ ଆଧ୍ୟାତ୍ମ ଏବଂ ସଂସ୍କୃତି ସହିତ ଧର୍ମ ପ୍ରତି ଆସ୍ଥା ଓ ବିଶ୍ୱାସ ର ସୁନ୍ଦର ସଙ୍ଗମ ହେଉଛି କୁମ୍ଭ। ଏଥିରେ ଭାଗନେଇ ସ୍ୱୟଂ ଏହାର ଦିବ୍ୟତା କୁ ଅନୁଭବ କରିବା ପାଇଁ କୋଟି କୋଟି ଲୋକ କୁମ୍ଭ ରେ ସମ୍ମିଳିତ ହୁଅନ୍ତି। ଚଳିତ ବର୍ଷ ପ୍ରୟାଗରାଜ ଅର୍ଦ୍ଧକୁମ୍ଭ ରେ ମକର ସଂକ୍ରାନ୍ତି ରୁ ମୌନୀ ଅମାବାସ୍ୟା ଭିତରେ ସାଢେ ବାର କୋଟି ଲୋକ ସ୍ନାନ କରି

ସାରିଛନ୍ତି। ଅନୁମାନ କରାଯାଉଛି ଯେ ମହାଶିବରାତ୍ରି ରେ କୁମ୍ଭ ସମାପନ ଶୁଦ୍ଧା ପ୍ରାୟ ୨୫ କୋଟି ଲୋକ କୁମ୍ଭ ସ୍ନାନ କରିବେ। ସଂଖ୍ୟା ଦୃଷ୍ଟିରୁ ଗୋଟିଏ ଜାଗାରେ ଏକତ୍ରିତ ହେଉଥିବା ଲୋକଙ୍କ ହିସାବରେ ଏହା ପୃଥିବୀର ସବୁଠୁ ବଡ଼ ଘଟଣା, ଯାହା ଅନ୍ତରୀକ୍ଷ ରୁ ମଧ ଦେଖାଯାଏ। ଏଥିରୁ କୁମ୍ଭର ବିଶାଳତା ଅନୁମାନ କରି ହୁଏ। ଏହି ବିଶାଳତା କୁ ବିଚାର କରି ୟୁନେସ୍କୋ ( UNISCO) କୁମ୍ଭ ମେଳାକୁ ଭାରତର ସାଂସ୍କୃତିକ ଐତିହ ମାନ୍ୟତା ଦେଇଛି।

କୁମ୍ଭ କେବଳମାତ୍ର ଧର୍ମ ଓ ଆଧାତ୍ମ ନୁହେଁ, ବରଂ ସାଂସ୍କୃତିକ ଓ ଅର୍ଥନୈତିକ ମହତ୍ତ୍ୱ ମଧ ରଖେ। ବିଭିନ୍ନ ଆଖଡା ମାଧମରେ ଭାରତୀୟ ସନ୍ଥ ପରମ୍ପରା ର ଦର୍ଶନ ହୁଏ। ତା ସହିତ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ଗୋଟିଏ ଜାଗାରେ ଏକତ୍ରିତ ହେବା ଆମର ଧର୍ମୀୟ ବିଶ୍ୱାସ ଓ ସାମାଜିକ ସମରସତା କୁ ଦର୍ଶାଇ ଥାଏ। ଯେକୌଣସି ଧର୍ମାବଲମ୍ବୀ ଙ୍କୁ ସମ୍ମିଳତ ହେବାର ସୁଯୋଗ ଦେବା ମହାନ ସନାତନ ଧର୍ମର ସହିଷ୍ଣୁତା ଓ ବୈଶ୍ୱିକ ବିଚାରଧାରା ର ପ୍ରତିଫଳନ। ସାଧୁସନ୍ଥ ଓ ଅଗନ୍ତୁକ ଦର୍ଶନାର୍ଥୀ ମାନଙ୍କୁ ଭୋଜନ କରାଇ ଦକ୍ଷିଣା ପ୍ରଦାନ କରି ପୁଣ୍ୟ ଅର୍ଜିବାକୁ ମଧ ଅନେକ ଲୋକ ଆସନ୍ତି। ଏହି ଆୟୋଜନ ରେ ସମସ୍ତେ କିଛି ନା କିଛି ପାଆନ୍ତି ନିଶ୍ଚିତଭାବେ। ଆଧାତ୍ମର ସୁଖ ହେଉ, ଦାନ ଦେବାର ସନ୍ତୁଷ୍ଟି, ସନ୍ଥ ଙ୍କ ସଙ୍ଗତ ଓ ସତସଙ୍ଗର ଆନନ୍ଦ ଅବା ନିଜ ପାପ ଧୋଇଯିବା ର ଖୁସି, ପ୍ରତ୍ୟେକ ଆଗନ୍ତୁକ ଏମିତି କିଛି ସାଥିରେ ନେଇଯାଏ ଯାହା ଭୌତିକ ସଂସାରରେ ଅମୂଲ୍ୟ ଦୁର୍ମୂଲ୍ୟ। ଜୀବଦ୍ଦଶାରେ ଅନ୍ତତଃ ଥରେ କୁମ୍ଭର ଅନୁଭବ ଗ୍ରହଣ କରିବା ଉଚିତ।

ଚଳିତବର୍ଷ ପ୍ରୟାଗରାଜ ଠାରେ ଅର୍ଦ୍ଧକୁମ୍ଭ ର ଆୟୋଜନ ହୋଇଛି। ଏହା ମକର ସଂକ୍ରାନ୍ତି ରୁ ଆରମ୍ଭ ହୋଇଛି ଏବଂ ମହାଶିବରାତ୍ରି ରେ ସମାପନ ହେବ। ମା ଗଙ୍ଗା ଓ ମା ଯମୁନା ଙ୍କ ପତିତପାବନୀ ଧାରା ଦେଶ, ଧର୍ମ ଓ ମାନବମାତ୍ର ର ସମସ୍ତ କ୍ଳେଶ, କଷ୍ଟ ଓ ନକରାତ୍ମକ ବିଚାରକୁ ଧୋଇ ନିଅନ୍ତୁ। ସମସ୍ତଙ୍କୁ ସକାରାତ୍ମକ ଏବଂ ସୁଖଦ ଉର୍ଜା ପ୍ରାପ୍ତି ହେଉ। ସନାତନ ଧର୍ମର ମାର୍ଗଦର୍ଶନ ରେ ମୋ ଦେଶ ପୁନଃ ବିଶ୍ୱଗୁରୁ ହେଉ ଏତିକ କାମନା।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

# ଶିବ ବନ୍ଦନା



ସତ୍ୟବ୍ରତ ସାହୁ

ଆଜି ଜାଗରରେ ଉପବାସ ରହି ତୁମ୍ଭଙ୍କୁ ଭଜୁଛି ହର,

ସ୍ୱୟମ୍ଭୁ, ଶଙ୍କର, ମହାଯୋଗେଶ୍ୱର ଦୁଃଖ, ଶୋକ ଦୂର କର ।୧।

ଜାଗର ରାତିରେ ଉଜାଗର ରହି ତୁମ ନାମ ଜପକରି,

ତୁମ ମହାଦୀପ ଦେଖିଦେଲେ ଥରେ ପାପ ସବୁ ଯାଏ ମରି,

ହେ ଇଶାନେଶ୍ୱର, ଅଘୋର, ଶଙ୍କର ମନକଥା ବୁଝ ମୋର ।୨।



ମନ୍ଦିର ଦୁଆରେ ଘିଅ ବଳତାର ଜାଳ ମୁଁ ଦେଇଛି ଦୀପ,

ଅନାଇ ରହିଛି ମନ୍ଦିର ଚୂଳରେ ଉଠିବାକୁ ମହାଦୀପ,

ଭକ୍ତିର ଆଲୋକ ଜାଳ ଦୂରକର ଅନ୍ତର ତମସା ମୋର ।୩।

ଆଜି ଜାଗରରେ....

ସ୍ୱୟମ୍ଭୁ ଶଙ୍କର.....

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# ହସ



ଆଶୁତୋଷ ମେହେର

ହସ ଟା ଗୋଟାଏ ପରଜାପତି କ
ଓଠେ ଓଠେ ଉଡୁ ଥାଏ
ଶିଶୁର ଦୋରଟି ମମତା ଭର୍ ସେ
ପ୍ରେମିକାର ପ୍ରେମେ ଧାଏଁ ।୦।

ହସ ବାଂଧି ରଖେ ଦୁଇଟା ପର୍ଣ
ବନ୍ଧୁତା ର ଫାଶେ ଧରି
ଦୁଇ ମନ ଯୋଡେ ମନ ମୋହ ହସେ
ପ୍ରେମକୁ ଆସର୍ କରି
ମଣିଷ ଜୀବନେ ହସ ସତେ ଅବା
ମଧୁର ପ୍ରଲେପ ଦିଏ......।୧।

ହସେ ଭର୍ ଏଇ ଜୀବନ ନଉକା
ହସ ପ୍ରଭୁ କୃପା ବାରି
ଦୁଃଖ ର ନଈ କୁ ହସି ହସ ସିନା
କରି ଦେଇ ଥାଏ ପାରି
ହସ ମୁଠେ ପାଇଁ କେତେ ନୂଆଁ ସୁରେ
ମନ ଟା ଯେ  ନାଚୁଥାଏ .....।୨।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ମାନଲେ ଦେବତା



ଡକ୍ଟର ବିଜ୍ଞାନୀ ଦାସ

ଆଜି ଦୀପାବଳି । ହେଲେ ଅଫିସରେ କାମ ସରୁସରୁ ସନ୍ଧ୍ୟା ୬ଟା । ସେଠାରୁ ଘରକୁ ଘଣ୍ଟାଏ ଡ୍ରାଇଭ୍ କରି ପହଞ୍ଚିବାବେଳକୁ ୭ଟା ବାଜିଲାଣି । ଲାଗୁଥାଏ ଯେମିତି ରାତି ୧୦ଟା ବାଜିଲାଣି କି କଣ ? ଘରେ ପହଞ୍ଚୁ ପହଞ୍ଚୁ ଶୁଭିଲା ସ୍ୱାମୀଙ୍କର ତୀବ୍ର ମନ୍ତବ୍ୟ । "ଆଉ କେତେବେଳେ ଦୀପ ଜାଳିବୁ ? ବେକାରରେ ଏତେ ପଇସା ଦେଇ ଦୀପ କିଣିଲୁ । କିଛି ବି କାମରେ ଆସିଲାନି ।"

"ଠିକ୍ ଅଛି । ଭଗବାନ ଜାଣିଛନ୍ତି ଆମକୁ ୮ ଘଣ୍ଟା କାମ କରିବାକୁ ପଡେ ବୋଲି। ଦୀପ କିଛି ବେକାରରେ ଯିବନି । ଏବେ ମୁଁ ଜଳେଇ ଦେଉଛି ।" ଏମିତି କହି ପ୍ରତିମା ଦୁଇଟି ଦୀପ ଜଳେଇଲା, ଗୋଟିଏ ଠାକୁର ଘରେ ରଖିଲା ଓ ଗୋଟିଏ ଦ୍ୱାର ପାଖରେ ବାହାରେ ରଖିଲା ।

ହେଲେ ରୋଷେଇ ସାରି ଉପରେ ପ୍ରାର୍ଥନା କରିବାକୁ ପହଞ୍ଚିବା ବେଳକୁ ଠାକୁର ଘର ଦୀପ ଲିଭି ସାରିଥିଲା । ପ୍ରତିମା ମନକୁ ପାପ ଛୁଇଁଲା । "କଣ ଅପରାଧ କଲି ପ୍ରଭୁ ? ନା, ଇଏ କିଛି ଅଘଟଣ ଘଟିବାର ସଙ୍କେତ ? ମତେ କ୍ଷମା କର । ଡେରିରେ ଆସି ଦୀପ ଜଳେଇଛି। ହେଲେ କଣ ବା କରି ପାରିଥାନ୍ତି । କାମ ସରିଲେ ସିନା ଫେରିଥାନ୍ତି ।" ଏମିତି ଠାକୁରଙ୍କୁ କ୍ଷମା ମାଗି ବଡ ମନ ଅସନ୍ତୋଷରେ ରହିଲା ସେଦିନ ।

ପିଲାମାନେ ସମସ୍ତେ ବାହାରେ ରହୁଛନ୍ତି । ସମସ୍ତଙ୍କୁ ହ୍ୱାଟ୍ସ୍ଆପରେ ମେସେଜ୍ ଦେଲା ସିଏ। ସମସ୍ତେ ଉତ୍ତର ଦେଲା ପରେ ଯାଇ ମନ ସନ୍ତୁଷ୍ଟ ହେଲା । ତଥାପି ଛାତି ଦକଦକ ହେଉଥାଏ । ମନକୁ ଯେତେ ବୁଝେଇବାକୁ ଚେଷ୍ଟା କଲାପରେ ବି ମନ ଜମା ବୁଝୁନଥାଏ ।

ବିଜ୍ଞାନର ଛାତ୍ରୀ ପ୍ରତିମା । ସିଏ ସବୁ ବୁଝେ । ସବୁକିଛିର ମୂଳରେ କିଛି କାରଣ ଥାଏ । ପ୍ରକୃତ କଥା ହେଲା ଯେ ଥଣ୍ଡା ପାଇଁ ଘିଅ କାଠୁଆ ହୋଇଗଲା ଓ ବଳତାକୁ ଇନ୍ଧନ ଯୋଗେଇ ପାରିଲାନ। ସେଥିପାଇଁ ଦୀପ ଲିଭିଗଲା । ହେଲେବି ମନ ଭିତରେ ବନ୍ଧାହୋଇ ରହିଥିବା ଯାବତୀୟ ଅନ୍ଧବିଶ୍ୱାସକୁ ସିଏ ଏତେଦିନ ହେଲା ସଂପୂର୍ଣ୍ଣ ରୂପେ ଦୂରେଇ ଦେଇ ପାରିନ । ଛୋଟ ବେଳୁ ସେମିତି ଶିକ୍ଷା ମୁଣ୍ଡ ଭିତରେ ପଶିଯାଇଛି । ପଶିବନ କେମିତି ? ଯଦି ଅମଙ୍ଗଳ ଘଟଣା ଘଟୁଥାଏ, ତେବେ ତ ସେସବୁ ଅନ୍ଧବିଶ୍ୱାସ ସତ ବୋଲି ମନେହୁଏ ନା ।

ଏମିତି ଏକ ଘଟଣା ଘଟିଥିଲା ପ୍ରତିମା ଜୀବନରେ । ତାଙ୍କ ଗାଁରେ ଘର ପାଖରେ ଗୋଟିଏ ଛୋଟ ବର୍ଷକର ଝିଅଟିଏ ଥାଏ । ସେ ଝିଅଟି ଦେଖିବାକୁ ଯେତେ ସୁନ୍ଦର, ତାର ବିଚକ୍ଷଣତା ଆହୁରି ଆକର୍ଷଣୀୟ । ଦେଖିଲା ଲୋକ ଲୋଭେଇ ଯାଇ ଟିକେ କାଖେଇ ନେବ। ସେଥିପାଇଁ ତା ଜେଜେମା ତାର ନାମ ରଖିଥାନ୍ତି "କଣ୍ଢେଇ" । ପ୍ରତିମା ସେତେବେଳେ କଲେଜରେ ପଢୁଥାଏ । ତେବେ ଯେବେ ଛୁଟିରେ ଘରକୁ ଯାଏ, ସେ ଛୋଟ ପିଲାଟିକୁ ସବୁବେଳେ କାଖାଏ, ପାଖରେ ରଖେ । ପିଲାଟିର ବାପା ତ ସୁଦୂର କଳାହାଣ୍ଡିରେ ରୁହନ୍ତି, ହେଲେ ତାର ମା ଓ ଜେଜେମା ଭାରି ଖୁସି ହୁଅନ୍ତି, "ଏବେ ପ୍ରତିମା ଘରେ ଅଛନ୍ତି ମାନେ, ଆଉ କିଛି ଚନ୍ତା ନାହିଁ ।"

ପ୍ରତିମା ସେ ଶିଶୁଟିକୁ କଜ୍ଜ୍ୱଳ ପିନ୍ଧେଇ ଦିଏ, ତା ମୁଣ୍ଡ କୁଣ୍ଡେଇ ବେଳେବେଳେ ରିବନ ବାନ୍ଧିଦିଏ ଓ ତାକୁ ଭଲ ପୋଷାକ ପିନ୍ଧେଇ ସଜ କରିଦିଏ । ସିଏ ବଡ ସୁନ୍ଦର ଦିଶେ । ସେତେବେଳେ, ସେ ଶିଶୁର ଜେଜେମା କୁହନ୍ତି, "ତାକୁ ବାହାରକୁ ସେ ଗୁଡିଆ ସାହି ଆଡକୁ ନେବୁନ । ସେଠି ସେ ଦୀନା ସାହୁର ସ୍ତ୍ରୀ ଫୁଲ ଗୁଡିଆଣୀଟା କଞ୍ଚାଡାହାଣୀଟିଏ । ସୁନ୍ଦର ପିଲାକୁ ଦେଖିଲେ, କୁଟା ପକେଇ ରକ୍ତ ଶୋଷିନେବ । ଏମିତି କେତେ ଛୁଆଙ୍କୁ ଖାଇଗଲାଣି ସିଏ ।"

ପ୍ରତିମା ବିଶ୍ୱାସ କରେ । ସିଏ ଆଉ ଗୁଡିଆ ସାହି ଆଡକୁ କଣ୍ଢେଇକୁ ଧରି ବୁଲିଯାଏନ । ଯାହାବି ବିଶ୍ୱାସ ନ କରନ୍ତା, ହେଲେ ପାଖ ଘରର ଶାମା ଜେଜେ ଏମିତି ସେ ଡାହାଣୀ ବିଷୟରେ ଗପନ୍ତି ଯେ ବିଶ୍ୱାସ ନ କରୁଥିବା ଲୋକବି ବିଶ୍ୱାସ କରିବ । "କାଲି ରାତିରେ

ଖଳାରେ ଜଗିଥିଲି । ଘେରୁଘେରୁ ଫେରୁଛି ତ ଦେଖିବାବେଳକୁ ବାଉଁଶବାଡିରେ ସେ ଫୁଲ ଗୁଡିଆଣୀ ତଳକୁ ମୁଣ୍ଡ ଓ ଉପରକୁ ଗୋଡ କରି ବିଷ୍ଠା ଖାଇଖାଇ ଗ୍ଲାଲିଛି । ମତେ ଦେଖିକ ଟିକେ ଆଡେଇ ଯାଇ ବାଉଁଶବୁଦା ଉହାଡରେ ଲୁଚଗଲା । ହେଲେ ମୁଁ ତ ଛାଡିବା ଲୋକ ନୁହେଁ । ରାନ୍ଧିଘର ଗଳରେ ଛପିଗଲି । ସିଏ ପୁଣି ବାହାରିଲା ଓ ସେମିତି ବିଷ୍ଠା ଖାଇବାରେ ଲାଗିଲା ।''

ଅସଲ କଥା ହେଲା ଫୁଲ ଗୁଡିଆଣୀର ଚଲା ଆଖି । ଚଲା ଆଖିକୁ ଡାହାଣୀ ଆଖି ବୋଲି ଓଡିଶାରେ ଭାବନ୍ତି ଓ ସେମିତି ଆଖି ଦେଖିଲେ ସେ ଲୋକମାନଙ୍କୁ ଡାହାଣୀ ବୋଲି ମାର୍କାମାରି ଦିଅନ୍ତି । ହେଲେ ଫୁଲ ଗୁଡିଆଣୀର ନଜର ଦୁଇଟି ପୁଅ, ନାତିନାତୁଣୀ ପାଞ୍ଚଟି। ସେମାନେ ଠିକ୍‌ଠାକ୍ ଥାଆନ୍ତି । "ସେମାନଙ୍କର ତ କଛି କ୍ଷତି କରିନ ଫୁଲ ଗୁଡିଆଣୀ ?'' - ଏମିତି ପ୍ରଶ୍ନ ପଗ୍ଲରିଲେ ଉତ୍ତର ମିଳେ, "ମଲା, ନଜ ଛୁଆପିଲାଙ୍କୁ ସିଏ କାହିଁକି ଖାଇବ ? ଅନ୍ୟ ପିଲାକୁ ସିନା ଖାଇବ ।''

ପ୍ରତିମା ସେତେବେଳେ ଛୋଟ ଥିଲା । ସବୁକଥା ମାନୁଥିଲା । ଯଦି କେବେକେବେ ଫୁଲ ଗୁଡିଆଣୀ ଗାଁ ଭିତରକୁ ମୁଢି ବିକିବାକୁ ଆସୁଥିଲା, ପ୍ରତିମା କଣ୍ଢେଇକୁ ନେଇ ଲୁଚେଇଦିଏ। ସିଏ ଯଦି ବାହାରକୁ ବୁଲିଯିବାକୁ କାନ୍ଦେ, ତେବେ ତାକୁ ବାଡିଆଡେ ବୁଲେଇ ନେଇଯାଏ ।

ଏମିତି ସବୁ ଠିକ୍ ଥିଲା । କଣ୍ଢେଇ ସହିତ ବକ୍ ବକ୍ କଣ୍ଢେଇକୁ ଏବେ ବହୁତ କଥା ଶିଖେଇ ପାରିଥିଲା ପ୍ରତିମା । "କଣ୍ଢେଇ ତୋ ଆଖି କାଇଁ, ତୋ ନାକ କାଇଁ, ଟିକେ ନମ କରିଦେଲୁ ।'' କଣ୍ଢେଇ ସବୁ କରୁଥିଲା । କେମିତି ଖାଆନ୍ତି କହିଲେ, ସିଏ ପାଟି ଗ୍ଲୁକୁଗ୍ଲୁକୁ କରୁଥିଲା । କେମିତି ଲେଖନ୍ତି କହିଲେ, ସିଏ କଲମଟିଏ ଧରି ଗାରେଇ ପକାଉଥିଲା । ଦୁଇବର୍ଷ ହେବାବେଳକୁ କଣ୍ଢେଇ ସବୁ ଶିଖି ଯାଇଥିଲା କହିଲେ ଚଳେ ।

ଥରେ ଏମିତି ତାକୁ ସଜେଇ କୋଳରେ ଧରି ପିଠାରେ ବସିଛି ପ୍ରତିମା, ବଡସାଆନ୍ତ ଗାଧୋଇ ଯାଉଥିଲେ । କଣ୍ଢେଇକୁ ଆସି ସମସ୍ତଙ୍କ ଭଳ ସବୁକଥା କେମିତି କରନ୍ତି ପଗ୍ଲରିଲେ । କଣ୍ଢେଇ ସବୁ ଦେଖେଇଦେଲା । ଶେଷରେ ପଗ୍ଲରିଲେ, କହିଲୁ "ମଣିଷ କେମିତି ମରନ୍ତି ।'' ସେକଥା କଣ୍ଢେଇକୁ ଶିଖେଇ ନଥିଲା ପ୍ରତିମା । ବଡସାଆନ୍ତ ଶିଖେଇ

ଦେଇଗଲେ, ଆଖି ବୁଜି ଶୋଇ ପଡିବାର ପୋଜ୍ । ପ୍ରତିମାକୁ ଭଲ ଲାଗିଲାନି । ହେଲେ, ବଡ ସାଆନ୍ତକୁ ତ ଆଉ ଜବାବ ଦେଇହେବନି ?

କଲେଜ ଖୋଲିଯିବା ପରେ ପ୍ରତିମା କଟକ ଚାଲିଗଲା । ପଢାରେ ମନ ଲାଗିଯାଇଥିଲା । ହେଲେ ଦଶହରା ବେଳକୁ ଯେବେ ଘରକୁ ଫେରିଲା, ଖରାପ ସମ୍ବାଦ ମିଳଲା । କଣ୍ଢେଇକୁ ସେ ଫୁଲ ଗୁଡିଆଣୀ ଖାଇଗଲା । କଣ୍ଢେଇର ଘରେ ସମସ୍ତେ ବଡ ଉଦାସୀନ ଥିଲେ । ତାର ଜନ୍ମଦାତ୍ରୀ ମାର ଆଖିରୁ ଲୁହ ଛୁଟି ଯାଉଥିଲା । ଘଟଣା ଯାହା ଜଣାପଡିଲା, ଫୁଲ ଗୁଡିଆଣୀ ମୁଢି ବିକି ଆସିଥିଲା । ସେତେବେଳେ କଣ୍ଢେଇକୁ ଧରି ଦାଣ୍ଡର ଖୁଆଉଥିଲେ କଣ୍ଢେଇର ମାଉସୀ, ଯିଏକି ସେତେବେଳେ ଘରକୁ ଆସିଥିଲେ । ଫୁଲ ଗୁଡିଆଣୀର ଦୃଷ୍ଟି ପଡିଗଲା । ସେଦିନ ଠାରୁ କଣ୍ଢେଇକୁ ଝାଡା, ବାନ୍ତିହେଲା ଓ ଶେଷରେ ପିଲାଟା ଚାଲିଗଲା ।

ପ୍ରତିମାର ସେ ଦଶହରା ସମୟଟା ବଡ ଦୁଃଖରେ କଟିଥିଲା । କଣ୍ଢେଇର ଦେହାନ୍ତର ଦିନଟିକୁ ମନେ ପକାଇ ଜାଣିଲା, ସେଦିନ ତା ହଷ୍ଟେଲରେ ସନ୍ଧ୍ୟାବେଳେ ଧୂପ ଦେଉଥିବା ବେଳେ ଧୂପ କାହିଁକି ଲିଭି ଯାଇଥିଲା । ଏବେ ନିଜ ଉପରେ ରାଗ ଲାଗିଲା । ସେ ଧୂପକାଠିକୁ ଆଉଥରେ ଜଳେଇ ଦେଇଥାନ୍ତା ହେଲେ ? ଇଚ୍ଛା ହେଉଥିଲାସେ ଫୁଲ ଗୁଡିଆଣୀକୁ ଯାଇ ମାରିପକାନ୍ତା କି ତା ଚଲାଆଖି ଦୁଇଟାକୁ ତାଡି ପକାନ୍ତା । ତାହଲେ ତା' ନଜର ପକେଇ ଏ ପିଲାମାନଙ୍କୁ ଖାଇ ଯାଆନ୍ତାନି ।

ଆଜି ଅବଶ୍ୟ ସେକଥା ସିଏ ଏତେ ବିଶ୍ୱାସ କରେନି । ସମ୍ବାଦପତ୍ରରେ ସାଧାରଣ ଲୋକଙ୍କୁ ଡାହାଣୀ ଭାବି ତାଙ୍କ ଉପରେ ଅକଥନୀୟ ଅତ୍ୟାଚାରର କାହାଣୀ ଶୁଣିଲେ ସିଏ ଦୁଃଖ ପାଏ ଓ ଏ ଡାହାଣୀ କଥା ଠିକ୍ ନୁହେଁ ବୋଲି ବିଶ୍ୱାସ କରେ । ହେଲେମଧ୍ୟ ସାଧାରଣ ଲୋକଙ୍କର ଲୋଭିଲା ଦୃଷ୍ଟି ଯେ ଲୋଭ କରୁଥିବା ପଦାର୍ଥ କିମ୍ବା ମଣିଷର କ୍ଷତି କରେ, ସେ ବିଶ୍ୱାସ କିମ୍ବା ଅନ୍ଧବିଶ୍ୱାସ ତା ମନରେ ରହିଥାଏ । ସେଥିପାଇଁ ସିଏ ପିଲାମାନଙ୍କୁ ମନାକରେ, "କେତେବେଳେ ବି କୌଣସି କଥା ନେଇ ଦେଖେଇ ହେବନି କି ଅହଙ୍କାର କରିବନି । ନହେଲେ, ସେ ଦେଖେଇହେବା ଗୁଣ ଉପରେ କି ଦକ୍ଷତା ଉପରେ କାହାର ନଜର ପଡିଯିବ ଓ ସେ ଗୁଣର ଓ ଦକ୍ଷତାର ହ୍ରାସହେବ ।"

ପିଲାମାନେ ହସିହସି ଗଡିଯାଆନ୍ତି । "କୋଉ ଯୁଗରେ ଅଛ ମାମା ତମେ । ଏମିତି କ ଓଡିଶାରେ ତମ ବୟସର ଲୋକମାନେ ମଧ୍ୟ ଏ ଅନ୍ଧବିଶ୍ୱାସ ଛାଡି କେତେ ଆଗେଇ ଗଲେଣି। ଆଉ ଏ ଆମେରିକା ଦେଶରେ ରହି, ପଦାର୍ଥ ବିଜ୍ଞାନରେ ପି.ଏଚ୍.ଡି. କରି ମଧ୍ୟ ତମେ ଏତେସବୁ ଅନ୍ଧବିଶ୍ୱାସକୁ ଏ ପର୍ଯ୍ୟନ୍ତ ଧରି ରହିଛ ?"

ପ୍ରତିମା ସେସବୁ ବୁଝିଲେ ବି ନିଜକୁ ଅନ୍ଧବିଶ୍ୱାସରୁ ଦୂରେଇ ଦେଇ ପାରେନି । ତେଣୁ ଦୀପ ଲିଭିଯିବାର ଘଟଣା ସିଏ ସହଜରେ ନେଇ ପାରିଲାନି । ଦୀପାବଳି ପରଦିନ ଯାଇ ଶିବ ବିଷ୍ଣୁ ମନ୍ଦିରରେ ଦୁଇଟି ଅର୍ଚ୍ଚନା କରି ଆସିଲା, ଗୋଟିଏ ବିଘ୍ନରାଜ ଗଣେଷଙ୍କ ପାଖରେ, ଆଉ ଗୋଟିଏ ବିଷ୍ଣୁଙ୍କ ପାଖରେ । ନବଗ୍ରହଙ୍କ ଚାରିପଟେ ନଅଥର ବୁଲିଲା । ଗ୍ରହମାନଙ୍କ ଶାନ୍ତି ଓ କରୁଣା ପାଇଁ ପ୍ରାର୍ଥନାକରି ଫେରିଲା । ତାପରେ ମନ ଟିକେ ଶାନ୍ତ ହେଲା । "ହଁ, ଭଗବାନ ଦୟାମୟ । ସିଏ ନିଶ୍ଚୟ କ୍ଷମା କରିଦେବେ ।"

ଏମିତି ଗୋଟିଏ ସପ୍ତାହ ବିତି ଯାଇଥିଲା । ହଠାତ୍ ଖବର ଆସିଲା ମଝିଆଁ ଝିଅ ପାଖରୁ, ସିଏ ଏମରଜେନ୍ସୀ ରେ ଆଡମିଟ୍ ହୋଇଛି । ଘଟଣା କଣ ବୁଝୁବୁଝୁ ତା ତଳପେଟ ବହୁତ କାଟୁଛି ଓ ଅକଥନୀୟ ଯନ୍ତ୍ରଣାହେଉଛି । ସେତେବେଳକୁ ରାତି ଆଠଟା । ସାନଝିଅ ମଝିଆଁ ଝିଅ ପାଖରୁ ଘଣ୍ଟାଏ ବାଟରେ ରହେ, ହେଲେ ସିଏ ସେଦିନ ତାର କେଉଁ ସାଙ୍ଗର ପାର୍ଟିପାଇଁ ନିଉଜର୍ସୀ ଆସିଥାଏ । ଏବେ ତାକୁ ଫୋନ୍ କରିବାବେଳକୁ ସିଏ ସେଠୁ ଛାଡି ଡାକ୍ତରଖାନାରେ ପହଞ୍ଚୁ ପହଞ୍ଚୁ ରାତି ଏଗାରଟା ହେବ । ହେଉ ପଛେ, ସିଏ ଆସି ରାତି ଏଗାରଟାରେ ପହଞ୍ଚିଲା ଓ ଟେକଷ୍ଟ ମ୍ୟାସେଜ୍ ପଠାଉଥିଲା ।

ତଳପେଟ କାଟିବାର ଅନେକ କାରଣ ହୋଇପାରେ । ସବୁ କାରଣ ଚିନ୍ତା କରି ମନ ବଡ ଦୁଶ୍ଚିନ୍ତାରେ ଗତି କରୁଥାଏ । ଏଇଥିପାଇଁ କଣ ସେଦିନର ସେ ସଙ୍କେତ ମିଳଥିଲା ? କେଜାଣି ? ଭଲହେଲା, ସିଏ ଯାଇ ପୂଜା କରିଆସିଛି । ଏବେ ଏ ଝିଅର ସମସ୍ୟା ନିଶ୍ଚୟ ସହଜରେ ସୁଧୁରିଯିବ । ସେଇ ବିଶ୍ୱାସ ପ୍ରବଳ ହେଉଥାଏ । ତଥାପି ଡର ଥାଏ । ପ୍ରତିମାକୁ ରାତିସାରା ନିଦ ନାହିଁ । ଖାଲି ବସି ଟେକଷ୍ଟ କରୁଥାଏ । ଶେଷରେ ଡାକ୍ତରଙ୍କ ପରୀକ୍ଷାର ଫଳାଫଳ ଆସିଲା । ଡାକ୍ତର ଜଣେଇଲା, "ଓଭାରିଆନ୍ ସିଷ୍ଟ" ।

ଯାହାହେଉ ଗୋଟିଏ ଗ୍ରହ ଟଳିଗଲା । ଯଦିଓ "ଓଭରିଆନ୍ ସିଷ୍ଟ" ମଧ୍ୟ ଚନ୍ତାର କାରଣ ଥିଲା, ତେବେ ସେ ସମସ୍ୟାର ସମାଧାନ ସହଜ । ଡାକ୍ତର ପେନ୍‌କିଲର ଟାବଲେଟ୍ ଦେଇ ଘରକୁ ପଠେଇ ଦେଲା ଓ ଗାଇନାକୋଲୋଜିଷ୍ଟ ସହିତ ଆପଏଣ୍ଟମେଣ୍ଟ ରଖିବାକୁ ପରାମର୍ଶ ଦେଇଥିଲା ।

ପ୍ରତିମାର ବିଶ୍ୱାସ ବଢିଗଲା । ଯାହାହେଉ, ପୂଜାର ଫଳ ଇଏ ।

ଏମିତି ତ ଏ ଜୀବନ ଯାତ୍ରା । ପ୍ରତି ପଦକ୍ଷେପରେ ବିପଦ, ସମସ୍ୟା, ଭୁଲ ବୁଝାମଣା, ଗଣ୍ଡଗୋଳ । ସେସବୁର କାରଣ ଓ ସମାଧାନକୁ ଅନୁଧ୍ୟାନ କଲେ ବେଳେବେଳେ ମସ୍ତିଷ୍କ ଭ୍ରାନ୍ତ ହୋଇଯାଏ । ଗୋଟିଏ ଗୋଟିଏ ମୁହୂର୍ତ୍ତରେ ଏମିତି ଲାଗେ ଯେମିତି କି ସବୁ ଜ୍ଞାନ, ଶିକ୍ଷା, ଦୀକ୍ଷା ଉଭାନ ହୋଇଯାଇଛି । ହୃଦୟ ବ୍ୟାକୁଳ ହୋଇ କୂଳ ଖୋଜୁଛି । କିଏ ସେ ଏଥିରୁ ଉଦ୍ଧାର କରିବ ? କିଏ ସେ ଏ ଅସମୟରେ ସାହା ହେବ ? କିଏ ସେ ଏ ଅସମୟରେ ଆସି ପାଖରେ ଠିଆ ହେବ । ସେ ମୁହୂର୍ତ୍ତରେ ଯାହା ଘଟେ, ସେ ସବୁ ମନର ବିଶ୍ୱାସ ହୋଇ ରହିଯାଏ । "ମାନିଲେ ଦେବତା, ନ ମାନିଲେ ପଥର ।" - ଏଇ ଉପଦେଶ ଛୋଟବେଳୁ ମିଳିଛି । ମନରେ ବିଶ୍ୱାସ ଥିଲେ, ପଥର ବି ଦେବତା ହୋଇ ଆଶୀର୍ବାଦ କରିବ । ଗୁରୁଜନ ମାନଙ୍କୁ ପ୍ରଣାମ କଲେ ଆଶୀର୍ବାଦ ମିଳିବ । ଠାକୁରଘରକୁ ଯିବା ପୂର୍ବରୁ ଗୋଡହାତ ଧୋଇ, ପବିତ୍ର ହୋଇ, ପୋଷାକ ବଦଳେଇ ଭିତରେ ପଶିବ । ନହେଲେ ସବୁ ଅଶୁଭ ହେବ ।

ଏ ଭିତରେ ଅନେକ ଭୁଲ ହୋଇଯାଉଛି । ସବୁ ନିୟମ ମାନି ହେଉନି । ସବୁବେଳେ ମନ୍ଦିର ଭିତରକୁ ଯିବା ପୂର୍ବରୁ ଶୁଦ୍ଧହୋଇ ଯାଇ ହେଉନି । ବେଳେବେଳେ କାମରୁ ଫେରୁଫେରୁ ପ୍ରତିମା ମନ୍ଦିର ପଶିଯାଏ । ସେତେବେଳେ ସେ ପିନ୍ଧିଥିବା କପଡାରେ ଖାଇଥାଏ । ଯଦିଓ ସିଏ ମୁହଁ, ହାତ ଧୋଇ ଯାଏ, ତେବେ ଶୀତଦିନରେ ପାଦରେ ମୋଜା ଥାଏ । ଗୋଡ ଧୋଇ ହୁଏନି । ହେଲେ ଏ ସବୁକୁ ନେଇ ପ୍ରତିମା ଚନ୍ତିତ ହୁଏନି । ଚନ୍ତିତ ହୁଏ କେବଳ ପିଲାମାନଙ୍କ ପାଇଁ । ସେମାନେ ଏବେ ସବୁ ବିଧି ପାଇଁ ପ୍ରଶ୍ନ ପଚାରୁଛନ୍ତି । ପ୍ରତିମା କିଛି ପ୍ରଶ୍ନ ନ ପଚାରି ମାନି ନେଉଥିଲା । ଏ ପିଲାମାନଙ୍କ ପ୍ରଶ୍ନର କୌଣସି ଉତ୍ତର ବି ସିଏ ଠିକ୍‌ଭାବେ ଦେଇପାରେନି । ସେଇଥି ପାଇଁ ବେଶି ଶଙ୍କା ପ୍ରତିମାର ମନରେ ।

କାର୍ତ୍ତିକ ପୂର୍ଣ୍ଣିମାରେ ସିଏ ସେମାନଙ୍କୁ ସକାଳୁ ମୁଣ୍ଡ ଧୋଇ ଗାଧୋଇ ସାରି ଖାଇବାକୁ ବାରଣ କରିଥିଲା । ହେଲେ ସେମାନେ ସକାଳୁ ଉଠି ଗାଧୋଇବା ପୂର୍ବରୁ ଖାଇଦେଲେ ।

ଏସବୁ ଛୋଟଛୋଟ ଭୁଲ୍ ପାଇଁ ଅନୁତାପର ସମୟ ରଖେ ପ୍ରତିମା । ଘରେ ମଝିରେ ମଝିରେ ପୂଜାପାଠ କରାଏ । କିନ୍ତୁ କାହିଁକି କେଜାଣି ଅଘଟଣ ଘଟୁଥାଏ, ଜୀବନକୁ ସବୁବେଳେ ଭୟଭୀତ କରାଇ ରଖିଥାଏ । କେତେବେଳେ କଣ ଘଟିଯିବ, ସେଇଚିନ୍ତାରେ ମନ ଛଟପଟ ହେଉଥାଏ । ସେଥିପାଇଁ ବିଶ୍ୱାସର ସାହାରା ନେବାକୁ ପଡେ । ଠାକୁରଙ୍କ ଆଳତି ଥାଳରେ ପଇସା ପକେଇବାଠାରୁ ଆରମ୍ଭ କରି ମନ୍ଦିର ପୂଜାରୀଙ୍କ ପୂଜାପାଣି ଦେହରେ ପଡିଲା କି ନ ପଡିଲା, ସେସବୁର ହିସାବ ରଖିବାକୁ ପଡେ । ଦାନଧର୍ମ କରିବାକୁ ପଡେ । ନିଜ ଭୁଲକୁ ସୁଧାରିବାକୁ ପଡେ । ଅନ୍ୟ ମନରେ ବିନା କାରଣରେ ଦୁଃଖ ଦେଲେ ନିଜକୁ ଦୋଷୀଦୋଷୀ ଲାଗେ । ଏମିତି ସବୁ ।

ହୁଏତ କିଛି ସାଙ୍ଗସାଥୀ ପ୍ରତିମାର ଏମିତି ଧରଣର ହାବଭାବକୁ ଦେଖି ହସୁଥିବେ । ହେଲେ ପ୍ରତିମା ତା' ବିଶ୍ୱାସରେ ଥାଏ ଓ ଅନ୍ୟମାନଙ୍କୁ ସେମାନଙ୍କ ବିଶ୍ୱାସରେ ରହିବାକୁ ଛାଡିଦିଏ। କାହାକୁ କିଛି କହେନି ।

ଏ ଘଟଣାର ଠିକ୍ ଗୋଟିଏ ସପ୍ତାହ ପରର କଥା। ମନ୍ଦିରର ପଣ୍ଡିତ ମାତା ଜାଗରଣ ପୂଜା ପାଇଁ ମନ୍ଦିର ଯିବାକୁ ନିମନ୍ତ୍ରଣ କରିଥିଲେ। ସେଦିନ ସାନ ଝିଅ ନିୟୁର୍କରୁ ବସରେ ଘରକୁ ଆସିବାର ଥିଲା । ପ୍ରକୃତ କଥା ହେଲା ସେ ମାତା ଜାଗରଣ ପୂଜାରେ ପ୍ରତିମା ବୋର୍ ହୋଇଯାଏ । ତାଠାରୁ ଆହୁରି ବୋର୍ ହୁଅନ୍ତି ତାର ସ୍ୱାମୀ । ତେଣୁ ସେ ପୂଜାରେ ଯୋଗଦେବାକୁ ସେମାନେ ଇଚ୍ଛା କରୁନଥିଲେ । ଯୋଗକୁ ଝିଅର ବି ସେଦିନ ସନ୍ଧ୍ୟାରେ ପହଞ୍ଚିବାର ଥାଏ । ତେଣୁ ସେମାନେ ପଣ୍ଡିତଙ୍କୁ ସେକଥା ଜଣେଇଦେଲେ ଓ ଝିଅ ଆସିବାର କାରଣ ଦେଖେଇ ମନାକରି ଦେଲେ । ପ୍ରତିମା ମନକୁ ପାପ ଛୁଇଁଲା । ପଣ୍ଡିତ କିଛି ଖରାପ ନ ଭାବନ୍ତୁ କି ଅସନ୍ତୁଷ୍ଟ ନ ହୁଅନ୍ତୁ । ଝିଅ ଆସିବାର ନଥିଲେ ସେମାନେ ହୁଏତ ଯାଇକରି ଘଣ୍ଟାଏ ଖଣ୍ଡେ ରହି ଫେରି ଆସିଥାନ୍ତେ ।

ଝିଅର ବାଲ୍‌ଟିମୋରରେ ୭ଟା ବେଳକୁ ପହଞ୍ଚିବାର ଥିଲା । ୬ଟା ବେଳକୁ ଝିଅ ଫୋନ୍‌କଲା ଯେ ସିଏ ଆସୁଥିବା ବସ ଡେଲ୍‌ଓ୍ୱାରପୋଲ ପାଖରେ ଅଟକ ଯାଇଛି । ବସ୍‌ର କଛି ଅସୁବିଧା ହୋଇଛି ।

ସନ୍ତୋଷ ପଚ୍ଚରିଲେ, "ଆମେ କଣ ତତେ ଯାଇ ନେଇ ଆସିବୁ କି? "

"ନା, ଟିକେ ଅପେକ୍ଷା କର । ତାପରେ ଅଧଘଣ୍ଟାଏ ଭିତରେ ବସ୍ ଠିକ୍ ନହେଲେ ମୁଁ ତମକୁ ଡାକିବି ।"

ଅଧ ଘଣ୍ଟାଏ ପରେ ସନ୍ତୋଷ ପୁଣି ଫୋନ୍‌କଲେ । ବସ ଥିକ୍ ହୋଇନଥିଲା । ଏମିତି କ ଘଣ୍ଟାଏ ପର୍ଯ୍ୟନ୍ତ କଛି ଠିକ୍ ହୋଇନଥିଲା । ଝିଅ କହିଲା, "ତମେ ଆସି ମତେ ନେଇଯାଅ ।"

ଘରୁ ସେ ସ୍ଥାନ ଦେଢଘଣ୍ଟାର ରାସ୍ତା । ତେଣୁ ଝିଅ ପାଇଁ ଖାଇବା ଓ ପାଣି ପ୍ୟାକ୍ କରି ରଖାଗଲା । ସ୍ୱାମୀ, ସ୍ତ୍ରୀ ଦୁଇଜଣ ଅସ୍ତବ୍ୟସ୍ତ ହୋଇ ଗାଡିରେ ବସିଲେ । ରାତି ହେଲାଣି । ମନକୁ ପାପ ଛୁଉଁଥାଏ । ରାସ୍ତାମଝିରେ ଝିଅ ପିଲାଟା ଠିଆ ହୋଇ ଅପେକ୍ଷା କରିବା କେତେଦୂର ସୁରକ୍ଷିତ, ସେକଥା ଭାବି ହେଉନଥାଏ । ସେମାନେ ବାଲ୍‌ଟିମୋର୍ ଅତିକ୍ରମ କରିଛନ୍ତି ତ, ଝିଅଠାରୁ ଫୋନ୍‌ଆସିଲା । ବସ୍ କଂପାନୀ ଆଉ ଗୋଟିଏ ବସରେ ସମସ୍ତଙ୍କୁ ବାଲ୍‌ଟିମୋର୍ ପଠାଉଛନ୍ତି । ଝିଅର ବସ୍ ରାତି ୯ଟା ବେଳକୁ ବାଲ୍‌ଟିମୋରରେ ପହଞ୍ଚିଯିବ।

ତେଣୁ ହଠାତ୍ ଫେରିବାର ନିର୍ଣ୍ଣୟ ନେଇ ସେମାନେ ଗୋଟିଏ ଭୁଲ କରିବସିଲେ । ଯେଉଁ ଏକ୍‌ଜିଟ୍ ନେଇ ହଠାତ୍ ଆଇ- ୯୫ ରୁ ବାହାରିଲେ, ସେ ରାସ୍ତା ସଂପୂର୍ଣ୍ଣ ଅଜଣା । ଚ୍ଚରିଆଡେ ଅନ୍ଧାର । ରାସ୍ତା ସଂକୀର୍ଣ୍ଣ । ଗଳକନ୍ଦି ବୁଲେଇ ଜି.ପି.ଏସ୍. ଆଣୁଥାଏ । ସନ୍ତୋଷ କହୁଥାନ୍ତି, "ଟିକେ ଫୋନ୍ ରେ ହେଲେ ଦେଖେ ।" ହେଲେ ସେ ଫୋନରେ କଛି ଅଗମୂଳ ପାଉନଥାଏ ପ୍ରତିମା । ଗଳକନ୍ଦି ରାସ୍ତାର ଦୁଇପଟରେ ଯେଉଁ ସବୁ ଘର ଥାଏ, ସେଥିରୁ କଛି କୋଠା ଭଙ୍ଗା । ଡରଲାଗୁଥାଏ । ସେମାନେ କୁଆଡେ ଯାଉଛନ୍ତି କଛି ଜଣାପଡୁନଥାଏ । ଶେଷରେ ଆଇ- ୯୫କୁ ପଶିବାର ଏକ ସଙ୍କେତ ଦିଶିଲା । ସେଇ ସଙ୍କେତକୁ ଦେଖିଦେଖି ମନରେ ଆଶାବାନ୍ଧି ସେମାନେ ଆସି ଆଇ- ୯୫ ରେ ପହଞ୍ଚିଗଲେ । ତାପରେ ଆସି ଗ୍ରେ- ହାଉଣ୍ଡ ବସ୍ ଷ୍ଟପରେ ବସିରହିଲେ ।

କେତେ ବସ୍ ଆସୁଥାଏ । ଯାତ୍ରୀମାନେ ଓହ୍ଲାଉଥାଆନ୍ତି । ବାହାରେ ଟିକେଟିକେ ବର୍ଷା ପଡୁଥାଏ । "ଭଗବାନ୍, ଆଉ କଛି ଅସୁବିଧା ନ ହେଉ । ଆମ ଝିଅ ଆସି ଭଲରେ ପହଞ୍ଚିଯାଉ ।" ଝିଅର ବସ୍ ଆସିବ୍ରତି ୯ଟାରେ ପହଞ୍ଚିଲା । ତାକୁ ଧରି ଘରକୁ ଫେରି ପ୍ରତିମା ସ୍ୱସ୍ତିର ନିଃଶ୍ୱାସ ମାଇଲା । ମନେହେଲା, ହୁଏତ ପଣ୍ଡିତ ଟିକେ ଅସନ୍ତୁଷ୍ଟ ରହିଲେ, ସେଥିପାଇଁ ଝିଅର ବସ୍‌ର ଏ ଅସୁବିଧା ହେଲା । ନହେଲେ, ସିଏ ତ ସବୁଥର ଏମିତି ବସରେ ଆସେ । କଛି କେବେ ହୋଇନ । ଆଜି କାହିଁକି ଏମିତି ହେଲା ? ଏତେବଡ ବସ୍ କଂପାନୀ । ସେମାନେ କଣ ଚେକ୍ କରି ବସ୍ ଛାଡ଼ୁ ନଥିଲେ ?

ଦୀପ ଲିଭିବାର ଘଟଣା ସାଙ୍ଗକୁ ପଣ୍ଡିତଙ୍କର ଅସନ୍ତୁଷ୍ଟ ହୋଇଥିବା ମନ । ପ୍ରତିମାକୁ କେମିତି କେମିତି ଲାଗିଲା । ଯେମିତି କିଏ ଜଣେ ମନ ଭିତରୁ କହୁଛି "ଯା, ମନ୍ଦିର ଯା, ଠାକୁରଙ୍କୁ କ୍ଷମାମାଗି ଆ ।"

ତା' ପରଦିନ ମନ୍ଦିରରେ ଯାଇ ପୂଜା କରିଆସିଲା ପ୍ରତିମା । ପଣ୍ଡିତଙ୍କୁ ବି ବୁଝେଇଆସିଲା, "ଝିଅ ଆସିଲା ତ, ସେଥିପାଇଁ ଗତକାଲି ମାତା ଜାଗରଣକୁ ଆସି ପାରିଲୁନ । ଭାବିଲି ଆଜି ଆସି ପୂଜା କରିଯିବି ।" ପଣ୍ଡିତ ବି ସନ୍ତୁଷ୍ଟ ଦିଶିଲେ । କହିଲେ, "ହଁ, ପିଲାମାନେ ମଧ୍ୟ ଆମର ଦାୟିତ୍ୱ । ତାଙ୍କୁ ତ ଅବହେଳା କରିହେବନ । ଭଲହେଲା, ଆଜି ମନ୍ଦିର ଆସିଲ । ଆଜି ଗୋଟିଏ ଭଲ ପୂଣ୍ୟ ତିଥି ।"

ପ୍ରତିମାକୁ ଲାଗିଲା ଯେ ପଣ୍ଡିତଙ୍କର ଏ ସନ୍ତୁଷ୍ଟଜନକ କଥାରେ ହୁଏତ ଅନ୍ୟ ସବୁ ବିଘ୍ନ ଟଳଗଲା। ମନରେ ସନ୍ତୋଷଭାବ ନେଇ ସିଏ ଘରକୁ ଫେରିଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଲୋଭ

ଦୀପାଳି ଦାସ

କେତେ ଯେ ବସନ୍ତ ସରିଗଲାଣି
ଜାଣେନା ଆଉ କେତେ ବସନ୍ତର
ପରଶ ବାକି ଅଛି.....
ଚକଡା ମାଡିଲା ପରି ଉଜୁଡି ଗଲାଣି
ବୟସ ପଛେ,
ଚେନାଏ ସୁଖ ତୋ ସଙ୍ଗର-
ଅମଳ ହୋଇ ଶେଷକୁ,
ଏ ବୃନ୍ଦା କପାଳରେ ଅଛି କି ନ ଅଛି.....?

ଅଗତ୍ୟାରେ ପଡି ଗୁଲିଗଲା ବେଳେ,
ମନେ ଅଛି !!
ମୋ ଠେଇଁ ବନ୍ଧାରଖି ଯାଇଥିଲୁ ଯେଉଁ କଥା ଦୁଇପଦ....? ?
ଏବେବି ମନ ସନ୍ଧିରେ ମୋର ଜମା ଅଛି...
କଛି ପାଶୋରି ପାରିନ,
ଧୂଳି ଜମି ଯାଉଛି ପଛେ ସେଥିରେ ଜଞ୍ଜାଳରେ
ନିରୋଳାରେ ଝାଡିଝୁଡି ଦେଉଛି ପୁଣି
ଖଞ୍ଜି ରଖିବାକୁ ଯେମିତି କୁ ସେମିତି....
ଉଝେଇଁ ଦେଇ ପାରିନି କି
ଫିଙ୍ଗି ଦେଇନି ତାକୁ ଆବର୍ଜନା କରି.....

ଖାଲି ଏଇଥି ପାଇଁ –
କାଳେ ତୁ ଯଦି କେବେ ଲେଉଟି ଆସିବୁ
ଆପଣାର ଛବି ମୁକୁଳେଇ ନେବାକୁ,
ଯତନରେ ଛାଡି ଯାଇଥିବା ସନ୍ତକଟିକୁ.....
ତୋତେ, କ ଉତ୍ତର ବା ଦେବି.....?

ଅଛିଣ୍ଡା କଥା କେତେ ସବୁ ଆଜି ବି ଜୀଇଁଛି-
ପାଣିଛିଟା ଖାଇ ମୋ ଅନ୍ତରରେ
ଜମାରୁ ମରୁନ କ ଆଶା ହଗ୍ଉନ
ଝାଉଁଳ ଗଲଣି ଶରୀର ପଛେ
ମନର ଝୁଙ୍କ ଏଯାଏଁ ଲେଭ ଛାଡୁନ.... ll

ଏସ.ବି.ଆଇ. ଏକଜ୍ୟୁଟିଭ ଏନକ୍ଲେଭ,
ଜାନକୀପୁରମ, ଲକ୍ଷ୍ନୌ, ଉତ୍ତରପ୍ରଦେଶ

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# କବି ଯେବେ....



ଅନୁସୂୟା ମିଶ୍ର

କବି ଯେବେ ମସଗୁଲ ହୁଏ
ତେଲ ଲୁଣର ନିତ୍ୟ ନୈମିକତାରେ..
ବୟସର ଛାପ ଦିଶେ
ଚିରଯୌବନା ନର୍ତ୍ତକୀର ଅଙ୍ଗସୌଷ୍ଠବରେ
କୋଣାର୍କ କାନ୍ଥରେ,
ଚନ୍ଦ୍ରଭାଗା ଲାଜେଇ ଯାଏନି
ଅସ୍ତଗାମୀ ସୂର୍ଯ୍ୟର ସ୍ପର୍ଶରେ,
ପକ୍ଷୀମାନେ ଚୁଗୁଲି କରନ୍ତିନି ଆସି
ଚିଲିକା କାନରେ
ବାଟହୁଡ଼ା ସାଥି ବିଷୟରେ।

କବି ଯେବେ ଭରଷା ହରାଏ
କଲମର କଳାନିପୁଣତାରେ...
ଅସରନ୍ତି ଇନ୍ଦ୍ରଧନୁ ଅଧାଲେଖା ରହିଯାଏ
ବାଦଲର ବୁକୁତଳେ,
ଆକାଶ ଦୀର୍ଘଶ୍ୱାସ ଭରେ
ରଙ୍ଗସବୁ ଶୁଖି ଝରିପଡ଼େ,

ଅକୁହା ଅଭିମାନ କଛି
ଅଜାଣତେ ଆଙ୍କି ହୋଇଯାଏ
ବିବର୍ଣ୍ଣ ଏକ ଚିତ୍ରପଟ ପରେ।

କବି ଯେବେ ଗୁମସୁମ ରହେ
ନିବୁଜ୍ ତା ନିଜ ଦୁନିଆରେ...
ବିବଶ ବେଳାଭୂମି
ସାଗରର ସୋହାଗକୁ ଝୁରେ,
ଖୁବ୍ ଗୃହେଁ ଶାମୁକାର ସମ୍ଭାର ନେଇ
ଧାଇଁ ଆସନ୍ତା କେହି
ଜଡ଼େଇ ଧରନ୍ତା ତାକୁ
ଆବେଗର ଅମାନିଆ ଉଚ୍ଛ୍ୱାସରେ
ବାନ୍ଧିରଖନ୍ତା ଚିରଦିନ ଲାଗି
ଅଜସ୍ର ଅଧିକାରପଣରେ
ଆର୍ଦ୍ରତାର ଅଙ୍କାବଙ୍କା ପରିଧି ଭିତରେ।

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩। ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ।

# ଅସରାଏ ମେଘ



ଶାନ୍ତିଲତା ମିଶ୍ର

ଜୀବନ ସାରା ଏପଟ ସେପଟ କରି, ସତ ମିଛ କହି ଯେତେ ସେ ଧନ ଅର୍ଜିଥିଲେ ସେଥିରେ ଦୁଇଟା ଚାରି ମହଲା ଘର, ସହର ମଝିରେ କରି ବି ଆହୁରି ଟଙ୍କା ବଳଥିଲା । ସେଥିରୁ ଦୁଇ ଜୁଆଇଁ ଓ ଦୁଇ ପୁଅଙ୍କୁ ଗୋଟେ ଗୋଟେ ଫ୍ଲାଟ କଣି ଦେଇଥିଲେ । ନିଜର ଗୋଟାଏ ଚାରି ମହଲା ଘର ଭଡା ଦେଇ ସେଥିରୁ ବି କିଛି ଆୟ ମିଶୁଥିଲା ନିଜର ମୂଳ ଆୟରେ । ବଢି ଚାଲୁଥିଲା ସଂପତ୍ତି ନଈ ନୁହେଁ ତ ସମୁଦ୍ର ପରି ।

ସବୁଦିନ ସକାଳୁ ଉଠି ସ୍ତ୍ରୀଙ୍କ ପୂଜା ଦାନ ଧ୍ୟାନ, ଗୁରୁବାର, ଶନିବାର ସକାଳୁ ମନ୍ଦିର ଯିବା, ସେଠାରେ ଗରିବ ମାନଙ୍କୁ ଅନ୍ନ ବସ୍ତ୍ର ଦାନ କରିବା ର ସେ ଘୋର ବିରୋଧି ଥିଲେ ବି ତାଙ୍କୁ ସେଥିରୁ ବେଶ୍ ସୁଫଳ ମିଳୁଥିଲା ବୋଲି ସେ ଭାବୁଥିଲେ । ତାଙ୍କର ମନେ ହେଉଥିଲା କିଏ ଯେପରି କାନରେ ଆସି ସବୁବେଳେ କହୁଥିଲା "ତୁ ଯେତେ ଅନ୍ୟାୟ, ଅନୀତି, ଅଧର୍ମ ଉପାୟରେ ଧନ ଅର୍ଜ କରିବୁ କର, ଘଣ୍ଟ ଘୋଡେଇ ରଖିବାକୁ ମୁଁ ଅଛି।'

ଏହି ପରି ଏକ ଆଶ୍ୱାସନା ପୂର୍ଣ୍ଣ ଅଦୃଶ୍ୟ ବାଣୀକୁ ଆଶ୍ରୟ କରି ସେ ବହୁତ ବାଟ ଆଗେଇ ଯାଇଥିଲେ ଏବଂ ସଫଳ ବି ହୋଇଥିଲେ । ଆଜି ତାର ପ୍ରମାଣ ସ୍ୱରୂପ ଏ ଘରବାଡି, ଗାଡି, ରହିବାର ଜୀବନ ଶୈଳୀ, ଘର କାମ କରିବା ପାଇଁ ଲୋକବାକ, ଏ ଥାଟ ବାଟ ସବୁ ସୁଚାଇ ଦିଏ । ଯଦିଓ ସ୍ତ୍ରୀଙ୍କ ଦାନ ଧର୍ମ ତାଙ୍କୁ ମୋଟେ ପସନ୍ଦ ନଥିଲା, ଅନେକ ଥର ବାରଣ କରିବା ସତ୍ୱେ ସେ ଲୁଚେଇ ଲୋଚେଇ କରୁଥିଲେ । ସ୍ୱାମୀଙ୍କର ଅବାଟ ଗତି ଯେ ଦିନେ ପରିବାରର ଧ୍ୱଂସର କାରଣ ହେବ, ଦୁଃଖର ସେତୁବନ୍ଧ ହେବ ସେ ଭଲ ଭାବେ ଜାଣିଥିଲେ । ସ୍ୱାମୀଙ୍କୁ ତାଙ୍କର ଯେତେ ବୁଝେଇଲେ ବା କହିଲେ ସେ କିଛି ଶୁଣନ୍ତି ଥି କି

ଶୁଣିବେନ । ତେଣୁ ପରିବାରର ମଙ୍ଗଳ କାମନା କରି ନିଜ ମନର ସନ୍ତୋଷ ଓ ଶାନ୍ତି ପାଇଁ ସେ ପୂଜା ଅର୍ଚ୍ଚନାରେ ମନ ଦିଅନ୍ତି କାହାରି କଥା ନଶୁଣି । ସ୍ୱାମୀ କାନ ବନ୍ଦ କଲେ ବି ପଥର ଦେବତା କାନ ଖୋଲ୍ ରଖି ତାଙ୍କ ଅଭିଯୋଗ, ଗୁହାରି ସବୁ ଶୁଣନ୍ତି ବୋଲି ତାଙ୍କର ବିଶ୍ୱାସ ।

ମଦ, ଅଫିମ, ଗଞ୍ଜେଇ ପରି ଯେ କୌଣସି ଉପାୟରେ ଧନ ଅର୍ଜନ କରି ରାତା ରାତି କୋଟିପତି ହୋଇଯିବା ବି ଏକ ବଡ ନିଶା । ମଣିଷକୁ ଥରେ ଏ ନିଶା ଧରିଲେ ସେଥିରୁ ତାକୁ ନିବୃତ୍ତ କରିବା ସହଜ ନୁହେଁ । ତେଣୁ ସ୍ତ୍ରୀ ଅନନ୍ୟୋପାୟୋ ନହୋଇ ଭଗବାନଙ୍କ ଶରଣ ପଶିଥିଲେ ଏବଂ ସେଇ ଭଗବାନଙ୍କ ଦୟାରୁ ସବୁ ନିର୍ବିଘ୍ନରେ ଏ ପର୍ଯ୍ୟନ୍ତ ଚାଲିଛି । ଏପର୍ଯ୍ୟନ୍ତ ସ୍ୱାମୀ ତାଙ୍କର କୋଉଠି ଝୁଣ୍ଟି ନାହାଁନ୍ତି କି ହାରି ନାହାଁନ୍ତି । ସତରେ ଭଗବାନ ଏ ପଯ୍ୟର୍ନ୍ତ ସବୁ ବିପଦରୁ ଘଣ୍ଟ ଘୋଡେଇ ରଖି ଆସିଛନ୍ତି ।

ସେ ଯାହା ବି ହେଉ ସ୍ତ୍ରୀଙ୍କ ପୂଜା ପାଠ ଯୋଗୁ ହଉ ବା ନରେନ୍ ବାବୁଙ୍କ ସୁତୀକ୍ଷ୍ଣ ବୁଦ୍ଧି, ପ୍ରତ୍ୟୁତପନ୍ନ ମସ୍ତିକ ଓ ଦୂରଦୃଷ୍ଟି ଯୋଗୁ ହେଉ ତାଙ୍କ ଜୀବନର ଗାଡି ବେଶ୍ ସହଜ ସରଳ ଆନନ୍ଦରେ ଗଡି ଚାଲିଛି । ଏପର୍ଯ୍ୟନ୍ତ ଗାଡି କୋଉଠି ଅଟକିନି କି ବ୍ରେକ୍ ଦେଇନି । ଜୀବନରେ ଯେ ଏତେ ପ୍ରକାର ସୁଖ ଅଛି, ପୁଣି ଏତେ ସହଜରେ ମିଳି ଯାଇପାରେ ସେ ସ୍ୱପ୍ନରେ ବି କେବେ ଭାବି ନଥିଲେ ।

ହଠାତ୍ ନରେନ ବାବୁଙ୍କର ସ୍ତ୍ରୀଙ୍କ ଅକାଳ ମୃତ୍ୟୁ ଘଟିଲା । ସ୍ୱାମୀ ତାଙ୍କର ଯାହାକୁ ସୁଖ ବୋଲି ଭାବୁ ଥିଲେ, ତାହା ତାଙ୍କ ପାଇଁ ଦୁଃଖର କରାଳ ଲହରି ଥିଲା । ସେହି ସୁଅରେ ଯେ ସେ ଦିନେ ଭାସିଯିବେ ତାହା ତାଙ୍କୁ ଭଲ ଭାବରେ ଜଣାଥିଲା । ଲୁଣ ଖାଏ ହାଣ୍ଡି.....ଚନ୍ତା ଖାଏ ଏ ଶରୀର । ଶେଷରେ ସେଇଆ ହିଁ ହେଲା । ହୃଦ ରୋଗରେ ଆକ୍ରାନ୍ତ ହୋଇ ନରେନ୍ ବାବୁଙ୍କ ସ୍ତ୍ରୀଙ୍କୁ ସଂସାର ଛାଡିବାକୁ ହେଲା ।

କନ୍ତୁ ସେଇ ଦିନ ଠୁ ନରେନ୍ ବାବୁଙ୍କୁ ଗୋଟେ କେମିତି ଅଜଣା ଭୟ ମାଡି ବସିଲା । ମନରେ ଆଶଙ୍କା ବସା ବାନ୍ଧିନେଲା । ଏମିତିରେ ଉତୀର୍ଣ୍ଣ ବୟସ ଟା, ଦିନ କୁ ଦିନ ହଜାର ପ୍ରକାର ରୋଗ ବୈରାଗଙ୍କୁ ସାଥିରେ ଆଣି କାରଣ ଅକାରଣରେ ଦାନ୍ତ ଦେଖେଇ ଡରେଇ ଦେଇ ଯାଉଛି । ସେଥିରେ ସ୍ତ୍ରୀଙ୍କ ଏପରି ହଠାତ୍ ଚାଲିଯିବା ଟା ବଡ ଦୁଃଖଦ ପୂର୍ଣ ଘଟଣା ଘଟିଗଲା ଜୀବନରେ ।

ତାଙ୍କର ତ ଭଗବନଙ୍କ ଉପରେ ଏତେ ଭରଷା ନାହିଁ କି ବିଶ୍ୱାସ ନାହିଁ । କେବେ ମନ୍ଦିର ଯାଇ ନାହାଁନ୍ତି କି ପୂଜାପାଠ ବା ଦାନ ଧର୍ମ କରି ନାହାଁନ୍ତି । ବିପଦ ଆପଦରେ ସ୍ତ୍ରୀଙ୍କ ପୂଜା ଅର୍ଚ୍ଚନା ତାଙ୍କୁ ଅନେକ ବିପଦରୁ ଉଦ୍ଧାର କରିଛି ବୋଲି ତାଙ୍କର ମନେ ହୁଏ । ଆଜି ଆଉ କିଏ ତାଙ୍କ ପାଇଁ ପୂଜା ପାଠ କରିବ । ଯେତେ ଯେତେ ଏ କଥାକୁ ସେ ଭାବି ବସିଲେ ଗୋଟେ ଅଜଣା ଭୟ ତାଙ୍କ ଚାରିକଡେ ଘୁରି ବୁଲିଲା ପରି ତାଙ୍କୁ ପ୍ରତି ମୁହୁର୍ତ୍ତରେ ଲାଗିଲା । ମଉକା ପାଇବା ମାତ୍ରେ ଝାଂପ ମାରିବ ତା ପଂଝାରେ ସତେକି ।

ତା ଉପରେ ରଘୁ ପ୍ରସାଦ ଯିଏକି ଜଣେ ବିଶ୍ୱସ୍ତ ବନ୍ଧୁ ବୋଲି ସେ ଯାହାକୁ ଏ ପର୍ଯ୍ୟନ୍ତ ଭାବୁଥିଲେ ସେ ତାଙ୍କ ଉପରେ କିଛି କାରଣରୁ ରାଗିଛି । କାରଣ ଟା, ନରେନ୍ଙ୍କ ପାଇଁ ତାହା ସାଧାରଣ ହୋଇପାରେ, କିନ୍ତୁ ରଘୁର ଆଖିରେ ତାହା ଏକ ଧର୍ତ୍ତବ୍ୟ, ଅକ୍ଷମଣିୟ ଅପରାଧ । ତାଙ୍କର ସୁଗମ ଆଉ ଦୁର୍ଗମ ରାସ୍ତାରେ ଅର୍ଥ ଉପାର୍ଜନ ରେ ରଘୁର ସହଯୋଗ ବହୁତ । ଯାହା ହଉଥିଲା ଦୁହେଁ ପରସ୍ପର ନିଜ ଭିତରେ ଆଲୋଚନା ସମାଲୋଚନା କରି କାମରେ ହାତ ରଖୁଥିଲେ । ସେ ଯେତିକି ମାଲାମାଲ ହୋଇଛନ୍ତି ରଘୁ ପ୍ରସାଦ ବି ସେତିକି ହୋଇଛି । ଦୁହେଁ ସମାନ ଭାବେ ଚତୁର ଥିବାରୁ କେହି କାହାକୁ ଠକିବା ସମ୍ଭବ ନଥିଲା। ଦୁହେଁ ଦୁହିଁଙ୍କ ଦୋଷଦୁର୍ବଳତା ଭଲ ଭାବେ ଜାଣିଥିଲେ । ଦୁହିଁଙ୍କ ଭିତରର ବନ୍ଧୁତ୍ୱ ଆଜିର ନୁହେଁ, ବହୁ ପୁରୁଣା ।

କିନ୍ତୁ ଗଲାଥର ହାତ ସଫେଇରେ ସେ ଅଧେ ଅଧେ ନ ବାଣ୍ଟି ସତୁରୀ ଓ ତିରିଶ ଅନୁପାତରେ ଭାଗ ବାଣ୍ଟ ଟା କରି ଦେଇଥିଲେ ସତ କିନ୍ତୁ ବହୁ ସତର୍କତାର ସହିତ । ରଘୁ ଜାଣି ପାରିଲା କିନ୍ତୁ କେମିତି ଜାଣିପାରିଲା ସେ ଜାଣନ୍ତିନ । ଆସି ତଣ୍ଟିକି ଝୁଣିଲା ପରି

କଥାବାର୍ତ୍ତା କରିକ ଗଲା । "ତା ମାନେ ତୁ ଆଗରୁ ଏମିତି ଅନେକ ଥର କରିଛୁ ।" ଯେତେ ଯାହା ମୁଣ୍ଡ ଛୁଇଁ ଶପଥ କଲେ ଗ୍ରଣ ନୟମ ପକେଇଲେ ତଥାପି ରଘୁ ବୁଝିଲାନକ ସେ ତାକୁ ବୁଝେଇ ପାରିଲେନ ।

ସେ ସତ କହୁଛନ୍ତି ସେ ଆଗରୁ ଏପରି କାମ କେବେ କରି ନଥିଲେ। ତାର ମାନେ ନୁହେଁ ଯେ ସେ ବିବେକର ଡାକରେ ଏପରି କରି ନଥିଲେ । ସେ କରି ନଥିଲେ କାରଣ ତାଙ୍କୁ ସେପରି ସୁଯୋଗ କେବେ ମିଳ ନ ଥଲା ରଘୁର ତୀକ୍ଷ୍ଣ ଛଞାଣ ଆଖିରୁ ଗୋଟାଏ ନୂଆ ପଇସା ଏପଟ ସେପଟ କରିବା ବହୁ ମାତ୍ମକ ବେପାର ଥିଲା ।

ସେ ମାନୁଛନ୍ତି ଏ ଥରକ ସେ କରିଛନ୍ତି । କାରଣ ଗ୍ଲେବ୍ ଉପାର୍ଜନ ର ଭ୍ରଗ ମାପ ବେଳେ ରଘୁ ପାଖରେ ନଥିଲା। ତା ପୁଅ ର ଦେହ ଖରାପ ଯୋଗୁ ଦୁଇ ମାସ ପୁଅ ପାଖକୁ ଯାଇଥିଲା ଓ ମାନସିକ ଚନ୍ତାରେ ବି ଥିଲା । ଆଉ ନରେନ୍ ବାବୁଙ୍କ ସାନ ଜୋଇଁ ଟା ଗୋଟେ ନୂଆ ଗାଡି କଣିବା ପାଇଁ ଶ୍ୱଶୁରଙ୍କୁ କଛି ବଡ ରକମର ଟଙ୍କା ମାଗିବାରୁ ହଠାତ୍ ପାଖରେ ସେଇ ମୁହୂର୍ତ୍ତରେ ଏତେ ଟଙ୍କା ନଥିବାରୁ ସେ ଏପରି ଏକ କୌଶଳକୁ ଆପଣାଇ ନେଲେ । ରଘୁ ବର୍ତ୍ତମାନ ଏକ ଦୁଃସମୟ, ମାନସିକ ଅସ୍ଥିରତା ଭିତର ଦେଇ ଗତି କରୁଥିବାରୁ ସେ କଛି ଜାଣି ପାରିବନ ବୋଲି ତାଙ୍କର ଧାରଣା ହେଲା । ତେଣୁ ଏ ସୁଯୋଗକୁ ସେ ହାତ ଛଡା କରି ନଥିଲେ । ତାଙ୍କ ଦୁର୍ବୃତ୍ତ ମସ୍ତିକରୁ ଯାହା ବୁଦ୍ଧି ବାହାରିଲା ସେ ସଙ୍ଗେ ସଙ୍ଗେ ତାକୁ ଉପଯୋଗ କରିଦେଲେ ।

କ୍ଲାଏଣ୍ଟ ଠାରୁ ଯାହା ଉକ୍ରୋଚ ମିଳଥିଲା ସେଥିରୁ କଛି ଲୁଚେଇ ରଖି ଦେଇ ବାକ ରଘୁ ଓ ତାଙ୍କ ନାମରେ ଅଧେ ଅଧେ କରି ବାଣ୍ଟିଦେଲେ । ପଛରେ କନ୍ତୁ ରଘୁର ପୁଅ ଭଲ ହୋଇଗଲା ପରେ ସେ କ୍ଲାଏଣ୍ଟ ଠାରୁ ସବୁ ବିବରଣୀ ଶୁଣି ରାଗରେ ତାଙ୍କ ଘରକୁ ଆସି ନରେନ୍ଙ୍କୁ ବିଭିନ୍ନ ପ୍ରକାର ଧମକ ଦେଇ ଚାଲି ଯାଇଥିଲେ । ଯେତେ ଯାହା ବୁଝେଇଲେ ବି ବୁଝି ନଥିଲା ବରଂ କହିଥିଲା ମିଛୁଆଙ୍କୁ କେହି କେବେ ବିଶ୍ୱାସ କରନ୍ତିନ । ସେଇ ଦିନ ଠାରୁ

ନରେନ୍‌ଙ୍କ ଛାତି ଧକ୍ ଧକ୍ । ଆଖିରୁ ନିଦ ଉଡି ଯାଇଛି । ସବୁବେଳେ ଗୋଟେ ଡର ଡର ଭାବ ନେଇ ସେ ବଞ୍ଚି ଚାଲିଛନ୍ତି । ପତ୍ରଟିଏ ପଡିଲେ ବି ସେ ଡରି ଯାଉଛନ୍ତି । କିଛି ଗୋଟେ ଅଘଟଣ ଯେପରି ମାଡି ଆସୁଛି ତାଙ୍କ ଆଡକୁ । କଣ କରିବେ ବୁଦ୍ଧି ବାଟ ଦିଶୁନଥିଲା । ତାଙ୍କ ବକ୍ର କୂଟିଳ ମସ୍ତିଷ୍କ ବି କୌଣସି ପ୍ରକାର ସାହାଯ୍ୟ କରିବାକୁ ଅକ୍ଷମତା ପ୍ରକାଶ କରି ଚାଲିଛି ।

ରଘୁ ନିଶ୍ଚୟ ଚୁପ୍ ଚାପ୍ ବସି ନଥିବ । କିଛି ଗୋଟାଏ ଷଡଯନ୍ତ୍ର କରୁଥିବ ବୋଲି ତାଙ୍କର ଆଶଙ୍କା । ତାକୁ ଯେତେ ଫୋନ୍ କଲେ ବି ଫୋନ୍ ଉଠାଉନି କି ଚିଠି ଦେଲେ ଉତ୍ତର ଦଉନି। ହୃତ୍‌ସ୍ପନ୍ଦନ ଟା ବେଳ ଅବେଳରେ ବଢି ଯିବାଟା ଏବେ ବହୁତ ସ୍ୱାଭାବିକ ହୋଇଗଲାଣି। ଆଉ କେହି ଯେ ତାଙ୍କୁ ଘଣ୍ଟ ଘୋଡେଇ ଆସନ୍ନ ବିପଦରୁ ରକ୍ଷା କରି ପାରିବ ସେ ଧାରଣା ନାହିଁ । ଚାରିଆଡୁ କଳା କଟି କଟି ମେଘ ଘୋଟେଇ ଆସି ଚାରି ଆଡ କେବଳ ଅନ୍ଧାର କରି ଚାଲିଛି ।

ତାଙ୍କ ଆଶଙ୍କାକୁ ସତ କରିବାକୁ ଯାଇ ଦିନେ ଭିଜିଲାନସ୍ ବାଲା ଚଢାଉ କଲେ ଏକା ଥରକେ ତାଙ୍କର ସବୁ କୋଠା ବାଡି ସଂପତ୍ତି ଉପରେ । ସବୁ କାଗଜ ପତ୍ର ଯାଞ୍ଚ ପାଇଁ ନିଆଗଲା । ଲୁଚେଇବାକୁ ସମୟ ମଧ୍ୟ ମିଳିଲାନି v ବଜ୍ରାଘାତ ଟା ଏପରି ଅସମୟରେ, ଅଜାଗାରେ ବାଜି ଯିବ ବୋଲି ତାଙ୍କୁ ଜଣା ନଥିଲା । ସରକାରଙ୍କୁ ଏତେ ବଡ ରକମ ଫାଇନ୍ ଦେବାକୁ ପଡିଲା ଯେ ଘର ଦ୍ୱାର ସବୁ ନିଲାମ କରିବାକୁ ପଡିଲା ।

ଆଉ କିଏ ହୋଇଥିଲେ ହାର୍ଟ ଆଟାକରେ ମୃତ୍ୟୁ ବରଣ କରି ଥାନ୍ତା । କିନ୍ତୁ ତାଙ୍କର ଶକ୍ତ ପ୍ରାଣ ଯୋଗୁ ସେ ବଞ୍ଚି ରହିଲେ । ପ୍ରଥମେ ଅବଶ୍ୟ କିଛି ଦିନ ଭିଷଣ ଭାବେ ବେମାର ହୋଇ ହସ୍ପିଟାଲରେ ପଡିଲେ । ବାପାଙ୍କର ଭଙ୍ଗା ରୁଜା ଘରେ କିଛିଦିନ ଯାଇ ଆଶ୍ରୟ ନବାକୁ ହେଲା। ଯାହା କିଛି ବଳିଥିଲା, ଆସବାବ ପତ୍ର ଠୁ ଆରମ୍ଭ କରି ତାକୁ ସବୁ ବିକ୍ରି କରି ହସ୍ପିଟାଲ ବିଲ୍ ଭରିବାକୁ ପଡିଲା ।

ପିଲା ମାନଙ୍କୁ ଦେଇଥିବା ସଂପତ୍ତି ଯୋଗୁ ସେମାନେ ବି କଛି ପରିମାଣରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଲେ । ବାପା ନରେନ୍‌ବାବୁଙ୍କ ଆଡକୁ କଛି ଆକ୍ରୋଶ ପୂର୍ଣ ଶବ୍ଦ ଫିଙ୍ଗିବାକୁ ପଶ୍ଚାଦପଦ ହେଲେ ନାହିଁ । ମନ ଭିତରେ ଦୁଃଖ, ଅନୁଶୋଚନା, ବିତୃଷ୍ଣା କ୍ରମବର୍ଦ୍ଧିଷ୍ଣୁ ହେବାକୁ ଲାଗିଲା । ସ୍ତ୍ରୀଙ୍କ ଉପଦେଶ ସେ ଦିନେ ବି ଗ୍ରହଣ କରି ନାହାଁନ୍ତି ।

କହିବା ପାଇଁ ବହୁତ ଅଛି କନ୍ତୁ ଶୁଣିବାକୁ କେହି ନାହାଁନ୍ତି । କଛିଦିନ ନା ମୁଣ୍ଡ ନା ବିବେକ କେହି ହେଲେ କଛି କାମ କଲେନ । ସଂପୂର୍ଣ୍ଣ ରୂପେ ପାଗଳ ହୋଇ ଯିବା ପୂର୍ବରୁ ଅସ୍ଥିର ମନକୁ ଶାନ୍ତ କରିବା ପାଇଁ ସେ କୌଣସି ବାବାଙ୍କର ଶରଣାପନ୍ନ ହେବାକୁ ଚାହାନ୍ତି । ଦିଗମ୍ବର ବାବାଙ୍କ ମଠରେ ଆଶ୍ରୟ ନେବା ପାଇଁ ସ୍ଥିର କଲାପରେ ସେଦିନ ତାଙ୍କୁ ଯୋଉ ନଶ୍ଚିନ୍ତ ନଦ ଟା ଆସିଥିଲା, ତାଙ୍କ ଜୀବନରେ ଏପରି ଏକ ତୃପ୍ତିକର ନଦ ସେ କେବେ ଆଗରୁ ଶୋଇ ନଥିଲେ ।

ରଘୁ ସଙ୍ଗେ ମନାନ୍ତର ଘଟିଲା ପରେ ପ୍ରାୟ ବର୍ଷେ ହେବ ଏକ ଶଙ୍କାକୁଳ ପରିସ୍ଥିରେ ତାଙ୍କର ଦିନ ବିତୁ ଥିଲା । କଛି ଗୋଟାଏ ଅହେତୁକ ବିପଦ ସର୍ବଦା ତାଙ୍କୁ ଯେପରି ଘେରି ରହିଛି ସେହିପରି ତାଙ୍କର ମନେ ହେଉ ଥିଲା । ଏମିତିରେ ତାଙ୍କୁ କେବେ ବି ଭଲ ନଦ ହୁଏନା । ରାତି ସାରା ଶେଯରେ ପଡି ପଡି ସେ ତାଙ୍କ ସମ୍ପତ୍ତି ବାଡିର କପରି ଭଲ ଭାବେ ରକ୍ଷଣା ବେକ୍ଷଣା କରିପାରିବେ, ଆହୁରି ଧନର କପରି ଆଗମନ ହୋଇ ପାରିବ, ଏହି ପରି ଚନ୍ତା ଭାବନାରେ ତାଙ୍କର ଅଧେ ରାତି କଟି ଯାଉଥିଲା । ବେଳେ ବେଳେ ନଦ ବଟିକାର ଆଶ୍ରୟ ନେବାକୁ ପଡେ ମଧ୍ୟ ।

ଆଜି କନ୍ତୁ ସେ ସବୁଥିରୁ ନଶ୍ଚିନ୍ତ । ମୁଣ୍ଡ ପୂରା ହାଲୁକା । ଗେରୁଆ ବସ୍ତ୍ରରେ ବା କେତେ ଖର୍ଚ୍ଚ । ସେଥିରୁ ହଳେ ଆଣି ସେ ଆଗେଇଲେ ଦିଗମ୍ବର ବାବା ଙ୍କ ମଠ ଆଡକୁ । କନ୍ତୁ ସେଠାରେ ରଘୁ ପ୍ରସାଦକୁ ଦେଖି ସେ ହତ ଚକତ ହୋଇଗଲେ । ତାର ବି ସେଇ ସମଦଶା। ସେ ଭିଜିଲାନସ୍ ବାଲାକୁ ନରେନ୍‌ର ସବୁ କଳା ଧନର ତଥ୍ୟ ଯୋଗୋଉ ଯୋଗୋଉ ନଜେ ସେମାନଙ୍କ ପ୍ରଶ୍ନର ଘେରରେ ପଡିଗଲା । ବାଧ ହୋଇ ସତ କହିବା

ବ୍ୟତୀତ ଆଉ କିଛି ରାସ୍ତା ନଥିଲା ତା ପାଖରେ । ଏବେ ସେ ବି ସର୍ବହରା । ତାର ବି ଏଇ ଶେଷ ଆଶ୍ରୟ ଏବେ ଏଇ ମଠ ।

କେହି କାହା ମୁହଁକୁ ପ୍ରଥମେ ଚାହିଁ ପାରିଲେନ । ପରସ୍ପରର ଦୁର୍ଦ୍ଦଶା ଦେଖି ହସିବେ କି କାନ୍ଦିବେ ପ୍ରଥମେ ଜାଣି ପାରିଲେନ । କିଛିଦିନ ତ ନ ଚହ୍ନିଲା ପରି ଆଡ ଆଡ ହୋଇ ରହିଲେ । ତାହା ବା କେତେ ଦିନ । ଏତେ ଦିନର ବନ୍ଧୁତା, ସଂପଦ ବେଳେ ଯେତିକି କାମ ଦଉଥିଲା, ଏବେ ବିପଦ ବେଳେ ବି କାମ ଦେବ ବୋଲି ଦୁହେଁ ଭାବିନେଲେ ।

ରଘୁର ସ୍ତ୍ରୀ ତ ଅନେକ ଦିନରୁ ଚାଲି ଯାଇଥିଲେ । ଅନ୍ୟ ଏକ ବିବାହ ପାଇଁ ମଉକା ଖୋଜୁଥିଲା । କିନ୍ତୁ ଏ ବୟସରେ ମନ ମୁତାବକ ସ୍ତ୍ରୀ ଜଣେ ମିଳିବା କଷ୍ଟ, କିନ୍ତୁ ସେ ଆଶା ଛାଡି ନଥିଲା । ତାର ଏ ଟଙ୍କା ଗଦା ଦେଖି ନିଶ୍ଚେ ଦିନେ କେହି ମିଳିଯିବେ ବୋଲି ଏହି ସ୍ୱପ୍ନରେ ସେ ମସଗୁଲ୍ ଥିଲା । କିନ୍ତୁ ଏବେ ସେ ଆଶାରେ ପୂର୍ଣ୍ଣଚ୍ଛେଦ ପକେଇ ସେ ମଠରେ ରହି ଶେଷ ଜୀବନ ବିତେଇଦେବ ବୋଲି ଫଇସଲା କରିନେଲା । ପୁଣି ଦୁହିଁଙ୍କ ମଧ୍ୟରେ ସେଇ ପୁରୁଣା ସଂପର୍କ ଗଢି ଉଠିଲା । ଏ ସର୍ବହରା ନିଃସ୍ୱ ଜୀବନରେ ଆଉ ରହିଲା ବା କଣ ପୁରୁଣା ବନ୍ଧୁତ୍ୱ ବ୍ୟତୀତ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ତୁମର ଦିନେକୁ ମୋର ଦିନେ



ଶଶଧର ମହାପାତ୍ର

ମଧୁର ବଚନ କହିଲେ ସ୍ତ୍ରୀଙ୍କୁ
ମିଳବ ଦାନା
ନହେଲେ ପେଟରେ ଓଦା କନା ଦେଇ
ଭୋଗ ଯନ୍ତ୍ରଣା

ସ୍ତ୍ରୀ କହୁଛନ୍ତି ତୁମେ କରୁଥିଲେ
ମୁଁ କରେ କାମ
ନିତି ବଜାଉଛ ମୋହନ ବଂଶୀ
ଗାଇ ମୋ ନାମ

ବାପା- ବୋଉଙ୍କର ବାଧ ବାଧକତା
ପଡିଲେ କାନେ
ତୁମ ହାତଧରି ସୁଖରେ ରହିବି
କହିଲେ ଦିନେ

ରାଜଜୋଟକଟି ପଡିଥିଲା ବୋଲି
ବା ହୋଇଲି
ଜୀବନଟା ସାରା ଦୁଃଖରେ ରହିବି
ଜାଣି ନଥିଲି

ବଡି ସକାଳରୁ ରାତି ବାରଟାକୁ
ନାହିଁ ବିଶ୍ରାମ
ଦରମଲା ହେଲି ଖଟିଖଟି ମୁହିଁ
କରିକ କାମ

କଛି ଦିଶେନାହିଁ ଆଖିକୁ ତୁମର
ହେ ପ୍ରାଣପତି
ବସି ଶୋଇ ତୁମ ଅଣ୍ଟା ବିନ୍ଧୁଅଛି
ନିତି ନିତି

ଗୃହକର୍ତ୍ତ୍ରୀ ଭଳ ଖଟୁଛି ମୁଁ ଆଜି
ତୁମରି ଘରେ
ଘରବାଡି, ଗାଡି କରିଅଛ କାଳେ
ତୁମ ନାଁ ରେ

ରୁପ, ଯୌବନ ଥିଲାଯାଏ ତମେ
କଲ ଆଦର
କରିଥିଲ ମୋତେ ଏତେ ବର୍ଷ ଧରି
ଅକତିଆର

"ଥାଇ" ରେଷ୍ଟୁରାଣ୍ଟ ଚାଲ ଯିବା ଆଜି
କହିଲି ଦିନେ
ନଶୁଣିବା ଭଳ ବାଟେ ଚାଲିଗଲ
ଭୁଲିନ ମନେ

ନକହିଲେ ଭଲ ବାର୍ଥଡେ ଆଉ
ଆନଭରସରି
ସବୁ ବର୍ଷ ପରି ଏବର୍ଷ ବି ଦେଲ
ମନୁ ପାଶୋରି

ବୁଲିଯିବା ପାଇଁ କୁଆଡେ କହିଲେ
ନଶୁଣ ତୁମେ
କହିଥାଅ ତୁମେ କାନକୁ ଶୁଭିନ
ପକାଅ ଭ୍ରମେ

ଶାଢୀଖଣ୍ଡେ ଦିଅ କହିଲେ ତୁମକୁ
ଫୁଲାଅ ମୁହଁ
ତୁମେ ଭଲବୋଲି ଭାବୁଥିଲି ଯାହା
ସେମିତି ନୁହଁ

କଥା ନକହିକ ମୌନବ୍ରତ କରି
ରହିଯା ତୁମେ
ଅନୁତାପକରେ କାହିଁକ ପଡିଲି
ତୁମରି ପ୍ରେମେ

ପ୍ରେମ କରିବାକୁ ବଳ ବୟସତ
ଆସୁଛି ମାଡି
ଅଧୁଆ ବାସନ ମାଜିବା କହିଲେ
ଛାଡୁଛ ରଡି

ବେଳଦେଖି ତୁମେ କାନରେ ନାକରେ
ପୁରାଅ ପାଣି
ଶେହେ ଷାଠିଏ ଖାଇଛି ଯେମିତି
ହେ ଧନମଣି!

ତୁମ ସହ କେବେ ଯୁକ୍ତିତର୍କ ହେଲେ
ହାର ହିଁ ସାର
କଥାରେ ପକାଅ ସର ଯେତେବେଳେ
କରେ ଧିକକାର

ବନ୍ଧୁ ଗହଣରେ ପର୍ବ ପର୍ବାଣୀରେ
ଭୁଲ ମୋ ନାମ
ଏ ସାଧୁ ବଚନ ଶୁଣିହେଲି ଧନ୍ୟ
ଧନ୍ୟ ମୋ ଜନ୍ମ

ଏକା ମାଘମାସେ ଶୀତ ଯାଏନାହିଁ
ରଖିଥା ମନେ
କହୁଛି ଆଜି ମୁଁ ତୁମର ଦିନେକୁ
ମୋର ଦିନେ

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ବାପା



ଆଶା ସାହୁ ( ଆରତୀ)

ମନେ ପଡେ ବାପା ଆଙ୍ଗୁଳ ଧରିଣ
ବାଟ ଚାଲିବାକୁ ଥିଲ ଶିଖାଇ,
କେତେ ଦୂର ବାଟ ଚାଲି ମୁଁ ଆସିଲି,
( ତୁମ)  ଆଙ୍ଗୁଳ ଯେ ଗଲ୍ ସପନ ହୋଇ।

ପ୍ରଥମ ସିଲଟ ପ୍ରଥମ ଖଡ଼ିରେ
ମୁଣ୍ଡୁଳା ମଡ଼େଇ ଥିଲ ଶିଖାଇ।
ଫର୍ଦ୍ଦ ଫର୍ଦ୍ଦ କେତେ କାଗଜ ସାରି ମୁଁ
ତୁମ ତ୍ୟାଗ ବର୍ଣ୍ଣି ପାରଇ ନାହିଁ।

ନିଜ ଠାରୁ ମୋତେ ଉଚ୍ଚ ଦେଖିବାକୁ
କରିଥିଲ ତୁମେ କେତେ ଯତନ।
ଏତେ ଉଚ୍ଚରେ ଯେ ଚଢ଼ି ମୁଁ ବସିଲି
ତୁମ ଦରଶନ ହେଲ୍ ସପନ।

ମହନୀୟ ତୁମ ବାହୁଛାୟା ତଳେ
ସଫଳ କଲି ମୁଁ ନିଜ ଜୀବନ।
କଅଣ ମିଳିଲା ତୁମକୁ ବାପା ହେ
କଲି ଯେତେ ବିଦ୍ୟା ଧନ ଅର୍ଜନ।

ବାପା ମୁଁ ତୁମର ଆଖିର ସ୍ୱପ୍ନକୁ
ସଦା ଭାଳଇ କରିବି ସାକାର।
ତୁମେ ମୋର ସ୍ରଷ୍ଟା ତୁମେ ମୋ ବିଧାତା
ଭବିଷ୍ୟତ କୁ ମୋ ଦେଲ ଆକାର।

ସମାନ୍ତର ରେଳ ଧାରଣା ସଦୃଶ୍ୟ
ସମ୍ପର୍କ ଯେ ହୋଇ ଗଲା ଆମର।
ସମାନ୍ତର ଭାବେ ଗ୍ଲୁଅଛି ହେଲେ
ଛୁଇଁ ନ ପାରଇ ହାତ ତୁମର।

ବୁଦ୍ଧି କହିବି ନା ଦୁର୍ବୁଦ୍ଧି କହିବି
Sky is the limit ଦେଲ ବୁଝାଇ।
ସେହି ଆକାଶକୁ ଛୁଇଁ ବାକୁ ଗଲି
ମୋ ଆକାଶ( ତୁମେ) ଗଲ ଦୂରେଇ।

ପୁଅ,

ତୋତେ କର୍ମଯୋଗୀ କରିବା ଆଶାରେ
ଉଦ୍ୟୋଗରେ ମାତିଥିଲି ମୁଁ ଜାଣି।
ବୃକ୍ଷ କେବେ ନିଜ ଫଳ କି ଭକ୍ଷନ୍ତି
ନଈ କି ନିଜର ପିଅନ୍ତି ପାଣି।

ଆବଶ୍ୟକ ନୁହେଁ ତୋହର ଅର୍ଜନ
ବାବୁ ଏହି ତଥ୍ୟ ଥାଆ ତୁ ଜାଣି।
ବାପ ଟେକ ଯେବେ ପୁଅ ରଖି ଥାଏ
ବାପ ହୃଦେ ଦିଏ ଆନନ୍ଦ ଆଣି।

ଏତିକି ମାଗୁଣି ରଖିବୁ ବାବୁରେ
ମିଥ୍ୟା କର୍ତ୍ତବ୍ୟର ଦେବୁନି ଦ୍ୱାହୀ।
ମିଥ୍ୟା ପ୍ରହସନ ପାଦେ ଦଳି ଦେଇ
ମୁଁ ଯଦି ଡାକେ ତୁ ଆସିବୁ ଧାଇଁ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ସାତକୋଶିଆ ଗଣ୍ଡର କାହାଣୀ

## ( ପ୍ରଥମ ଭାଗ)



ଅଶୋକ ବିଶ୍ବାଳ

## ମହାନଦୀ

ସେଦିନ ମୁଁ ମନେପକାଉଥିଲି ଓଡିଶାର ସଙ୍ଗୀତର ମହାନ ସାଧକ ଶ୍ରୀଯୁକ୍ତ ଅକ୍ଷୟ ମହାନ୍ତିଙ୍କର କେତେ ଗୁଡିଏ ପୁରୁଣା ଗୀତକୁ, ସୁର ସାଧନାରେ ଅକ୍ଷୟ ମହାନ୍ତି ହେଉଛନ୍ତି ଓଡିଶାରେ ସର୍ବଦା ବରେଣ୍ୟ, ଗୀତ ଗୁଡିକ ମହାନଦୀର ଢେଉ ଉପରେ ଯେମିତି ଛୋଟ ଛୋଟ ବିନ୍ଦୁ ହୋଇ ଝଲସି ହୋଇ ଉଠୁଥିଲା । ଯେତେବେଳେ ପବନ ବୋହିଯାଉଥିଲା, କାଶଦଣ୍ଡୀ ଫୁଲ ଗୁଡିକ ନଦୀପଠାରେ ଢେଉ ପରି ଖେଳୁଥିଲା । ରୁପେଲି ମାଛ ସବୁ ଚନ୍ଦ୍ର କରଣରେ ଡେଇଁ ପଡୁଥିଲେ । ତାଙ୍କ ଗୀତରେ ଥିଲା ଜୀବନ, ମହାନଦୀର ଜୀବନ । ମହାନଦୀ ହେଉଛି ଓଡିଶାର ଜୀବନଧାର୍, ମୁଁ ସେହି ମହାନଦୀର ପଠାରେ ରହି ଶୁଣୁଥିଲି ଶ୍ରୀଯୁକ୍ତ ଅକ୍ଷୟ ମହାନ୍ତିଙ୍କର ଅମର ସଂଗୀତ ।

"ଯାଆରେ ଭସ ଭସି ଯା
ନଉକା ମୋର ଭସିଯାଆ,
ମହାନଦୀର ନୀଳ ଢେଉରେ
ଭସି ଭସି ତୁ ଭସି ଯା.. ଆ । .."

ମହାନଦୀର ଢେଉରେ ଭସି ଯାଉଛି ଡଙ୍ଗା । ତା ସହିତ ଭସି ଯାଉଛି ନବ ଯୌବନର ଗାଥା । ମନର କେତେଯେ ଆବେଗ ମହାନଦୀର ତରଳ ନୀଳ ଢେଉରେ ଭସିଯାଉଛି । ଡଙ୍ଗାଟି ବିଭିନ୍ନ ସ୍ଥାନ ଛୁଇଁ ଯାଉଛି । ନଦୀ ଘାଟରେ ରୂପସୀ ଝିଅମାନେ ଗାଧୋଉଛନ୍ତି । ସେମାନଙ୍କ ରୂପ ଲାବଣ୍ୟର ଦୀପ୍ତିରେ ମହାନଦୀର ସ୍ରୋତ ଯେମିତି ଆଲୋକିତ ହୋଇ

ଉଠୁଛି, ଭଗ୍ନ ରୂପ ଯୌବନକୁ ଦେଖି ନାଉରୀଟି ଯେମିତି ବିଚଳତ ହୋଇଯାଉଛ, ବିହ୍ୱଳତ ହୋଇଯାଉଛି, ପଚ୍ଚରୁଛି ସେମାନଙ୍କୁ ସେମାନଙ୍କ ଅସ୍ଥିର ତାରୁଣ୍ୟର କଥା, ନିରୀହ ପ୍ରଶ୍ନ କନ୍ତୁ ସେଥିରେ ଲୁଚ ରହିଛି ପ୍ରଣୟର ଗାଥା, ବିରହର ଗାଥା ।

ସମ୍ବଲପୁର ଘାଟରେ ସୁନ୍ଦରୀ ଝିଅଟି ଗାଧୋଉଛି । ନାଲି ଶାଢ଼ୀଟି ତାର ମହାନଦୀ ବକ୍ଷରେ ଖେଳଯାଉଛି । ନାଉରିଟି ଚକତ ହୋଇଗଲା ତାପରେ ପ୍ରଶ୍ନ ପଚ୍ଚରିଲା "ସମ୍ବଲପୁରର ତୁମେ ରୂପସୀ । ତୁମର ରୂପ ତ ମୋତେ ଛୁଇଁଯାଉଛି ତଥାପି ତୁମେ କୁଆଁରୀ । ତୁମ ବାପ ମା ଏ ପର୍ଯ୍ୟନ୍ତ ତୁମ ପାଇଁ ବରଟିଏ ଦେଖି ନାହାନ୍ତି? " ଝିଅଟି ଉତ୍ତର ଦେଉଛି -

"ଏ ନାଉରୀ ଭାଇ ମୋ ବାପ ମା ମୋ ପାଇଁ ବର ଦେଖି ଗ୍ଭଲିଛନ୍ତି । ବାପା ଗ୍ଭହୁଁଛନ୍ତି ବର ହେଉଥାଉ ଦୂର ଦେଶର, ଆଉ ମା ଗ୍ଭହୁଁଛି ଘର ଜ୍ୱାଇଁ ଝିଅ ପାଖରେ ରହୁ ।" ଡଙ୍ଗାଟି ପୁଣି ଆଗେ ଯାଉଛି ତଳକୁ, ଢେଉ ସହିତ ନାଚୁଛି, ନାଉରୀ କାତ ମାରି ଅନେକ ବାଟ ଆଗେଇ ଗଲାଣି ।

କଣ୍ଟିଲୋ ର ନୀଳମାଧବ ଘାଟୀରେ ପହଞ୍ଚିଲା ଡଙ୍ଗା । ଅବିବାହିତା ସୁକୁମାରୀ ଗାଧୋଉଛି ସେଠାରେ । ଉପରେ ନୀଳମାଧବ ମନ୍ଦିରର କାନ୍ଥ ନଇ କ ଲମ୍ବି ଆସିଛି, ସେ ପଚ୍ଚରୁଛି ସେଇ ପ୍ରଶ୍ନ । ଭଗ୍ନ ଜଉବନ ଥିବା କୁଆଁରୀ ଏପର୍ଯ୍ୟନ୍ତ କଣ ପାଇଁ ଅବିବାହିତ । ଆଉ ସେ କୁମାରୀ ଉତ୍ତର ଦେଉଛି -

"ଏ ନାଉରୀ ଭାଇ ମୋ ଜାତକଟା ମେଳ ଖାଉଛି, କନ୍ତୁ ଭୁବନବନ୍ଦୀ ବରଟି ମୋତେ କହୁଛି ଅଜାତି ।"

ନାଉରୀ ଆଶ୍ଚର୍ଯ୍ୟ ହୋଇଯାଇଛି। ତା ଡଙ୍ଗା ତଳକୁ ତଳ ଭାସିଯାଉଛି । ବାଙ୍କିର ଘାଟରେ ପହଁଚୁଛି । ସେଇଟି ସ୍ନାନ କରୁଛି ଏକ ସୁନ୍ଦରୀ ଲଳନା, ମୁହଁରେ ଛାଇ ଯାଇଛି ବିଶାଦ, ମୁଁହରେ ବିଷନ୍ନତା । ତାକୁ ପଚ୍ଚରୁଛି ସେଇ ପ୍ରଶ୍ନ ତା ବାହାଘର ବିଷୟରେ । ଝିଅଟି ଉତ୍ତର ଦେଉଛି -

"ହେ ନାଉରିଆ କଏ ମୋତେ ବାହା ହେବ, ବର ମୋତେ ରାଜି ହେଲା ନାହିଁ । ସେ କହିଲା ମୁଁ କାଳେ କାଳୀ କନିଆ । କେତେ ନିଷ୍ଠୁର ହୃଦୟ ତାର ।"

ଡଙ୍ଗାଟି ଆହୁରି ଆଗେଇ ଯାଇଛି । ମହାନଦୀ ବକ୍ଷରେ ଡଙ୍ଗାଟି ନାଚୁଛି, ଆଉ ନାଉରୀ ଭାଇର ଛାତି ଉପରେ କେମିତି ସୃଷ୍ଟି ହେଉଛି ଗୁଞ୍ଜନ । ସେ କେମିତି ବିଚଳିତ ହୋଇଯାଉଛି, ପହଞ୍ଚୁଛି କଟକରେ, ପୁରାତନ କଳିଙ୍ଗ ରାଜ୍ୟର ରାଜଧାନୀ । ଗଡଗଡିଆ ଘାଟରେ କଟକର ସୁନ୍ଦରୀ କନ୍ୟା ନିଜ ଦେହକୁ ଘସି ମାଜି ସଫା କରୁଛି । ତାର ଅସୀମ ସୌନ୍ଦର୍ଯ୍ୟରେ ଯେମିତି ସାରା ଘାଟଟି ଉଜ୍ଜିବୀତ ହୋଇଉଠୁଛି । ନାଉରୀର ବକ୍ଷରେ କେମିତି ଖେଳିଯାଉଛି ଏକ ଅଜଣା ତରଙ୍ଗ । ସେ ସେଇ ପ୍ରଶ୍ନ ପଚାରୁଛି ଅସାମାନ୍ୟ ସୁନ୍ଦରୀ ସେ କୁମାରୀ କନ୍ୟାକୁ, ଆଉ ଝିଅଟି ଉତ୍ତର ଦେଉଛି -

"ଆରେ ନାଉରୀଆ ତୁ ତ ବଡ ବେହିଆ, ତୋତେ ଲାଜ ସରମ ନାହିଁ । ଗୋଟିଏ ଛୋଟିଆ ଲୋକ ହୋଇ ବହୁତ ବଡ ଭାବୁଛୁ । ମୁଁ ବାହାହେଲେ ବା ନବାହାହେଲେ ତୁ କାହିଁକି ଚିନ୍ତା କରୁଛୁ ? " ଝିଅଟି ନିଜର ବିରକ୍ତି ପ୍ରକାଶ କଲା । ତା ରୂପ, ଶରୀର ଚର୍ଚ୍ଚାରେ ନାଉରୀ ବାଧା ଦେଇଛି । ଅଯଥାରେ ତା କଥାରେ ସାମାନ୍ୟ ନାଉରୀଟେ ମୁଣ୍ଡ ପୁରାଉଛି । ବୋଧହୁଏ କଟକର ଝିଅମାନେ ଅତୀବ ସୁନ୍ଦରୀ କିନ୍ତୁ ଗର୍ବୀ, ହୃଦୟହୀନା ।

ଡଙ୍ଗାଟି ଆହୁରି ତଳକୁ ଭାସିଯାଉଛି । ମହାନଦୀର ତଳ ଅଞ୍ଚଳରେ ପହଞ୍ଚିଯାଉଛି । ଘାଟରେ ଗାଧୋଉଛି ଏକ ଅସମାନ୍ୟ ଲାବଣ୍ୟବତୀ କନ୍ୟା । ଏକା, କଏ ନାହିଁ ତୁଠରେ । ତା ରୂପରେ ମୋହିତ ହୋଇଯାଉଛି ନାଉରୀ । ମହାନଦୀରେ ବର୍ତ୍ତମାନ ଅନେକ ଢେଉ । ସେ ସେଇ ପ୍ରଶ୍ନ ପଚାରୁଛି ଝିଅଟିକୁ ଆଉ ଝିଅଟି ଉତ୍ତର ଦେଉଛି-

" ହେ ନାଉରୀ ଭାଇ ମୁଁ କେମିତି ବାହା ହେବ? ଭୁବନେଶ୍ୱରର କିରାଣୀ ବରଟି ମଟରସାଇକେଲ ଯୌତୁକ ମାଗୁଛି ଆଉ ଏତେ ଯୌତୁକ ଦେବା ପାଇଁ ଆମର ଶକ୍ତି ନାହିଁ ।" ସରଳ ସୁନ୍ଦର ଝିଅଟିର ଉତ୍ତରରେ ନାଉରୀ ହୋଇଯାଏ ଦ୍ରବୀଭୂତ । ଜୀବନ, ସୌନ୍ଦର୍ଯ୍ୟ, ଆବେଗ ସବୁ ଯେମିତି ତରଳି ଯାଉଛି ମହାନଦୀର ନୀଳ ଢେଉରେ । ଢେଉ ସହ ନାଚ ଉଠୁଛି ମହାନଦୀରେ । ଆଉ ତା ପରେ ଯାଇ ମିଶିଯିବ ଦୂର ସମୁଦ୍ରରେ ।

ଆମେ ସେଦିନ ନଈ କୂଳରେ ବସିଥିଲୁ ନଦୀକୂଳରେ । ବଡ ପାହାଡର ଛବି ପଡିଥିଲା ମହାନଦୀର ଧୀର ଜଳରେ, ପ୍ରତିଫଳତ ହେଉଥିଲା, ଧୀର ପବନ ବୋହି ଆସୁଥିଲା ଦୁଇ ପାହାଡ ସନ୍ଧିରୁ । ନୀଳ ପାଣି ଯେମିତି ସବୁଜ ପାଲଟିଯାଇଛି ପ୍ରତିଫଳନରେ, ମହାନଦୀର ବକ୍ଷରେ ଅନେକ ଛୋଟ ଛୋଟ ଢେଉ । ମୋ ସାଥୀ ଥିଲା ୨୦ / ୨୧ ବୟସ ଏକ କେଉଟ ଯୁବକ, ରଙ୍ଗ କଳା, ୫’ ରୁ ୫ ଫୁଟ ୩ ଇଂଚ ଉଚ୍ଚ, ବଢିଲା ଦେହ ଆଉ ମୁଣ୍ଡରେ ଥିଲା ଲମ୍ବା ବାଳ । ଅଣ୍ଟାରେ ଗୁଡାଇଥିଲା ଏକ ଚେକ୍ ଲୁଙ୍ଗି । ଆଣ୍ଠୁ ଉପରେ ଓଲଟ କରି ଭଙ୍ଗାଯାଇଥିଲା । ଦେହରେ ଥିଲା ଏକ ହାଫ୍ ସାର୍ଟ । ସେ ମୋ ଭଳ ମହାନଦୀର ସବୁଜ ପାଣିକୁ ଗ୍ଚହୁଁଥିଲା ।

“ ତୁମେ କ’ଣ କାହାକୁ ଭଲ ପାଅ? ” ମୁଁ ତାକୁ ପଗ୍ଚରିଥିଲି ।

ମୋ ମୁହଁରେ ଖେଳ ଯାଇଥିଲା ଏକ ଦୁଷ୍ଟାମିର ହସ । ସେ ହସିଲା, ଟିକରପଡାର କେଉଟ ବୌଦ୍ଧର ଝିଅକୁ ଭଲ ପାଏ । ତାର ଭ୍ବୀ ପତ୍ନୀ ଅଛି ବୌଦ୍ଧରେ । ଦଶହରା ଅନ୍ୟ ପର୍ବପର୍ବାଣୀରେ ଟିକରପଡାର କେଉଟ ପୁଅମାନେ ଡଙ୍ଗା ବାହି ନଅନ୍ତି ବୌଦ୍ଧକୁ । ସାତକୋଶିଆ ଗଣ୍ଡ ଆରମ୍ଭ ହେବାର କଛି ଉପରେ ଅଛି ବୌଦ୍ଧ । ସେଇଠି ସେମାନଙ୍କୁ ପ୍ରତୀକ୍ଷା କରିଥାଏ ସେମାନଙ୍କ ହୃଦୟ ପ୍ରତିମା । ସେଇଠି ସେମାନେ ଖୋଜି ବୁଲନ୍ତି ନଜର ପ୍ରଣୟୀନୀକୁ । ଜୀବନ ଏଠି ଶାନ୍ତ ସରଳ । ମହାନଦୀରେ ପାଣିରେ ଅଛି ଖାଦ୍ୟ । ମହାନଦୀର ପବନ ଭ୍ସି ଆସେ ଦୂର ପାହାଡରୁ, ସେଥିରେ ଥାଏ ଅହିରାଜର ଶକ୍ତି । ଦଣ୍ଡ ସମୟରେ କେଉଟ ପୁଅ ଦଣ୍ଡ ନାଚ କରେ । ଜୀବନର ଗୀତ ଗାଏ । ମହାନଦୀର ଜୀବନର ଗୀତ । ସେମାନଙ୍କୁ ମୁଁ ସେମିତି ଦିନେ ଦେଖିଥିଲି ଗୀତ ଗାଇବାର, ମାଛ ଧରିବାର । ମହାନଦୀର ବକ୍ଷରେ ପୂରି ରହିଛନ୍ତି କୁମ୍ଭୀର, ଥଣ୍ଟିଆ କୁମ୍ଭୀର ଆଉ ତାରି ମଧ୍ୟରେ ସେମାନଙ୍କର ସୁଖ ଭରି ରହିଛି, ଜୀବନ ଗାଥା ବୋହିଯାଉଛି ପାଣିରେ ।

ସେଇ ନବଯୁବକର ନାମ ଥିଲା ଦିବାକର ବେହେରା, ଅବିବାହିତ । ମୋ ଅଗରେ ବସିଥିଲା ଆଉ କହୁଥିଲା ସାତକୋଶିଆ ମଧ୍ୟରେ ଥିବା ସେମାନଙ୍କର ଜୀବନ ବିଷୟରେ । ତାଙ୍କ ଗାଁରେ ପାଖାପାଖି ୧୦୦ ଲୋକ ଅଛନ୍ତି କନ୍ତୁ କେହିବି ୪୫ ବର୍ଷରୁ ଊର୍ଦ୍ଧ୍ୱ ନୁହଁନ୍ତି । ଅଧା ବୟସରେ ସମସ୍ତେ ମରିଯାଆନ୍ତି । ପ୍ରାୟ ୪୦ ହେଲା ବେଳେକୁ ମରିଯାଆନ୍ତି ଅନେକ,

ଜୀବନ ସେଠି ସାତକୋଶିଆ ଗଣ୍ଡ ପଛଆଡ଼େ ଥିବା ପାହାଡ଼ମାନଙ୍କ ମଧ୍ୟରେ ସୀମିତ ହୋଇ ରହିଯାଏ । ଶ୍ମଶାନର ଚତାର ପାଉଁଶ ବୋହିଯାଏ ମହାନଦୀର ସବୁଜ ପାଣିକୁ । ସାତକୋଶିଆର ପାଣି ମଧ୍ୟ ବୟସ୍କ ଲୋକମାନଙ୍କ ପାଇଁ ନୁହେଁ, ଏହା ହେଉଛି ଉଦ୍ଦାମ ଯୌବନର ପାଣି, ଏଠି ଯୁବକ ହିଁ ପାଣିରେ ଓହ୍ଲାଏ । ପାଣି ଭିତରୁ ସୁନ୍ଦରୀ କନ୍ୟା କେଉଟ ପୁଅମାନଙ୍କୁ ଡ଼ାକେ । ଆଖି ଠାରେ, ଜୀବନ ସରିଯାଏ ଖୁବ୍ ଜଲଦି, ଅଧିକାଂଶ ବ୍ରେନ୍ ମେଲେରିଆରେ ମରିଯାଆନ୍ତି । କେତେ ମରିଯାଆନ୍ତି କୁମ୍ଭୀରମାନଙ୍କ ଦ୍ୱାରା, ସାପ ଅସୁମାରୀ, ମୃତ୍ୟୁ ଏଠି ଏତେ ନିକଟ ଯେ ।

" ଗୋଟିଏ ଗୀତ ଗାଇବ ମୋ ପାଇଁ ।" ମୁଁ ତାକୁ ଅନୁରୋଧ କଲି ।

ଗୀତ ଗାଇବାର ସମୟ ଏଇଟା ନୁହେଁ, ଉପରେ ଭାସିଯାଉଥିବା ମେଘ ନାହିଁ । ଉଦବେଳିତ ହେଉଥିବା ମନ ମଧ୍ୟ ନାହିଁ । ପ୍ରଣୟ ଭାଷା ବୋହିନାହିଁ ପବନ, ତଥାପି ମୁଁ ତାକୁ ଅନୁରୋଧ କଲି । ସନ୍ଧ୍ୟାର ପବନ ଶୀତଳ ଥିଲା । ଏଇ ଶୀତଳ ପବନ ମଧ୍ୟରେ ପାହାଡର ଜୀବନ ଭରି ଯାଇଥିଲା ଆଉ କେମିତି ବାହାର କରି ଆଣୁଥିଲା ହୃଦୟର ଗାଥାକୁ। ସେ ଟିକେ ଅମଙ୍ଗ ହେଉଥିଲା ପ୍ରଥମରୁ । ମହନଦୀର ପବନ ତାର ଅମଙ୍ଗ ପଣିଆକୁ ଦୂରେଇ ଦେଲା । ତା ସ୍ୱର ଜୀବନ୍ତ ହୋଇ ଆସିଲା । ତା ପରେ ସେ ଗାଇଲା ନାବକେଳର ସଙ୍ଗୀତ । ମହାନଦୀର କୂଳ ଥିଲା ଏକଦମ୍ ଶାନ୍ତ । ତଳେ ଧୀର ମହାନଦୀ ବୋହିଯାଉଥିଲା ।

" ଜୟ ଜୟ କୃଷ୍ଣ କଲେ କାଳୀୟ ମର୍ଦ୍ଦନ ।
………………………………………"

ଏହା ଥିଲା ଶ୍ରୀକୃଷ୍ଣଙ୍କ ପାଇଁ ଏକ ଭକ୍ତିର ସଙ୍ଗୀତ । ବିଶାଳ ସର୍ପ ଫୁତ୍କାର କରୁଛି, ସେ ଗୀତ ଥିଲା କାଳୀୟ ମର୍ଦ୍ଦନର ଗୀତ । ଗୋପୀମାନଙ୍କ ସହ ବିତାଇଥିବା ଦିନର ଗୀତ । ମଥୁରାରେ ବିଜୟର ଗୀତ । ଶ୍ରୀକୃଷ୍ଣଙ୍କର ପ୍ରଥମ ଜୀବନର ଗାଥା ଏହି ନାବକେଳ ଗୀତଟି ଅନାମଧେୟ ବୈଶାନନ୍ଦଙ୍କ ଦ୍ୱାରା ରଚିତ । କବି ପ୍ରାୟ ଅଜଣା । ବହୁତ ଲୋକ ଜାଣି ନାହାନ୍ତି ବୋଧହୁଏ ଏଠିକାର ଲୋକକୁ ଛାଡି କରି । ସେ ଗୀତରେ ଥିଲା କେଉଟମାନଙ୍କର

ଜୀବନର କହାଣୀ, ଶକ୍ତିର କାହାଣୀ । ସାତକୋଶିର ସାପକୁ ମନେ ରଖିବାକୁ ହେବ ସାପ ହେଉଛି ଜୀବନ । ସଙ୍ଗେ ସଙ୍ଗେ ରହିବେ ।

ମୁଁ ତାକୁ ଅନୁରୋଧ କଲି ଆଉ କିଛି ଗୀତ ଗାଇବା ପାଇଁ ମନ ଭରୁ ନଥିଲା । ମହାନଦୀ କୂଳରେ ଗୀତ ଶୁଣିବା ମୋ ପାଇଁ ଏକ ଆନନ୍ଦଦାୟକ ଅନୁଭୂତି ଥିଲା । ମୁଁ ଚାହିଁଥିଲି ସେ ନିଜର ପ୍ରଣୟର ସାଥୀ ପାଇଁ ଗୀତ ଗାଉ । ତାର ପ୍ରେମର ଗୀତ -

"ଆମେ ତ ତୁମର ପ୍ରଣୟିନୀ ପାଇଁ ଗୀତ ଗାଇଥିବ । ତୁମର ପ୍ରେମିକା ଯେ ତୁମ ପାଇଁ ଅନେକ ପ୍ରତୀକ୍ଷା କରିଥିବ । ତୁମ ଭଳି ନବ ଯୁବକର ସ୍ପନ୍ଦନରେ ଭରିଯାଏ ବିଶାଳ ନଦୀ। ତୁମମାନଙ୍କ ଗୀତରେ ସାକୋଶିଆର ଗଣ୍ଡରେ ରୋମାଞ୍ଚ ଭରି ଯାଉଥିବ ।" ମୁଁ ତାକୁ ଅନୁରୋଧ କରିଥିଲି ।

ମୁଁ ଚାହୁଁଥିଲି ତା ଭିତରେ ଥିବା ଜୀବନ ବାହାରି ଆସୁ । ସେ ଗୀତ ଗାଉ ଯୌବନର ପ୍ରଣୟର । ସେ କିନ୍ତୁ ମତେ ସାଙ୍ଗେ ସାଙ୍ଗେ ଉତ୍ତର ଦେଲା ନାହିଁ । ମୋ ଭଳି ଅଜଣା ଅଶୁଣା ବ୍ୟକ୍ତି ପାଖରେ ନିଜ ଅନ୍ତରର କଥା ଖୋଲି କହିବା ପାଇଁ ଚାହୁଁନଥିଲା । ଆମେ ଟିକଏ ସାଙ୍ଗ ହୋଇ ଚାଲିଲୁ । ମୁଁ ତାକୁ ଅନେକ ପ୍ରଶ୍ନ ପଚାରିଥିଲି । ଆମର ପାଦ ଏକ ତାଳ ହୋଇ ପଡୁଥିଲା । କିଛି ସମୟ ବିତିଗଲା, ଆମେ ସାଙ୍ଗ ହୋଇ ଚାଲିଥାଉ । ତା ପରେ ସେ ଗୀତ ଗାଇବାକୁ ଗଲା ।

" ରସରକେଲି ଓ.ଓ
କି ସୁନ୍ଦର କଇଁ ଫୁଲ ଫୁଟି ଅଛେ କାଇଁ
କି ସୁନ୍ଦର କଇଁ ଫୁଲ ଫୁଟି ଅଛେ କାଇଁ
ତାକେ ଦେଖେ ମରିଯାଏ ମୁଇଁ
ଏ.... ଏ...
ଏ .. ସୁନ୍ଦରୀ
କି ସୁନ୍ଦର କଇଁ ଫୁଲ ଫୁଟି ଅଛେ କାଇଁ
କି ସୁନ୍ଦର କଇଁ ଫୁଲ ଫୁଟି ଅଛେ କାଇଁ

ଲେ୍,  କ ସୁନ୍ଦର କଇଁ ଫୁଲ ଫୁଟି ଅଛେ କାଇଁ ”

“ ହେ ସୁନ୍ଦରୀ ତୁମେ କଇଁ ପରି ସୁନ୍ଦର, ତୁମ ଭଳ ସୁନ୍ଦରୀକୁ ମୁଁ କେଉଁଠି ଦେଖି ନାହିଁ । ଇଏ ଧରଣୀରେ ତୁମରି ଭଳ ସୁନ୍ଦରୀ,  ଆଃ ତୁମ ପ୍ରେମ ପାଇଁ ମୁଁ ଯେମିତି ମରିଯାଉଛି । ଅନାନ୍ତନ ମୋ ଆଡକୁ ଟିକଏ ।”

ସେ ନଜର ହୃଦୟ ମୋ ଆଗରେ ଖୋଲିଦେଲ୍ । ମହାନଦୀର ବକ୍ଷ କମ୍ପିତ ହୋଇଯାଉଥିଲ୍ ସେଇ ଖୋଲ୍ ହୃଦୟ ଭିତରେ । ପାହାଡ଼ରେ ବି କମ୍ପନ । ସାର୍ ନଦୀରେ କେମିତି ଭରି ରହିଥିଲ୍ ସେଇ ଗୀତର କମ୍ପନ, ମୁଁ ଯେମିତି କମ୍ପନ ସବୁଠି ଦେଖିପାରୁଥିଲି ।

“ ତୁମ ଜୀବନରେ କେତେ ଯେ ରସ, ରଙ୍ଗ ଭରିଛି, ହୃଦୟରେ ତୁମର କେତେ ଯେ ପ୍ରେମ । ଭଗବାନ ତୁମର କଣ୍ଠରେ କେତେ ମଧୁରତା ଭରି ଦେଇଛନ୍ତି । ହାତରେ ତୁମର ପାହାଡ଼ି ଝରଣାର ଶକ୍ତି । ଏତେ ଏତେ ଶକ୍ତି ପାଇଲ କେଉଁଠୁ? ” ମୁଁ ମୋ ହୃଦୟ ଭିତରେ ଉଠିଆସୁଥିବା ପ୍ରଶ୍ନକୁ ପଗ୍ଗୁରିଲି ।

ସେ ମତେ ସାଙ୍ଗେ ସାଙ୍ଗେ ଉତ୍ତର ଦେଲ୍ ନାହିଁ । ଆଖି ତାର ଦୂରର ସବୁଜ ପର୍ବତ ଉପରେ ଲ୍ଗି ରହିଥିଲ୍ । ମଣିଭଦ୍ରା ପାହାଡ, ସେଇଠି ରହନ୍ତି ମହାବିଶାଳ ସାପମାନେ । ସେ ନଜ ମୁଣ୍ଡକୁ ହଲ୍ଇଲ୍ । ମହାସର୍ପ, ସାପମାନଙ୍କର ର୍ଜା, ସେଇଠି ପୂଜା ପାଉଛନ୍ତି, ସେଇଠି ସମସ୍ତଙ୍କର ମୁଣ୍ଡ ଭକ୍ତିରେ ନଇଁଯାଏ ।

“ ଆମେ ଆମର ଶକ୍ତି ପ୍ରଭୁ ଶିବଙ୍କ ଠାରୁ ପାଇଛୁ ।  ଆମେ ଦଣ୍ଡ ନାଚ କରୁ ପ୍ରଭୁ ଶିବଙ୍କ ପାଇଁ, ତାଙ୍କରି ପ୍ରଶଂସାରେ ଗଳ୍ପ ଅନେକ ଚରିତ୍ର । ସେଇଥିରେ ଥାଏ ପ୍ରଭୁଙ୍କର ମହିମା, ପ୍ରଭୁଙ୍କର ଲୀଳା ଆଉ ସାପମାନଙ୍କର ଚରିତ୍ର ।” ସେ ମତେ ବଖାଣୁ ଥିଲ୍,  ଗାଉଥି ସଙ୍ଗେ ସଙ୍ଗେ । ତା ପରେ ସେ ଗାଇଲ୍

" ଜୟ ଜୟ ନୀଳକଣ୍ଠ ଯେ
ଫେଡିବ ମହାସଙ୍କଟ ଯେ, ଫେଡିବ ମହାସଙ୍କଟ
ଦୁଃଖୀଜନ ଡାକେ ନାଶି ଅରିଷ୍ଟ ଯେ, ବିଶ୍ୱକଣ୍ଠ ହେ
..........
ବନ୍ଦେ ଗଉରୀ ବେତକୁ
ମା.. କାଳୀକାଙ୍କୁ ଯେ ।"

ଆଉ ଗୋଟିଏ ଭକ୍ତିର ଗୀତ, ସେ ଗାଉଥିଲା । ସାତକୋଶିଆର ଅତଳ ପାଣିରେ ଡଙ୍ଗା ବହୁଥିବା ଏକ କେଉଟ ପୁଅର ଗୀତରେ ଥିଲା ଜୀବନର ଗାଥା ।

ଏହା ଦଣ୍ଡ ନାଚର ଗୀତ ଥିଲା । ଦଣ୍ଡ ନାଚରେ ଥାଏ ଖେଳ କୌତୁକ, ବିଭିନ୍ନ ବ୍ୟାୟାମ, ପ୍ରଭୁ ମହାଦେବଙ୍କର ମହିମାର ପ୍ରଚ୍ଚର; ସାଧାରଣ ଓଡିଆ ଲୋକଙ୍କର ଜୀବନର କାହାଣୀ ଥାଏ ସେଥିରେ । କେଉଟମାନେ ନାଚ କରନ୍ତି ଏହି ଦିନମାନଙ୍କରେ, ସେମାନେ ତାଙ୍କ ଶରୀର ମନକୁ କଛି ଦିନ ପାଇଁ ମହାନଦୀ ପାଣିରୁ ଦୂରେଇ ଆଣନ୍ତି, କ୍ଲାନ୍ତ ଶରୀରକୁ ସାମାନ୍ୟ ଆମୋଦ ପ୍ରମୋଦ ଦରକାର । ମହାନଦୀ ବକ୍ଷରେ ନୂଆ ଜୀବନ ହସିବ । ମୁଁ ସେଇ କେଉଟ ପୁଅକୁ ଅନାଇଲି, ଆଖି ତାର ବନ୍ଦ ହୋଇଯାଇଥିଲା । ତା'ପରେ ସେ ଆଖି ଖୋଲିଲା । ନଦୀକୁ ଅନାଇଲା, ଆଉ ମୋ ଅନୁରୋଧରେ ଦଣ୍ଡ ନାଚର କାହାଣୀ କହି ଲାଗିଲା ।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

# ଗାଁ ଟି ମୋର



ଡ଼ଃ ଅମ୍ରେଶ ପଟ୍ଟନାୟକ

ଗାଁ ଟି ମୋର ସଫାସୁତରା  ଅଟଇ ଅତି ଆପଣାର
ଗାଁର ଚହ୍ଳ ବର୍ଣ୍ଣ ନାହିଁ   ପାଲଟିଛି ଏବେ ସହର
ଗାଁର ଶୋଭା  ଅଟଇ ମନଲୋଭା ଗାଁ ମୁଣ୍ଡ ବରଗଛର ଆଭା
ପିଣ୍ଡାରେ ବସି ତାସ ଖେଳ ବର ଓହଳରେ ପିଲାଂକ ଦଳ ବଢ଼ାଇ ଦିଏ ତା ଶୋଭା
ଗାଁ ଶେଷରେ ଭାଗବତର ଟୁଙ୍ଗୀ
    ସମାବେଶରେ ପିଲା, ବୁଢା ଓ ଗୁଙ୍ଗି
ସଭିଏଁ ମିଳନ୍ତି ସଭିଏଁ ଶୁଣନ୍ତି ଅଟେ
            ଭିନ୍ନ ଭିନ୍ନ ତାଙ୍କ ଦୃଷ୍ଟି ଭଙ୍ଗୀ
ମାଟିରାସ୍ତାର ଅକାଳ ଚଢ଼କ
        ବଞ୍ଚିବେନ ଆଉ କାଉ ଓ ବକ
            ସମସ୍ତେ ମରିବେ ଭୋଗିବେ ମରଣାନ୍ତକ
                ଏହାହିଁ କଂକ୍ରିଟ ଜଙ୍ଗଲ ର ସନ୍ତକ
ଚଷା ଭାଇର ବାରବାଟୀ ଘଷ
        ଆଜିନାହିଁ ଯାଇଛି ଫସରଫାସ
ତଥାପି ମନରେ ବାନ୍ଧିଛି ସାହାସ
        ଦାଦନ ଖଟି ଯିବ ସୁରାଟ ଦେଶ
ମନରେ ଅନାବିଳ ପ୍ରେମ
            ଗାଁ ମାଟିର ଅଟେ ସମ୍ମାନ

ଏହାହିଁ ନର୍କ ଏହାହିଁ ସ୍ୱର୍ଗ ଜଣାପଡେ
ଫେରି ଦୂର ଦେଶୁ ଖଟି ଦାଦନ
ବାପା, ମା, ଦାଦା, ଖୁଡି ସମସ୍ତେ ବସନ୍ତି
ଯୋଡିଯୋଡି କକେଇ, ଦେଠେଇ, ଭାଇ, ଭାଉଣୀ
ଜଣେ ଗଲେ ଆଉ ଜଣକୁ ଭିଡ଼ି
ଆଉ ନ ଶୁଭେ ଏ ଚଷାଭାଇର ଗୀତ
ଉଜୁଡି ଯାଇଛି ଯାର ସୁବର୍ଣ୍ଣ କ୍ଷେତ
ହାତକୁ ହାତ ବର୍ଷାରେ ଶିତ ବସନ୍ତ ରାମାୟଣ, ମହାଭାରତ, ଗୀତା ଓ ଭାଗବତ
ମନ୍ଦିରେ ଉଡ଼ଇ ନେତ ମର୍କଟ କେଶରୀଙ୍କ ଉତ୍ପାତ
ଆମ୍ବତୋଟା ଥିଲା ଶତଶତ ଯାହା ଗୋଚର ଭୂମି ରେ ପରିଣତ
ଯାହା ଗୋଚର ଭୂମି ରେ ପରିଣତ........

ବିଜ୍ଞାନ ଶିକ୍ଷକ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ
ପୋଲସରା, ଗଞ୍ଜାମ- ୭୬୧୧୦୫

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଯଦି କାଲି ଯିବି ଗ୍ଲି



ଭସ୍କର ଚନ୍ଦ୍ର ଖଣ୍ଡା

ମୁଁ ଯଦି କାଲି ଗ୍ଲି ଯିବି
କ ଅବା ବାନ୍ଧି ନେଇ ଯିବି
ମୋ ପଦବୀ ମୋ ଲ୍ଳସା
ମୋର ବନ୍ଧୁ ମୋ ଜ୍ଞାତି ଜନଙ୍କୁ
ଆଉ ଥରେ ଖୋଜିକ ପାଇବି
ମୋହ ମାୟା ବନ୍ଧନରେ ବାନ୍ଧି
ସ୍ୱାର୍ଥର ଲ୍ଳସାରେ ଛନ୍ଦି
କାହିଁକବା ଆଗକୁ ଧାଇଁବି ॥

ର୍ଗ ହିଂସା ଦ୍ୱେଷ ଅହଙ୍କାର
ଆଉ ତାର ସାଥି ସହୋଦର
ନାକାର୍ମ୍କ ଯେତେ ଚନ୍ତା ଧାର୍
ସେ ଧାର୍ରେ ବୋହି ଯାଇ
କାହିଁକ ତା କୂଳକୁ ଛୁଇଁବି ॥

ଲୋ୍ଡା ନାହିଁ ସନମାନ
କା ମୁହଁରୁ ଟିକଏ ପ୍ରଶଂସା
କରିପାରେ ଯଦି କଛି ହିତ
କାହାପାଇଁ ଦେଇ ପାରେ
ସମୟରୁ କଛି

ସୁଖ ବା ଦୁଃଖରେ
ଛିଡା ହୋଇ ତା ପାଖରେ
ଏଇତ ଜୀବନ
ପାଣି ଗାର ସଦୃଶ
ଅନଶ୍ଚିତତା ବଳୟରେ
ବନ୍ଧା ମୋର କାଲି
କଏବା କହିବ
ନ ଯିବି ବୋଲି କାଲି ଗୃଲି ॥

ଆଲ୍ହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସତ୍ୟର ସନ୍ଧାନ


ବରଦା ପ୍ରସନ୍ନ ଦାସ

( ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ଲେଖା । ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ ( ସତ୍ୟର ସନ୍ଧାନ) ମାଧ୍ୟମରେ । ଏହାକୁ ସଂଗ୍ରହ କରିବାକୁ ଲେଖକଙ୍କୁ ଲାଗିଥିଲା ଦୀର୍ଘ ୨୦ ବର୍ଷ । ଲେଖକ ତାଙ୍କର ଏହି ଅମୂଲ୍ୟ ପୁସ୍ତକଟିକୁ ବେଦାନ୍ତୀ ମାଧ୍ୟମରେ ଧାରାବାହିକ ହିସାବରେ ପ୍ରକାଶିତ କରିବା ପାଇଁ ରାଜି ହୋଇଥିବାରୁ ବେଦାନ୍ତୀ ପରିବାର ତରଫରୁ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କୁ ସାଧୁବାଦ ।)

\- ଅରବିନ୍ଦ ମିଶ୍ର

**ପ୍ରଶ୍ନ - ୭ : ଭୂତ, ପ୍ରେତ, ଡାହାଣୀ, ଚିର୍ଗୁଣୀ ଆଦି ଅତୃପ୍ତ ଆତ୍ମାଗଣ ସମୟ ସମୟରେ ମଣିଷମାନଙ୍କୁ ଲାଗନ୍ତି; ଫଳରେ ଗୁଣିଆର ସହାଯ୍ୟ ଲୋଡ଼ାଯାଏ- ଏ କଥା ଆପଣ ବିଶ୍ୱାସ କରନ୍ତି କି?**

**- ଉତ୍ତର-**

- ମୃତ ମନୁଷ୍ୟର ଅତୃପ୍ତ ଆତ୍ମା ଭୂତ ରୂପରେ ରହିଥିବା କଥା କେତେକ ପାଶ୍ଚାତ୍ୟ ପଣ୍ଡିତ ମଧ୍ୟ ବିଶ୍ୱାସ କରନ୍ତି । କିନ୍ତୁ ଏ ସମ୍ପର୍କରେ ମୋର ଧାରଣା ହେଉଛି

ମନୁଷ୍ୟର ମାନସିକ ବିକୃତିରୁ କେବେ କେବେ ଡାହାଣୀ, ପିଶାଚୀଙ୍କ ପ୍ରଭାବ ମନୁଷ୍ୟକୁ ବିଭ୍ରାନ୍ତ କରିଥାଏ ।

[ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ନା, ମହିମା ଧର୍ମରେ ଗୁଣି- ଗାରେଡ଼ି, ଗୁଣିଆ ଆଦିକୁ କାଟି ଦିଆଯାଇଛି । ଅସହାୟ ଅବସ୍ଥାରେ ଓ ସାମାଜିକ ନର୍ପତ୍ତାର ଅଭାବରୁ ଲୋକମାନେ ଭୂତ, ପ୍ରେତାଦି ମଣିଷମାନଙ୍କୁ ଲାଗିବାର ଅନ୍ଧବିଶ୍ୱାସକୁ କାଟି ଦିଆଯାଇଛି । ଆମେ ମହାନ୍ ଓ ଆମ ଅନ୍ତରରେ ମହାନତାର ଉତ୍ସ ରହିଛି । ଏହି ବିଶ୍ୱାସ ହୃଦୟରେ ଜନ୍ମିଲେ ଭୟ, ଭୂତ ଭୟ ରହିବ ନାହିଁ । ଏକ ପ୍ରଭୁ ଆମ ଭିତରେ ଓ ବାହାରେ ଅଛନ୍ତି । ଅଦ୍ୱିତୀୟ ପ୍ରଭୁ ପରଂବ୍ରହ୍ମଙ୍କୁ ଆଶ୍ରିତ ହେଲେ ଭୟ କେଉଁଠୁ ଆସିବ?

[ ପ୍ରଫେସର ଶତ୍ରୁଘ୍ନ ନାଥ]

- ମୋର କୌଣସି ପ୍ରତ୍ୟକ୍ଷ ଅଭିଜ୍ଞତା ନାହିଁ । ତେବେ ବହୁ ପାଶ୍ଚାତ୍ୟ ଏବଂ ଭାରତୀୟ ସାହିତ୍ୟରେ ଭୂତ- ପ୍ରେତମାନଙ୍କର ବିଷୟ ବର୍ଣ୍ଣିତ ଅଛି । ଏପରିକି ସେକ୍ସପିଅର ମଧ୍ୟ ତାଙ୍କର କେତେକ ନାଟକରେ ଭୂତ- ପ୍ରେତମାନଙ୍କର ଅବତାରଣା କରିଛନ୍ତି ।

[ ଡ. ସଚ୍ଚି ରାଉତରାୟ]

- ଭୂତ, ପ୍ରେତ, ଡାହାଣୀ, ପିଶାଚୀ, ଚର୍ଗୁଣୀ ଆଦି ଅତୃପ୍ତ ଆତ୍ମା ମଣିଷମାନଙ୍କୁ ଲାଗିବାର ଶୁଣାଯାଏ, ତେବେ ଭୂତର ଅସ୍ତିତ୍ୱ ବିଷୟରେ ମୋର ଧାରଣା ଅଛି । ବାଲିକୁଦା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରିବା ବେଳେ ଆମେ କେତେଜଣ ଭୂତ ଦେଖିଛୁ ଏବଂ ରାତ୍ରିର କୋଳାହଳ ମଧ୍ୟରେ ପ୍ରଧାନ ଶିକ୍ଷକ ଶ୍ରୀ ରାଜକଶୋର କାନୁନଗୋ ରାତିସାରା ଜଗି ଆମମାନଙ୍କୁ ସାହାଯ୍ୟ କରିଥିଲେ । ମୁଁ ଚର୍ଗୁଣୀ ଦେଖିଛି । କନ୍ତୁ ଏହା କେଉଁଠୁ ଉତ୍ପନ୍ନ ହୁଏ ତାହା କହି ପାରିବିନ । ଗୁଣିଆର ଆବଶ୍ୟକତା ଅନୁଭବ କରିଛି ଏବଂ ଗୁଣିଆର କାର୍ଯ୍ୟକଳାପ ଲକ୍ଷ୍ୟ କରିଛି ।

[ ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଏହା ଏକମାତ୍ର ସତ୍ୟ ଏବଂ ଅନୁଭୂତି ଥିବା ଡକ୍ଟର ଲକ୍ଷ୍ମୀନାରାୟଣ ସାହୁଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ଦେଖନ୍ତୁ । ପ୍ରାୟ ଦଶବର୍ଷ ପୂର୍ବେ କଟକ- ଭୁବନେଶ୍ୱର ରାସ୍ତାରେ,

ଦିନରେ ଓ ରାତିରେ ବହୁ ଭୌତିକ କାଣ୍ଡ ଘଟୁଥିଲା । ଏହା ପ୍ରତ୍ୟକ୍ଷସିଦ୍ଧ । ସନ୍ଦେହର କୌଣସି କାରଣ ନାହିଁ । ପୁରୀର ସ୍ୱର୍ଗତ ଲକ୍ଷ୍ମଣ ମିଶ୍ରଙ୍କ ପୁଅ ଗଣେଶ ମିଶ୍ରଙ୍କ ପାଖକୁ ଗଲେ ଆପଣଙ୍କର ସନ୍ଦେହ ଦୂର ହୋଇଯିବ ।

[ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ମୋର କୌଣସି ଅଭିଜ୍ଞତା ନାହିଁ ।

[ ଜଷ୍ଟିସ୍ ନବକୁମାର ଦାସ]

- ମୁଁ ଏଥିରେ ଆଦୌ ବିଶ୍ୱାସ କରେନାହିଁ । ଏହା ମନସ୍ତାତ୍ତ୍ୱିକ । ମୁଁ କନ୍ଥ ଡାହାଣୀ ଲାଗିଥିବା ସ୍ତ୍ରୀଲୋକକୁ ଭଲ କରିଛି ।

[ ପ୍ରଫେସର ରାଧାନାଥ ରଥ]

- ଗୁଣି- ଗାରେଡ଼ି ତନ୍ତ୍ର ବିଦ୍ୟାର ଏକ ଅଂଶ । କେବଳ ଡାହାଣୀ ଲଗା ଝାଡ଼ିଝୁଡ଼ି ହେଲେ ଭଲ ହୋଇଯିବା ମୁଁ ଦେଖିଛି । ତେବେ ଏ କ୍ଷେତ୍ରରେ ମୁଁ ବିଶ୍ୱାସ ଅବିଶ୍ୱାସର ସନ୍ଧିସ୍ଥଳରେ ରହିଯାଇଛି ।

[ ନାଟ୍ୟକାର ମନୋରଞ୍ଜନ ଦାସ]

- ମୁଁ ବିଶ୍ୱାସ କରେ ମରିବା ପରେ ଯାହାର ସୁପ୍ରଥା ଅନୁସାରେ ପରଲୋକର କୃତ୍ୟ ହୋଇ ନ ଥାଏ ସେମାନେ ଭୂତ ପ୍ରେତ ପ୍ରଭୃତି ହୁଅନ୍ତି । ସେମାନେ ଦୁର୍ବଳମନା ବ୍ୟକ୍ତିଙ୍କ ପରେ ବିଶେଷତଃ ସ୍ତ୍ରୀମାନଙ୍କଠାରେ ଆବେଶ ହୁଅନ୍ତି । ଆକସ୍ମିକ ଦୁର୍ଘଟଣାରେ ଓ ଆତ୍ମହତ୍ୟାରେ ମରିବା ବ୍ୟକ୍ତି ଏସବୁ ରୂପରେ ଗତି କରନ୍ତି । ତାଙ୍କର ଶାସ୍ତ୍ରୀୟ କ୍ରିୟା ନାହିଁ, ଗୁଣିଗାରେଡ଼ିରେ ଛାଡ଼ନ୍ତି - ଏହା ମୁଁ ପୂର୍ଣ୍ଣ ବିଶ୍ୱାସ କରେନା ।

[ ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ବିଶ୍ୱାସ କରେନାହିଁ କି ଅବିଶ୍ୱାସ ମଧ୍ୟ କରେନାହିଁ, ନିଜର କୌଣସି ଅଭିଜ୍ଞତା ହୋଇନାହିଁ । ସମ୍ଭବତଃ, ନିଜ ଭିତରେ ଗୋଟିଏ ପ୍ରକାରର ଅତୃପ୍ତି ବା ଅସମର୍ଥତା ଜୀବନରେ ଏହିସବୁ ବିପତ୍ତି ବା ବିକ୍ଷୋଭକୁ ଡାକଆଣିଥାଏ ।

[ ଅଧ୍ୟାପକ ଚିତ୍ତ ରଞ୍ଜନ ଦାସ]

- ଆଦୌ ବିଶ୍ୱାସ କରେନାହିଁ ।

[ କିଶୋରୀ ଚରଣ ଦାସ]

- ଭୂତ ଓ ପ୍ରେତ ଇତ୍ୟାଦି ମୁଁ ଦେଖିନାହିଁ । ଗୁଣିଆମାନେ ଅତୃପ୍ତ ଆତ୍ମା ବିଷୟରେ କ'ଣ କରିଥାନ୍ତି ସେକଥା ମୁଁ ଜାଣେନା । କିନ୍ତୁ 'ମନ୍ତ୍ର'ର ପ୍ରଭାବ ଅଛି ବୋଲି ମୁଁ ନିଜେ ପରୀକ୍ଷା କରି ଦେଖିଛି । ଜଣେ ସାମାନ୍ୟ ଗ୍ରାମ୍ୟ ଗୁଣିଆର 'ମନ୍ତ୍ରଶକ୍ତି' ଦେଖି ଆଶ୍ଚର୍ଯ୍ୟ ହୋଇଛି ।

[ ଡ. ମନ୍ମଥ ନାଥ ଦାସ]

- ଭୂତରେ ମୁଁ ବିଶ୍ୱାସ କରେ । ଭାବର ଆଦାନ ପ୍ରଦାନ କରିବାର ସୁଯୋଗ ପାଇଛି ।

[ ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ନା, କିନ୍ତୁ ଅନେକେ ଦେଖିଥିବା କଥା କହନ୍ତି । ମୁଁ କେବେ ଦେଖିନାହିଁ କି ଅନୁଭବ କରିନାହିଁ ।

[ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- କରିଥାଏ, କାରଣ ଏ ଦେଶରେ ତନ୍ତ୍ରର ବିଶାଳ ପରମ୍ପରାରେ ଅତୃପ୍ତ ଆତ୍ମାର ଅବସାନ ସ୍ୱୀକାର କରାଯାଇଛି । ପୃଥିବୀର ସବୁ ସାହିତ୍ୟରେ ଏହାର ଉଦାହରଣ ରହିଛି ।

[ ପ୍ରଫେସର ପଠାଣି ପଟ୍ଟନାୟକ]

- ହଁ, ଏହା ମୋର ଅନୁଭୂତିସିଦ୍ଧ, ମୁଁ ଏହାର ନିରାକରଣ ଅନେକ ଅଂଶରେ କରିପାରେ ।

[ ଡ. ଲିଙ୍ଗରାଜ ଶତପଥୀ]

- ଅତୃପ୍ତ ଅସନ୍ତୁଷ୍ଟ ଆତ୍ମା ସମୟେ ସମୟେ ରହିବା ସ୍ୱାଭାବିକ । କିନ୍ତୁ ସେମାନେ ଭୂତ- ପ୍ରେତ ହୋଇ ଅନ୍ୟ କାହା ଦେହରେ ଲାଗିବା ମୁଁ ବିଶ୍ୱାସ କରେନାହିଁ ।

[ ହରିହର ବାହିନୀପତି]

- ଏ କଥାରେ ମୋର ବିଶ୍ୱାସ ଅଛି । କାରଣ ଆମ ଶାସ୍ତ୍ରମାନଙ୍କରେ ଏମାନଙ୍କର ସ୍ଥାନ ରହିଛି । ନଜେ ଭଗବାନ ଶଙ୍କର ଭୂତ ପ୍ରଥମ ଆଦିଙ୍କ ସ୍ଥାନ । ପ୍ରେତ ଉଦ୍ଧାର ପାଇଁ ଗୟା ଆଦିରେ ପିଣ୍ଡଦାନର ବ୍ୟବସ୍ଥା ମଧ୍ୟ ଅଛି । ଭୂତ- ପ୍ରେତ ମଧ୍ୟ ଲାଗନ୍ତି ଏବଂ ମନ୍ତ୍ର ଦ୍ୱାରା ଭୂତ- ପ୍ରେତଙ୍କୁ ବହିଷ୍କାର କରାଯାଏ ।

[ ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ଏଭଳ ଲାଗିବାର ଦୃଷ୍ଟାନ୍ତ ବିରଳ ନୁହେଁ । କନ୍ତୁ ଏହି କ୍ରିୟାର ଅନ୍ୟ explanation ସମ୍ଭବ । ତେବେ ଏଭଳ ବିଚତ୍ର ଦୃଷ୍ଟାନ୍ତମାନ ଅଛି ଯେ ଆପାତତଃ ଏହି ଭୂତ ଲାଗିବା ତଥ୍ୟଟିକୁ ଅସ୍ୱୀକାର କରିହୁଏନାହିଁ ।

[ ପ୍ରଫେସର ହୃଦାନନ୍ଦ ରାୟ]

- ହଁ, ଏହା ସତ୍ୟ ବୋଲି ମନେକରେ ।

[ ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ମୁଁ କରେନାହିଁ ।

[ ଗିରିଜା ଭୂଷଣ ପଟ୍ଟନାୟକ]

- ଦେହ ପାଇ ନ ଥିବା ଆତ୍ମା କୌଣସି କର୍ମ କରି ପାରେନାହିଁ । ସେ ତୃପ୍ତ ବା ଅତୃପ୍ତ ହୋଇ କାହାକୁ ପ୍ରଭାବିତ କରେ - ଏହା କହିବା ଅସଙ୍ଗତ ।

[ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ଭୂତ, ପ୍ରେତ, ଡାହାଣୀ, ପିଶାଚୀ, ଚର୍ଗୁଣୀ ଆଦି ଅତୃପ୍ତ ଆତ୍ମାଗଣଙ୍କୁ ଆମେ ଯେପରି ଦୃଷ୍ଟିରେ ଦେଖିବାକୁ ଅଭ୍ୟସ୍ତ ସେମାନେ ପ୍ରାୟ ସେହି ଅବସ୍ଥାରେ ନଥାନ୍ତି । ସେସବୁ ଥାଆନ୍ତି ନର୍ଦ୍ଦିଷ୍ଟ କ୍ୱାଣ୍ଟମ୍- ଶକ୍ତିର ଗୋଟିଏ ଗୋଟିଏ ପ୍ୟାକେଟ ଭଳ । ବସ୍ତୁ ବା ପଦାର୍ଥର ମାତ୍ର ୪ଟି ଡାଇମେନସନ୍ ସହିତ ଆମ ଆଖି ଓ ଅନୁଭୂତି ଅଭ୍ୟସ୍ତ । ମ୍ୟାଟରର ଅନନ୍ତ ( infinite) ବିଭଙ୍ଗତା ( dimension) ଅଛି । ସେଥିରୁ କେତେକ ନର୍ଦ୍ଦିଷ୍ଟ ବିଭଙ୍ଗତାରେ ସେମାନେ ନଜର ସ୍ଥିତି ଧାରଣ କରିଥାନ୍ତି । ତାହା ମୁଖ୍ୟତଃ ଆମର ଅନୁଭୂତି ବହିର୍ଭୂତ । କ୍ୱଚତ୍ କଦବା ଆମର ମାନସିକତା ଆମକୁ ଏକ ଭିନ୍ନ ଦୃଷ୍ଟିଶକ୍ତି ଯୋଗାଇଦିଏ । ଆମେ ସେତିକବେଳେ ସେସବୁ ଦେଖିବାକୁ ସମର୍ଥ

ହେଉ। ଗୁଣିଆର ଆବଶ୍ୟକତା ଅଛି । କନ୍ତୁ ସବୁ ଗୁଣିଆ ଗୁଣିଆ ନୁହନ୍ତି, ଅଧିକାଂଶ ଠକ ।

[ ପ୍ରଫେସର ଶାନ୍ତନୁ କୁମାର ଆଗ୍ୱର୍ଯ୍ୟ]

- ନା, ଗ୍ରାମମାନଙ୍କରେ ଆଗେ ଏସବୁର ବହୁଳ କଥା ଶୁଣାଯାଉଥିଲା । ଆଜିକାଲି ତା' ଶୁଣାଯାଉନାହିଁ । ମୁଁ ଏପରି ଘଟଣା ଦେଖିନାହିଁ ।

[ ଡ. ରେଖା ମହାନ୍ତି]

- ନା ।

[ ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ପରମେଶ୍ୱର ହିଁ ସର୍ବଶ୍ରେଷ୍ଠ ଯାଦୁକର ଓ ଗୁଣିଆ ।

[ ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ଏସବୁ ସତ ହୋଇପାରେ ବା ନ ପାରେ, ଆଂଶିକ ବା ଅର୍ଦ୍ଧସତ୍ୟ ହୋଇପାରେ, ଭଗବତ୍ ବିଶ୍ୱାସ ରହିଲେ ଏସବୁ ଭାବିବା ଅନାବଶ୍ୟକ ।

[ ଡାକ୍ତର କବି ପ୍ରସାଦ ମିଶ୍ର]

- ବିଶ୍ୱାସ କରେ ।

[ ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ଭୂତ, ପ୍ରେତ, ଡାହାଣୀ, ପିଶାଚୀ ଓ ଚର୍ଗୁଣୀ ବୋଲି କେହି ନାହାନ୍ତି । ଅତୃପ୍ତ ଆତ୍ମା ଅର୍ଥାତ୍ ଯାହାର କଛି ଅନ୍ତରଙ୍ଗ କାମନା ଥାଏ, ସେହି ବ୍ୟକ୍ତି ମରିଯିବା ପରେ ତା'ର ଅଶାନ୍ତ ଆତ୍ମା ପ୍ରେତଲୋକରେ ଘୂରିବୁଲେ । ଦୃଷ୍ଟିର ଅପୂର୍ଣ୍ଣତା ଏବଂ ବିଭ୍ରମତା ପାଇଁ ଲୋକେ ମୃତ ବ୍ୟକ୍ତିକୁ ଭୂତ, ପ୍ରେତ ନାମରେ ନାମିତ କରନ୍ତି । ଏହା ଏକ ଭୌତିକ ମାୟା ସଦୃଶ । ଆତ୍ମପ୍ରତ୍ୟୟ ଏବଂ ଦୃଢ ପ୍ରତିଜ୍ଞ ବ୍ୟକ୍ତି ଏସବୁ ବିଶ୍ୱାସ କରେନାହିଁ। ଗୁଣିଆ ଏ ଦିଗରେ କଛି କରେନାହିଁ । ଯାହା ଉପରେ ଭୂତ ପ୍ରେତ ଲାଗିଛି ବୋଲି ସେ କୌଣସି ଉପଗ୍ଚର ପ୍ରୟୋଗ କରେ ସେହି ନର୍ଦ୍ଦିଷ୍ଟ ବ୍ୟକ୍ତିର ବିଶ୍ୱାସ ଦୃଢୀଭୂତ

ହେଲେ ଏବଂ ମୋହାବିଷ୍ଟ ଭାବ ଦୂର ହେଲେ ସେ ସାଧାରଣ ବ୍ୟକ୍ତି ପରି ଚଳାଚଳ କରେ । ମାନସିକ ଦୁର୍ବଳତା ଓ ଭୀରୁତା ହିଁ ଏହାର ଅନ୍ୟତମ କାରଣ ।

[ ଡ. ରତ୍ନାକର ସାହୁ]

- ବିଶ୍ୱାସ ନାହିଁ ।

[ ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ଏହା ଏକ ମାନସିକ ରୋଗ, ଏହାର ଚିକିତ୍ସା ଆବଶ୍ୟକ । ଭୂତ- ପ୍ରେତରେ ବିଶ୍ୱାସ କରେ । ଏହା ବ୍ୟକ୍ତିଗତ ଚିକିତ୍ସା ଅଭିଜ୍ଞତାରୁ କହୁଛି ।

[ ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ହଁ, ଏ ବିଷୟରେ ମୋର ଅନେକ ଅନୁଭୂତି ଏବଂ ଅଭିଜ୍ଞତା ମଧ୍ୟ ରହିଛି । ଆମର ଏହି ସ୍ଥୂଳ ଜଗତ ଭଳି ଅଶରୀରୀମାନଙ୍କର ଏକ ସୂକ୍ଷ୍ମ ଜଗତ ଥିବାର ବହୁ ପ୍ରମାଣ ମିଳିଛି ।

[ ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ଲାଗନ୍ତି, ଏହା ମୁଁ ବିଶ୍ୱାସ କରେ । ଆତ୍ମାର କ୍ଷୟ ନାହିଁ । ଅବିନାଶୀ ଆତ୍ମା ଅତୃପ୍ତ- ତୃପ୍ତି ପାଇଁ ରାସ୍ତା ଖୋଜେ । ଅମୋକ୍ଷ ଆତ୍ମା ମଣିଷ ଦେହରେ ଲାଗେ । ମଣିଷ ବି ଜୀଇଁ ଥାଉ ଥାଉ ଭୂତ - ଯଥା ଭୂତପୂର୍ବ ମନ୍ତ୍ରୀ । ଅତୀତ ହେଉଛି ଭୂତ । ମଣିଷତ୍ୱ ହେଉଛି ଭବିଷ୍ୟତ । ଗୁଣିଆ ହିଁ ଏହି ଗୁଣର ମଧ୍ୟସ୍ଥତା କରେ ।

[ ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ହଁ । ଅମୋକ୍ଷ ଆତ୍ମାର ଅସ୍ତିତ୍ୱ 'ଯମଯାନ' ମଣ୍ଡଳରେ ଦୃଶ୍ୟମାନ ହୁଏ । ଏହା ତୁମେ ବିଶ୍ୱାସ କର ବା ନ କର ସେଥିରେ ସୃଷ୍ଟିରେ କୌଣସି ହାନି ଲାଭ ହେବନାହିଁ।

[ ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ନା ।

[ ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ]

- ଭୂତ, ପ୍ରେତ, ଡାହାଣୀ, ପିଶାଚୀ ଇତ୍ୟାଦି ପ୍ରେତାତ୍ମା ଅଛନ୍ତି । ବେଳେବେଳେ ସେମାନେ ମଣିଷକୁ ଭୂତାବିଷ୍ଟ ହୁଅନ୍ତି । ଏହି ଭୂତାତ୍ମାଙ୍କୁ କେବଳ ଐଶ୍ୱରିକ ଶକ୍ତି ବିତାଡ଼ନ କରି ପାରିବ । ଗୁଣି- ଗାରେଡ଼ିରେ ଭୂତାତ୍ମା ଦୂର ହୁଏ ନାହିଁ ।

[ ଡ. ଲୁଇ ସଭାସୁନ୍ଦର, କାଥଲିକ୍]

- ଦୃଢ଼ ଆତ୍ମବିଶ୍ୱାସୀ ଏବଂ ନିଷ୍ଠାପର ସତ୍ୟଧର୍ମ ବିଶ୍ୱାସୀଙ୍କୁ ଅତୃପ୍ତ ଆତ୍ମାଗଣ ଭୟ କରନ୍ତି ଓ ଦୂରେଇ ରହନ୍ତି । ପୁରୁଣାକାଳଆ ବିଶ୍ୱାସ ଅନୁଯାୟୀ ଭୂତପ୍ରେତ ମଣିଷକୁ ଲାଗୁଥିଲେ ଏବଂ ଗୁଣିଆ ଛଡ଼ାଉଥିଲେ । କିନ୍ତୁ ଏବେ ଭୂତ ଲାଗୁନାହିଁ ଓ ଗୁଣିଆର ମନ୍ତ୍ର କାମ କରୁନାହିଁ । ଏ ସମସ୍ତ ଅତୀତର ଅପାଠୁଆ ଲୋକଙ୍କ କଥା ବିଚାର କରିବାରେ କିଛି ଲାଭ ନାହିଁ ।

[ ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ମୁଁ ଜାଣିଛି ଯେ ଅତୃପ୍ତ ଆତ୍ମା ବିଶେଷତଃ ବିବାହ ଉତ୍ସବ ସମୟରେ ମହିଳାମାନଙ୍କୁ ଲାଗନ୍ତି। ଫଳରେ ଗୁଣିଆର ସାହାଯ୍ୟ ଲୋଡ଼ାଯାଏ । ଏହା କ'ଣ ଆତ୍ମହତ୍ୟା ଅବା ସ୍ୱପ୍ରଥା ଅନୁସାରେ ପରଲୋକର କୃତ୍ୟ ହୋଇ ନ ଥିବା ଯୋଗୁଁ ଘଟିଥାଏ? ନମାଇଁ ବାନାର୍ଜୀଙ୍କ ମତରେ ଆମର ଏହି ସ୍ଥୂଳ ଜଗତ ଭଳି ଅଶରୀରୀମାନଙ୍କର ଏକ ସୂକ୍ଷ୍ମ ଜଗତ ଥିବାର ବହୁ ପ୍ରମାଣ ମିଳିଛି । ଏହା ଯଦି ସତ୍ୟ ହୋଇଥାଏ, ତେବେ ଆମ ଲୋକାଚାର ବା ସାମାଜିକ ବିଧି, ଯାହା ପୂର୍ବ ପୁରୁଷନାକ୍ରମେ ହୋଇଆସୁଅଛି, ସେସବୁକୁ ଆମେ ମାନିବାକୁ ବାଧ୍ୟ । କୁସଂସ୍କାର କହି ତାହାକୁ ସହଜେ ଏଡ଼ାଇ ହେବନାହିଁ । ତେବେ ଭୂତପ୍ରେତ ମଣିଷମାନଙ୍କୁ ଲାଗିବାରେ କିଛିଟା ସତ୍ୟତା ରହିଛି । ମୁଁ ପୂର୍ବରୁ କହିଛି ଏବେ ମଧ୍ୟ ଆମେ ବିଶ୍ୱାସ ଅବିଶ୍ୱାସ ଦୋଛକରେ ଅଛୁ । ଏପରି ପରିସ୍ଥିତିର ଯିଏ ସମ୍ମୁଖୀନ ହୋଇଛି ସିଏ ଯେଉଁ ଅଭିଜ୍ଞତା ପାଇଛି ଅନ୍ୟମାନଙ୍କର ସେ ଅନୁଭୂତି ନ ଥିବାରୁ ବିଶ୍ୱାସରେ ଭିନ୍ନତା ପରିଲକ୍ଷିତ ହୁଏ ।

( ଲେଖକ)
ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ – 9861145687

# ଭବ୍ୟ ଭଗବଦ୍ ଗୀତା



ରାଜଶେଖର ସି. "ଚମା"

ଜଗନମୋହନ ଜନାର୍ଦ୍ଦନ ସ୍ୱୟଂ ସନାତନ ଧର୍ମର ଅନନ୍ୟ ଆୟତନ,
ତାଙ୍କ ନିବେଦିତ ଭବ୍ୟ ଭଗବଦ ଗୀତା ବ୍ରହ୍ମଜ୍ଞାନ ସର୍ବଦା ଲାଗେ ନିତ୍ୟ ନୂତନ। ୧।

ଗୀତାଜ୍ଞାନ ଜାଣିଶୁଣି ଆଚରଣ କରିଲେ ସମାନ ଲାଗିବ ଉତ୍ଥାନ ପତନ,
ଜଗତ୍ ଗୁରୁ ଶ୍ରୀକୃଷ୍ଣଙ୍କ ଜ୍ଞାନପଦ୍ୟ ରୁ ମିଳିବ ଜୀବନ- ସଙ୍ଗ୍ରାମ ରେ ଜୟକେତନ। ୨।

ଚିରଞ୍ଜୀବୀ ଗୁରୁବେଦ ବ୍ୟାସ ରଚିଲେ ମହାକାବ୍ୟ ମହାଭାରତ,
ଭୀଷ୍ମ ପର୍ବ ଅନ୍ତର୍ଗତ କୁରୁକ୍ଷେତ୍ର ରଣରଙ୍ଗରେ ଉଦ୍ଭବ ହେଲା ବାସୁଦେବଙ୍କ ଅନନ୍ତ ଗୀତ। ୩।

ଅପାର୍ଥିବ ଭାବ ଅଜ୍ଞାତ ପାର୍ଥ ସମ୍ପ୍ରାପ୍ତି କରିଲେ ଶ୍ୟାମସୁନ୍ଦରଙ୍କ ସୌହାର୍ଦ୍ଦ୍ୟ ସନ୍ନିଧି,
ପାର୍ଥସାରଥୀ ହୋଇ ପୁରୁଷୋତ୍ତମ ପ୍ରଦାନ କରିଲେ ଭଗବଦ ଗୀତା ଜ୍ଞାନନିଧି। ୪।

ଗୀତା ଉପନିଷଦ ଉପଦେଶାବଳି ସୂଚକାରେ ଅଛି ଅଷ୍ଟାଦଶ ଅଧ୍ୟାୟ,
ଆତ୍ମ- ତତ୍ତ୍ୱବୋଧ ର ଉପଦେଶ ଦେଇ ଦ୍ୱାରକାଧୀଶ ହେଲେ ମହାମହୋପାଧ୍ୟାୟ। ୫।

କହିଦେଇ ଜଣେଇଲେ ବାସ୍ତବ ସତ୍ୟର ଅନୁସନ୍ଧାନ ପାଇଁ ତର୍କର ପ୍ରୟୋଗ,
ଅବଗତ କେରେଇଲେ ଆଧ୍ୟାତ୍ମିକତାର କର୍ମଭକ୍ତି ସୁଜ୍ଞାନ ରାଜଯୋଗ। ୬।

ସବ୍ୟସାଚୀଙ୍କୁ ଦିବ୍ୟ ଦୃଷ୍ଟିରୁ ସମାଗତ ହେଲା ବଂଶୀଧରଙ୍କ ବିଶ୍ୱରୂପ ପ୍ରଦର୍ଶନ ସନ୍ଦର୍ଶନ,
ଶ୍ରୀଗୋବିନ୍ଦ ସ୍ୱୟଂ ଜଗତ ରନାଥ ବୋଲି ଦର୍ଶାଏ ଏହି ସର୍ବାଙ୍ଗ ସୁନ୍ଦର ଅପରୂପ
ପରିଦର୍ଶନ। ୭।

ଅତିବଡ଼ି ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦରେ ଭଗବଦ ଗୀତାର କରିଲେ ଭାବାନୁବାଦ,
ଓଡ଼ିଆ ଭାଗବତ ରୂପରେ ଜନ୍ମଦାତ୍ରୀଙ୍କ ଆକାଂକ୍ଷା ଅନୁସାର ଅଧ୍ୟାୟ ଅଧ୍ୟାୟର କରିଲେ
ପଦ୍ୟାନୁବାଦ। ୮।

ସୁଖ- ଦୁଃଖକଷ୍ଟ- ନଷ୍ଟହାନି- ଲାଭର ସଦନ ଏହି ଦେହ,
କ୍ଷଣ- ଭଂଗୁର ନଶ୍ୱର ଶରୀର ପ୍ରତି ନରହୁ ଅକାଟ୍ୟ ମୋହ। ୯।

ଭାଗବତ ନୀତି ଶାସ୍ତ୍ର ପୁରାଣ ପଠନ ହେଉ ପ୍ରତ୍ୟହ,
ମଦନମୋହନଙ୍କ ଉପାସନାରେ ଲୀନ ରୁହନ୍ତୁ ଜନ ସମୂହ। ୧୦।

ଆମ ମାନସରେ ଚିର ପ୍ରବାହିତ ରହୁ ଶ୍ରୀଜଗନ୍ନାଥଙ୍କ ଭକ୍ତି- ସରିତା,
ମାତାଙ୍କ ମଧୁରବାଣୀ ମମତା ପରି ଯାହା ପରମ ଶାନ୍ତି ସୌଖ୍ୟ ମୋକ୍ଷ ପ୍ରଦାତା। ୧୧।

ଗିରିଧର ଗୋପାଳଙ୍କ ସ୍ନେହ ସଦା ଅଭିନବ,
ବର୍ଣ୍ଣନାତୀତ ଏହି ସୌହାର୍ଦ୍ଦ ଅନୁଭବ। ୧୨।

ଭବ୍ୟ ଭଗବଦ ଗୀତା ସନାତନ ଧର୍ମର ବ୍ୟାପ୍ତି ହେତୁ ବିଶିଷ୍ଟ ବେଦିକା,
ବ୍ରହ୍ମୋପଦେଶ ଗୀତିକା ହୋଇ ମାନବଜୀବନ ପାଇଁ ଯାହା ଦିବ୍ୟ ଦୀପିକା। ୧୩।

chvrajasekhar@gmail.com

# ଭ୍ରମର...



ସ୍ମିତା ତ୍ରିପାଠୀ

ନିସ୍ତବ୍ଧ ରାତି ର ବହଳ ଅନ୍ଧକାର ପରି
ତତେ ଭଲ ପାଏ,
ଅତଳ ସାଗର ର ଗଭୀରତା ଭଳି
ତତେ ମୁଁ ନିତି ଖୋଜେ..
ବସନ୍ତ ଆସିଲେ ମହକ ମହକ
ପ୍ରେମ ଗୀତ ଗାଏ
ଶ୍ରାବଣ ରେ ମୁଁ ତ
ତୋରି ପ୍ରେମ ରେ ଭିଜେ...
ଜାଣେ ନାହିଁ କାହିଁ ପାଇଁ
ତତେ ମୁଁ ଏତେ ଖୋଜେ
କୋଟି କୋଟି ଲୋକ ଭିତରେ
ଜଣକ ପାଇଁ ହୃଦୟ ଟି ଭିଜେ...
ଶୀତୁଆ ରାତିରେ ବେଳା ଭୂମି ପରେ
ତୋ ଆଲିଙ୍ଗନେ ଚୁମେ,
ଶୀତ ସବୁ ଉଡି ଯାଏ
ତୋ ଛାତିର ଉଷୁମେ....

ରାମେଶ୍ୱର ସାହି, ଖଲରୀ
ହୁଲୁରିଶିଙ୍ଘା, ଅନୁଗୁଳ- ୭୫୯୧୨୨

# ବାସବଦତ୍ତା ଓ ରେଜି



ସୁଲୋଚନା ପଟ୍ଟନାୟକ

ମୁଁ ବାସବଦତ୍ତା ମହାନ୍ତି । ପି ଏଚ ଡି କରିବାର ଇଚ୍ଛା ନ ଥିଲେ ମଧ୍ୟ ଏ ଭିତରେ ପି ଏଚ ଡି ଶେଷ କରିବାର ବର୍ଷେ ହୋଇଗଲାଣି । ନାଁ ପଛରେ ଡକ୍ଟର ଲାଗିଲାଣି । ଶ୍ରେଣୀରେ ବା ଶ୍ରେଣୀ ବାହାରେ କେତେବେଳେ କିଏ "ବଡ ହେଲେ କ'ଣ କରିବୁ ପଚାରିଲେ କହୁଥିଲି "ମୁଁ ଡାକ୍ତର ହେବି" । କିନ୍ତୁ ଦୁଃର୍ଭାଗ୍ୟ ବସତଃ ଡାକ୍ତରୀ ପଢିବା ହୋଇପାରିଲା ନାହିଁ । ଅନେକ ପରିଶ୍ରମ କରି ପ୍ରବେଶିକା ପରୀକ୍ଷାରେ ସଫଳ ହୋଇ ପାରି ନାହିଁ । ଅନେକ ସାଙ୍ଗ ପ୍ରବେଶିକା ପରୀକ୍ଷାରେ ଭଲ ନ କଲେ ମଧ୍ୟ କାରବିଆନ ଆଇଲାଣ୍ଡ ଯାଇ ସେଠି ଦୁଇ ବର୍ଷ, ଆଉ ଆମେରିକା ବା ଇଉରୋପରେ ବର୍ଷେ ପଢି ଡାକ୍ତର ହୋଇଥାନ୍ତି । ବସବଦତ୍ତାର ସେଥିରେ ଇଛା ନାହିଁ । ଭାଗ୍ୟକୁ ଗଢିବାକୁ ତାର ଇଛା ନାହିଁ । ଭାଗ୍ୟ ତାକୁ କୁଆଡେ ନେଉଛି ଭାବି, ପବ୍ଲିକ୍ ହେଲ୍ଥରେ ସିଏ ମାଷ୍ଟର୍ସ ଶେଷ କରି ଏବେ ବର୍ଷେ ହେଲା ଚାକରୀ କଲାଣି । ପ୍ରଥମ ଦରମା ପାଇ ଆଜି ସିଏ ଖୁବ ଖୁସି । ଯଦିଓ ଡାକ୍ତରୀ ଦରମା ଠାରୁ ତିନି ଭାଗରୁ ଭାଗେ ପାଇଛି, କିନ୍ତୁ ନିଜର ପ୍ରଥମ ଚାକରୀର ପଇସାରେ ସାଙ୍ଗ ମାନଙ୍କ ସହ ଖୁସି ପାଳନ କରିବାକୁ ବାହାରେ ରେଷ୍ଟୁରାଣ୍ଟରେ ରାତ୍ରିଭୋଜନର ବନ୍ଦୋବସ୍ତ କରିଛି ପାଞ୍ଚ ଜଣ ଅତି ନିକଟତର ବନ୍ଧୁଙ୍କ ସହିତ । ହାଇ ସ୍କୁଲର ସାଙ୍ଗ ସୁଜାତା ଯିଏ ବର୍ତ୍ତମାନ ଡାକ୍ତର ହୋଇଛି, ସେମାନଙ୍କ ମଧ୍ୟରୁ ଜଣେ । ଆମେରିକାରୁ ଅନେକ ବିଶ୍ୱବିଦ୍ୟାଳୟ ତାକୁ ପ୍ରଥମରୁ ନାପସନ୍ଦ କରିଥିଲେ । କିନ୍ତୁ ବାସବଦତ୍ତା ପରି ସିଏ ମନ ନ ଭାଙ୍ଗି କାରବିଆନ ଡାକ୍ତରି ବିଶ୍ୱବିଦ୍ୟାଳୟରୁ ଉତ୍ତିର୍ଣ୍ଣ ହୋଇ ଏବେ ନିୟୁୟର୍କରେ କାମ କରୁଛି । ତାର ସଫଳତାରେ ବନ୍ଧୁ ମାନେ ବହୁତ ଖୁସି । ଅନେକଙ୍କ ପାଇଁ ଡାକ୍ତରୀ କରିବା ବା ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ଜନ୍ମଗତ ମନୋବୃତି । ଆଉ କେତେକଙ୍କ ପାଇଁ ଏହା ତାଙ୍କର ସ୍ୱପ୍ନ । ବାସବଦତ୍ତାର ମନେ ପଡିଲା, ତାର ବଡ ଭଉଣୀ ନିବେଦିତାର କଥା । ଡାକ୍ତର ହେବାକୁ ତାର ବହୁତ ଇଛା ଥିଲା । କିନ୍ତୁ ଡାକ୍ତରୀ ସ୍କୁଲରେ ସିଟ୍ ନ ପାଇବା ହେତୁ,

ବି.ଏସ.ସି. ପାସ କରି ସିଏ ବାହା ହୋଇ ଖୁସିରେ ଅଛି । ଏବେ ଝିଅକୁ ଭଲରେ ବାହାଘର କରିବା ତାର ସ୍ୱପ୍ନ । ବାସବଦତ୍ତା ଭାବିଲା, ସମୟ କ୍ରମେ ମଣିଷର ସ୍ୱପ୍ନ ବଦଳ ଯାଏ । ଏକ ନୂଆ ସ୍ୱପ୍ନରେ ବିଭୋର ହୋଇ ଜୀବନ କଟିଯାଏ ଖୁସିରେ । ହେଲେ ବାସବଦତ୍ତା ଯେମିତି ଅଟକ ଯାଇଛି ଗୋଟିଏ ସ୍ୱପ୍ନରେ । ଡାକ୍ତର ହେବା, ଭୂତ ହୋଇ ତାକୁ ମାଡି ବସିଛି । ସିଏ ଭାବୁଛି, ଏଇଟା ତ କିଛି ବଡ କଥା ନୁହେଁ । ଭଗବାନଙ୍କୁ ସିଏ କିଛି ବଡ କଥାଟିଏ ମାଗି ନଥିଲା । ଜୀବନ ସାରା ସିଏ ଭଲ ପଢୁ ଥିଲା । ସବୁ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଉଥିଲା । କିନ୍ତୁ ଡାକ୍ତର ହେବାର ସ୍ୱପ୍ନ ସଫଳ ହୋଇ ପାରିଲା ନାହିଁ। ହଠାତ ଦେଖିଲା ସାଙ୍ଗମାନେ ତାଙ୍କର ପାଖ ଟେବୁଲରେ ବସିଥିବା ଭଦ୍ରବ୍ୟକ୍ତିଙ୍କୁ ଡାକୁଛନ୍ତି । ସୁଜାତା ଉଠିଯାଇ ଭିଡି ଆଣି ବସାଇଲା ସେଇ ବ୍ୟକ୍ତିଙ୍କୁ ଆଉ ସମସ୍ତଙ୍କୁ ପରିଚୟ କରାଇଦେଲା ଅସିତଙ୍କୁ । ସମସ୍ତେ ଖାଇବା ବନ୍ଦକରି ଅନାଇ ଥାନ୍ତି ଅସିତଙ୍କ ଆଡେ । ଅସିତଙ୍କୁ କଣେଇ ଚାହିଁଲା ବାସବଦତ୍ତା । ଅସିତଙ୍କ ଚେହେରାଟି ତାକୁ ଭଲ ଲାଗିଲା । ମଧ୍ୟମ ଧରଣର ସ୍ୱାସ୍ଥ୍ୟ । ଖଣ୍ଡାଧାର ପରି ନାକ । ଆୟତ ଚକ୍ଷୁ । ଉଚ୍ଚ କପାଳ। ସମସ୍ତେ ତାଙ୍କ ବିଷୟରେ ଜାଣିବାକୁ ଆଗ୍ରହି ହୋଇଥାନ୍ତି । ବାସବଦତ୍ତା ପ୍ରଥମ କରି କହିଲା, "ମୋ' ନାଁ ବାସବଦତ୍ତା, ମତେ ସମସ୍ତେ ଦତ୍ତା ବୋଲି ଡାକନ୍ତି । ଆଜି ମୋର ନୂଆ ଚାକରୀର ପ୍ରଥମ ଦରମା ମିଳିଛି । ସେଥିପାଇଁ ଆମେ ସମସ୍ତେ ଏଠି ଏକାଠି ହୋଇଛୁ। ଏଠି ପବ୍ଲିକ୍ ହେଲ୍‌ଥ୍ ବିଭାଗରେ ମୁଁ କାମ କରେ" । ଅସିତ କହିଲେ, ମୋର ଇଚ୍ଛା ଥିଲା ପବ୍ଲିକ୍ ହେଲ୍‌ଥ୍ ରେ କାମ କରିବା ପାଇଁ । କିନ୍ତୁ ବାପାଙ୍କର ଇଚ୍ଛା ଥିଲା ପୁଅ ଡାକ୍ତର ହେଉ । ବାଧ୍ୟ ହୋଇ ଡାକ୍ତର ହିଁ ହେବାକୁ ହେଲା । ଭାବୁଛି ଏମ୍‌ବିଏ କରି ପରବର୍ତ୍ତି କାଳରେ ପବ୍ଲିକ୍ ହେଲ୍‌ଥ୍ ରେ କାମ କରିବି । ନଅଟାରୁ ପାଞ୍ଚଟା କାମ । ସେଇ ପବ୍ଲିକ୍‌କୁ ସାହାଯ୍ୟ କରିବା କଥା । ଦେଖାଯାଉ ଭାଗ୍ୟ କୁଆଡେ ନେଉଛି । ବାସବଦତ୍ତା ମନକୁ ମନ ହସିଲା । ସେ ହସ ତା ଓଠକୁ ଆସିଲା ନାହିଁ । ତା' ଆଖିକୁ ଉଜ୍ଜ୍ୱଳ କଲା ନାହିଁ । ତା ମୁହଁରୁ ଖୁସି ବାରି ହେଲା ନାହିଁ । କିନ୍ତୁ ସିଏ ଭାବିଲା ଠିକ୍ ବିପରିତ କଥା । ନିଜ ମନ କଥା ପ୍ରକାଶ କରିବ କି ନାହିଁ ଚିନ୍ତା କଲା । ଖାଇବା ପ୍ଲେଟରୁ ଛେନା ତରକାରୀରୁ ଛେନା ଖଣ୍ଡେ ଫୋର୍କରେ ପାଟିକୁ ନେଲା । ଧୀରେ ଧୀରେ ଛେନାଟିକୁ ଚୋବାଇବାକୁ ଲାଗିଲା। ଅସିତଙ୍କୁ ଚାହିଁ ଆଖିରେ ଆଖି ରଖି ପଚାରିଲା, "ଆପଣଙ୍କୁ ମୋ' ପାଇଁ ସେଲିବ୍ରେଟ୍ କରିବାକୁ ପଡିବ ଆଜି । କଅଣ ମଗାଇବେ କୁହନ୍ତୁ" ? ସମସ୍ତେ କହିଲେ, ଚାଲ ସାମ୍ପେନ୍

ମଗାଇବା । ସେଦିନ ଖାଇବା ସାମ୍ପେନରୁ ଆରମ୍ଭ ନକରି ଖାଇବା ଶେଷ କଲେ ସାମ୍ପେନରେ ।

ରାତିଟା ଖୁବ ଭଲରେ କଟିଗଲା । ନିଦ ଆସିଗଲା ଖୁବ ଶୀଘ୍ର । ହୁଏତ ସାମ୍ପେନ୍‌ର ପ୍ରଭାବ ହୋଇପାରେ ଅବା ମନ ଖୁସି ବି କାରଣ ହୋଇପାରେ । ଯେଉଁ କାରଣ ହେଉ ନା କାହିଁକି ଭଲ ନିଦ ହେବା ଗୋଟିଏ ଭଲ କାରଣ । ହୁଏତ ଆଜି ଦିନଟା ଭଲରେ କଟିବ । ସବୁ ଦିନଭଳି ସକାଳୁ ଉଠି ସକାଳର କାମ ଶେଷ କରି କାମକୁ ବାହାରିଗଲା ବାସବଦତ୍ତା । କାମରେ ପହଞ୍ଚି ସେଲ ଫୋନ୍‌କୁ ଭାଇବ୍ରେଟରରେ ରଖିବା ପୂର୍ବରୁ ଦେଖିଲା ସୁଜାତାର ମେସେଜ୍ । ପଚାରିଛି, ଅସିତ ତା ସହ କଥା ହେବାକୁ ଚାହୁଁଛନ୍ତି । ଯଦି ଆପତ୍ତି ନଥାଏ ସିଏ ତାଙ୍କୁ ତାର ଫୋନ୍ ନମ୍ବର ଦେବ । ବାସବଦତ୍ତା ସୁଜାତାକୁ କହିଲା, "ମତେ ଟିକଏ ସମୟ ଦେ ଭାବିବାକୁ" । "ହଁ/ ନାହିଁ" କହିବାର ଦ୍ୱନ୍ଦରେ ଥିଲା ସିଏ । ଘରେ ପହଞ୍ଚି କିଛି ଫଇସଲା କରିବ ବୋଲି ଠିକ୍ କଲା । ତେବେ ବର୍ତ୍ତମାନ ପାଇଁ କାମରେ ମନ ଦେବାକୁ ଚେଷ୍ଟା କଲା । ପ୍ରଶାସନିକ କାମ ତାର । ବିଶେଷ ଚିନ୍ତା ନାହିଁ । ସେତିକିବେଳେ ମନକୁ ଆସିଲା, ଡାକ୍ତର ହୋଇଥିଲେ କାମ ନିଶ୍ଚୟ କଷ୍ଟ ପଡିଥାନ୍ତା । ଜୀବନ ନିଶ୍ଚୟ ଜଞ୍ଜାଳମୟ ହୋଇଥାନ୍ତା । ଅନ୍ୟମନସ୍କ ଭାବରେ ମନ କାହିଁକି କେଜାଣି ଅସିତଙ୍କ ଆଡକୁ ବରମ୍ବାର ଚାଲିଯାଉଥାଏ । କାମରେ ମନ ଲାଗୁ ନଥାଏ । ଆଜି ପ୍ରଥମ କରି ଡାକ୍ତରୀ ନ ପଢି ଭଲ ହୋଇଛି ବୋଲି ସିଏ ଅନୁଭବ କଲା । ଭଲ ଲାଗିଲା ବାସବଦତ୍ତାକୁ ।

ଘରେ ପହଞ୍ଚିଲା ବେଳକୁ ସାଢେ ପାଞ୍ଚଟା ହୋଇଯାଇଥାଏ । ଘରେ ପହଞ୍ଚି କୁକୁର ରୋଜିକୁ ନେଇ ବୁଲାଇ ନେବା ତାର ପ୍ରଥମ କାମ । ତାକୁ ଦେଖିଦେଲେ ରୋଜିର ଖୁସି ନାହିଁ ନଥିବା ଭଳି । ସିଏ ତା ଉପରେ ଦୁଇ ଗୋଡ ଦେଇ ତାର ମୁହଁ ହାତକୁ ଚାଟି ପକାଉଥାଏ । ଦତ୍ତାକୁ ସମୟ ମିଳିଲା ନାହିଁ ଲୁଗା ପଟା ବଦଳିବା ପାଇଁ । ପର୍ସଟାକୁ ସୋଫା ଉପରେ ପକାଇ ଦେଇ ସିଏ ରୋଜିକୁ ନେଇ ବାହାରକୁ ଗଲା । ଶୀଘ୍ର ନଗଲେ ରାତି ହୋଇଯିବ । ଦୁଇଟି ସାଙ୍ଗ ପରି ରୋଜି ଆଉ ଦତ୍ତା ଚାଲିବାକୁ ଗଲେ। ଘର ଚାରି ପାଖ ରାସ୍ତାରେ ଅତି କମରେ ଦୁଇଥର ବୁଲିଗଲେ ସିଏ ଖୁସି ହୁଏ । କିନ୍ତୁ ସେଦିନ କଅଣ ହେଲା କେଜାଣି, ଘରୁ ବାହାରି ମିଲରସ୍ ଲେନ ପାରି ହୋଇ ସିଏ ସିଧା ଚାଲିଲା । ଚାଲିଛି ତ ଚାଲିଛି । ଏ ଭିତରେ କୋଡିଏ ମିନଟ୍ କଟିଗଲାଣି । ସୂର୍ଯ୍ୟ ଅସ୍ତ ହୋଇ ପଶ୍ଚିମ ଦିଗକୁ ବୁଡିଗଲେଣି । ତାଙ୍କର

ଲାଲିମା କୁଆଡେ ଲିଭି ଗଲା ପରି ମନେହେଉଛି । ତାଙ୍କୁ ଫେରିବାର ଦେଖି ସିଏ ନିଜେ ଫେରିବାକୁ ଚିନ୍ତା କଲା । ରେଜି ଟାଣି ହେଲା । ତାର ଆଦୌ ଫେରିବାକୁ ଇଛା ନ ଥିଲା । ଦତ୍ତା ତାକୁ କହିଲା, "ଚାଲ ରେଜି, ଡେରି ହେଲାଣି" । ଛୋଟ ପିଲାଟିଏ ପରି ଅନିଚ୍ଛା ସତ୍ୱେ ବାଧ୍ୟ ହୋଇ ଦୁହେଁ ଫେରିବାକୁ ଠିକ୍ କଲେ ।

ଘରର କବାଟ ଖୋଲିଲା ଦତ୍ତା । ରେଜିର ଲିଜ୍ ଖୋଲି ଦେଲା । ସିଏ ଦଉଡି ଯାଇ ତାର ତାଟିଆରୁ ଚବ ଚବ କରି ପାଣି କିଛି ପିଇ ଦେଲା । ତାପରେ ସୁନା ପିଲାଟିଏ ପରି ଗୋଡ ଲମ୍ବାଇ ସୋଫା ଉପରେ ବସିଗଲା ଦତ୍ତା ପାଖରେ । ଦତ୍ତା ଟିଭି ଅନ କରି ଜିଓପାର୍ଡି ଦେଖିଲା । ସେଦିନର ପ୍ରତିଯୋଗୀ ଜଣେ ଭାରତୀୟ ଥିଲେ । ତାଙ୍କୁ ଦେଖି ଦତ୍ତାର ଆଗ୍ରହ ବଢି ଗଲା । ଭାରତୀୟ ମାନେ ତାଙ୍କର ବୁଦ୍ଧିମତ୍ତା, ସବୁ କ୍ଷେତ୍ରରେ, ସବୁ ସ୍ଥାନରେ ଦେଖାଇ ପାରିଛନ୍ତି ଭାବି ଖୁସି ହେଲା । ରେଜିର ଭାରତୀୟ ବା ଅମେରିକାନ୍ ଭିତରେ କିଛି ଫରକ୍ ପଡୁନଥାଏ । ଦୁହେଁ ନିଜ ନିଜ ଚିନ୍ତାରେ ବ୍ୟସ୍ତ ଥାନ୍ତି । ରେଜିକୁ ଦେଖି ମନେ ହେଲା ସିଏ ଶାନ୍ତିରେ ବସିଛି । କିଛି ସମୟ ଦେଖିବାପରେ ଦତ୍ତା ରାତ୍ରି ଭୋଜନର ବ୍ୟବସ୍ଥା କରିବାକୁ ଗଲା । ରେଜି ଲାଙ୍ଗୁଳ ହଲାଇ ହଲାଇ ତା ପଛେ ପଛେ ଗଲା । ରୋଷଇ ଘର ଦୁଆର ମୁହଁକୁ ଯାଇ ସତେ ତାକୁ ଅପେକ୍ଷା କଲା ଓ ସେଇଠି ବସି ରହିଲା । ଦତ୍ତା ତାର ମୁଣ୍ଡକୁ ଟିକିଏ ଆଉଁସି ଦେଇ ଗେହ୍ଲା କଲା । ରେଜିର ରୋଷେଇ ଘରକୁ ଯିବା ମନା । ରେଜି ସବୁ କଥା ମାନେ ଓ ମନେ ରଖେ ମଧ୍ୟ । ବାସବଦତ୍ତା ଖୁବ ଶୀଘ୍ର ରୋଷେଇ ଶେଷ କରିନେଲା। ରୋଷେଇ କହିଲେ ରୁଟି ଦୁଇ ପଟ ଆଉ ତରକାରୀ ଟିକିଏ । ଯଦି ବଳକା କିଛି ଅଛି ସେଦିନ କିଛି କରିବାକୁ ପଡେନା । ଭାଗ୍ୟକୁ ଆଜି ପୋଟଳ ତରକାରୀ ଆଉ ବ୍ରକୋଲି ଭଜାରୁ କିଛି ବଳକା ଅଛି । ଖାଇବା ନେଇ ମାଇକ୍ରୋୱେଭ୍ ରେ ମିନିଟିଏ ଦେଇ ଗରମ କରି ଖାଇବା ଟେବୁଲରେ ବସିଗଲା । ବାସବଦତ୍ତା ସବୁଦିନପରି ରୁଟିରୁ ଖଣ୍ଡେ ବଢାଇଲା ରେଜିକୁ । ରେଜିର ମନ ନଥିଲା ସେ ରୁଟିରେ । ଆଜି ରୁଟିକୁ ନେଇ ଆଗ ପାଦ ବଢାଇ ଗୋଡ ତଳେ ରଖିଲା । ସତେ ଯେମିତି ତାର ରୁଟିକୁ କିଏ ନେଇଯିବ ! ଖାଇବା ସାରି ଦତ୍ତା ତାର ପ୍ଲେଟ୍‌କୁ ନେଇ ସିଙ୍କରେ ରଖିଲା । ରେଜି ସେମିତି ବସିଥାଏ । ଏପଟ ସେପଟ ଅନାଉଥାଏ । ଦତ୍ତା ଖାଇବା ପର୍ବ ଶେଷ କରି ଲିଭିଂ ରୁମ୍‌କୁ ଯାଇ ପୁଣି ଟିଭି ଦେଖାରେ ବସିଗଲା । ରେଜି ତା ପଛେ ପଛେ, କିଏ ଡାକିଲା ପରି ଯାଇ ଦତ୍ତାର ଗୋଡ ପାଖରେ ଗୋଡ ଲମ୍ବାଇ ଜିଭ ଦେଖାଇ ପଡି ରହିଲା । ଦତ୍ତା ରେଜିକୁ ଉପରକୁ ଆସିବାକୁ ଡାକିଲା।

ଗ୍ରେଜି କଥା ମାନ ସୁନା ଝିଅଟିଏ ପରି ଆସି ତା କୋଳରେ ଗୋଡ ଦେଇ ବସି ଟିଭି ଦେଖିବାର ବାହାନା କଲା ।

ପରଦିନ ସକାଳ କେତେବେଳେ ହେଲା ଦତ୍ତା ଜାଣି ପାରିଲା ନାହିଁ । ଆଖିରୁ ନିଦ ଛାଡୁ ନ ଥାଏ । କାମକୁ ଯିବାକୁ ନଥିଲେ ଉଠିବାରେ ହେଳା କରିଥାଆନ୍ତା ନିଶ୍ଚୟ । କିନ୍ତୁ ଗ୍ରେଜି ତ ଅପେକ୍ଷା କରି ରହିଛି । କେତେବେଳେ ଦତ୍ତା ଉଠିଲେ ସିଏ ବାହାରକୁ ଯିବ । ନହେଲେ ଘରେ ଦୁର୍ଘଟଣା ଘଟିବ । ଦତ୍ତାକୁ ବି ଭଲ ଲାଗେ ସକାଳୁ ସକାଳୁ କିଛି ସମୟ ଗ୍ରେଜି ସହ କଟାଇଲେ । ସ୍ୱଳ୍ପ ସମୟର ନୀରବ ଯାତ୍ରା - ଦୁଇ ପ୍ରାଣୀ । କେବଳ ଇଙ୍ଗିତରେ ପରସ୍ପରକୁ ବୁଝନ୍ତି । ଯିଏ ଯାହା ଭାଷାରେ କଥା କୁହନ୍ତି । କେହି କାହାକୁ ଦୋଷାରୋପ କରନ୍ତି ନାହିଁ । କେହି କାହା ଉପରେ ଦାବୀ କରନ୍ତି ନାହିଁ । ଭଲ ପାଇବାର ଅଦୃଶ୍ୟ ହାତ ଧରି ଚାଲିଥାନ୍ତି । ସେ ହାତ - ହାତ ଛଡା ହୁଏନା । ପୁଣି କାଲିର ପ୍ରତୀକ୍ଷା କରେ । ସେଥିରେ ଜନ୍ମ- ଜନ୍ମାନ୍ତରର ବିଶ୍ୱାସ ଭରି ରହିଥାଏ । ସେ ସଂପର୍କ ବାପ - ପୁଅ ବା ମାଆ - ଝିଅର ହୋଇ ନପାରେ । ସେ ସଂପର୍କକୁ ବିଶ୍ଳେଷଣ କରି ହୁଏନା । ଗ୍ରେଜି ଦତ୍ତାକୁ ଚାହେଁ । ମାଗେ ନାହିଁ କିଛି । ପରସ୍ପରର ସାଥୀ ହେବାର ସୁଖକୁ ଦୁହେଁ ଦୁହିଁଙ୍କୁ ଜଣାଇ ଦିଅନ୍ତି ଆଖିରେ ଆଖିରେ । ପାଖା ପାଖି ବସିଲେ, କେତେବେଳେ ଦତ୍ତା ଗ୍ରେଜିର ପିଠିକୁ ଆଉଁଷାଇ ଦିଏ ତ କେତେବେଳେ ଥାପୁଡାଇ ଦିଏ ମୁଠକୁ । ଗ୍ରେଜି ସେସବୁ କରିପାରେନା । ପାଟି ଖୋଲି ମଣିଷଙ୍କ ଭାଷାରେ ବୁଝାଇ ପାରେନା । କିନ୍ତୁ ନିଜ ଭାଷାରେ ଉଁ ଉଁ ହୋଇ କେତେ କଅଣ କହୁଥାଏ । ଦତ୍ତା ଭାବେ, ବାପା ବୋଉଙ୍କ ପରେ ସବୁଠାରୁ ପ୍ରିୟ କହିଲେ ଗ୍ରେଜି ହିଁ ଆସିବ ସେ ସ୍ଥାନକୁ । ମଣିଷ ମଣିଷର ସଂପର୍କର ରହସ୍ୟକୁ କିଏ ବୁଝୁ ବା ନ ବୁଝୁ, ଗ୍ରେଜି ନିଶ୍ଚୟ ବୁଝିଛି । ତେଣୁ କେତେବେଳେ ସିଏ ସଂପର୍କର ଲକ୍ଷ୍ମଣ ଗାରକୁ ଡେଇଁ ଯାଏନା । ନିୟମକୁ ଅମାନ୍ୟ କରେନା । ଦତ୍ତା ଭାବେ କିଏ ଏତେକଥା ଶିଖାଇଲା ଗ୍ରେଜିକୁ?

ସେଦିନ ଶୁକ୍ରବାର ହୋଇଥାଏ । ଦତ୍ତା କାମରୁ ଶୀଘ୍ର ଫେରିଲା । ପରିବା ପତ୍ର ଆଣିବାକୁ ଥିଲା ସେଦିନ । ତେଣୁ କାମରୁ ଫେରି ସଙ୍ଗେ ସଙ୍ଗେ ସିଏ ଚାଲିଗଲା ବାହାରକୁ । ଗ୍ରେଜିର କୁଁ କୁଁ ଶବ୍ଦ ଶୁଣାଯାଉଥାଏ । ଶୁଣି ନ ଶୁଣିଲା ପରି ସିଏ ଚାଲିଗଲା । ପାଖକୁ ଗଲେ, କଥା କହିଲେ, ଗ୍ରେଜି ତାକୁ ଅଥୟ କରି ପକାଇବ । ବାହାରକୁ ଯିବାକୁ ଦେବନି । ଅନୁନୟ କରି ଅନେକ କହିବ ତାକୁ ସଙ୍ଗରେ ନେବା ପାଇଁ । ସେଥିପାଇଁ କିଛି ନକହି ସିଏ

ଗ୍ଲିଗଲା । ପ୍ରାୟ ଘଣ୍ଟାକରେ ଫେରି କବାଟ ଖୋଲିଲା । ରେଜିର ଆମନ୍ତ୍ରଣର ଶବ୍ଦ ନାହିଁ । ଘରେ ନୀରବ ବାତାବରଣ । ରେଜି ରେଜି ଡାକଲା ଦତ୍ତା । ରେଜିର ଦେଖା ନାହିଁ । ଗ୍ରରିଆଡ ଖୋଜିଲା । ଦେଖିଲା ରେଜି ଦାଣ୍ଡ ଦୁଆରର କଡକୁ ପଡି ରହିଛି, ସତେକ ତାର ଫେରିବା ବାଟକୁ ଗ୍ରହିଁ ରହିଛି । ବାସବଦତ୍ତା ତଳେ ବସି ପଡିଲା । ରେଜିକୁ ହଲାଇଲା । କୌଣସି ଉତ୍ତର ପାଇଲାନ । ଖୁବ ଅସ୍ଥିର ହୋଇ ପଡିଲା । ରେଜିର ପ୍ରତ୍ୟୁତର ନାହିଁ । ବାହାରକୁ ଯିବାକୁ ଅସ୍ଥିର କରୁନ ଆଜି । ନୀରବ ନିଶ୍ଚଳ ଦେହ ତାର ପଡି ରହିଛି । ଶୋଇ ଯଇଛି ରେଜି । ବାଁ ଆଖିରୁ ଧାରଟିଏ ଲୁହ ବୋହି ଗଲାପରି ମନେ ହେଉଛି । ଦତ୍ତାକୁ ଏକୁଟିଆ ଛାଡି ସିଏ କାଳ ନଦରେ ଚରଦିନ ପାଇଁ ଶୋଇଛି । ଦତ୍ତା ତାର ଖୋଲା ଆଖିକୁ ବନ୍ଦ କରିଦେଲା । ହୃଦୟ ବିଦାରି କୋହ ପରେ କୋହ ଉଠି ଆସୁଥାଏ । କୋଳକୁ ଟାଣି ଆଣିଲା ତାର ପ୍ରିୟ ସାଥୀକୁ । ଆଉଁସି ଦେଲା ତାର ଦେହକୁ ।

ରେଜି ନାହିଁ । ବାସବଦତ୍ତା ଭାବିଲା ବଞ୍ଚିଛି ଯେତେବେଳେ ହୁଏତ ପୁଣି ବଞ୍ଚିବାର ରାହା ତାକୁ ପାଇବାକୁ ହେବ । କିନ୍ତୁ କେଉଁଠୁ ପାଇବ ସେ ରାହା, କିଏ ତାକୁ ଦେଖାଇବ ସର୍ପିଳ ହେଲେ ବି ନୂଆ ରାସ୍ତାଟିଏ ?

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ଚଷମା



ସୌମ୍ୟ ରଞ୍ଜନ ପାଲ

ନାକ ପରେ ଥାଇ ସଭିଙ୍କୁ ଅନାଇ
ରଚେ ସେ କେତେ କାହାଣୀ,
ଜଣା ପଡେନାହିଁ ସଜ କ ଅନଳ
କେଉଁ ରୂପେ ସେ ଗୃହାଣୀ।
ଏମିତିକା ଭ୍ରମ ତିଆରେ ନୟନ
ବେଳେ ହସ ବେଳେ କାନ୍ଦ,
ସ୍ୱଚ୍ଛ କରିଦିଏ ଭ୍ବନା ସମସ୍ତ
ଚରିତ୍ର ନୁହଁଇ ମନ୍ଦ।
ହେଲେ ଦୁଇପାଶେ ଦୁଇ ଗାର ବଳେ
ଅରଡେ ନୟନ ଖେଦ,
କଳ୍ପନ ଗ୍ଇଜ ଦୂରେ ଦୂରେ ଥାଏ
ଟଣାହୁଏ ପୂର୍ଣ୍ଣଚ୍ଛେଦ।
ରେଶମୀ କନାର ଉଷୁମ ଛୁଆଁରେ
ବଦଳେ ସମୀକରଣ,
ଦିଶିଯାଏ ପୁଣି ଅଛପା ଅକୁହା
ବେନାମୀ ରଙ୍ଗଧାରଣ।
ନଜ ଆୟତନ ରଖାଇ ଅଚଳ
ପରିସୀମା ଯେ ବିସ୍ତାର,
ଅଥଗ୍ନରୀ କେବେ ନୁହଁ ବାଟବଣା
ନାୟକ ତୁମେ ଗ୍ସ୍ତାର।

ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା

# ମା'



ସିଦ୍ଧେଶ୍ୱର ତ୍ରିପାଠୀ

ଶେନେହ ସାଗର ତ୍ୟାଗ ଉପହାର
ତା ପାଖେ ସାଇତି ଥାଏ
ଏତେ ବଡ ଏଇ ଦୁନଆି ଭିତରେ
ମା' ପରି ହେବ କଏ ।

ସକାଳରୁ ସଞ୍ଜ ସଞ୍ଜରୁ ସକାଳ
ଅହରହ ସଦାକାଳେ
ଆମ ଜୀବନକୁ ଆଲୋକ ଦେବାକୁ
ସଳତା ପରିସେ ଜଳେ ।

ଭୁଲିବା ତାହାର ଜାତକରେ ନାହିଁ
ଏମିତିସେ ଭଲପାଏ
ଏତେବଡ ଏଇ ଦୁନଆି ଭିତରେ
ମା ପରି ହେବ କଏ - - - - - - -

ମା ନାମ ଥରେ ତୁଣ୍ଡରେ ଉଚ୍ଚରି
ତା ପାଦକୁ ଦେଲେ ଛୁଇଁ
ଜପ ତପ ଧ୍ୟାନ ମନ୍ତ୍ର ଆବାହନ
କଛି ଆଉ ଲୋଡ଼ା ନାହିଁ ।

ଯେତେ ଦିଅଁ ଆଉ ଦେବତା ଅଛନ୍ତି
ତାଙ୍କଠୁ ଉର୍ଦ୍ଧରେ ସିଏ
ଏତେବଡ ଏଇ ଦୁନଆି ଭିତରେ
ମା' ପରି ହେବ କଏ - - - - - - - -

କବିର ଘର, କୁଣ୍ଡିଲୋ, କେରଙ୍ଗ ଖୋର୍ଦ୍ଧା

# ଆସିଲା ଫଗୁଣ



ଜୟପ୍ରକାଶ ଦୁରିଆ( ରମଣ)

ଲେଖନୀ ମୁନରେ ( କବିତା) ଟେ ହୋଇ ( ଲେଖନୀ)
କବିଙ୍କୁ ଦେଲା ସେ ବାଣୀ,
କବିଙ୍କ କବିତ୍ୱ ପରିଚୟ ଦେଲା
କାଗଜ ଫରଦେ ବୁଣି
ଆହେ ଗୁଣୀ
ଆସିଲା ଫଗୁଣ ଧରିତ୍ରୀ କୋଳକୁ
ସାତଟି ରଙ୍ଗକୁ ଘେନ.....ସାତଟି..... ।୧।
ଜନ ସମୁଦ୍ରରେ ଭାବର ତରଙ୍ଗ
ମନକୁ ନେଉଛି ଜିଣି,
ଯୁବମାନସରେ ଅସୁମାରୀ ସ୍ୱପ୍ନ
ଗଢି ତୋଳିଦିଏ ପୁଣି,
ଆହେ ଗୁଣୀ,
ଆସିଲା ଫଗୁଣ ଧରିତ୍ରୀ କୋଳକୁ
ସାତଟି ରଙ୍ଗକୁ ଘେନ.....ସାତଟି..... ।୨।
ଚତୁର୍ଦ୍ଦିଗେ ଦେଖ ଖୁସିର ଲହରୀ
ହସେ ସବୁଜ ବନାନୀ,

ପାହାଡ ବୁକୁରେ ସୁରତାଳ ଛନ୍ଦେ
ଝରଇ ଝରଣା ରାଣୀ,
ଆହେ ଗୁଣୀ
ଆସିଲା ଫଗୁଣ ଧରିତ୍ରୀ କୋଳକୁ
ସାତଟି ରଙ୍ଗକୁ ଘେନ..... ସାତଟି..... ।୩ ।
ପ୍ରାତହ ରଶ୍ମୀରେ ଦୂତ ସାଜି ସିଏ
ନୂଆ ନୂଆ ବାର୍ତ୍ତା ଆଣି,
ବିହଙ୍ଗାଗମନ ଶବଦ କଙ୍କଣ
ଗାଏ ପ୍ରେମର ରାଗିଣୀ
ଆହେ ଗୁଣୀ
ଆସିଲା ଫଗୁଣ ଧରିତ୍ରୀ କୋଳକୁ
ସାତଟି ରଙ୍ଗକୁ ଘେନ ..... ସାତଟି ..... ।୪ ।

ନୂଆପଡା, ଓଡିଶା।

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଧୂଳ ଧୂଆଁ ର ଜୀବନ



ଲୋପାମୁଦ୍ରା ମିଶ୍ର

ଖର ମୁଣ୍ଡଉପରକୁ ଆସିଲାଣି । ଭାରତୀ ଭାତହାଣ୍ଡି ଟା ଚୁଲିଉପରୁ  ରୁ ଉଠେଇ ଆଣି ତଳେ ଥୋଇଲା । ଲିଭି ଆସୁଥିବା ଚୁଲିର ନିଆଁ ରେ ବାଇଗଣ ଆଉ ବଡି ଦିଇଟା ଗଡେଇ ଦେଇ ଧଡ଼ା ପାଖକୁ ଆସି ରାସ୍ତା କୁ ଅନେଇଲା । ରତନା ତ କୋଉଦିନ ଏତେ ଡେରି କରେନାହିଁ ? କାମରେ ଯୁଆଡେ ଗଲେ ବି ଖାଇବା ବେଳକୁ ଠିକ ଆସି ପହଞ୍ଚିଯାଏ । ଆଜି କହିଯାଇଥିଲା ଝଅଟି ଫେରିଆସିବ । ସାରଙ୍ଗବାବୁଙ୍କ ପୁଅର କାଲି ଜନ୍ମଦିନ । ତାଙ୍କ ଘର ଆଗ ଖାଲି ଢ଼ିଅଟାରୁ ଘାସ ଗୃଞ୍ଛି  ସଫା କରି ଲିପାଲିପି କରିବ । ତାଙ୍କ ଛାତ ଉପରଟା  ଧୁଆ ଧୁଇ କରି ପରିଷ୍କାର କରିବ । କେତେ ଆଡୁ କେତେ ଭଦ୍ରଲୋକ ଆସିବେ । ଆଠ ଦିନ ହେଲା ରତନା ସେଇ କଥା କହି ହେଉଛି । କହୁଥିଲା ସାରଙ୍ଗବାବୁ ଙ୍କ ଘରୁ ଶୀଘ୍ର କାମ ସାରି ଫେରିଲେ ସଞ୍ଜକୁ ଭାଗିରଥି ସାହୁ ଘରକୁ ଯିବ ଇଟାଭାଟି କାମ ରେ । ହେଲେ ଏଯାଏଁ ଫେରିଲାନି । ଭାରତୀ ତାଟି ଟା ଲଗେଇ ଦେଇ ବୁଲିପଡିଲା । ଚାଳ ଉପର ଦେଇ ଘର ଭିତରର ଧୂଆଁ ଆକାଶ କୁ ଉଠିଯାଉଛି ।

ଦୁଇ ବଖୁରିଆ ଝାଟିମାଟି ଚାଳଘରୁ ଛୋଟ ଛୁଆର କରୁଣ କାନ୍ଦଣା ଶୁଭିଗଲା । ଭାରତୀ ପାଣି ଢାଳ ଟା ପିଢା ପାଖରେ ଥୋଇ ଦେଇ ନୁଆଁଣିଆ ଘର ଭିତରକୁ ନଇଁ ନଇଁ ପଶିଗଲା । ବବୁଲୁ ଚଡ଼ା ଛାଡ଼ି କାନ୍ଦୁଛି । ଶୋଇଥିଲା ଅନେକ ବେଳରୁ । ପେଟରୋଗର ଯନ୍ତ୍ରଣା ଟା ବଢିଗଲା ବୋଧେ କମ୍ବା ହେଇପାରେ  ଭୋକଲା ପେଟଟା  ଖାଦ୍ୟ ଖୋଜିଲା କି କଣ,  ନିଦଟା ତାର ଚାଉଁକରି ଭାଙ୍ଗିଗଲା । ମାଆ ଠିକ ବୁଝିପାରେ ଛୁଆ କେତେବେଳେ କଣ ଚାହେଁ । ଭାରତୀ ଥାଳ ରେ ଗଣ୍ଡେ ଭାତ ଓ ଅଳ୍ପଟିକେ ଡାଲି ଗୋଳେଇ କରି ଆଣିଲା । ରୋଗୀଣା ପିଲାଟାର ପାଟିରେ ଦୁଇଗୁଣ୍ଡା ଭାତ ଦେଇଛି ବାହାରେ ହୋ ହାଲ୍ଲା ଶୁଭିଗଲା । ବବୁଲୁ ପାଟିରୁ

ଭାତ ସରିଗଲେ ଦବି ଆସିଥିବା କାନ୍ଦଟାକୁ ସେ ପୁଣିଥରେ ଆରମ୍ଭ କରିଦେଉଛି । ଘଟଣା ଟା କଣ ଜାଣିବା ପାଇଁ ଛୁଆ କୁ କାଖେଇ ବାହାରକୁ ବାହାରିଲା ଭାରତୀ । ଧଡ଼ା ସେପଟେ ସାହି ଲୋକେ ଜମା ହୋଇ କଣ ଗୋଟେ ଆଲୋଚନା କରୁଛନ୍ତି । ସୁକୁମାରୀ ଧାଇଁ ଆସିଲା ଭାରତୀ ର ଧଡ଼ା ଠେଲି ଭିତରକୁ । ଭାରତୀର ହାତ ଧରି ପିଣ୍ଡା ଉପରେ ବସେଇଲା ।

- - ତୁ ଜମା ବ୍ୟସ୍ତ ହୋନା ଲୋ । ସାରଙ୍ଗବାବୁ ଙ୍କର ଜୀବନ ତ ଯାଇନ । ଖାଲି ଗୋଟେ କୋଦାଳ ଘେଟ ପାଇଁ କାହାକୁ ଫାସୀ ହେଇଯାଏନା କଣ? ରତନା କୁ ପୁଲିସ ନଶ୍ଚୟ ଛାଡ଼ିଦେବ ।

ଭାରତୀ ପାଟିରୁ କଥା ବାହାରୁନ । ଆଁ ଟା ମେଲା କରି ସୁକୁମାରୀ କୁ ଅନେଇଛି । ବବୁଲୁ ଆହୁରି ଜୋରରେ କାନ୍ଦୁଛି । ପାଟିରେ ପୂରେଇଥିବା ଭାତ ଗୁଣ୍ଡା ଟା ଲାଳରେ ଲଟପଟ ହେଇ ଫୁଙ୍ଗୁଳା ଛାତିର ତଳ ଦେଇ ନାଗରା ପରି ବଢିଆସିଥିବା ତା ପେଟ ଆଡକୁ ବୋହି ଆସୁଛି । ଲୁହ ସିଂଘାଣି ଏକାକାର । ପାଟିଟାକୁ ତାର ଚୁପ କରେଇବା ପାଇଁ ଛୋଟ ସେହି ଟାକୁଆ ଗାଲଟାରେ ଚଟକଣାଏ ବସେଇଲେ ଭାରତୀ । ଯନ୍ତ୍ରଣା ଗୁଡାକର ସ୍ୱର ହିଁ ସେମିତି । ମାଡ଼ ଖାଇଲେ ଆହୁରି କରୁଣ ହୋଇଉଠେ ।

ଭାରତୀ ଭାବି ପାରୁନ ଏତେ ସରଳ, ନରୀହ ତା ସ୍ୱାମୀ ଯିଏ ତା ଦିହରେ ଟିପଟାଏ ବି ଦିନେ ବସେଇନ ଆଜି ଆଉ କାହା ଉପରକୁ କୋଦାଳ ଘେଟଟେ ବସେଇଲେ କେମିତି ? କୋଦାଳ ନହେଇ ଯଦି ସେଇଟି ଟାଙ୍ଗିଆ କ କଟୁରୀ ହେଇଥାନ୍ତା? ଆଗକୁ ଆଉ କଛି ଭାରତୀ ଚନ୍ତା ବି କରିପାରୁନ । କଣ ଏବେ କରିବ ସେ? ଏକୁଟିଆ ମାଇକନିଆ । ଘରେ ପୁଣି ରୋଗୀଣା ଛୁଆ ।

ବାହାଘରର ଅନେକ ବର୍ଷପରେ ଈଶ୍ୱର ପୁଅଟିଏ ଦେଲେ ଯେ ଆଜନ୍ମ ଅସୁସ୍ଥ । ଏବେ ପୁଣି ତାର ଏହି ଅସ୍ୱାଭାବିକ ପେଟଫୁଲା ରୋଗଟା ର ଚନ୍ତା ବାପାମାଆ ଦୁହିଁଙ୍କୁ ଖାଇଯାଉଛି । ମୁଲ ମଜୁରୀ ଲାଗି ଯାହା କଛି ରୋଜଗାର ହୁଏ ତିନପ୍ରାଣୀ ଙ୍କ ପେଟକୁ ତ ନଅଣ୍ଟ, ଆଉ ରୋଗ ବଇରାଗ ଔଷଦ ପତର କୁ ପଇସା କୋଉଠୁ ଜୁଟିବ ? ଦିଇନ ବି କୋଉଠି କାମ

ମିଳୁଛି ? ମାନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇକ ବବୁଲୁ କୁ ଯାଇଥିଲେ ଭାରତୀ ଆଉ ରତନା । ସରକାରୀ ଔଷଧ ଗୁଡ଼ାଏ ଆଣିକ ଆସିଥିଲେ । ଡାକ୍ତର ତା ପେଟର ଅବସ୍ଥା ଦେଖି ଶୀଘ୍ର ବଡ଼ ମେଡିକାଲ କୁ ନେଇଯିବାକୁ କହିଛନ୍ତି । କଣ ସବୁ ପରୀକ୍ଷା ନରୀକ୍ଷା ହେଲେ ଯାଇ ଜଣାପଡିବ ଛୁଆର ପେଟଟା ଏମିତି କାହିଁକି ଫୁଲୁଛି । ଟଙ୍କା ଯୋଗାଡ଼ ହେଲେ ତ ଯାଇ ସହରର ବଡ଼ ଡାକ୍ତରଖାନା କୁ ଯିବେ ? ସାରଙ୍ଗବାବୁ କଛି ପଇସା ଦେବେ କହିଥିଲେ । ଆଗରୁ ଅନେକ ବାର ତାଙ୍କ ଆଗରେ ରତନା ହାତ ପତେଇଛି । ସାହାଯ୍ୟ ଟିକେ ପାଇବା ଲାଳସା ରେ ବାବୁ ଯେତେବେଳେ ଯୋଉ କାମ ପାଇଁ ଡାକନ୍ତି ବସିବା ଜାଗାରୁ ଉଠିଯାଏ ରତନା । ବାବୁ ଙ୍କ ପୁଅର ଜନ୍ମଦିନ ପୂର୍ବରୁ କଛି ଟଙ୍କା ସେ ଦେବେ ବୋଲି ଆଗରୁ କହି ରଖିଥିଲେ । ବବୁଲୁ କୁ ନେଇ ଏଥର ବଡ଼ ଡାକ୍ତରଙ୍କୁ ଦେଖେଇବ ରତନା । ଛୁଅଟାର ଯନ୍ତ୍ରଣା ଆଉ ଦେଖି ସହି ହେଉନ । ଏଡ଼ ବଡ଼ ପେଟକୁ ଧରି ପିଲାଟା ଠିକରେ ଚଲାବୁଲା ବି କରିପାରୁନ । ଦେଖିଲେ ଲାଗୁଛି ଢୋଲ ପରି ବଢିଯାଇଥିବା ପେଟଟା ଉପରୁ ଏହିକ୍ଷଣି ଯେମିତି ପତଳା ଚମଡ଼ା ଟା ଫାଟିଯିବ ଆଉ ଛୁଅଟାର ଫମ୍ପା ପେଟ ଭିତରୁ ଆଭ୍ୟନ୍ତରୀଣ ଅଙ୍ଗ ଗୁଡିକ ବାହାରକୁ ବାହାରିଆସିବ ।

ଗ୍ଚରିବର୍ଷର ଛୋଟ ଭେକଲା ରୋଗୀଣା ଛୁଅଟାକୁ ପିଣ୍ଡାରେ ଗୋଟେ କଡ଼ରେ ଗଡେଇଦେଇ ଭାରତୀ ମୁଣ୍ଡରେ ହାତଦେଇ ବସିଛି । ଆଖିରୁ ଖସି ପଡୁଛି ଧାର ଧାର ଲୁହ । ଛୁଆଟା ପିଣ୍ଡା ତଳକୁ ଖସିଆସି କେତେବେଳୁ ଧୂଳରେ ଗଡ଼ିଲାଣି । ଚୁଲିରେ ବାଇଗଣ ବଡି ପୋଡି ଅଙ୍ଗାର ହେଇଗଲାଣି । ଧୂଆଁର ଧାର ବି ସେଇମିତି ଗ୍ଚଳ ଭେଦି ଉପରକୁ ଉଠୁଛି ।

ଛାଇ ଲେଉଟିବା ବେଳ ହେଲାଣି । ମାଆ ପୁଅ ଦୁହେଁ ସେତେବେଳୁ ଦାଣ୍ଡ ପିଣ୍ଡାରେ ପଡିଛନ୍ତି। ବବୁଲୁ ଆଉ କାନ୍ଦୁନାହିଁ । ସରୁଆ ସରୁଆ ଗୋଡ଼ ଦୁଇଟା କୁ ପିଣ୍ଡା ତଳକୁ ଓହଳାଇ ମାଆର କାନରେ ମୁହଁ ଗୁଞ୍ଜି ବସିଛି । ଛୁଅଟାର ଅଧାଖିଆ ପେଟଟା କନ୍ତୁ ସେଇମିତି ଫମ୍ପେଇ ରହିଛି । ଘର ଭିତରେ ଥାଳରୁ ଅଇଁଠା ଭାତଗୁଡାକ କାଳଆ କୁକୁରର ଉଦର କୁ ଶାନ୍ତ କଲାଣି । ଭାରତୀର ଆଉ ସେଥି ପ୍ରତି ନଘା ନାହିଁ ।

ସଞ୍ଜଗଡି ରାତି ହେଲା । ରତନା ଫେରିବାର କିଛି ଖବର ମିଳୁନି । ସାହିଲୋକେ କୁହାକୁହି ହେଉଛନ୍ତି ସାରଙ୍ଗବାବୁ ଙ୍କ ହାତ ଆଉ ପେଟ ରେ ଆଘାତ ଲାଗିଛି । ଡାକ୍ତରଖାନା ରେ ଭର୍ତ୍ତି ହେଇଛନ୍ତି । ଜୀବନ ପ୍ରତି କିଛି ବିପଦ ନାହିଁ । ଭାରତୀ ସବୁ ଶୁଣୁଛି । ତଥାପି ଅବୁଝା, ରତନା ଗ୍ଲେଟଟା ବସେଇଲେ କାହିଁକି ? ସୁକୁମାରୀ ପୁଣି ରାତିକୁ ଆସିଲା । ଭାତ ତରକାରୀ ଗରମ କରି ସାଙ୍ଗରେ ଆଣିଥିଲା । ବବୁଲୁ କୁ ଖୁଏଇଲା । ଭାରତୀ ପାଟିରେ ଗୁଣ୍ଡା ଟେ ଦେଲାବେଳକୁ 'ଭୋ' କରି ହୃଦୟ ଫଟା ଶବ୍ଦ ଟେ ସେ ବାହାର କଲା । ସୁକୁମାରୀ କୁ ଖୁବ ଜୋରରେ କୁଣ୍ଢେଇ ଧରିଲା । ସୁକୁମାରୀ ବି ତାକୁ ।

- - ଧୈର୍ଯ୍ୟ ଧର ଲୋ ଭାରତୀ । କିଛି ହେବନି ତାର । ସାରଙ୍ଗବାବୁ ମେଡିକାଲ ରୁ ଆଇଲେ ରତନା କୁ ପୁଲିସ ନିଶ୍ଚେ ଛାଡ଼ିଦେବ । ନହେଲେ ଆମେ ଓକିଲ କୁ କହି ତାକୁ ଜାମିନୀରେ ଆଣିବା । ମୁଁ ୟାଙ୍କୁ କହିଛି । ସବୁ ବ୍ୟବସ୍ଥା ହେବ ।

- - ଶୁକଦେଇ ! ସେ କାହିଁକି ଏମିତି କଲେ? ପୁଅ ପାଇଁ କେତେ ଲୋକଙ୍କ ଆଗରେ କେଡ଼େ ନେହୁରା ହେଇ ଟଙ୍କା ମାଗିଛନ୍ତି । କେହି ଦେଲେନି । ସାରଙ୍ଗବାବୁ ଦେବେ କହିଥିଲେ । ତାଙ୍କରି କାମ ପାଇଁ ବସିଲା ଥାନରୁ ଉଠିଯାଉଥିଲେ । ତୁମେ ତ ଜାଣିଛ ତୁମ ଦିଅର କେତେ ସରଳଆ । ସେ କେମିତି ଗ୍ଲେଟ ଟା ବସେଇଲେ ? ମୋ ମୁଣ୍ଡ ଆଉ କାମ କରୁନି ଲୋ ଦେଇ! ଇଁ ଇଁ ....

ଭାରତୀ ପୁଣି କାନ୍ଦିବା ଆରମ୍ଭ କରିଦେଲା । କାନ୍ଦାକଟା ବହୁ ସମୟ ଯାଏଁ ଲାଗିରହିଲା । ସୁକୁମାରୀ ତା ଘରକୁ ଫେରିଗଲା । ଅନେକ ରାତିଯାଏଁ ଭାରତୀ ଗୃହିଁ ରହିଛି । ବବୁଲୁ ଶୋଇପଡ଼ିଲାଣି । ଭାରତୀ ସେଇମିତି ବସି ରହି ନାନା କଥା ଭାବୁଛି । ଗରୀବ ହେଲେ ନିରବ ହେବାକୁ ହୁଏ । ଗରମ ହୋଇ ଚରମ ସୀମା ଡେଇଁଲେ ଗରୀବ ପିଠି ରେ କେହି ପଡ଼େନି । ରତନା ଯେ ଆଉ ଥାନା ରୁ ବାହାରି ଘରକୁ ଆସିପାରିବ ସେ ବିଶ୍ୱାସ ଭାରତୀ ର ମନକୁ ଆସୁନଥିଲା ।

ସାରଙ୍ଗବାବୁ ଭଲ ହେଇ ଡାକ୍ତରଖାନା ରୁ ଆସିଲେ । ହାତ ଓ ପେଟର କ୍ଷତ ସବୁ ଭଲ ହୋଇଗଲା । ଅନେକ ବାବୁ ଭୟା ଆସି ତାଙ୍କୁ ଦେଖା କରୁଛନ୍ତି । ପୁଅର ଜନ୍ମଦିନ ଟା ଠିକ ସମୟରେ ପାଳ ହେଲାନ ନୃଶଂସ ରତନାଟା ପାଇଁ । ଆଉ ଦିନେ ପୁଅର ଜନ୍ମଦିନ ନଗ୍ରଡମ୍ବରରେ ପାଳନ କରାଗଲା । ଭାରତୀ ବବୁଲୁ କୁ କାଖେଇ ବାବୁଙ୍କ ଦୁଆରେ ହାଜର । ବହୁ ନେହୁରା ହେଲା । ବାବୁଙ୍କ ଗୋଡ଼ତଳେ ପଡିଗଲା । ଛୁଆଟା ଉପରେ ଟିକେ ଦୟା କରିବାକୁ କହି ଢେର କାନ୍ଦିଲା । କେହି ତାର ଗୁହାରୀ କୁ କାନ ଦେଲେନ । ଜୀବନ ଯାଉ ଯାଉ ରହିଯାଇଛି । ଏମିତି ଅପରାଧୀ କୁ ଶାସ୍ତି ନଦେଇ କେହି ସେମିତି ଛାଡିଦିଏ?

ଭାରତୀ ପଡୋଶୀ ରଘୁ ଓ ସୁକୁମାରୀଙ୍କ ସହାୟତା ରେ ଥାନାକୁ ଯାଇ ରତନା କୁ ଦେଖାକଲା । ଆସନ୍ତାକାଲି ତାକୁ କୋର୍ଟ ରେ ହାଜର କରାଯିବ । ଭାରତୀର ଆଲୁରୁ ବାଲୁରୁ ରୂପ ଓ ବବୁଲୁର ଶୁଖିଲା ରୋଗୀଣା ଦେହକୁ ଦେଖି ରତନା କାନ୍ଦିପକେଇଲା । ଛୁଆର ପେଟଟା ଆହୁରି ବଢିଗଲା ପରି ତାକୁ ଲାଗୁଛି । ଗୋଡ଼ହାତ ଆହୁରି ସରୁଆ ଡାଙ୍ଗ ହେଇଗଲାଣି । ପୁଅର ମୁଣ୍ଡରେ ହାତ ବୁଲେଇ ଆଣିଲା ରତନା । ବବୁଲୁ ହାତ ଗଳେଇ, "ବାପା ବାପା... ନେ.. ନେ " କହି ଜିଦି କଲା । ପରିବେଷ ଦୁଃଖରେ ଆହୁରି ବେଶୀ ଆର୍ଦ୍ର । ମୁହଁରେ ଲୁଗା ଗେଞ୍ଜି ଭାରତୀ କାନ୍ଦ ଅଟକେଇ କହିଲା, "ହଇହେ ! ଏମିତି କାମ କ ପାଇଁ କଲ? ଆମେ ଏବେ କୋଉଠି କ ଯିବୁ? ବବୁଲୁ ର ଓଷଦ ସଇଲାଣି । ଯୁଆଡେ ଗଲେ ଲୋକେ ଆଡେଇ ଯାଉଛନ୍ତି । ପୁଅ କଥା କଣ ଟିକେ ଭାବିଲନ ରାଗଟା ବସେଇଦେଲ? "

- - ନାଁ ଲୋ ! ପୁଅ କଥା ଟା ବେଶି ମନେ ପଡ଼ିଲାରୁ ରାଗରେ କୋଦାଳ ଟା ଉଠିଗଲା ଲୋ? ସବୁଆଡୁ ନିରାଶ ହେଇ ମୋତେ ଆଉ କଛି ଦିଶିଲାନାହିଁ ଲୋ । ବାବୁ ତାଙ୍କ ପୁଅର ଜନମ ଦିନ ମଉଛବ ରେ ଏତେଗୁଡାଏ ଟଙ୍କା ଖରଚ କରୁଥିଲେ ଆଉ ଆମ ପୁଅର ରୋଗଟା ଭଲ କରିବାକୁ ମୁଁ କେଇଟା ଟଙ୍କା ମାଗିଲେ ମୁହଁବୁଲେଇ ନେଉଥିଲେ । ମୋ ଛାତି ଭିତରର ଦୁଃଖଟା କାହିଁକି କେଜାଣି ଉଗ୍ର ରୂପ ନେଇଗଲା ଲୋ ଭାରତୀ !

ଏତକ କହୁ କହୁ ରତନା ପୁଣି କଇଁ କଇଁ ହେଇ କାନ୍ଦି ପକେଇଲା ।

- - ଏଇ ତୁମେ ଜମା ବ୍ୟସ୍ତ ହୁଅନା । ରଘୁଭାଇ କଣ ଗୋଟେ ବ୍ୟବସ୍ଥା କରିବେ କଇଛନ୍ତି । ଓକଲ କଥା ବି ବୁଝିଛନ୍ତି । ଟଙ୍କା କଥା ତୁମେ ଜମା ଚନ୍ତା କରନା । ମୁଁ ମୋ ଭାଇ କୁ ଯାଇ ମାଗିବି । ତୁମେ ନିଶ୍ଚୟ ଏଠୁ  ବାହାରିଯିବ ।

ଘରେ ଯାହା ରୁପା ସୁନା ଗହଣା ଦୁଇଖଣ୍ଡ ଥିଲା ତାକୁ ବିକା ବିକ କରି, ସାହି ପଡିଶାର ଗରୀବ ଗୁରୁବା ଙ୍କ ଠୁ ଅଳ୍ପ କଛି ଧାର କରଜ କରି ଭାରତୀ ଟଙ୍କା କେଇଟା ଯୋଗାଡ଼ କଲା। ଏତେଦିନକେ ହାତକୁ ଆସିଥିବା ଟଙ୍କାତକ କୁ ମୁଠେଇ  ଧରି ଭାରତୀ ଅନେକ କଛି ଭାବିବାକୁ ଲାଗିଲା । ରଘୁ ତା ସ୍ତ୍ରୀ ସୁକୁମାରୀ  କୁ ପଠେଇଛି ଯୋଗାଡ଼ ହେଇଥିବା ଟଙ୍କାଟାକୁ ଭାରତୀଠୁ ଆଣିଆସିବା ପାଇଁ । ଭାରତୀ ନୋଟ ବିଡାଟା କାନରେ ବାନ୍ଧିଦେଇ ବବୁଲୁ କୁ କୋଳେଇ ଆଣି କୁଣ୍ଢେଇ ଧରିଲା ।

- - ଭାରତୀ ଟଙ୍କାଟା ଦେ କୋଉଠି ରଖିଛୁ । ଇଏ ବାହାରିଲେଣି ଯିବାକୁ । ଓକଲ କୋର୍ଟ କଚେରୀ କଥା ।

- - ଦେଇ ! ମୁଁ କୋଉଠି ରଖିଛି କାଢ଼ିକି ନେଇ ଦେଇଆସିବି । ତୁମେ ଯାଅ ମୁଁ ପଛେ ପଛେ ଆସୁଛି ।

ଭାରତୀ ଟଙ୍କା ନେଇ ରଘୁର ଘରକୁ ଆସିଲାନି । ରତନା କୁ ବି ଜାମିନ ମିଳିଲାନି । ରତନାର ଝାଟିମାଟି କୁଡ଼ିଆ ଦୁଆରେ କଳଙ୍କି ଲଗା ତାଲାଟେ ଝୁଲୁଛି ।

ବେଶ୍ କଛିଦିନ ପରେ ପୁଅକୁ ଧରି ଭାରତୀ ଫେରିଲା । ଘରଆଗରେ ବହଳେ ଉଚ୍ଚାର ଘାସ ଓ ଅନାବନା ଗଛ । ଘର ପିଣ୍ଡା, କବାଟ ଧୂଳଧୂସର ହେଇପଡିଛି ।

ଭାରତୀ କାଖରେ ବବୁଲୁ । ପେଟଟା ତାର  ଟିକେ ଭିତରକୁ ପଶିଗଲା ପରି ଲାଗୁଛି । ହାତରେ ଧରିଥିବା ଜରି ବ୍ୟାଗଟାକୁ ତଳେ ଥୋଇ ଭାରତୀ ତାଲା ଫିଟେଇଲା । ରତନା ବିନା ଜୀଇଁବାକୁ ହେବ ଧୂଳ ଧୂଆଁ ର ଦୁଇଟି ଜୀବନ ।

ସୁକୁମାରୀ ଆଉ ଆଗପରି ଭାରତୀ ପାଖକୁ ଆସେ ନାହିଁ । ରତନା କୁ ମୁକୁଳେଇବା ପାଇଁ ଧାର ଦେଇଥିବା ଟଙ୍କାତକ ମାଗିବାକୁ ସାହି ଲୋକେ ଆସିଲେଣି । ସମସ୍ତଙ୍କୁ ଟଙ୍କା ଫେରେଇବାର ପ୍ରତିଶୃତି ଦେଇ ଭାରତୀ କବାଟ କଳଦେଉଛି ।

ରତନା ଜେଲରେ ସଜ୍ଜା କାଟୁଛି । ଭାରତୀ ଆଉ ବବୁଲୁଙ୍କୁ ଦେଖିବାକୁ ବିକଳ ହେଇ ଝୁରୁଛି । ଭାରତୀ କନ୍ତୁ ଆଉ ସିଆଡେ ଯାଏନ କ ଧଡ଼ା ଦୁଆରେ ସ୍ୱାମୀର ଅପେକ୍ଷା ରେ ଶୂନ୍ୟ ରାସ୍ତା କୁ ଗୃହିଁରହେନ ।

ଭାରତୀ ବବୁଲୁ କୁ ସାଙ୍ଗରେ ଧରି କାମକୁ ଯାଏ । ପନ୍ନ ଠୋଲା ତିଆରି କରେ । ଦ୍ୱିପହରକୁ ପାଞ୍ଚଟଙ୍କିଆ ଆହାର ଖାଇ, ଛୁଆ କୁ ଖୁଆଇ ପୁଣି କାମରେ ଲାଗିଯାଏ । ବବୁଲୁ ର ରୋଗଟା ଢେର କମିଛି ବୋଧେ । ଆଉ ଆଗଭଳ ସେ ଚଡ଼ା ଛାଡ଼ି କାନ୍ଦେନାହିଁ । ବାପା କୁ ମନେ ପକାଇ ବେଳେ ବେଳେ ଯାହା ଟିକେ ଖାଲି ଖୋଜେ ।

ଛାଇ ଲେଉଟାଣି ବେଳକୁ ଛୁଆ କୁ କାଖେଇ ଖାଲିପାଦରେ ଚାଲି ଚାଲି ଭାରତୀ ଘରକୁ ଫେରେ । ଚୁଲି ଲଗାଏ । ଫୁଙ୍କନଳୀ ଟାରେ ଫୁଙ୍କି ଫୁଙ୍କି ଧୂଆଁ କୁ ଉଡେଇ ନଆଁ ଧରାଏ ।

ସାରଙ୍ଗବାବୁ ଙ୍କ ପୁଅର କଣ ଗୋଟେ ହେଇଛି । ଓଡିଶା ବାହାରକୁ ନେଇଯିବେ ତାକୁ ଭଲ କରିବା ପାଇଁ । ଅନେକ ଟଙ୍କା ଖର୍ଚ୍ଚ ହେଲାଣି । ଧନୀ ଲୋକ ସେ । ଟଙ୍କା ପଇସାର ଅଭାବ ନାହିଁ । କୋଉ ରୋଗ କଣ ତାଙ୍କୁ ଡରେଇ ପାରିବ?

ଠୋଲା ତିଆରି କରୁ କରୁ ଭାରତୀ ଶୁଣିଲା ଲୋକେ କୁହା କୁହି ହେଉଛନ୍ତି ସାରଙ୍ଗବାବୁଙ୍କ ପୁଅର କୁଆଡେ କଡ଼ନୀ ଟେ ଦରକାର । ନମିଳଲେ ବଞ୍ଚିବା କଷ୍ଟ ହେଇଯିବ । "କଡ଼ନୀ ଟା କୋଉଠି ଥାଏ? ଆମ ପରି ଗରୀବ ଲୋକଙ୍କର କଣ ସେଇଟା ଥାଏ? ", ଭାରତୀ ଭାବିବାକୁ ଲାଗିଲା ।

ଭାରତୀ ଆଜି ପୁଣି ସାରଙ୍ଗବାବୁଙ୍କ ଦ୍ୱାରସ୍ଥ । ଫେରିଲାବେଳକୁ ମନଟା ତାର ଟିକେ ଆଶ୍ୱସ୍ଥ ଥିଲାପରି ମନେହେଉଛି । ନିଜ ପୁଅଟାକୁ ଦୟନୀୟ ଅବସ୍ଥାରେ ଦେଖି ସାରଙ୍ଗବାବୁଙ୍କ ରୁକ୍ଷ ମନଟା କୋମଳତାକୁ ପରିବର୍ତ୍ତିତ ହେଇଗଲା ନା କଣ ? କିଛିଦିନ ଉତ୍ତାରେ ସେ ରତନାକୁ ମୁକୁଳେଇବାର ପ୍ରୟାସ କରିବେ କହିଲେ । ତାଙ୍କ ପୁଅ ଭିକର ସମ୍ପୂର୍ଣ ଭଲହେବାକୁ ଅପେକ୍ଷା କରିବାପାଇଁ ଭାରତୀ କୁ ଆଜି ଅନୁରୋଧ କରିଛନ୍ତି ।

ସାରଙ୍ଗବାବୁଙ୍କ ଗାଡ଼ିରେ ଭାରତୀ ଓ ବବୁଲୁ ବସିକରି ସେହି ଡାକ୍ତରଖାନା ଗଲେ ଯୋଉଠି ଭିକ ର ଚିକିତ୍ସା ଚାଲିଛି । ଫେରିଲା ବେଳକୁ ଭାରତୀ ମୁହଁରେ ଅଦ୍ଭୁତ ପ୍ରସନ୍ନତା । ଏ ପ୍ରସନ୍ନତା ଆଉ ପ୍ରତିଶୋଧର ପ୍ରତିଫଳନ ନୁହେଁ ତ? ନାଁ ଆଉ କିଛି?

ଭାରତୀ ଦୁଆର ଦୁଆର ବୁଲି ଯେମିତି ଟଙ୍କା ମାଗିଆଣିଥିଲା ଆଜି ସେଇମିତି ଯାଇ ଫେରେଇଦେଇ ଆସିଲା । ଏତେଗୁଡାଏ ଟଙ୍କା ସେ ପାଇଲା କୋଉଠୁ? ଏଇ କେଇଦିନ ହେଲା ଯାଇଥିଲା କୁଆଡେ ? କେହି ଚାହିଁକି ବି କିଛି ପଚାରୁନାହାଁନ୍ତି । ଆପଣା ଆପଣା ଧନ ପାଇଗଲେ ହେଲା । ଚକୁଳି ଖାଇବା ଲୋକ ବିନ୍ଧ କାହିଁକି ଗଣିବେ?

କିଛିଦିନ ଛାଡ଼ିକି ରତନା ଗାଁକୁ ଫେରିଲା । ସାରଙ୍ଗବାବୁଙ୍କ ମନ ପରିବର୍ତ୍ତନର କାରଣ ଯେ ତାଙ୍କ ନିଜ ଅସୁସ୍ଥ ପୁଅର ରୋଗ ଯନ୍ତ୍ରଣା ସେକଥା ରତନା ଜେଲରୁ ବାହାରୁ ବାହାରୁ ଜାଣିଗଲା ।

ଧଡ଼ା ଖୋଲି ରତନା ଭିତରକୁ ପଶିଲା । ଭାରତୀ ଶୀଳ ପୁଅଟା ତଳେ କଚାଡ଼ି ଦେଇ ଦୌଡ଼ି ଆସିଲା । ବବୁଲୁର ଆଖିରେ ଖୁସିର ଚମକ୍ । ରତନା ପୁଅକୁ ତଳୁ ଉଠେଇନେଇ ଛାତିରେ ଯାକି ଧରିଲା । ଝାଟିମାଟି ର ନୁଆଁଣିଆ ଚାଳ ଘରଟାରେ ଆଜି ଅନେକ ଦିନ ପରେ କାନ୍ଦ ଓ ହସ ଉଭୟ ବିରାଜମାନ ।

ଚଟ ସପଟା ଉପରେ ଭାରତୀ ଆଜି କନ୍ଥା ଖଣ୍ଡେ ଭଲକି ପକେଇ ସଫା ସୂତା ଶାଢ଼ୀଟେ ବିଛେଇଦେଇଛି ।

ବବୁଲୁ କୁ ଟିକେ କାନ୍ଥ କଡ଼କୁ ଘୁଞ୍ଚେଇ ଦେଇ ସ୍ୱାମୀ ପାଖେ ସେ ନିଜ ପାଇଁ ଶୋଇବା ଜାଗାଟିଏ ଅକ୍ତିଆର କରି ନେଲା । ରାତିର ନୀରବତା କୁ ଭଙ୍ଗ କରି ଭାରତୀ ପ୍ରଥମେ ପଚାରିଲା, "ହଇହେ ! ମୋ ଉପରେ ରାଗିଛ? "

- - ନାଁଲୋ ! ତୁଚ୍ଛା ଟାରେ କାହିଁକି ତୋ ଉପରେ ରାଗିବି କି ଲୋ? ତୁ ଯାହା କରିଛୁ ଏକଦମ ଠିକ କରିଛୁ । ଯୋଉ ଛୁଆ ପାଇଁ ମୁଁ ନିଜେ କିଛି କରି ପାରିଲିନ, ଆଉରି ପୁଣି ତୁମ ଦୁହିଁକୁ ହଇରାଣ କରି ମଝିରାସ୍ତା ଉପରେ ଆଣି ଠିଆ କରେଇଲି, ତୁ ତାକୁ ସବୁ ସମ୍ଭାଳିନେଲୁ । ପୁଅକୁ ଡାକ୍ତର ଦେଖେଇ ଔଷଧ ଦେଇ ଭଲ କରିଛୁ । ତୋ ଆଗରେ ମୁଁ ପା ଦୋଷୀ । ଆଉରି ରାଗିବି କଅାଁ?

ମୁଁ ଠିକ ଜାଣିଥିଲି ଲୋ ତୁ ନିଶ୍ଚୟ କିଛି ଗୋଟେ ବ୍ୟବସ୍ଥା କରୁଥିବୁ ।

ରତନା ଭାରତୀକୁ ଆହୁରି ଟିକେ ପାଖକୁ ଭିଡ଼ି ଆଣିଲା । ତା ଅନାବୃତ୍ତ ଅଣ୍ଟା ତଳେ ହାତ ବୁଲାଉ ବୁଲାଉ କିଛି ଗୋଟେ ଆବିଷ୍କାର କଲା ପରି ହାତ ଟି ସେଇଠି ଅଟକାଇଦେଲା ।

- - ଆଲୋ ! ଏ କଣ? ମୋତେ ତ କିଛି କହିନୁ?

- - କଇ ଥାଆନ୍ତି ।

- - ଆଉ କେବେ କଇଥାନ୍ତୁ? କାହିଁକି ଏମିତି କଲୁ?

- - ମୁଁ ଏତକ କରିନଥିଲେ ତୁମକୁ ସେ ଜେଲ ବାହାରକୁ ଛାଡିବାରେ ସାହାଯ୍ୟ କରିନଥାନ୍ତା।

ଦୁଇଜଣଙ୍କ ଭିତରେ ଆଉ କିଛି କଥାବାର୍ତ୍ତା ନାହିଁ । ଖାଲି ଘନ ଅନ୍ଧାର ଆଉ ଗାରିଧାର ଲୁହ।

ଖୁବ ସକାଳୁ ଉଠି ରତନା ତାର ସେହି ପୁରୁଣା ଦର ଭଙ୍ଗା ଘରର ମାଟି ପିଣ୍ଡାରେ ବସିଛି । ଆକାଶ କୁ ଅନେଇ କଣ ସବୁ ଭାବିଯାଉଛି । ନୂଆସକାଳେ ନୂଆ ସଂକଳ୍ପଟେ କରୁଛି ବୋଧେ ମନେ ମନେ ।

ଭାରତୀ ଚୁଲି ରେ ନାଲି ଚା' ବସେଇଛି । ପୁଣି ଥରେ ଆଜି ତା ଘରର ଚାଳ ଭେଦି ଧୂଆଁ ଆକାଶ କୁ ଉଡିଯାଉଛି ।ସେହି ଧୂଆଁ ସହ ଘରର ସବୁ ଦୁଃଖ କଷ୍ଟ ମଧ୍ୟ ଦୂରକୁ ଦୂରକୁ ଉଡିଯାଇ ଅଦୃଶ୍ୟ ହେଇଯାଆନ୍ତା କ !

ଚା' ର ଗୋଟିଏ ଢୋକ, ବବୁଲୁ ର ଘରଭିତରୁ ନଦ ଭଙ୍ଗା କାନ୍ଦ, ଭାରତୀ ର ଘର ଆଗରେ ଧୂଳ ଝଡା, ସବୁ ଫେଣ୍ଟା ଫେଣ୍ଟି ହେଇ ତିନୋଟି ଯାକ ଜୀବନ ପୁଣି ଥରେ ଘୋଷାରି ଟାଣି ହେଇ ଆଗକୁ ଆଗେଇ ଚାଲିଲେ ଆଉ ଥରେ ଆଉ ଗୋଟେ ଧୂଳ ଧୂଆଁ ର ଝଡ଼ କୁ ସାମ୍ନା କରିବା ପାଇଁ ।

ଲୋପାମୁଦ୍ରା ମିଶ୍ର
ନନ୍ଦିପୁର, ଦଶରଥ ପୁର, ଯାଜପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ଅପ୍ରେଲ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# ପୁଲଓ୍ୱାମାର ଶୁନଶାନ ସଡ଼କରେ..



କାର୍ତ୍ତିକ ପାଣିଗ୍ରାହୀ

ଶବ୍ଦମାନେ ଆଜି ନିରବ ଶୋଭାଯାତ୍ରାରେ
ପୁଲଓ୍ୱାମାର ଶୁନଶାନ ସଡ଼କରେ,
ନା କିଛି ବ୍ୟକ୍ତ କରି ପାରୁଛନ୍ତି..
ନା ଅବ୍ୟକ୍ତତାର ସୀମାରେଖା ଡେଇଁ ପାରୁଛନ୍ତି
ଲାଗୁଛି ସତେ ଯେମିତି
ନିଜ ଭିତରେ ହିଁ ନିଜେ ସନ୍ତୁଳ ହୋଇଛନ୍ତି ।
ସେ ଶହୀଦ ବିଧବାର ଆଖିର ନିସ୍ତବ୍ଧତାରେ ହୋଇ
ଅବା ସନ୍ତାନସନ୍ତତିଙ୍କର ନିରବ ଦୀର୍ଘଶ୍ୱାସରେ,
ଜନ୍ମକଲା ମା'ର ବୁକୁଫଟା କାନ୍ଦଣାରେ ହୋଇ
ଅବା ବାପାଙ୍କର ବୁକୁଥରା କୋହରେ,
ଭଉଣୀର 'ଏ ଭାଇ' ର ଡାକର ଆକୁଳତାରେ ହୋଇ
ଅବା ଭାଇର ଏକେଲାପଣକୁ
ସାମ୍ନା କରିବାର ବ୍ୟାକୁଳତାରେ,
ବନ୍ଧୁସ୍ୱଜନଙ୍କର ଅବିଶ୍ୱାସର ଭଉଁରୀ ଘେରରେ ହୋଇ
ଅବା ପ୍ରେମିକାର ଛଳ ଛଳ କୁଆଁରୀ ମନରେ ହୋଇ
ହଜି ହଜି ସେମାନେ ନିଜକୁ ହିଁ ଖୋଜୁଛନ୍ତି ।

ଲାଗୁଛି, ସେମାନେ ନିଜେ
ନିଜ ସନ୍ଧାନରେ ହିଁ ଘୁରି ବୁଲୁଛନ୍ତି,
ଏକଜୁଟ ହେବା ପାଇଁ ସେମାନଙ୍କ ପାଖରେ

ମନରେ ନା ଶକ୍ତି ଅଛି ନା ଆସକ୍ତି
ତଥାପି, ସେମାନେ ପୁଞ୍ଜିଭୁତ ହେବାକୁ ଚ୍ହାହାନ୍ତି
ପୁଣିଥରେ ସେହି ସହିଦମାନଙ୍କର ଭାଷାକୁ ରୂପ ଦେବା ପାଇଁ,
ନିଜ ଭିତରେ ଶକ୍ତିର ସଂଗ୍ରହ କରୁଛନ୍ତି
ସହିଦମାନଙ୍କର ପରିବାରବର୍ଗଙ୍କ ଲୁହକୁ
ଅବିକଳ ଆଙ୍କିଦେବା ପାଇଁ,
ମାତ୍ର ସାମ୍ନା କରିବାକୁ ବି ସାହସ ନାହିଁ କାରଣ ଲାଗୁଛି ଯେମିତି
ସେମାନେ ନିଜ ଭିତରେ ହିଁ ହଜି ଯାଇଛନ୍ତି ଆଜି।

ମୁଁ କିନ୍ତୁ ପଢ଼ିପାରୁଛି
ସେମାନଙ୍କ ଆଖିର ବିକ୍ଷିପ୍ତ ଭାବକୁ
ଦେଖିପାରୁଛି
ଓଠର ଅକୁହା ଅସହାୟତାକୁ
ଶୁଣିପାରୁଛି ବି
ଅନ୍ତରର ରୁଦ୍ଧକୋଠରୀରୁ ବାହାରି ଆସୁଥିବା
ଅଣଚ୍ହଷ ପବନର ଦୀର୍ଘଶ୍ୱାସକୁ,
ତଥାପି, ଲାଗୁଛି ଯେମିତି
ମୋ ଶବ୍ଦମାନେ ଆଜିବି ଖୋଜି ବୁଲୁଛନ୍ତି
ପୁଲଓ୍ୱାମାର ଶୁନଶାନ ସଡ଼କରେ
ଇତସ୍ତତଃ ପଡ଼ିଥିବା ଶହୀଦ ଯବାନମାନଙ୍କର
ରକ୍ତରଞ୍ଜିତ ଭାବନା ମାନଙ୍କୁ,
ଲାଗୁଛି,
ଶବ୍ଦମାନେ ନିରବି ଯାଇଛନ୍ତି ଆଜି
ନିରବ ଶୋଭାଯାତ୍ରାରେ
ପୁଲଓ୍ୱାମାର ଶୁନଶାନ ସଡ଼କ ଉପରେ।

# ଏଇଠି ଏକ ନଈ ଥିଲା




ସନ୍ତୋଷ କୁମାର ମହାନ୍ତି

ଏଇଠି ଏକ ନଈ
ବୃକ୍ଷକୁ ପାଣି ଦଉଥିଲା
ଛୋଟିଆ ଧାର ବହୁଥିଲା
ଗାଁର ଦୁଃଖ ହାରୁଥିଲା
ସଂଜ ସକାଳେ ହୁଅ ମେଳ,
ନଦୀ ତୁଠରେ କଳଗୋଳ
ଢେଙ୍କାନାଳରୁ ଢିଙ୍କିଶାଳ
ତିଳଟା ସେଠି ହୁଏ ତାଳ
ନଦୀଟା ଯୋଡିଥିଲା ଭାବ
ଗାଁରେ ନଥିଲା ଅଭାବ
ସୁନାର ଫସଲ ଫଳୁଥିଲା
ନଦୀଟା ସୁଖ ଲେଖୁଥିଲା

ଗାଁରେ କଂପାନୀଟା ହେଲା
ନଦୀରେ ମଇଳା ପାଣି ମିଶାଇଲା
ସ୍ୱଚ୍ଛ ନଦୀଟା ନାଳ ହେଲା
ଗାଁର ଚିତ୍ର ବଦଳିଲା ।।
ସେବାଟେ ଯିଏ ଯାଉଥିଲା
ଅତୀତ କଥା ଭୁଲି ହୋଇ
ନଦୀକୁ ସେଠି ଖୋଜୁଥିଲା
ନଈଟା ଏବେ ନାଳ ହେଲା ।।

ନବଜୀବନ ସମାଜ, ଗ୍ରାମ/ ଡାକ- ସଫା, ଜିଲ୍ଲା- କଟକ- ୭୫୪୦୨୨

# ମହୁମାଛିର ଘର



ରଞ୍ଜିତ କୁମାର ସାହୁ

ଫୁଲଟିକୁ ଦେଖୁ ଦେଖୁ ରେଜାର ଦୃଷ୍ଟି ପଡିଗଲା ଛୋଟିଆ ମହୁମାଛିଟିର ଉପରେ । ସକାଳର କଅଁଳ ଖରାରେ ଚକଚକ ଦିଶୁଥିଲା ତାହାର ଡେଣା ଦୁଇଟି । ଦେହ ସାରା ବୋଳା ହୋଇଥିଲା ଫୁଲର ପରାଗ ସତେ ଯେମିତି ହଳଦିଆ ରଙ୍ଗର ଫଗୁ ବୋଳି ହେଇଛି ଦୋଳ ଯାତ୍ରାରେ । ପଛରୁ ବାପାଙ୍କର ଡାକ ଶୁଣାଗଲା, ତାକୁ ହଇରାଣ ନ କରିବା ପାଇଁ । ମହୁମାଛି ରାଗିଲେ ବିନ୍ଧିଦିଏ? ଆଉ ଖୁବ୍ କଷ୍ଟ ହୁଏ । କିନ୍ତୁ ମହୁମାଛିଟି ବେଶ୍ ପରିଶ୍ରମୀ । ହଜାର ହଜାର ଫୁଲରୁ ମହୁ ସଂଗ୍ରହ କରେ । କିନ୍ତୁ ତାହାର ଘର କେଉଁଠି? ରେଜା ତ କେବେ ଘର ଦେଖିନି ମହୁମାଛିର ! ତିନି କିଲୋମିଟର ଦୂର ପର୍ଯ୍ୟନ୍ତ ଚାରିଆଡେ କଂକ୍ରିଟ ଆଉ ପିଚୁ । ତା ପରେ ଯାଇ କିଛିଟା ଝଙ୍କାଳିଆ ଗଛ ଆଉ ବୁଦା । ସହରର ଶେଷ ପାଖରେ ଅଛି ଛୋଟିଆ ମନ୍ଦିରଟିଏ ଆଉ ତା ଚାରିପାଖରେ କିଛି ଗଛ ଆଉ ବୁଦା । ମହୁମାଛି କଣ ଏତେ ବାଟ ଉଡିକି ଆସେ ପ୍ରତିଦିନ ତାଙ୍କ ବଗିଚାକୁ! ନିଶ୍ଚୟ ଆସୁଥିବ, କେତେ ବା କଷ୍ଟ ହେବ ଯେ? ଫୁରକିନା ଉଡିକି ଆସିଯିବ । ମନେ ମନେ ରେଜା ଭାବିବାକୁ ଲାଗିଲା, ମହୁମାଛିଟି ନିଶ୍ଚୟ ଫେରୁଥିବ ଆଉ ତା ଛୁଆ ମାନଙ୍କୁ ଖାଇବାକୁ ଦେଉଥିବ । ନିଶ୍ଚୟ ସେମାନଙ୍କ ଘରେ ମଧ୍ୟ ମହୁମାଛିର ଛୁଆମାନେ ଲଢୁଥିବେ ମହୁ ପାଇଁ । ଠିକ୍ ଯେମିତି କାଲି ସନ୍ଧ୍ୟାରେ ବାପା ଆଣିଥିବା ଚକୋଲେଟ ପାଇଁ ସିଏ ଆଉ ତା ଭାଇ ଲଢିଥିଲେ ଆଉ ବୋଉ ଶେଷରେ ଭାଇକୁ ବଡ ଖଣ୍ଡଟି ଦେଇଥିଲା । ବାପା ରେଜାକୁ ବେଶୀ ଭଲ ପାଉଥିଲେ ବି କିଛି କହି ନଥିଲେ ।

ବୋଉର ହୁକୁମ ଗୃଲେ ଘରେ । ଗୃଡିସାଗ୍ ସେ ଲଗି ଛଟପଟ ହେଇଛି ରେ଼ଜା । ଛୋଟଭ଼ଇ ହେଇଥିଲେ ଅଲଗା କଥା । ଯାଆଁଳା ଭ଼ଇଟି । ଆଉ ମାଉସୀର ଅନୁସାରେ ରେ଼ଜା ହିଁ ଛୋଟ ।

ଭ଼ବୁ ଭ଼ବୁ ରେ଼ଜା ବାପାଙ୍କ ଥାପୁଡା ପିଠିରେ ଅନୁଭବ କଲ୍ । ବାପା ଗୃହିଁଥିଲେ ତା ଆଡକୁ ସତେ ଯେମିତି ତା ମନକଥା ପଗୃରିଥିଲେ । ସୁଯୋଗ ଛାଡିବା ପିଲ୍ ନୁହେଁ ରେ଼ଜା । ସାଙ୍ଗେସାଙ୍ଗେ କହିଦେଲ୍ ମହୁମାଛିର ଘର କଥା । ଯୋଗକୁ ସେଦିନ ରବିବାର । ବାପା ଗ୍ଜି ହେଇଗଲେ ସାଙ୍ଗରେ ଯାଇ ମହୁମାଛିର ଘର ଖୋଜିବାକୁ । କିନ୍ତୁ ଦୂରରୁ ହିଁ ଦେଖିବେ । ମହୁମାଛି ପସନ୍ଦ କରେନ କେହି ତା ଘରକୁ ଗଲେ, ଘରର ସଦସ୍ୟ ବ୍ୟତୀତ । ତାଙ୍କର ରବିବାର ଗୃଲବୁଲ ହେଇଯିବ ଆଉ ଫେରିଲ୍ ବେଳେ ସୌଦା ନେଇ ଆସିବେ । ଭ଼ଇ ତ ଏମିତିରେ ବି ଗେଜେଟରେ ଖେଳବାକୁ ପସନ୍ଦ କରେ ।

xxxxxxx

କେତେ ବର୍ଷ ହେବ କେଜାଣି ବର ଗଛଟିକୁ । ଏଇଟା କୁଆଡେ ସେତେବେଳେ ମଧ ଥିଲ୍ ଯେତେବେଳେ ଏ ସହରଟା ମାଡି ନଥିଲ୍ ଏ ଯାଏଁ । ଜେଜେଙ୍କ ବାପା ମଧ ଖେଳଥିଲେ ଏଠି, ସ୍କୁଲରୁ ଫେରିକ ବୋଲି ବାପା କହିଥିଲେ । ବାପାଙ୍କ ଆଙ୍ଗୁଠି କୁ ଦେଖିକ ରେ଼ଜା ଗୃହିଁଲ୍ ଉପରକୁ । ଏ କଣ? ମହୁମାଛିର ଘରଟା ଦେଖା ଯାଉନ । ଶହ ଶହ ମହୁମାଛି ଗୃରିଆଡେ ବୁଲୁଛନ୍ତି । ଘରକୁ ଢାଙ୍କିକ ରଖିଛନ୍ତି । ଘର ସେତେଟା ସୁନ୍ଦର ନୁହଁ ଯେମିତି ରେ଼ଜା ଭ଼ବିଥିଲ୍ ବାଇ ଚଢେଇର ବସା ଦେଖିକ । ରେ଼ଜା ଭ଼ବିଥିଲ୍ ଏତେ ସୁନ୍ଦର ମହୁମାଛିର ଘର ନିଶ୍ଚୟ ସୁନ୍ଦର ହେଇଥିବ । କିନ୍ତୁ ତାହାଠୁଁ ଅଧିକ ବିଚଳିତ କରୁଥିଲ୍

ମହୁମାଛିର ସଂଖ୍ୟା । ଗୋଟିଏ ଘରେ ଏତେଜଣ, କେମିତି ରହନ୍ତି ସତରେ! ବାପାଙ୍କର କଥାକୁ ମନ ଦେଇ ଶୁଣୁଥାଏ ରେ଼ଜା । ମହୁମାଛିମାନେ କୁଆଡେ ମିଳମିଶି ମହୁ ସଂଗ୍ରହ କରନ୍ତି । କେବେ ନିଜ ଭିତରେ କଳି କରନ୍ତି ନାହିଁ । ସେଥିପାଇଁ ସେମାନଙ୍କର ଘର ଭିତରେ ବହୁତ ଆରାମ । ଆଉ ସେଥିପାଇଁ ତାଙ୍କ ମହୁ ମଧ ବହୁତ ମିଠା । ମହୁମାଛିର ବୋଉ କଥା ଅନୁସାରେ ପୁରା ଘର ଚଳେ ।

ମୁଣ୍ଡ ଟୁଙ୍ଗାରି ସବୁ ଶୁଣିଲା ରେ଼ଜା । ଏଥର ଆଉ ଭାଇ ସହ ଲଢେଇ କରିବନି ଆଉ ବୋଉଙ୍କୁ ସାହାଯ୍ୟ କରିବ ଘର ସଜାଡେ ରଖିବାରେ । ବାପା ଗୁହିଁଥିଲେ ରେ଼ଜା ଆଡକୁ । ତାଙ୍କ ହାତକୁ ଜାବୁଡି ଧରିଲା ରେ଼ଜା ଯେମିତି ଖୁସିରେ ଧରେ ସବୁବେଳେ ।

"ମୁଁ ଜାଣେ ତୁ ସବୁ ବୁଝିଛୁ ଆଉ ଏଥର ଚକୋଲେଟ ପାଇଁ ଝଗଡା କରିବୁନି," କହୁ କହୁ ଟେକି ନେଇଥିଲେ ବାପା ତାକୁ ଦି ହାତରେ ଆଉ ଝୁଲେଇ ଦେଇଥିଲେ ପବନରେ ଦୁଇଥର ।

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗୁରଲୋଟସଭିଲ୍ଲ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା



# ବସନ୍ତ ର ଆଗମନ



ସାଗର ପ୍ରଧାନ

ନବ ବସନ୍ତ ର ପହିଲି ପରସେ
ନାନା ପୁଷ୍ପେ ଦ୍ରୁମ ଭରା ।
ଶୀତୁଆ କାକର ହୋଇଯାଏ ଦୂର
ପୁଲକତ ହୁଅ ଧରା ।

ନବ ପଲ୍ଲବୀତ ଆମ୍ର ତରୁ ଅଙ୍ଗେ
ବଉଳ ପାଉଛି ଶୋଭା
ରଙ୍ଗ ବେରଙ୍ଗ ର କୁସୁମ ସଜାନ୍ତି
ବସୁଧା ମାଆ ର ଗଭା ।

ଗହଳଆ ବନ ତରୁ ବୃନ୍ତ ଡାଳେ
କୋକିଳ ର ମିଠା ତାନ
ପ୍ରେମ ର ଜୁଆରେ ହୃଦ ବିଦାରିତ
ଉଲ୍ଲସିତ ତନୁ ମନ ।

ପ୍ରୀତି ମହକର ମଳୟ ପବନେ
ପ୍ରେମ ପ୍ରଣୟ ର ଛୁଆଁ
ନରସ ହୃଦୟେ ଜାଗି ଉଠେ ଜଳ
ଶାଶ୍ୱତ ପ୍ରେମର ନଆଁ ।

ଦୋଳ ଯାତ ପାଇଁ ଗାଁଆ ହୁଏ ସଜ
ହସି ଉଠେ ପଲ୍ଲୀ ଭୂଇଁ
ଶ୍ରୀ ରାଧା ଗୋବିନ୍ଦ ବିମାନରେ ବିଜେ
ସାଥେ ବନ୍ଧୁ ସଖା ନେଇ ।

ପାତ୍ରପୁର, ଗଂଜାମ

# ହେ ବସନ୍ତ



ଚନ୍ଦ୍ର ଶେଖର ଗୋ

( ୧)

ତମେ
ବଉଳର ସବାରୀରେ-
ଏ ଧର୍‌କୁ ଆସିଚ
ଫଗୁ ବୋଲି କୃତିମ ରଂଗ-
ଦିହ୍‌ଯାକ ବୋଳ ହଉଚ ।

ନଶାମଗ୍ନେ ମନ ଇଚ୍ଛା
ସମ୍ବଲପୁରୀ ଡିସ୍କୋ ନାଚୁଚ
ନା' କଥାକଲି କୁଚପୁଡ଼ି
ତମେ ହିଁ ତ ଜାଣିଚ ।

ଆଗପରି କୋଇଲି ବି ଗାଉନ-
ତମ ପାଇଁ ସ୍ୱାଗତ ଗୀତ
ମୋତେ ତ ଲ୍‌ଗୁଚ ତମେ-
ଆଉ ଆଗପରି ନାହଁ ସୁସ୍ଥ ।

( ୨)

ତମେ ଆସିଲ
ଶତ ସ୍ୱାଗତ, ଅଥଚ
ଏକା ନ ଆସି ସାଙ୍ଗରେ
ଗ୍ରୀଷ୍ମକୁ କଆଁ ଡାକ ଆଣିଚ ।

( ୩)

ତମ ସ୍ପର୍ଶ
ଏତେ ଦଗ୍ଧ କାହିଁକ ?
ତମେ ପର୍ ପ୍ରେମ ଋତୁ-
ପ୍ରେମ ଉପବନେ ନଆଁ ଲଗେଇ
କେଉଁ ଆତ୍ମତୃପ୍ତି ଅବା ପାଉଚ
ନା' ଆଜିକାଲିର ପ୍ରେମକୁ-
ସନ୍ଦେହ ଚକ୍ଷୁରେ ଦେଖୁଚ ।

( ୪)

ତମେ
ଯାହା ଇଚ୍ଛା କର
ଅଥଚ,
ନବ ବରବଧୁର-
ନବ ପ୍ରୀତି ପଲ୍ଲବିତ ହୃଦୟର
ଅଗ୍ନି ପରୀକ୍ଷା କାହିଁକ ନଉଚ ।

( ୫)

ଅଥଚ
ମୁଁ କଛି କହିଦେଲି ବୋଲି
ତମେ କହିପାର ମୋତେ ତୁଚ୍ଛ
ଅନ୍ତତଃ
ଝାଉଁଳ ନ ମରିଯାଉ
ତମ ପ୍ରୀତ୍ୟର୍ଥେ ନବ ପଲ୍ଲବିତ
ଏଇ ମୋର କବିତା ବୃକ୍ଷ ।

କନ୍ତୁ ସତ
ତମେ ବଦଳ ଯାଉଚ
ବୟସର ଏଇ-
ପାହାଚ ପରେ ପାହାଚ ।

କର୍ଲାଖମାର, ସିନାପାଲି, ନୂଆପଡ଼ା

ବେଦାନ୍ତୀର ଆଗାମୀ ସଂଖ୍ୟା ଅପ୍ରେଲ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ଶାଶ୍ୱତ ପ୍ରେମ



ସୀତାରାମ ଦାଶ

କଟକର ଶ୍ରୀରାମ ଭଞ୍ଜ ମେଡ଼ିକାଲରୁ କଲଟିଏ ପାଇ ଯଥା ଶୀଘ୍ର ପହଁଚଲେ ଥାନା ଅଧିକାରୀ ମିଶ୍ର ବାବୁ। ତିରିଶ ବର୍ଷର ବିବାହିତ ନାରୀ, ଶରୀରର ଷାଠିଏ ଭାଗ ପୋଡି ଯାଇଛି। ବାହାରେ ବୃଦ୍ଧ ଶାଶୁ ଶଶୁର ଭୟ ଏବଂ ଆତଙ୍କିତ ହୋଇ ଅଶ୍ରୁପାତ କରୁଛନ୍ତି। ପ୍ରାଥମିକ ଅନୁସନ୍ଧାନରୁ ଥାନା ବାବୁ ହତ୍ୟାକାଣ୍ଡ ଘଟଣା ମନେ କରିଛନ୍ତି। କାରଣ ଏବେ ବି ମହିଳାଙ୍କ ମୁଣ୍ଡରୁ କରୋସିନୀର ଗନ୍ଧ ବାହାରୁ ଥାଏ ।

ଶାଶୁ ଶଶୁରଙ୍କୁ ଜେରା କରିବାରୁ ସେମାନେ କହିଲେ ଯମୁନା ଏ ଘରର ବୋହୂ ନୁହେଁ ଝିଅ ପରି ଥିଲା। ଘରେ କେବେ କଳ ଝଗଡା ହୁଅନ। ଆମ ବୋହୁ ଖୁବ ଶାନ୍ତ ଆଉ ସରଳ। ଆଜି ପୁଅ କାମକୁ ଗଲା ପରେ ଆମେ ବୁଢା ବୁଢ଼ୀ ଖାଇ ପିଇ ବିଲକୁ ଯାଇଥିଲୁ। ସାହି ଲୋକେ ହୋ ହା ହୋଇ ଡାକ ପକାଇଲେ। ଆମେ ଆସିଲା ବେଳକୁ ଏସବୁ ଘଟି ସାରିଥିଲା।

ମିଶ୍ର ବାବୁ ସତ୍ୟ ଜାଣିବା ପାଇଁ ପିଡ଼ିତାର ବୟାନ ନେଲେ। ପିଡ଼ିତା ଯମୁନା ଦାଶ ସ୍ପଷ୍ଟ ଭାବରେ ଜଣାଇଲେ ମୋର ଏ ଦୁର୍ଘଟଣାରେ କେହି ଦାୟୀ ନୁହଁନ୍ତି। ରୋଷେଇ କରୁଥିବା ସମୟରେ ଷ୍ଟୋଭରୁ ନିଆଁ ଲାଗି ଏପରି ହୋଇଛି। ଏହା କେବଳ ଏକ ଦୁର୍ଘଟଣା। ହେଲେ ମିଶ୍ର ବାବୁଙ୍କ ମନ ମାନୁ ନ ଥାଏ। କାରଣ ଏପରି ଅନେକ ଅନୁଭୂତି ପାଇଛନ୍ତି ନିଜର ଜୀବନ କାଳରେ। ଏବେ ବୟସ ପଂଚାବନ ହେଲାଣି। ଖୁବ କଡା ମିଜାଜ ବ୍ୟକ୍ତିତ୍ୱ।

ଦୀର୍ଘକାୟ ଶରୀରକୁ ବାଘୁଆ ନଶ ଖୁବ ଭୟଙ୍କର ଲାଗେ। ଶେଷରେ ସ୍ୱାମୀ ଯୋଗେନ୍ଦ୍ର ଆସି ପହଁଚଲେ।

ଯୋଗେନ୍ଦ୍ର ଥିଲେ ଜଣେ ସାଧାରଣ ଆଉ ସରଳ ମଣିଷ। ମିଶ୍ର ବାବୁଙ୍କ ପ୍ରଶ୍ନରେ ଖୁବ ଆତଙ୍କିତ ହୋଇ ଭେ ଭେ କାନ୍ଦି କାନ୍ଦି କହିଲେ ମୋ ସ୍ତ୍ରୀକୁ ମୁଁ ମୋ ଜୀବନ ଠୁ ଅଧିକ ଭଲ ପାଏ। ଆମ ଭିତରେ କେବେ କଛି କଳ ଝଗଡା ମତାନ୍ତର ହୋଇନ। ବାପା ମା ବି ବୋହୂକୁ ନଜ ଝିଅ ଭଳ ଦେଖନ୍ତି। ମୁଁ ସକାଳୁ କାମକୁ ଯାଇଥିଲି, ଖବର ପାଇ ସିଧା ମେଡ଼ିକାଲକୁ ଆସିଛି। କନ୍ତୁ ଥାନା ବାବୁଙ୍କ ମନ କାହା କଥାରେ ମାନୁ ନ ଥାଏ।

ଯମୁନା ଶୋଇଥାଏ ନରବ ନସ୍ତେଜ ହୋଇ ମେଡ଼ିକାଲର ବେଡ଼ ଉପରେ। ନରିହ କୋମଳ ତରୁଣୀ କଣ ପାଇଁ ଅଗ୍ନି ସ୍ନାନ କରିବ। ଅନେକ ପ୍ରଶ୍ନ ମିଶ୍ର ବାବୁଙ୍କ ମନରେ। ସତ୍ୟର ସନ୍ଧାନରେ ବାହାରିଲେ ମେଡ଼ିକାଲକୁ। ଥାନାବାବୁଙ୍କୁ ଦେଖି ଭୟଭୀତ ଯମୁନା। ମିଶ୍ର ବାବୁ କହିଲେ ଯମୁନା ତୁମେ ମୋ ଝିଅ ପରି। ତୁମେ ବି ଆମ ବ୍ରାହ୍ମଣ ଜାତିର। ଠିକ ତୁମ ପରି ମୋର ଗୋଟେ ଝିଅ ଥିଲା। ଅନେକ ବର୍ଷ ତଳେ ସଡକ ଦୁର୍ଘଟଣାରେ ଆମ ସମସ୍ତଙ୍କୁ ଛାଡି ଗ୍ଲଲିଗଲା। ଏବେ ବି ତୁମ ମଥାରେ କରେ୍ରାସିନୀର ବାସ୍ନା ଆସୁଛି, ସତ କୁହ ପ୍ରକୃତ କାରଣ କଣ? ମୁଁ କଥା ଦେଉଛି ତୁମର କଛି ଆସୁବିଧା ହେବନ। ଦୋଷୀ ଦଣ୍ଡ ପାଇବା ଉଚତ।

ଯମୁନା କହିଲେ ଆଜକୁ ଆଠ ବର୍ଷ ତଳେ ଏ ଘରକୁ ମୁଁ ବୋହୂ ହୋଇ ଆସିଥିଲି ମନରେ ଅନେକ ସ୍ୱପ୍ନ ନେଇ। ଏ ପରିବାରରେ ମତେ ଅନେକ ସ୍ନେହ ଆଦର ମିଳଥିଲା। ମୋ ସ୍ୱାମୀ ଯୋଗେନ୍ଦ୍ର ଥିଲେ ଦେବତୁଲ୍ୟ ମଣିଷ। ଆମେ ଦୁଇଜଣ ଥିଲୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ଆମ ଦୁଇ ଜଣଙ୍କ ମଧ୍ୟରେ ପ୍ରଗାଢ ପ୍ରେମ ଥିଲା। ବିବାହର ଆଠବର୍ଷ ପରେ ମଧ୍ୟ କଛି ସନ୍ତାନ ସନ୍ତତି ନ ହେବାରୁ ଅନେକ ଡାକ୍ତରଙ୍କୁ ଦେଖାଇ ନରାଶ ହୋଇ ରହିଲୁ।

ଯମୁନା ମାତୃତ୍ୱ ଲାଭ କରିପାରିବେନି ଜାଣି ମଧ୍ୟ ଯୋଗେନ୍ଦ୍ର କେବେ ବି କିଛି ମନ କଷ୍ଟ ହେଲା ଭଳି କାଟୁ କଥା କୁହନ୍ତି ନି।

ଯମୁନା ସବୁବେଳେ ଯୋଗେନ୍ଦ୍ରଙ୍କୁ ଦ୍ୱିତୀୟ ବିବାହ କରିବାକୁ କୁହନ୍ତି। ଯିଏ ଯୋଗେନ୍ଦ୍ରଙ୍କୁ ପିତା ହେବାର ସୁଖ ପ୍ରଦାନ କରିବ କିନ୍ତୁ ଯୋଗେନ୍ଦ୍ର କୁହନ୍ତି ଭାବପ୍ରବଣତାରେ ଭାସି ଯାଅନି ଯମୁନା। ତମେ ହେଉଛ ମୋର ସବୁ ସୁଖ ସବୁ ଖୁସି। ତୁମର ସ୍ଥାନ କେହି ନେଇ ପାରିବେନି। ମୁଁ କେବେ ବି ଦ୍ୱିତୀୟ ବିବାହ କରିବିନି।

ଯୋଗେନ୍ଦ୍ରଙ୍କୁ ମୁଁ ବହୁତ ଭଲ ପାଏ ଏବଂ ସବୁବେଳେ ତାଙ୍କର ଖୁସି ଚାହେଁ। ମୁଁ ଥିବା ପର୍ଯ୍ୟନ୍ତ ସେ କେବେ ଦ୍ୱିତୀୟ ବିବାହ କରିବେନି। ବୁଢା ବୟସରେ କିଏ ତାଙ୍କର ସାହା ହେବ। ତେଣୁ ମୁଁ ନିଜେ କର୍କରୋଗିନୀ ହୋଇ ଏମିତି କରିଛି। ଏସବୁ କଥା ଶୁଣି ମିଶ୍ର ବାବୁଙ୍କ ଆଖିରେ ଲୁହ ଆସି ଯାଇଥିଲା।

କିଛିଦିନ ଚିକିତ୍ସା ପରେ ଯମୁନା ସବୁଦିନ ପାଇଁ ଦୁନିଆ ଛାଡି ଚାଲିଗଲେ ଆଉ ଯିବା ପୂର୍ବରୁ ଅନେକ ଥର ଅନୁରୋଧ କରିଛନ୍ତି ଯୋଗେନ୍ଦ୍ରଙ୍କୁ ପୁଣି ଘର ସଂସାର କରିବାକୁ। ଉତ୍ତର ବଦଳରେ ଖାଲି ଅଶ୍ରୁ ଧାରା ହିଁ ଦେଇଛନ୍ତି ଯୋଗେନ୍ଦ୍ର।

ଯମୁନା ଥିଲା ଯୋଗେନ୍ଦ୍ର ପାଇଁ ଏକ ଅଭୁଲା ସ୍ମୃତି। ଆରମ୍ଭ ହେଲା ଖୁସିରୁ ଶେଷ ହେଲା ଲୁହରେ। ଦୁଃଖ ଆଉ ଲୁହ ଯୋଗେନ୍ଦ୍ରର ଚିର ସହଚର। ଆଜି ଲୁହକୁ ନିଜର ଅନ୍ତରଙ୍ଗ ବନ୍ଧୁ ଭାବି ନେଇଛି ଯୋଗେନ୍ଦ୍ର। ଜୀବନର ଅପରାହ୍ନରେ ସେଇ ଛୋଟିଆ ଚାଳ ଘରେ ଯମୁନାର ସ୍ମୃତିକୁ ପାଥେୟ କରି ନୀରବରେ ଏକୁଟିଆ ଦିନ କାଟୁଛନ୍ତି ଯୋଗେନ୍ଦ୍ର।

ସାନମୂଳାଇ, ଗୋବିନ୍ଦପୁର, କଟକ

# ଜନ୍ମଭୂମି



ଅଜୟ କୁମାର ବେହେରା

ଯେଉଁ ଦେଶରେ
ଜନମିଛି ମୁହିଁ
ଯାହାର ପାଣି ପବନରେ
ଛୋଟରୁ ବଡ଼ ହୋଇଛି ମୁହିଁ
ତାପରି ଆଉ କେହି ତ ନାହିଁ
ସେହି ମୋ ପ୍ରିୟ ଜନ୍ମ ଭୂଇଁ । ।

ପବିତ୍ର ମୋ ଦେଶ
ଭାରତ ବର୍ଷ
ଯହିଁ ପ୍ରବାହିତ
ଗଙ୍ଗା ଠାରୁ ଗୋଦାବରୀ
ଅନବରତ । ।

ଜଳ, ଜଙ୍ଗଲ ଆଉ କୃଷିର ତ ଅଭାବ ନାହିଁ
ଏହି ପରି ପୁଣ୍ୟ ଦେଶରେ
ଜନମିଛି ମୁହିଁ । ।

ମୋ ଦେଶର ଲୋକଙ୍କର
ଆଚାର, ବିଚାର, ସଂସ୍କୃତି
ସେତ ଭାରି ସୁନ୍ଦର
ଯେଉଁ ଦେଶେ ପୁଣି ପାଳତ ହୁଏ
ପର୍ବପର୍ବାଣୀ ନାନା ପ୍ରକାରର । ।

ଏଠି ଚର ସବୁଜ କ୍ଷେତ
ଭାରି ସୁନ୍ଦର
ଯହିଁ କୋକିଳର ସ୍ୱର
ଲାଗେ କେଡ଼େ ମଧୁର । ।

ଶିକ୍ଷା, ଦୀକ୍ଷା, ଧର୍ମ ଆଉ କର୍ମ କ୍ଷେତ୍ରରେ
ମୋ ଦେଶ ଥାଏ ସବା ଆଗରେ
ଉଚ୍ଚ, ନୀଚ, ଛୁଆଁ ଅଛୁଆଁ ଭେଦଭାବ ନ
କରେ
କେହି ମୋ ଦେଶରେ
ସଭିଏଁ ରୁହନ୍ତି ଏଠି ଭାରି ଖୁସିରେ । ।

.

କେତେ ଜ୍ଞାନୀ ଗୁଣୀ
ଏହି ଦେଶର
ଲେଖା ଯେ ଥିଲା
ପୁଣି ଜୀବନ ତାଙ୍କର
ଦେଶ ହିତ ପାଇଁ
କେତେ ସେ ଲେଖିଲେ
ଗଳ୍ପ ଆଉ କବିତା
ଯାହାଙ୍କ ପାଇଁ ପୁଣି
ଧନ୍ୟ ଆଜି ଭାରତ ମାତା।।

ଏହି ଦେଶରେ
ଜନମିଥିଲେ କେତେ ଯେ ବୀର
ଦେଶମାତୃକାର ସେବାରେ
ସେତ ଦେଇଥିଲେ ସ୍ୱ ଶରୀର।।

ଲକ୍ଷ୍ମଣ, ବାଜିରାଉତ ଅଳ୍ପ ବୟସେ
ଦେଶ ପାଇଁ ଜୀବନ ଦେଇ
ହେଲେ ଅମର
ଧନ୍ୟ ତୁମେ ବୀର
ଏଇ ଦେଶର।।

ନାରୀମାନେ ପୁଣି
ଏହି ଦେଶରେ
ଦୁର୍ବଳା ନୁହନ୍ତି
କୌଣସି ଥିରେ।।

ନିଜ ପ୍ରତିଭାରେ
ରାଷ୍ଟ୍ରପତି ହୋଇଥିଲେ ପ୍ରତିଭା
ପୁଣି ଏହି ଦେଶରେ
ଆଜି ନାରୀ ଅବହେଳିତ ନୁହେଁ
ସେତ କୌଣସି କ୍ଷେତ୍ରରେ।।

କଳ କାରଖାନା ଆଉ
ଶିଳ୍ପ କ୍ଷେତ୍ରରେ
ଆମ ଦେଶ ପୁଣି
ସବା ଆଗରେ
ଜୀବିକା ଚଳାନ୍ତି ଏଠି ସଭିଏଁ
ଭାରି ଖୁସିରେ।।

ଏହି ପରି ପୁଣ୍ୟ ଦେଶରେ
ଜନମିଛି ମୁହିଁ
ଜୀବନ ଦେବି ମୁଁ
ମୋ ଦେଶ ପାଇଁ
ଧନ୍ୟ ମୋ ଭାରତ ଭୂଇଁ
ଜୀବନ ଥାଉ ଥାଉ
ତୋତେ ମୁଁ କେବେ
ଭୁଲିବି ନାହିଁ।।

ମୋରଡ଼ା, ମୟୂରଭଞ୍ଜ

# ଉତ୍କଳ ସଭ୍ୟତା...



ଅରୁଣ କୁମାର ମହାନ୍ତି

ନା ମୁଁ ସ୍ୱପ୍ନରେ          ନା କଳ୍ପନାରେ
ଦେଖୁଛି ଯାହା ବାସ୍ତବରେ
ଉତ୍କଳର କୀର୍ତ୍ତୀ          ସଭ୍ୟତା ସଂସ୍କୃତି
ପଡ଼ିଛି ବିପନ୍ନ ସ୍ଥିତିରେ......!!

ଗୁମୁରି କାନ୍ଦୁଛି          କଳଙ୍କ ସମ୍ମାନ
କଳା ଶିଳ୍ପ ସେ କୋଣାର୍କର
ଆଜି  ସେ ଦୁର୍ବଳ          ଅଟେ ଅସହାୟ
କଳା କାବ୍ୟ ଶିଳ୍ପ ଉତ୍କଳର.....!!

ଓଡ଼ିଆ ଭାଷାର          ହେଉନି ପ୍ରଗତି
ବଢ଼େ ଏଠି ନିତି ଦୁର୍ନୀତି
ପାଶ୍ଚାତ୍ୟ ସଭ୍ୟତା          ମଙ୍ଗ ଧରିଲାଣି
ଘରେ ଘରେ କରେ ରାଜୁତି.....!!

ଉଠ ଉଠ ମୋର          ଉତ୍କଳ ନିବାସୀ
ଫିଙ୍ଗି ତୁମେ ଆଳସ୍ୟ ବସନ
ଆସ ଭାଇ ଭଗ୍ନି          ଭୁଲି ଜାତି ଧର୍ମ
ସର୍ବେ ଆମେ ଉତ୍କଳ ସନ୍ତାନ.....!!

ଏକତା ଅଟଇ          ମୁକତି ଦିଗନ୍ତ
ଆସିବ ପୁଣି ନବ ଜାଗରଣ
ସଭିଁଙ୍କ ପ୍ରଚେଷ୍ଟା          ଫେରାଇ ଆଣିବ
ନିଖିଳ ଉତ୍କଳ ନିକେତନ......!!

ଏକ ପ୍ରେମ ଡୋରେ          ବନ୍ଧା ହେଲେ
ସବୁ
ହିନ୍ଦୁ ମୁସଲମାନ ଓ ଖ୍ରୀଷ୍ଟ
ଭାତୃ ଭାବ ପ୍ରୀତି          ଭାବ ବିରାଜିବ
ନିଶ୍ଚେ ପ୍ରଗତି ହୋଇବ ରାଷ୍ଟ୍ର.....!!

ଇଷାଣପୁର, ଯାଜପୁର

# କ୍ଷୁଦ୍ରଗଳ୍ପ
# "ଆଇନା"



ବିନୟ ମହାପାତ୍ର

ଜୀବନଟା ସତେ ଆଇନାଟିଏ । ତାକୁ ଦେଖି ଟିକଏ ହସିଦେଲେ ସିଏ ବି ହସିଦିଏ, ବେଶି ନୁହେଁ କି କମ୍ ବି ନୁହେଁ, ନିଜେ ଯେତିକି ହସିଥିବ ଠିକ୍ ସେତିକି । ତୁମ ଲୁହ ଦେଖିଲେ ତା ଆଖିରୁ ବି ଲୁହ ଝରିଆସେ, କିନ୍ତୁ ସେ କେବେବି ଲୁହ ପୋଛିବାକୁ ହାତ ବଢାଇ ଦିଏନି, କି ସମବେଦନାରେ ପଦେହେଲେ କିଛି କହେନି । ସେଥିପାଇଁ ବୋଧହୁଏ, କାନ୍ଦିଲାବେଳେ କେହି ଆଇନା ଦେଖେନା । କାରଣ ଆଇନା କହେ, ଜୀବନରେ କାନ୍ଦିବା ମନା । କାନ୍ଦିଲ ଯଦି ତେବେ ନିଜ ଲୁହ ନିଜେ ପୋଛିବାକୁ ଶିଖ ! ଦୁନିଆରେ କେହି ଆସେନା କାହାର ଲୁହ ପୋଛିବାକୁ । ସତକଥା; ନିଜ ଲୁହ, ନିଜକୁ ତ ପୋଛିବାକୁ ପଡେ । ଆଉ ଯିଏବା ଆସେ ଲୁହ ପୋଛିବାକୁ, ସେ ଖାଲି ବାହାନାରେ ସମ୍ପର୍କ ଜତେଇ ହେବାକୁ ଆସେ । ସମ୍ପର୍କର ଦୁହାଇ ଦେଉ ଦେଉ କେତେବେଳେ ନିଜର ସ୍ୱାର୍ଥ ହାସଲ କରିନିଏ ଜାଣିହୁଏନି । ବଡ ସ୍ୱାର୍ଥପର ଏ ଦୁନିଆ । ଏଇଟାତ ସତକଥା, କିନ୍ତୁ ସବୁ ସମ୍ପର୍କ ଏକାପରି ନୁହେଁ ! କିଛି ସମ୍ପର୍କ ଏମିତି ବି ଥାଏ, ଯେଉଁଠି ପାଇବାର ଲୋଭ ନଥାଏ, ନା' ଥାଏ ସ୍ୱାର୍ଥ ନା' ଦେଖେଇ ହେବାର ଇଚ୍ଛା ଥାଏ । ସେ ସମ୍ପର୍କ ସବୁ ହୃଦୟର ଥାଏ, ଆତ୍ମାର ଥାଏ । ରକ୍ତର ସମ୍ପର୍କକୁ ପଛରେ ପକେଇଦିଏ । ସେଇ ସମ୍ପର୍କ ସତେବା ଆଇନାଟିଏ । ହସିଦେଲେ ସିଏବି ହସିଦିଏ, କିନ୍ତୁ ଲୁହ ଦେଖିଲେ ଲୁହ ତ ଗଡେଇ ଦିଏ, ପୁଣି ହାତ ବଢେଇ ଦିଏ ଲୁହ ଟୋପାକ ତଳେ ପଡିବା ଆଗରୁ ପୋଛିନେବାକୁ । କାନ୍ଧରେ ହାତ ପକାଇ ବୁଝେଇଦିଏ ଏଇ ଦୁନିଆର ଜଟିଳ ଗଣିତ ସବୁ । ଛାତିରେ ଆଉଜାଇ ନେଇ ଗୃପିଧରେ, ଉଠି ଆସୁଥିବା ଶେଷ କୋହକୁ ବି ସାଥିରେ ନେଇଯାଏ ।

ମାଆ, ବାପା, ଭାଇ, ଭଉଣୀ ନିଜର ପୁଅ, ଝିଅ, କି ନାତି, ନାତୁଣୀ ସବୁ ନିଜ ରକ୍ତର, ସତରେ କେତେ ନିଜର ସେମାନେ । ରକ୍ତ ତ ଏକ ହେଲେ ହୃଦୟ ଭିନ୍ନ ହୋଇଯାଏ, ଆତ୍ମା ବି ଅଲଗା, ଅଲଗା । ମାଆ ବାପାଙ୍କର ପ୍ରେମ ଅତୁଳନୀୟ, ସେଥିରେ ତିଳେ ବି ସ୍ୱାର୍ଥ ନଥାଏ, କିଛି ପାଇବାର ଆଶା ନଥାଏ । ମାଆ ବାପା କେବଳ ଦେଇ ଜାଣନ୍ତି । ନିଜର ରକ୍ତ ଦେଇ ସନ୍ତାନକୁ ଶରୀର ଦେଇଥାନ୍ତି । ନିଜର ଆହାର କାଟି ସନ୍ତାନ ପେଟକୁ ଆହାର ଦିଅନ୍ତି । ନିଜର ଇଚ୍ଛାମାନଙ୍କର ଗଳା ଚିପିଦେଇ ସନ୍ତାନର ସମସ୍ତ ଇଚ୍ଛା ପୁରଣ ପାଇଁ ନିଜ ଜୀବନର ବାଜି ଲଗାଇ ଦିଅନ୍ତି । ବଦଳରେ ଚାହାଁନ୍ତି କଣ ? କେବଳ ଟିକିଏ ହସ ! ସନ୍ତାନ ମୁହଁରେ ଟିକିଏ ସନ୍ତୋଷର ହସ, ଟିକେ ସଫଳତାର ହସ, ଖୁସି ଆନନ୍ଦର ହସ । ସେଇ ଟିକକ ହସରେ ତାଙ୍କର ସମଗ୍ର ଜୀବନର ତପସ୍ୟା ସତେ ପୂର୍ଣ୍ଣତା ଲାଭ କରିଯାଏ । ମାଆ ବାପାଙ୍କର ତୁଳନାରେ ଦୁନିଆରେ କିଛିବି ନାହିଁ, କେହି ବି ନାହିଁ । ହେଲେ ମାଆ ବାପାଙ୍କର ନିର୍ଭୟ ଛାନ୍ଦୁଆ କେତେଦିନ ରହେ ? ମଣିଷ ଜୀବନର ଅଧାରାସ୍ତା ହେଉ ହେଉ ସେମାନେ ପିଲାଙ୍କ ହାତଛାଡି ଚାଲିଯାଆନ୍ତି, ଆଉ କିଛି ହତଭାଗା ସନ୍ତାନ ବୁଢା ବାପମାଆଙ୍କର ହାତ ଛାଡିଦିଅନ୍ତି । ଜୀବନର ସେଇ ଅସହାୟ ସମୟରେ ଆଉ ଜଣେ ସମ୍ଭାଳନିଏ ମଣିଷକୁ, ସେ ପତ୍ନୀ ହୋଇପାରେ ପତି ବି । ସେ ସମ୍ପର୍କ ରକ୍ତର ସମ୍ପର୍କ ନୁହେଁ, କେବଳ ବନ୍ଧୁତ୍ୱର ସମ୍ପର୍କ । ହେଲେ ସମସ୍ତ ରକ୍ତ ସମ୍ପର୍କୀୟଙ୍କଠାରୁ ଅନେକ ଅଧିକ ଅନାବିଳ ଅଧିକ ଗାଢ ସେ ସମ୍ପର୍କ, ପତି ପତ୍ନୀର ସମ୍ପର୍କ । ଏ ସମ୍ପର୍କ ପ୍ରେମର ସମ୍ପର୍କ, ଶ୍ରଦ୍ଧାର ସମ୍ପର୍କ, ବିଶ୍ୱାସର ସମ୍ପର୍କ । ଦୁଇଟି ମଣିଷ ଭିତରେ ଏ ସମ୍ପର୍କ ଏତେ ନିବିଡଭାବେ ବାନ୍ଧି ହୋଇଯାଏ, ସତେ ଲାଗେ ଯେମିତି ଗୋଟିଏ ଶରୀର, ଗୋଟିଏ ହୃଦୟ, ଗୋଟିଏ ଆତ୍ମା । ଜଣଙ୍କ ପାଦରେ କଣ୍ଟା ଫୁଟିଲେ ଆଉ ଜଣକର ହୃଦୟରୁ ଲୁହ ଝରିଆସେ । ଜଣଙ୍କ ବିନା ଆଉ ଜଣକଙ୍କର ଗତି, ସ୍ଥିତି, ମୁକ୍ତି କିଛି ବି ନଥାଏ ଯେମିତି । ସବୁକିଛି ଶୂନ୍ୟ ହୋଇଯାଏ, ଦୁନିଆ ନିଛାଟିଆ ଲାଗେ ।

ଜୀବନ ତାର ରାସ୍ତାରେ ନଦୀଟିଏ ପରି ବୋହି ଚାଲିଯାଏ । କେତେ ପାହାଡ, ପର୍ବତ ଖାଲଖମା ଦେଇ । କେଉଁଠି ଧୀର ମନ୍ଥର ତ କେଉଁଠି ପ୍ରବଳ ବେଗବତୀର ଉଗ୍ରରୂପ

ନେଇଯାଏ । କେବେ ଗ୍ରୀଷ୍ମର ପ୍ରଚଣ୍ଡ ସୂର୍ଯ୍ୟରଶ୍ମିରେ ସୁଖିଯାଏ ତ କେବେ ଶ୍ରାବଣର ମୂଷଳଧାର ବର୍ଷାର ପାଣିରେ ଦୁଇକୂଳ ଖାଇ ଭରିଯାଏ । ଯାହାବି ଆସିଛି, ଯେମିତି ସମୟ ଆସିଛି ସବୁ ପରିସ୍ଥିତିରେ ସେ ତାର ଯାତ୍ରା ଜାରି ରଖିଛି । କେବେବି ଥକନ, କେବେବି ଛାଇ ଖୋଜିନ ଦି'ଘଡି ବସି କ୍ଳାନ୍ତି ମେଣ୍ଟେଇ ନେବାକୁ । କିନ୍ତୁ ଏ ଜୀବନ ମୋର ଏକୁଟିଆ ନଥିଲା । ଆଉଜଣେ ବି ଥିଲା ମୋ ସାଥିରେ, ମୋ ପାଦରେ ପାଦମିଳେଇ ମୋ ସାଥିରେ ସାଥିରେ ଚାଲୁଥିଲା, ହେଲେ .... କେମିତି ବୁଝେଇଦେବି ସେ ଯାତ୍ରା କେମିତି ଥିଲା ! ସେ ଏକ ଭିନ୍ନ ପ୍ରକାରର ସହଯାତ୍ରା, ଯେମିତି ତ୍ରୀବେଣୀ ସଙ୍ଗମରେ ଗଙ୍ଗା ଜମୁନା ଏକାଠି ମିଶିଗଲା ପରେ ସାଥିହୋଇ ବୋହିଯିଆନ୍ତି, କିନ୍ତୁ କଣ ହୁଏ ସେମାନଙ୍କର ଅସ୍ତିତ୍ୱ ? ଜଣଙ୍କର ପ୍ରାଣ ଶରୀର ଆଉଜଣଙ୍କ ସାଥିରେ ବିଲୟ ହୋଇଯାଏ । ଗଙ୍ଗା ଜମୁନା ଏକ ହୋଇ ଯାଆନ୍ତି, ଗଙ୍ଗା ନା' ଗଙ୍ଗାରହେ ନା' ଜମୁନା, ଜମୁନା ରହେ, ତ୍ରୀବେଣୀ ପରେ ଆଞ୍ଜୁଳାଏ ପାଣି ହାତରେ ନେଇ କହିହେବନ ସେଥିରେ କେତେ ଗଙ୍ଗା କେତେ ଜମୁନା । କେଉଁ ବୁନ୍ଦାକ ଗଙ୍ଗାଜଳ କେଉଁ ବୁନ୍ଦାକ ଜଳ ଜମୁନାର । ସିଏତ ଏକ ଏକାକାର, ଏକ ଶରୀର, ଏକ ଆତ୍ମା ହୋଇଯାଇଛନ୍ତି । ସେମିତି ଥିଲା ଆମର ଏ ଯାତ୍ରା । ମୋର ସହଯାତ୍ରୀ ମୋର ପତ୍ନୀ, ମୋର ଅର୍ଦ୍ଧାଙ୍ଗିନୀ, ଆମର ଶରୀରତ ଭିନ୍ନଥିଲା, କିନ୍ତୁ ଆମର ହୃଦୟ, ଆମର ଆତ୍ମା ଏକଥିଲେ ! ଜୀବନର ସବୁ ଦୁଃଖ ସୁଖ, ହସ ଲୁହକୁ ସାଥିହୋଇ ଜିଇଁଛୁ ଆଉ ସହିଛୁ । ପିଲାଏ ବଡ ହୋଇଗଲେ । ଚାକରୀ କଲେ । ଝିଅ ବାହାଘର ପରେ ଝିଅ ତା ଶାଶୁଘରେ, ତାର ସଂସାରରେ ଖୁସିରେ ଅଛି । ପୁଅ ତାର ପରିବାର ସାଥିରେ ନେଇ ତା କର୍ମସ୍ଥଳରେ ଖୁସି । ଆଉ ଜୀବନର ଏଇ ସଂଧ୍ୟାରେ ଆମେ ଦୁଇଜଣ ଆମର ଏଇ ଛୋଟିଆ ନୀଡଟିରେ ପୁରୁଣା ଦିନମାନଙ୍କର ରୋମନ୍ଥନ କରୁଛୁ ।

ସବୁଦିନ ପରି ଆଜିବି ସୂର୍ଯ୍ୟ ବୁଡି ସାରିଲାଣି, ହେଲେ ଆକାଶରେ ବୁଡିଯାଉଥିବା ସୂର୍ଯ୍ୟର ସେଇ ନାଲିମା ଏବେବି ଘୋଟିହୋଇ ରହିଛି । ଆକାଶର ନାଲିମା ଯଦିଓ କିଛି ଫିକା ପଡି ଆସିଲାଣି, ତଥାପି, ଅନ୍ଧାରକୁ ଅଟକେଇ ରଖିଛି । ସତେ କହୁଛି, ରହି ଯାଆରେ ଆଉ ଟିକିଏ, ଜୀବନର ଏଇ ରଙ୍ଗକୁ ଆଉ ଟିକେ ଦେଖିବାକୁ ଦେ, ଖୁବ୍ ଭଲ ଲାଗୁଛି ଜୀବନର

ଏଇ ଶେଷ ରଙ୍ଗ । ଫିକା ପଡି ଆସିଥିବା ସୁନେଲି ସୂର୍ଯ୍ୟର ରଙ୍ଗ । ଇଏତ ଆସିବା ସମୟର ରଙ୍ଗ ଆଉ ଯିବା ସମୟର ରଙ୍ଗ ବି । ବାରଣ୍ଡାରେ ବସି ସଂଧ୍ୟା ଆକାଶର ଏଇ ଫିକା ନାଲିମା ଭିତରେ ମୁଁ ହଜି ଯାଇଥିଲି ଯେମିତି । ହଠାତ୍ ପାଣିକାଚର ରୁଣୁଝୁଣୁ ମଧୁର ଝଙ୍କାର ସଂଧ୍ୟାଟାକୁ ଆହୁରି ରୋମାଣ୍ଟିକ କରିଦେଉଥିଲା । ଏଇ ଚିହ୍ନାଜଣା ଶବ୍ଦ ପ୍ରାଣରେ ମୋର ରଚ ବସିଯାଇଚ । ବହୁତବାର ଶୁଣିଛି ଏ ଶବ୍ଦ । ଯେତେ ଶୁଣିଲେ ବି ମନ ଭରେନା । ରୋଷେଇ ଘରେ ବାଜେ ଏ ଝଙ୍କାର, ଖାଇବା ଟେବୁଲ ପାଖରେ ବି ବାଜେ, ଯେତେବେଳେ ସେ ପରଶି ଦିଅନ୍ତି ତାଙ୍କର ହାତରନ୍ଧା ଅମୃତ, ଆଉ ରାତ୍ରୀର ନିସ୍ତବ୍ଧ ପ୍ରହରରେ ବି ବାଜୁଥିଲା, ଯେତେବେଳେ ସେ ମୋର ନିବିଡ ବାହୁ ବନ୍ଧନରେ, କାମନାର ଅନନ୍ତ ଜ୍ୱଳନର ପିଡା ଉପଶମ ମୁହୁର୍ତ୍ତରେ । ଏଇତ ବାଜୁଛି ଚୁଡିର ସେ ଝଙ୍କାର, ଚା'କପ୍ ହାତରେ ନେଇ ସେ ପାଖକୁ ଆସୁଥିଲେ । ଚା କପ୍ ଟେବୁଲ ଉପରେ ଥୋଉ ଥୋଉ କହିଲେ ସଂଜବତୀ ପାଇଁ ଟିକିଏ ଡେରି ହୋଇଗଲା, ରାଗିନ ତ ? ମୁଁ ଆକାଶରୁ ମୁହଁ ଫେରେଇ ଚଷମା ଫାଙ୍କରୁ ଥରେ ଚା'କପ୍ କୁ, ପୁଣି ଥରେ ତାଙ୍କ ମୁହଁକୁ ଚାହିଁଲି । ସ୍ମିତ ହସଧାରେ ଲାଖି ରହିଥିଲା ଓଠରେ ତାଙ୍କର, ଯେମିତି କୁନି ଝିଅଟିଏ ତାର ପ୍ରଥମ ଭୁଲ ପାଇଁ 'ସରି' କହୁଥିଲା । ଜୀବନର ଏଇ ସଂଧ୍ୟାରେ ଏବେ ବି ତାଙ୍କର ସେଇ ସୁନ୍ଦରତା, ସେଇ ଲାବଣ୍ୟଭରା ଦୀପ୍ତିମୟୀ ଦେବୀର କାନ୍ତି, ମୋତେ ମୁଗ୍ଧ କରୁଥିଲା । ଲାଗୁଥିଲା ସତେ ଯେମିତି ସକାଳ ସୂର୍ଯ୍ୟର ରଙ୍ଗ, ବୁଡିଯାଉଥିବା ସୂର୍ଯ୍ୟରେ ବି ସେମିତି ନାଲିମା ନେଇ ସମାନ ଚମକରେ ଏବେବି ଝଟକୁଛି । କେତେ ସୁନ୍ଦର ସତେ ଏଇ କରୁଣାମୟୀ ଦେବୀ । ମୋ ଘରର ଲକ୍ଷ୍ମୀ, ଅଳ୍ପକେ ସନ୍ତୁଷ୍ଟ, ନା କେବେ କଛି ଅଭିଯୋଗ ନା କଛି ମାଗୁଣୀ । ମୋର ଦୁଇ ସନ୍ତାନର ମମତାମୟୀ ମାଆଟିଏ ସିଏ । କେତେ ଯତ୍ନରେ, ମମତାର ପଣତ ତଳେ ବଢେଇ ପୁଣି ଉଡେଇ ଦେଲା ବିସ୍ତାରୀତ ଅନନ୍ତ ଗଗନରେ । କହିଲା ଯାଅ, ସଂସାରକୁ ଜିତି ଯାଅ, ଯେଉଁଠି ବି ରୁହ, ଖୁସିରେ ଥାଅ । ସଂଜ ସକାଳରେ ମନ୍ଦିରରେ ଦୀପ ଜାଳେ, କେବଳ ଏତିକ ମାଗେ, ହେ ପ୍ରଭୁ ! ମୋ ପିଲାଙ୍କୁ ଖୁସିରେ ରଖ ।

କେବେବି ନଜର ଖୁସିକଥା ଭାବିନ । ଏଇ ପରିଣତ ବୟସରେ ନାତି ନାତୁଣୀଙ୍କ ସାଙ୍ଗରେ ଦି'ଘଡି ଖେଳିବାକୁ କଣ ମନ ହୁଏନ ତାଙ୍କର ? କ୍ଲାନ୍ତ ମୁହୂର୍ତ୍ତରେ ପୁଅ ବୋହୁଙ୍କର ଟିକଏ ସେବା ପାଇବାକୁ ମନ ହୁଏନ ? ହେଲେ ଆଜିବି ତାଙ୍କର ସେଇ ନୟମିତ ରୁଟିନ୍ ଭିତରେ ସେ ଯେପରି ବାନ୍ଧିହୋଇ ରହି ଯାଇଛନ୍ତି, ଘଡିର କଣ୍ଟାଟିଏ ପରି । ସେଇ ସୀମିତ ପରିଧୀ ଭିତରେ ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ସେଇ 'ବାର୍' ରୁ 'ବାର୍' ଭିତରେ ବାରମ୍ବାର ନଜର ଦୌଡ, କେବେବି କଣ ଥକ ଯାଆନ୍ତିନ ? ତାରିଖ ବଦଳଯାଏ, ମାସ ବର୍ଷ ସବୁ ବଦଳେ, ହେଲେ ଘଣ୍ଟାର କଣ୍ଟାଟିର ଜୀବନ ବଦଳେନ, ତାର ପଥ ବଦଳେନ, ରୁଟିନ୍ ବି ବଦଳେନ । ସେଇ ତାର ଜୀବନର ଧର୍ମ, ଜୀବନର ଲକ୍ଷ । ସେମିତି ଗୋଟିଏ ଜୀବନ ଥିଲା ତାଙ୍କର ।

କହିଲି, ମୋ ପାଖରେ ଟିକଏ ବସ, ତାଙ୍କ ହାତକୁ ମୋ ହାତରେ ନେଇ ଜାବୁଡି ଧରିଲି, କହିଲି ଆରେ ଗୃହା ଡେରି ହୋଇଗଲା ବୋଲି ଗ୍ରଗିବି କାହିଁକି ? ଏ ବୟସରେ ତୁମର ଏତେ ଖଟଣି, ତୁମେ ଥକ ଯାଉନ ? ସକାଳୁ ସଂଜ ଯାଏ ଲାଗି ରହିଛ କାମରେ । ଟିକେ ସାହାଯ୍ୟ କରିବାକୁ ବି କେହିନାହିଁ । କେତେ ସେବା କରୁଛ ମୋର, କଥା ଦେଇଥିଲି ତୁମକୁ ଗ୍ରଣୀ କରି ରଖିବି, ହେଲେ ସାର୍ା ଜୀବନ ତ ସେବିକାଟିଏ ହୋଇ ରହିଗଲ । ପିଲାଙ୍କ ପାଇଁ ଏତେ କଲ, ହେଲେ ଆଜି ପାଣି ଟୋପେ ଦେବାପାଇଁ ପାଖରେ କେହି ନାହିଁ । ଆମ ଗ୍ରରି ଆଖି ଏକ ହୋଇଗଲେ, ଛଳ ଛଳ ଗ୍ରରିଆଖି, ସେ ଲୁହ ଦୁଃଖର କ ଖୁସିର ଜାଣେନା । ତଥାପି ସେ ସ୍ମିତ ହାସିନୀ ସବୁବେଳେ ସେମିତି । ଅଳ୍ପ ଟିକେ ହସିଦେଇ କହିଲେ, ଆଜି ବି ତ ମୁଁ ଗ୍ରଣୀ ହୋଇ ରହିଛି ମୁଁ ମୋ ଗ୍ରଜାର ଗ୍ରଣୀ ! ତୁମେ ମୋ ପାଖରେ ଅଛ, ମୋ ସାଥିରେ ଅଛ, ଜୀବନଟା ବହୁତ ସହଜ ଲାଗୁଛି, ତୁମଛଡା ମୋର ଆଉ ଅଧିକ ବା କଣ ଲୋଡାଥିଲା ଯେ ! ମୋର ଖୁସିର ସାମ୍ରାଜ୍ୟ, ତୁମଠାରୁ ଆରମ୍ଭ ଆଉ ତୁମଠାରେ ହିଁ ଶେଷ । ଜୀବନରେ ଆଉ ଅଧିକ କଛି ଲୋଡେନା, ପାଇବାକୁ ଆଉ କଣ ବାକ ରହିଲା ଯେ ମୋର ? ଜୀବନରେ ଆଉ କଛି ବି ତ ମାଗିନ, କଛି ଶେଷ ଅବଶୋଷ ବି ନାହିଁ । ମୁଁ ମୋ ଆଇନାରେ ମୋ ନଜକୁ ଦେଖୁଥିଲି । କ ସୁନ୍ଦର ଆଇନା ସତେ । ଆଖି

ଜକେଇ ଆସିଛି, ହେଲେ ଓଠରେ ସେଇ ସରୁ ସ୍ମିତହସ ଏବେବି ଲାଗିରହିଛି । ଲୁହ ପୋଛି ନେବାକୁ ଜମାରୁ ଇଚ୍ଛା ହେଉ ନଥିଲା । ସେ ଲୁହ ବୋହିବାର ନଥିଲା । ସେଇଠି ସେମିତି ଢଳଢଳ ହୋଇ ଜମାଟବାନ୍ଧି ଅଟକଯିବ । ତାଙ୍କୁ ମୁଁ କୁଣ୍ଢେଇ ଧରିଲି । କଛି ଆବେଗ ନଥିଲା ସେଥିରେ, କଛି ଅନୁଭବ ବି ନଥିଲା । ଏଇ ଅନୁଭବକୁ ବୋଧହୁଏ ନିର୍ବାନନ୍ଦ କହନ୍ତି । ଗୋଟିଏ ମଣିଷ, ସତେ ଯେପରି ନଜେ ନଜକୁ କୁଣ୍ଢେଇ ଧରିଛି !

ଜୀବନରେ ମଣିଷକୁ ଆଉ କଣ ଲୋଡା ଯେ? ଏଇ ଟିକକ ପ୍ରେମ, ଏଇ ଟିକଏ ବିଶ୍ୱାସ ସ୍ୱର୍ଗରେ ମିଳେ କ ନାହିଁ ଜାଣେନା । ଯେଉଁଠି ଏତେ ପ୍ରେମଥାଏ, ଏତେ ସମ୍ମାନ ଆଉ ଶ୍ରଦ୍ଧାଥାଏ ସେ ସ୍ଥାନ ସ୍ୱର୍ଗଠାରୁ କେଉଁ ଗୁଣରେ କମ୍ ! ମୃତ୍ୟୁ କେବେ ଆସିବ ଜଣା ନାହିଁ । ମଲା ପରେ ସ୍ୱର୍ଗ କ ନର୍କରେ ଜାଗା ମିଳବ ଜଣାନାହିଁ । କନ୍ତୁ ମରିବା ପର୍ଯ୍ୟନ୍ତ ନଜ ସଂସାରକୁ ସ୍ୱର୍ଗପରି କରି ମଣିଷ କାହିଁକ ଆନନ୍ଦ ନେଇ ପାରିବନ ! ସଂସାରକୁ ସ୍ୱର୍ଗପରି କରିବାକୁ ବେଶି ଖର୍ଚ୍ଚ ବି ତ କରିବାକୁ ହୁଏନା । ସ୍ୱର୍ଗ ପାଇଁ ମହଲ ପରି ଉଆସ ତ ଦରକାର ହୁଏନା । ମହଙ୍ଗା ଫର୍ଣିଚର କ ମହଙ୍ଗା ସାଜସଜ୍ଜା ବି ଲୋଡା ନାହିଁ । ଲୋଡା କେବଳ ଟିକଏ ପ୍ରେମ, ଟିକଏ ବିଶ୍ୱାସ ଟିକଏ ବୁଝାମଣା ଆଉ ଟିକଏ ସମର୍ପଣର ଭାବନା। ଯାହା ଆମ ପାଖରେ ବହୁତ ଥିଲା । ଆମର ଏ ସୁଖର ସାମ୍ରାଜ୍ୟରେ ରାଜାବି ଅଛି ଆଉ ରାଜାର ରାଣୀ ବି ।

( ଗଳ୍ପଟି ମୋ କବିତା 'ଶୁଆ ଶାରୀ'ର ଛାୟାରେ ଲିଖିତ)

କଟ୍ ସ୍କୋୟାର, ପଟିଆ

# ବାପାଟିଏ ଗୃହେଁ



ବ୍ରଜନାରାୟଣ ପାଣିଗ୍ରାହୀ

ବାପାଟିଏ ଗୃହେଁ,
ତା' ପିଲାଟା ସୁନା ପିଲା ହେଉ
ସୁନାର ମୁକୁଟ ପିନ୍ଧି ରୂପାର କଠଉ ମାଡ଼ି
ସବୁଠାରେ ବାରି ହୋଇ ଯାଉ ।।
ସେଥିପାଇଁ କେତେ ଚନ୍ତା କେତେ ପୁଣି ଅସାଧ ସାଧନ
ଘଣ୍ଟା କଣ୍ଟା ସାଥେ ଥାଏ ଅବିରାମ ମେଳ ତା'ର
ସୀମା ହୀନ ପରିଶ୍ରମ ସୁନେଲି ସପନ ।।
ସିଏ ଭାବେ ଛୁଆ ତା'ର ସତ କହୁ,
ଶାନ୍ତ - ସରଳ ହେଉ ତା ସ୍ୱଭାବ ଚରିତ୍ର
ଛନ୍ଦ - କପଟର ଛାୟା ନ ପଡୁ ତା' ମନେ
ଫୁଟି ଉଠୁ ସ୍ୱର୍ଗୀୟ ବ୍ୟକ୍ତିତ୍ୱ ।
ପାଠ ଶାଠ ପଢି ପୁଣି ସଭିଙ୍କୁ ସେ ଟପି ଯାଉ
ବିଦ୍ୟା - ବୁଦ୍ଧି ହେଉ ତା' ପ୍ରଖର
ଦେହ - ମନେ ସୁସ୍ଥ ଥାଇ ହସି ମିଠା କଥା କହି
ଗୋଟାଇ ଆଣୁ ସଂସାରୁ ଯେତେକ ଆଦର ।।
ଦିନରାତି ସେଥିପାଇଁ ଡାକୁଥାଏ ଠାକୁରଙ୍କୁ
ଦେଇଛନ୍ତି ଯିଏ ତାକୁ ଏ ଅମୂଲ୍ୟ ଧନ
ଘଣ୍ଟ ଘୋଡାଇଣ ତାକୁ ରଖିଥାନ୍ତୁ ସଦାକାଳେ
ଏତିକ ତା' ମାଗୁଣି - ଜଣାଣ ।।
ହେଲେ ଆଶା କେବେ ଘୋଡା ହୁଏନାହିଁ

ସ୍ୱପ୍ନ ସବୁ ସତ ବି ହୁଏନା
ଖସଡ଼ା ଦୁନଆ ବାଟେ ଗ୍ଭଲୁଗ୍ଭଲୁ
ଓଲଟ ପାଲଟ ହୁଏ ସବୁରି ଭ୍ଭବନା ।।
ପୁଅ କେବେ ଭୁଲି ଯାଏ ପିଲାଦିନ କଥା
ବାପର ଛାତିରେ ଶୋଇ ଶୁଣିଥିବା କଥା
ମିଛୁଆ ଗ୍ଭଧୁଆ କଥା ଅବା କେଉଁ ଜିଦଖୋର ରଜାପୁଅ ଗପ
ଆଖିରେ ତା' ଭେଳକ ଲଗାଏ
ଦୁନଆର ଚକଣିଆ ରୂପ ।।
ବାଟ ଭୁଲି ଅବାଟକୁ ଖସିଯାଏ ପାଦ
ଭୁଲିଯାଏ ସବୁ ପ୍ରତିଶ୍ରୁତି
ବାପାର ବ୍ୟାକୁଳ ମନ ଛଟପଟ ହୁଏ ଦେଖି
ଅନ୍ଧକାର ଗ୍ଭତି ।।
କେମିତି ଆସିବ ଛୁଆ ଅନ୍ଧାର ପହଁରି
ସୁନାଝରା ସକାଳକୁ ଖୋଜି
ଭୋକ - ଶୋଷ ଭୁଲିଯାଏ ଡାକୁଥାଏ ଠାକୁରଙ୍କୁ
ତା' ଆଖିରୁ ନଦ ଯାଏ ହଜି ।।
ବାପର ମନକୁ ଆଜି ଚୂନାଚୂନା କରିଦିଏ
ପୁରୁଣା କାଳଆ ବୁଢ଼ା କ'ଣ ବା ବୁଝେ,
ବ୍ୟର୍ଥତାର ହାହାକାରେ ନଜକୁ ଧିକ୍କାରି ଗ୍ଭଲେ
କାହିଁକି ସେ ମରୁନାହିଁ ନଜେ ।।
ତା' ବାଟର କଣ୍ଟା ସବୁ ଛାତିରେ ସାଉଁଟି ନେଇ
ଫୁଲ ଫୁଟା ବାଟ ଟିଏ ପାଇଁ
ଦେଉଳରେ ମୁଣ୍ଡ କୋଡ଼ି ଆଶାର ଦୀପାଳ ଥୋଇ
ଫେରିବା ବାଟକୁ ସଦା ରହିଥାଏ ଗ୍ଭହିଁ ।।

ମଧୁବନ, ବାଲିଆପାଳ, ବାଲେଶ୍ୱର

# ଫଗୁନ ଆର କେତେ ଦୂରେ



ଫିରୋଜ କୁମାର ପଟେଲ

ନଲିଆ ଆକାଶେ ଚରେଇ ନନୀ
କଚର ମିଚର କରେ
ଖାଇ କରି ରସଲ ଫୁଲ
କୁଇଲି ଗାଏଲା ନ ସୁରେ
ଫଗୁନ ଆର କେତେ ଦୁରେ ।

ହଲି ହଲି କରି ଫୁଲର ଡାହି
ମଳୟ ଧୁକା କେ ନୁରେ
କୁଚ ଧରା ମହୁଲ ଗଛୁ
ମହୁଲ ଫୁଲ ଝରେ
ଫଗୁନ ଆର କେତେ ଦୂରେ ।

ଗଛ ଦେଇ କରି ପତର ଝରା
କଅଁଲି ପତର ପାରେ
ସାତ ରଙ୍ଗୀ ପରକୁତି ରାନୀ
ହୁଲି କେ ଡାକ ମାରେ
ଫଗୁନ ଆର କେତେ ଦୂରେ ।

ହେତେଇ ହେତେଇ ମୁନୁଷ ମନ
ଋତୁ ରାଜକେ ଝୁରେ
ଶୀତ ପାହାରଖିଆ ଇ ଜୀବନ
କେନ୍ତା ଆର ଦମ ଧରେ
ଫଗୁନ ଆର କେତେ ଦୂରେ ।

ଅବନକେଲା, ସୁନ୍ଦରଗଡ, ଓଡିଶା।

# ଜୀବନ ବିଦ୍ୟାଳୟ ପାଇଁ ଦୀପଟିଏ

ପ୍ରିୟବ୍ରତ ପାତ୍ର

## ( ୧)

ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ ମୋ ପାଇଁ କେବେହେଲେ କେବଳ ଏକ ପରୋକ୍ଷ ସ୍ମୃତି ହୋଇ ରହିନାହିଁ, ବରଂ ସବୁବେଳେ ଉନ୍ନୀତ ଚେତନାର ଏକ ସ୍ଥାୟୀ ସ୍ତର ହୋଇ ରହି ଆସିଛି । ତା ସହିତ ଯୋଡି ହୋଇ ରହିଛନ୍ତି ଚଉଧୁରୀଙ୍କ ଭଳି ପ୍ରବାଦ ପୁରୁଷ । ତାଙ୍କ ଦ୍ୱାରା ଲିଖିତ ଅସଂଖ୍ୟ ପୁସ୍ତକ ଓ ତାଙ୍କୁ କେନ୍ଦ୍ର କରି ଅଙ୍ଗେ ନଭାଇଥିବା ଅନେକ ଶ୍ରମ ଶିବିର ଓ ପାଠଚକ୍ରମାନଙ୍କର ରୋମାଞ୍ଚକର ଅନୁଭୂତି । ଆଜି ସେଠାରେ ସେ ବିଦ୍ୟାଳୟ ନାହିଁ, ସେ ପରିବେଶ ନାହିଁ – ଏ କଥା ଟି ଶତାଧିକ ଥର ଶୁଣିଲା ପରେ ବି ସେ ଧୂଳମାଟିକୁ ଥରେ ସ୍ପର୍ଶ କରିବାର ଦୁର୍ବାର ଇଚ୍ଛା ମତେ ଅଥୟ କରିଥିଲା । ମହାନ୍ କୀର୍ତ୍ତିରାଜିମାନଙ୍କ ଧ୍ୱଂସାବଶେଷ ମଧ୍ୟ ମହାନ୍ – ଏମିତି ଏକ ଆପ୍ତବାକ୍ୟ ଚମ୍ପତିମୁଣ୍ଡା ପାଇଁ ପ୍ରଯୁଜ୍ୟ । ପ୍ରଥମ ଦିନ, ଅନୁଗୁଳ ବାଜି ରାଉତ ଛାତ୍ରାବାସରୁ ହିଁ ସେ ଧୂଳମାଟିର ବାସ୍ନା ମତେ ବିଭୋର କରି ଦେଉଥିଲା ।

ସେ ମାସର ଭୟଙ୍କର ରୌଦ୍ରତପ୍ତ ଦିବସରେ ଅନୁଗୁଳ ସହର ଏକରକମ ଜଳୁଥାଏ । ଦିନ ଆଠଟା ବେଳକୁ ଘରୁ ବାହାରିବା କଷ୍ଟ । ମୁଁ ବସିଥିଲି ବାଜିରାଉତ ଛାତ୍ରାବାସରେ । ନବକୃଷ୍ଣ ଚୌଧୁରୀ ( ଲୋକପ୍ରିୟ ନାଁ ବାପି) ଓ ମାଳତୀ ଚୌଧୁରୀ ( ଲୋକପ୍ରିୟ ନାଁ ନୁମା) ଙ୍କ ପ୍ରିୟ କର୍ମଭୂମି ଥିଲା ଏହି ଛାତ୍ରାବାସ । ସ୍ୱାଧିନତା ସଂଗ୍ରାମୀମାନଙ୍କ ଅବହେଳିତ ପିଲାମାନଙ୍କୁ ଶିକ୍ଷାଦେବା ଥିଲା ସେଇ ଛାତ୍ରାବାସର ପ୍ରମୁଖ ଉଦ୍ଦେଶ୍ୟ । ସେମାନଙ୍କ ପରଠୁ କନ୍ୟା କୃଷ୍ଣା ଚୌଧୁରୀ ( ପରିଚିତ ନାଁ ତିନୁ ଅପା) ଛାତ୍ରାବାସ ପରିଚାଳନା ଦାୟିତ୍ୱରେ ଅଛନ୍ତି । ବୟସ ସତୁରୀ ଟପି ଯାଇଥିଲା, ଅଥଚ ତିନୁ ଅପାଙ୍କ ମୁହଁର ଶିଶୁ ସୁଲଭ କୋମଳତା ଓ

ସରଳତା, ତାଙ୍କ ବରେଣ୍ୟ ପିତାମାତାଙ୍କ ଅପସରି ଯାଉଥିବା ପ୍ରତିଧ୍ୱନି ପରି ଲାଗୁଥିଲା । ତାଙ୍କ ଘରର ଖାଇବା ଟେବୁଲ୍ ଉପରେ ତାଙ୍କ ସହ ବସି ଖାଇବାକୁ ସୁଯୋଗ ମିଳଥିଲା । ଚମ୍ପତିମୁଣ୍ଡା ଓ ଚଉଭାଇଙ୍କ ପ୍ରତି ମୋର ଆଗ୍ରହକୁ ଲକ୍ଷ୍ୟ କରି ସେ ଗୋଟେ ଲେଖା କାଗଜ ବାହାର କଲେ । ତାହା ଥିଲା ବହୁବର୍ଷ ପରେ ଚଉ ଭାଇଙ୍କୁ ତିନୁଅପା ଲେଖିଥିବା ଏକ ଚିଠିର ଫଟୋକପି । ତାର ପ୍ରଥମ ଧାଡି ଗୁଡିକ ଥିଲା ଏହିପରି :-

"ପରମ ପୂଜନୀୟ ଚଉଭାଇ, ଆପଣ ଓ ଭାଉଜ ବୋଉ ମୋର ପ୍ରଣାମ ଜାଣିବେ । ଆଜି ମତେ ଅଣସ୍ତରୀ ପୂରିଗଲା । ମୁଁ ସତୁରୀ ବର୍ଷରେ ପାଦଦେଲି । କନ୍ତୁ ମତେ ଲାଗୁଛି ମୁଁ ସ୍ତର ବର୍ଷରେ ପାଦ ଦେଉଛି ଏବଂ ଚମ୍ପତିମୁଣ୍ଡାରେ ଅଛି । କାହିଁକନା ମୁଁ ସେମିତି ଏକ ଜାଗା, କର୍ଣ୍ଣାଟକର ଉଡୁପି ସହରଠୁ ୪୦ କ.ମି. ଦୂର ଏକ ପାହାଡିଆ ଗାଁ ନକରେ ଠାରୁ ଚଠି ଲେଖିଲା ବେଳକୁ ମତେ ଲାଗୁଛି ମୁଁ ଚମ୍ପତିମୁଣ୍ଡାରେ ଅଛି। ଜୀବନ ବିଦ୍ୟାଳୟର ସେଇ ଅଭୁଲା ଦିନସବୁ ଖୁବ୍ ମନେ ପଡିଯାଉଛି । ...ବର୍ଷା ଦିନେ ଶୁଖିଲା ଜାଳ ନଥିଲେ ଓଦା ଜାଳରେ ସେ୍ତଷେଇ କରି ଖାଇବା ଓ ଜୋରକୁ ନଯାଇ ଓଳପାଣିରେ ବାସନ ଧୋଇବା ଓ ଆଉରି ଏମିତି କେତେ ଅନୁଭୂତି ଭୁଲିବାର ନୁହେଁ। ବର୍ଷାରେ ତିନ୍ତିତିନ୍ତି ଜଙ୍ଗଲରେ ବୁଲି ରବୀନ୍ଦ୍ର ସଂଗୀତ ଗାଇବାର ଆନନ୍ଦ କଣ କମ୍ ଥିଲା? ... ଜଙ୍ଗଲରୁ ଜାଳକୁଟା, ଶୁଖିଲା ପତ୍ର ସଂଗ୍ରହ କରିବା, ବଡ ଜାଳ ପାଇଁ ଶଗଡ ଗାଡି ନେଇ ପାହାଡ ଉପର ଜଙ୍ଗଲକୁ ଯାଇ ସଂନ୍ଧ୍ୟାରେ ଫେରିବା, ଜଙ୍ଗଲରେ ବଳଦ ଓ ମଇଁଷିଙ୍କୁ ଚରାଇବାକୁ ନେଇ ମଇଁଷି ବାଟବଣା ହୋଇ ହଜିଗଲେ ବଣ ଭିତରେ ଖୋଜି ବୁଲିବା । ବାଘ, ଭାଲୁ, ହେଟାର ଭୟ, ସାପ, କୁଆସାପଙ୍କ ସାଙ୍ଗରେ ଭେଟାଭେଟି - ଏମିତି କେତେ ଆଡଭେଞ୍ଚର୍ କଥା ସ୍ମୃତିପଟରେ ଗୋଟିଏ ପରେ ଗୋଟିଏ ଭାସି ଉଠୁଛି ।"

କହିରଖେ ତିନୁଅପା ଥିଲେ ଜୀବନ ବିଦ୍ୟାଳୟର ପ୍ରଥମ ପିଢିର ଛାତ୍ରୀ । ସେ ପ୍ରାୟତଃ ରହୁଥିଲେ ରଗୁଡିଆ ସରପଞ୍ଚ ଦୁର୍ଗାଚରଣ ଦାସଙ୍କ ଘରେ, କେବେକେବେ ଚମ୍ପତିମୁଣ୍ଡା ଛାତ୍ରୀ ନବାସ କୁଟୀରରେ, ନହେଲେ ସାଇକେଲରେ ବାଜିରାଉତ ଛାତ୍ରାବାସରୁ ଯିବା ଆସିବା କରୁଥିଲେ । ସେତିକବେଳେ ନବକୃଷ୍ଣ ଚୌଧୁରୀ ଥିଲେ ଓଡିଶାର ମୁଖ୍ୟମନ୍ତ୍ରୀ, ମାଳତୀ

ଦେବୀ ଥିଲେ ଜଣେ ଅଗ୍ରଗଣା ନାରୀନେତ୍ରୀ। ସ୍ୱାଧୀନୋତ୍ତର ଭାରତରେ ଜଣେ ମୁଖ୍ୟମନ୍ତ୍ରୀଙ୍କ ଝିଅ ଏପରି ଅବସ୍ଥାରେ ଥିବା ପ୍ରଥମ ଓ ଶେଷ ଘଟଣା ହୋଇ ରହିଯିବ!

ମୋ ଭାଗ୍ୟକୁ ସେଦିନ ସେଠାରେ ପହଞ୍ଚିଗଲେ ଲକ୍ଷ୍ମୀଧର ଭାଇ, ଜୀବନ ବିଦ୍ୟାଳୟର ଜଣେ ପ୍ରାକ୍ତନ ଛାତ୍ର! ବୁଢା ହୋଇ ସାରିଥିଲେ, ଆଖିରେ ପରଳ ପଡିସାରିଥିଲା । କିନ୍ତୁ ଅତୀତର ସ୍ମୃତି ରୋମନ୍ଥନରେ ଏତେ ପ୍ରବୀଣଥିଲେ ଯେ ସେଇ ଉଦୁଉଦିଆ ଖରାଏବେଳେ ମୋ ସାଥିରେ ମଟର ସାଇକେଲ୍ ରେ ବସି ଚମ୍ପତିମୁଣ୍ଡା ଯିବାପାଇଁ ରାଜି ହୋଇଗଲେ । ଲକ୍ଷ୍ମୀଭାଇଙ୍କ ଧଳା ଫର୍ ଫର୍ ମୁଣ୍ଡବାଳ ଓ ନଶ ମଝିରେ ଅତୀବ ଦୀପ୍ତିଯୁକ୍ତ ଚକ୍ଷୁ ଦୁଇଟି ମତେ ଦ୍ୱିଗୁଣ ଉତ୍ସାହ ଯୋଗାଉଥିଲା । ତିନୁ ଅପା କହୁଥିଲେ, ଜାଗା ଥିଲେ ମୁଁ ମଧ୍ୟ ତମମାନଙ୍କ ସାଙ୍ଗରେ ପଳେଇ ଯାଇଥାନ୍ତି ।

ମୁଣ୍ଡରେ ଗାମୁଛା ଭିଡି, ଦିନ ବାରଟା ବେଳକୁ ଆମେ ବାହାରି ପଡିଲୁ ଚମ୍ପତିମୁଣ୍ଡା ଦିଗେ । ସମ୍ବଲପୁର ଦିଗେ ଯାଉଥିବା ୪୩ ନମ୍ବର ରାଜପଥରେ ୧୦ କ.ମି. ଗଲାପରେ ପଡିଲା ବଡକେରା ଛକ । ସେଠାରୁ ବାମକଡକୁ ଘୁରିଗଲେ ଦୁଇ କ.ମି. ଦୂରରେ ପଡିଲା ରଗୁଡିଆପଡା ଗାଁ ଓ ମାତିଳଆ ନଈ ଉପରର ଛୋଟିଆ ପୋଲ । ମାତିଳଆ ନଈ ପାରହୋଇ ଆଗକୁ ଗଲେ ଆରମ୍ଭ ହୋଇଯାଏ ଚମ୍ପତିମୁଣ୍ଡା ଗାଁ । ଆଜକୁ ଷାଠିଏ ବର୍ଷ ତଳେ ମାତିଳଆ ଉପରେ ପୋଲ ନଥିଲା । ବର୍ଷା ଦିନେ ଚମ୍ପତିମୁଣ୍ଡା ବିଚ୍ଛିନ୍ନ ହୋଇ ପଡୁଥିଲା । ବିନୋଦ ରାଉତରାୟ ତାଙ୍କର "ଛୁଟି" ନାମକ କବିତା ବହିରେ ଏହି ନଈ ବିଷୟରେ ଲେଖିଥିଲେ:

ମାତୁଆଲା ହାତୀ ପରି ମାତିଳଆ ନଈ
ରଗୁଡିଆପଡା ଛକ ତଳେ ଯାଏ ବହି ।

ଥରେ ଏମିତି ହୋଇଥିଲା, ଦୀର୍ଘଦିନ ବର୍ଷା ଯୋଗୁଁ ମାତିଳଆରେ ବନ୍ୟା ଆସିଗଲା । ସେପଟେ ଚମ୍ପତିମୁଣ୍ଡା ଛାତ୍ରାବାସରେ ଦେଖାଦେଲା ପ୍ରଚଣ୍ଡ ଖାଦ୍ୟାଭାବ । ଚଉଭାଇ କିଛି ପିଲାଙ୍କୁ ସାଥିରେ ନେଇ ଘଞ୍ଚ ଅରଣ୍ୟ ମଧ୍ୟରେ ଅନ୍ୟ ଏକ ଦୀର୍ଘ ରାସ୍ତା ଅତିକ୍ରମ କରି

ଅନୁଗୁଳ ବଜାରରେ ପହଞ୍ଚିଥିଲେ ଏବଂ ରାସନ- ସାମାନ ନେଇ ଫେରିଥିଲେ । ଅନ୍ୟ ଦିନେ, ଶଗଡ ନେଇ ପିଲାଏ ଅନୁଗୁଳ ବଜାରକୁ ଆସିଲାବେଳେ ନଈବାଲିରେ ଠେଲାପେଲା କରି ପାରି କରାଉଥିଲେ । ଆଉ କଛି ଥିଲେ, ଯେଉଁମାନଙ୍କୁ ନଈ ଦେଖିଲା ମାତ୍ରେ ଝାଡା ଲାଗୁଥିଲା । ସେମାନେ ସ୍ନାନଶୌଚ କରି ଛାତ୍ରାବାସକୁ ଫେରି ଯାଉଥିଲେ ।

ଆମେ ମାତିଳଆ ନଈ ପୋଲ ପାର ହେଲାବେଳକୁ ନିଶବ୍ଦ ଦ୍ୱିପ୍ରହରରେ ମଧ୍ୟ ଅନେକ ଗାଡି ଦ୍ରୁତଗତିରେ ଯିବା ଆସିବା କରୁଥିଲେ । ତଳେ ନଦୀଟି ଶୁଖିଲା ଟାଙ୍ଗରା ଭୂମି ପରି ଦିଶୁଥିଲା, ଜଳରେ ନାମଗନ୍ଧ ନଥିଲା । ପୁରୁଣା କଥା ମନେ ପକାଇ ଲକ୍ଷ୍ମୀଧର ଭାଇ କହିଥିଲେ – ସରକାରୀ ପ୍ରୋତ୍ସାହନ ଓ ଛାତ୍ରବୃତ୍ତି ବନ୍ଦ ହୋଇଯିବା ଯୋଗୁଁ ଛାତ୍ରାବାସ ଚଳାଇବା ମୁସ୍କିଲ ହୋଇପଡୁଥିଲା । ଏପଟେ ସଂଗଠନ ଚଳାଉଥିବା ମୁରବୀମାନଙ୍କ ଭିତରେ ମାନଅଭିମାନ ବଢି ଚାଲିଥିଲା । ତେଣୁ ସାହାଯ୍ୟ ଆଗମନର ସବୁରାସ୍ତା ବନ୍ଦ ହୋଇଯାଇଥିଲା । ଚଉଧୁରୀ ନିଜ ସ୍ତ୍ରୀଙ୍କ ଗହଣା, ନିଜର ହାତଘଣ୍ଟା, ଏପରିକି ନିଜର ପ୍ରିୟ ଟାଇପ୍ ମେସିନ୍ କୁ ଅନୁଗୁଳର ଜଣୈକ ମାରୱାଡି ଦୋକାନୀ ପାଖରେ ବନ୍ଧା ରଖି  ଅର୍ଥ ସଂଗ୍ରହର ଯୋଜନା କଲେ । ଲକ୍ଷ୍ମୀଧର ଭାଇ ଟାଇପ୍ ମେସିନ୍ ଟିକୁ ମୁଣ୍ଡରେ ଧରି ମାତିଳଆ ନଈ ପାରେ ହେଲାବେଳେ କାଦୁଅ ପଚପଚ ପାଣି ରାସ୍ତାରେ ପାଦ ଟଳମଳ ଅବସ୍ଥା । ଚଉଧୁରୀଙ୍କ ହାତ ଧରି ସେ ପାରିହୋଇ ଥିଲେ ଏବଂ ମେସିନ୍ ଟିକୁ ମୁଣ୍ଡରୁ ଓହ୍ଲାଇ କଛି ସମୟ ନଈ ହିଡରେ ବସି ଯାଇଥିଲେ । ଆଶ୍ଚର୍ଯ୍ୟ, ସେଭଳି ଅସହାୟ ଅବସ୍ଥାରେ ମଧ୍ୟ ଚଉଧୁରୀ ମଉଜିଆ କଥା କହି ଉଦାସ ହୋଇ ପଡୁଥିବା ଲକ୍ଷ୍ମୀଧରଙ୍କୁ ହସେଇବାକୁ ଚେଷ୍ଟା କରୁଥିଲେ ।

ଆମେ କ୍ରମଶଃ ମାତିଳଆପଡା ପାର ହେଉଥିଲୁ । ଚମ୍ପତିମୁଣ୍ଡା ନାଁ ର ଉତ୍ପତ୍ତି ତଥା ଜୀବନ ବିଦ୍ୟାଳୟ ପାଇଁ ଜାଗା ଚୟନ ବିଷୟରେ ଆଲୋଚନା ଚାଲିଲା । ୧୮୩୦ ମସିହାର କଥା, ପ୍ରତିପତ୍ତିଶାଳୀ ଇଂରେଜଙ୍କ ବିରୁଦ୍ଧରେ ଓଡିଶାରେ ଛୋଟ ଛୋଟ ରାଜାମାନେ ଯୁଦ୍ଧ ଘୋଷଣା କରୁଥିଲେ । ଅନୁଗୁଳ ବିଦ୍ରୋହର ମୁଖ୍ୟ ନାୟକ ଥିଲେ ରାଜା ସୋମନାଥ ସିଂହ ଜଗଦେବ ଓ ତାଙ୍କର ପ୍ରଧାନ ସେନାପତି ସିନ୍ଧୁ ଗଡନାୟକ । ଗଡନାୟକ ଗାଁ  ଥିଲା ଏହି

ମାଡିକଆପଡା ଗାଁରେ । ତାଙ୍କର ଜନୈକ ଭାଇ ଅନାମ ଚମ୍ପତିରାୟଙ୍କ କଛି ରାଜଦତ୍ତ ଭୂ-ସମ୍ପତ୍ତି ଥିଲା ମାଡାଳଆ ନଈର ଅପର ଆର୍ଶ୍ବରେ । ସେସବୁ ଥିଲା ଘନ ଅରଣ୍ୟ ପରିବେଷ୍ଟିତ । ଚମ୍ପତିରାୟଙ୍କ ପ୍ରତିପତ୍ତିକୁ ସମ୍ମାନ ଜଣାଇ ସେଇ ଅରଣ୍ୟ ସଂଲଗ୍ନ କ୍ଷୁଦ୍ର ଜନପଦର ନାମ ଚମ୍ପତିମୁଣ୍ଡା ରଖାଯାଇଥିଲା ।

୧୯୫୦ ବେଳକୁ ଅନ୍ୟ ଏକ କାରଣରୁ ଚମ୍ପତିମୁଣ୍ଡା ଲୋକଲୋଚନକୁ ଆସିଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ, ଯୁଦ୍ଧ ଫେରନ୍ତା ୧୫ଟି ପରିବାରକୁ ( ପାୟୋନିଅର୍ ଫୋର୍ସ) ସରକାର ଦଶ ଏକର ଲେଖାଏଁ ଜମି ଯୋଗାଇ ଦେଇ ଏଠାରେ ଏକ କଲୋନୀ ପ୍ରତିଷ୍ଠା କରିଥିଲେ । କଲୋନୀ ପାଇଁ ଦୁଇଟି କୂପ ଓ ଗୋଟିଏ ପୋଖରୀ ଖୋଳା ଯାଇଥିଲା । ସମବାୟ ସୂତ୍ରରେ ଚାଷବାସ କରାଯାଇ ଏକ ଆଦର୍ଶ ଗ୍ରାମର ପ୍ରତିଷ୍ଠା ପାଇଁ ଚେଷ୍ଟା ଚାଲିଥିଲା ।

ଆମେ ପହଞ୍ଚିଲା ବେଳକୁ, ଓଡିଶାର ଅନ୍ୟାନ୍ୟ ଅନାବାଦି, ଟାଙ୍ଗରା ଭୂମି ତଥା ଅସ୍ୱଚ୍ଛଳ ଜନପଦଠାରୁ ଚମ୍ପତିମୁଣ୍ଡା ଆଦୌ କଛି ଅଲଗା ଲାଗୁନଥିଲା । ତେବେ ଆଜକୁ ଷାଠିଏ ବର୍ଷ ତଳେ ଜୀବନ ବିଦ୍ୟାଳୟର ନିର୍ମାଣ ପାଇଁ କଣ ଦେଖି ଏ ଜାଗାଟିକୁ ଚୟନ କରାଯାଇଥିଲା, ଏ ପ୍ରଶ୍ନ ନିଦାଘ ଖରାବେଳଟାରେ ମତେ ଆହୁରି ଘର୍ମାକ୍ତ କରି ପକାଉଥିଲା ।

ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ବାଜି ରାଉତ ଛାତ୍ରାବାସ ମୌଳିକ ବିଦ୍ୟାଳୟ ଚଳାଉଥିଲେ । ଉତ୍ତର ମୌଳିକ ବିଦ୍ୟାଳୟ ଖୋଲିବା ପାଇଁ ସେମାନେ ବିଭିନ୍ନ ଜାଗାର ସନ୍ଧାନରେ ଥିଲେ । ତାଳଚେର ନିକଟସ୍ଥ କଳମଛୁଇଁ ଗ୍ରାମରେ ଜମି ମିଳଥିଲା । କନ୍ତୁ କୋଇଲାଖଣି ଜନିତ ପ୍ରଦୂଷଣ ପାଇଁ ତାହା ଗ୍ରହଣୀୟ ନଥିଲା । ଢେଙ୍କାଣାଳ ପାଖରେ ୯୯ ବଖରା ବିଶିଷ୍ଟ ପରିତ୍ୟକ୍ତ ରାଜନଅର ଯତନ ନଗରକୁ ମଧ୍ୟ ଚୟନ କରାଯାଇଥିଲା । ରାଜତନ୍ତ୍ର କାଳରେ ଅନେକ ବର୍ବରତାର ପ୍ରତୀକ ଭାବେ ଅପବାଦ ବହନ କରିଥିବା "ଯତନ ନଗର"କୁ ବିଦ୍ୟାଳୟ କରିବାରେ ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅନିଚ୍ଛା ରହିଥିଲା । ଏସବୁ ତୁଳନାରେ ଚମ୍ପତିମୁଣ୍ଡାର ଅଶୀ ଏକର ବ୍ୟାପୀ ଘନ ଅରଣ୍ୟ ବେଷ୍ଟିତ

ତଥା ଝରଣା ପ୍ଲାବିତ ବନାଞ୍ଚଳ ଥିଲା ଯଥେଷ୍ଟ ପ୍ରଶଂସନୀୟ । ଝରଣା ପାଣି ପଡୁଥିବା ଏକ ଛାୟସ୍ନିଗ୍ଧ ଅଞ୍ଚଳରେ ବିଦ୍ୟାଳୟ ନିର୍ମାଣର ନିଷ୍ପତ୍ତି ନିଆଯାଇଥିଲା ।

୧୯୫୪ ମସିହାର ଏମିତି ଏକ ଅବସରରେ, ସ୍ଥାନ ଚୟନର ଶେଷ ନିଷ୍ପତ୍ତି ନେବା ପାଇଁ ଓଡିଶାର ତିନି ଦାର୍ଶନିକ ପ୍ରବେଶ କରିଥିଲେ ଚମ୍ପତିମୁଣ୍ଡାର ଘନଅରଣ୍ୟ ଭିତରେ । ସେମାନଙ୍କୁ ବାଟ କଢେଇ ନେଉଥିଲେ ସେଇ ଗାଁର ଜଗବନ୍ଧୁ ନାଏକ ଓ ସୁଦର୍ଶନ ସାହୁ । ବାଜି ରାଉତ ଛାତ୍ରାବାସର ପ୍ରଧାନ ଗୁରୁଜୀ ଋଷି ବେହେରା ମଧ୍ୟ ଖୁବ୍ ଏକ ମହାନ୍ ସ୍ୱପ୍ନର ସାକାର ହେଉଥିବା ଅବସରରେ ପ୍ରଫୁଲ୍ଲଚିତ୍ତରେ ସେମାନଙ୍କ ପଛେ ପଛେ ଗ୍ଲୁଲିଥିଲେ । ତେବେ ସର୍ବାଧିକ ଆଗ୍ରହ ଦେଖାଉଥିଲେ ମାଳତୀ ଦେବୀ । ତାଙ୍କ ସମ୍ପର୍କରେ ନନୀଗୋପାଳ ପାଲିତ୍ ନିଜ ଆତ୍ମଜୀବନୀରେ ଲେଖିଛନ୍ତି – ପ୍ରକୃତି ପ୍ରଲୁବ୍ଧ, ବୀଣା- ବାଂଶୋରୀ- ସଙ୍ଗୀତ- ପ୍ରବୀଣା, ଜନୈକା ଭାବ- ବିଭୋର ତଥା ଶାନ୍ତିନିକେତନରେ ଦୀକ୍ଷିତ ହେଇଥିବା ମହୀୟସୀ ଥିଲେ ମାଳତୀ ଚୌଧୁରୀ । ଚମ୍ପତିମୁଣ୍ଡାର ସେଇ ନିରୂପିତ ସ୍ଥାନଟି ଥିଲା ତାଙ୍କର ସୌନ୍ଦର୍ଯ୍ୟ ପ୍ରୀତିର ସ୍ଥୂଳ ନମୁନା ।

ମଜାକଥା ହେଲା ଚମ୍ପତିମୁଣ୍ଡାର ଗାଁବାଲା ତଥା କଲୋନୀ ସଦସ୍ୟମାନଙ୍କ ସହ ଜୀବନ ବିଦ୍ୟାଳୟ ଛାତ୍ରମାନଙ୍କ ଖୁବ୍ ନିବିଡ ସମ୍ପର୍କ ରହୁଥିଲା । ପର୍ବପର୍ବାଣୀ ବେଳେ, ମେଳା ମଉଛବ ତଥା ମହତ୍ୱପୂର୍ଣ୍ଣ ଦିନମାନଙ୍କରେ ଉଭୟେ ପରସ୍ପରକୁ ଭେଟୁଥିଲେ । କିନ୍ତୁ ଶେଷ ପର୍ଯ୍ୟନ୍ତ କଲୋନୀ ଲୋକେ, ବିଦ୍ୟାଳୟ ସ୍ଥାପନର ଉଦ୍ଦେଶ୍ୟ ତଥା ସେଠାକାର ପାଠପଢା ରୀତିନୀତିକୁ ଏଇ ସନ୍ଦିହାନ ଥିଲେ । ସେମାନେ ଭାବୁଥିଲେ ଯେ ମାଳତୀ ଦେବୀ ବୁଲିବୁଲି ସାରା ଓଡିଶାକୁ ବାପା ମା ଛେଉଣ୍ଡ ଅସହାୟ ପିଲାମାନଙ୍କୁ ଆଣିଛନ୍ତି ଏବଂ ସେମାନଙ୍କୁ ପାଠଶାଢ ପଢେଇ, ଶେଷରେ କୋଡିଏ ଏକରେ ଲେଖାଏଁ ଜମି ଯୋଗାଇ ଦେବେ । ପିଲାମାନଙ୍କ ସ୍ୱଚ୍ଛଳ ଭବିଷ୍ୟତକୁ ତଥା ଥଇଥାନର ବ୍ୟବସ୍ଥାକୁ କଲୋନୀବାସୀ ଈର୍ଷା କରୁଥିଲେ ।

ଉତ୍ତର ମୌଳିକ ବିଦ୍ୟାଳୟ ପ୍ରତିଷ୍ଠା ଓ ସେଥିରେ ଚିତ୍ତରଞ୍ଜନ ଦାସଙ୍କ ଯୋଗଦାନ ଏକ କାକତାଳୀୟ ଘଟଣା ନଥିଲା । ଦେଶ ସ୍ୱାଧୀନତାର ଆନ୍ଦୋଳନ କାଳରେ, ବିଭିନ୍ନ ସଭା ସମିତିରେ, ଜେଲ୍ ରେ, ସତ୍ୟାଗ୍ରହ ତଥା ଧାରଣା ଦେବା ବେଳେ, ବାପି ଓ ନୁମା, ତରୁଣ ଚିତ୍ତରଞ୍ଜନଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ଏହି ତରୁଣ ଜଣକ ଦିନେ ଓଡିଶାର ଶିକ୍ଷା ଜଗତରେ ବିପ୍ଳବ ଆଣିପାରିବେ ବୋଲି ହୃଦୟଙ୍ଗମ କରି ପାରିଥିଲେ । ନନୀଗୋପାଳ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି – ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ନିଜ ଉଜ୍ଜ୍ୱଳ ପାଠପଢାର ଭବିଷ୍ୟତକୁ ଯଜ୍ଞରେ ଆହୂତି ଦେଇଥିବା ଏହି ଋଷିକୁମାରଙ୍କୁ ପୁନଶ୍ଚ ସ୍ୱାଧ୍ୟାୟର ଚୌହଦୀ ଭିତରକୁ ଆଣିବା ପାଇଁ ବାପି ଓ ନୁମା ତାଙ୍କୁ ଶାନ୍ତିନିକେତନକୁ ପଠେଇବା ବ୍ୟବସ୍ଥା କରିଥିଲେ । ପରେ ପରେ ତାଙ୍କର ଡେନମାର୍କ ଯିବା ବ୍ୟବସ୍ଥା ମଧ୍ୟ କରି ଦେଇଥିଲେ । ବହୁ ଦିଗଦର୍ଶୀ ଜ୍ଞାନଦୀପ୍ତ, ଉତ୍ସର୍ଗୀକୃତ ତରୁଣ ଚିତ୍ତରଞ୍ଜନ ମଧ୍ୟ ନିଜକୁ ପୂର୍ଣ୍ଣ ରୂପେ ସମର୍ପଣ କରିବାରେ କେବେ ମଧ୍ୟ କାର୍ପଣ୍ୟ କରିନଥିଲେ ।"

ଡେନମାର୍କରୁ ପଢାସାରିବା ପରେ ତରୁଣ ଚିତ୍ତରଞ୍ଜନ ବମ୍ବେ ଦେଇ କଟକ ଆସିଥିଲେ ଏବଂ କଟକରୁ ସିଧା ବାଜି ରାଉତ ଛାତ୍ରାବାସକୁ ଆସି ଯାଇଥିଲେ । ନିଜ ଗାଁ, ଘରପରିବାର ତଥା ବନ୍ଧୁ ପରିଜନଙ୍କ ଆକର୍ଷଣ ତାଙ୍କୁ ପଥାରୂଢ କରିନଥିଲା । ନୁମା, ବାପି ଓ ବାଜି ରାଉତ ଛାତ୍ରାବାସର ଆକର୍ଷଣ ଥିଲା ତାଙ୍କ ପାଇଁ ପ୍ରମୁଖ । ନୂତନ ଜ୍ଞାନ ଓ ନୂତନ ଅନୁଭୂତିକୁ ନେଇ ଶିକ୍ଷାରେ ଏକ ନୂଆ ପ୍ରୟୋଗ ପାଇଁ ଚିତ୍ତରଞ୍ଜନ ଥିଲେ ସଂକଳ୍ପବଦ୍ଧ । ଚମ୍ପତିମୁଣ୍ଡାର ଘନ ଅରଣ୍ୟରେ ଭୂମି ଚୟନ କରି, ବାପି ଓ ନୁମା ଅନୁକୂଳ ପରିବେଶଟିଏ ଯୋଗାଇ ଦେଇଥିଲେ ।

୧୯୫୪ ମସିହା ଅଗଷ୍ଟ ୨୬ ତାରିଖରେ ବାଜି ରାଉତ ଛାତ୍ରାବାସରେ ବିଶିଷ୍ଟ ସର୍ବୋଦୟ ନେତା ଧୀରେନ୍ ମଜୁମଦାର୍ ଉତ୍ତର ମୌଳିକ ବିଦ୍ୟାଳୟର ଶୁଭାରମ୍ଭ କରିଥିଲେ । ଆଗରୁ ସେଠାରେ ପ୍ରଥମରୁ ଅଷ୍ଟମ ଯାଏ ମୌଳିକ ବିଦ୍ୟାଳୟ ଚାଲିଥିଲା, ଉତ୍ତର ମୌଳିକରେ ପିଲାଏ ନବମରୁ ଦ୍ୱାଦଶ ପଢିବାର ବ୍ୟବସ୍ଥା ଥିଲା । ନବମ ଶ୍ରେଣୀର ପିଲାଙ୍କୁ ନେଇ ବିଦ୍ୟାଳୟର କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲା । ଦିନରେ କଳାଭବନ ଠାରେ ପଢା ଚାଲୁଥିଲା,

ରାତି ହେଲେ ସେହି ବାରଣ୍ଡାରେ ନିଜ ନିଜର ବାକସ୍ ରଖି, ମଶାରୀ ଟାଙ୍ଗି ପିଲାମାନେ ଶୋଇ ଯାଉଥିଲେ । ଅନ୍ୟପଟେ, ଚମ୍ପତିମୁଣ୍ଡାରେ ଜଙ୍ଗଲକାଟି ସଫାସଫି କାର୍ଯ୍ୟ ଚାଲିଥିଲା । କୋଡିଏ ଏକର ଜମିକୁ ଚାଷପୋଯୋଗୀ କରାଯାଇଥିଲା । ବର୍ଷାଋତୁ ସରିଯିବା ପରେ ତମ୍ବୁ ଟାଣି ପିଲାମାନେ ସେଠାରେ ରହିବାକୁ ଆରମ୍ଭ କଲେ, ଗଛମୂଳେ ବା ଝରଣା କୂଳ ପାଠପଢା ଚାଲିଲା । ପଥର ଓ ଗଛସବୁକୁ ଉତ୍ପାଟନ କରାଯାଇ ବୁଲଡୋଜର୍ ଯୋଗେ ଜମି ସମତୁଲ କରାଯାଏ କ୍ରମେ ୧୧ଟି ନଡାଛପର ଘର ତିଆରି କରାଯାଇଥିଲା । ଜୀବନ ବିଦ୍ୟାଳୟରେ ପିଲାଏ ଛାତ୍ରାବାସରେ ରହୁଥିଲେ । କାମଦାମ କରିବା ପାଇଁ ସେଠାରେ କୌଣସି ଚାକରବାକର ନଥିଲେ । ମେନେଜର ନଥିଲେ, ରୋଷେଇଆ ନଥିଲେ । ଏପରିକି ବଳଦ, ଗାଇ ଓ ପଣ୍ଡା ମଇଁଷିଙ୍କ ଯତ୍ନନେବା ପାଇଁ କୌଣସି ଗଉଡ ବା ତାଲିମପ୍ରାପ୍ତ ଲୋକ ନଥିଲେ । ସବୁକାମ ଛାତ୍ର ଓ ଶିକ୍ଷକ ମିଶିକରି ଉଠାଉଥିଲେ । ସେଇ ଉତ୍ତର ମୌଳିକ ବିଦ୍ୟାଳୟ ପରବର୍ତ୍ତି କାଳରେ "ଜୀବନ ବିଦ୍ୟାଳୟ" ଭାବେ ପରିଚିତ ହୋଇଗଲା । ତାର ସରକାରୀ ନାଁ ଥିଲା ଉତ୍ତର ମୌଳିକ ବିଦ୍ୟାଳୟ, ହିନ୍ଦୀ ନାମ ଥିଲା ଉତ୍ତର ବୁନିୟାଦୀ ବିଦ୍ୟାଳୟ, ପିଲାଏ ଖୁସିରେ ଡାକୁଥିଲେ ଜଙ୍ଗଲ ବିଦ୍ୟାଳୟ, ପରେ ପରେ ଚଉଧୁରୀ ନାମ ଦେଇଥିଲେ ଜୀବନ ବିଦ୍ୟାଳୟ ।

ମହାତ୍ମାଗାନ୍ଧୀଙ୍କ ଅଠରଗୋଟି ରଚନାତ୍ମକ କାର୍ଯ୍ୟକ୍ରମ ମଧ୍ୟରେ ନୟୀ ତାଲିମ ବା ମୌଳିକ ଶିକ୍ଷା ଥିଲା ଏକ ପ୍ରମୁଖ ଅଂଶ । ତିନି ସୋପାନ କ୍ରମେ ତାହା ଥିଲା – ମୌଳିକ, ଉତ୍ତର ମୌଳିକ ଓ ଉତ୍ତମ ମୌଳିକ, ହିନ୍ଦୀରେ ତାକୁ କୁହାଯାଉଥିଲା ବୁନିୟାଦୀ, ଉତ୍ତର ବୁନିୟାଦୀ ଓ ଉତ୍ତମ ବୁନିୟାଦୀ । ଜୀବନ ବିଦ୍ୟାଳୟର ପ୍ରଥମ ପର୍ଯ୍ୟାୟରେ ବାଜି ରାଉତ ଛାତ୍ରାବାସ, ରାମଚନ୍ଦ୍ରପୁରର ତୁଡିଗୁଡିଆ, ରାଜସୁନାଖଳା ତଥା ଭଞ୍ଜନଗରର ମୌଳିକ ସ୍କୁଲ ସବୁରୁ ଅଷ୍ଟମ ପାସ କରିଥିବା ପିଲାମାନେ ଯୋଗ ଦେଇଥିଲେ, ଏପରିକି ସାଧାରଣ ସରକାରୀ ସ୍କୁଲରୁ ହରିଜଣ ପିଲା ମଧ୍ୟ ଯୋଗ ଦେଇଥିଲେ । ପ୍ରଥମ ପିଢିରେ ସେମାନଙ୍କ ସଂଖ୍ୟା ଥିଲା ଛବିଶ, ତା ଭିତରୁ ଦୁଇଜଣ ଥିଲେ ଛାତ୍ରୀ । ନିକଟରେ ବହି ଯାଉଥିବା ଗିରି

ନଦୀ ଓ ଜଙ୍ଗଲୀ ଝରଣା ପାଣିରେ ଶିକ୍ଷାର୍ଥୀମାନଙ୍କ ଦୈନନ୍ଦିନର ଆବଶ୍ୟକତା ମେଣ୍ଟି ଯାଉଥିଲା ।

ବିଶ୍ୱଭାରତୀ ଶାନ୍ତିନିକେତନ, ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟ ଓ ଗାନ୍ଧୀଙ୍କ ନୟି ତାଲିମ ଶିକ୍ଷାରେ ମିଶ୍ରିତ ପ୍ରଭାବ ଜୀବନ ବିଦ୍ୟିଆଳୟରେ ପଡିଥିଲା । ତା ସାଥେ ସାଥେ ଫିନଲାଣ୍ଡ ଓ ଡେନମାର୍କରେ ଚାଲିଥିବା ଜନ ବିଦ୍ୟାଳୟ ମାନଙ୍କରେ ସୁନ୍ଦର ଓ ଆନନ୍ଦମୟ ଶିକ୍ଷା ବ୍ୟବସ୍ଥାରେ ପ୍ରଭାବ ମଧ୍ୟ ସେଠାରେ ପଡିଥିଲା । ଡେନମାର୍କରୁ ସଦ୍ୟ ଫେରିଥିବା ଚଉରଞ୍ଜନ ସେ ସମସ୍ତ ଶିକ୍ଷା ବ୍ୟବସ୍ଥାର ପ୍ରୟୋଗ ଆମ ଦେଶରେ କରିବାକୁ ଚାହୁଁଥିଲେ । କୌଣସି ଏକ ଜାଗାରେ ବିଦ୍ୟାବିତ୍ ପ୍ରଫେସର୍ ଶ୍ରତୁଘ୍ନ ନାଥ କହିଥିଲେ – ନବବାବୁଙ୍କ କଳ୍ପନା, ମାଳତିଦେବୀଙ୍କ ପ୍ରେରଣା ଓ ଚଉରଞ୍ଜନଙ୍କ ସାଧନାର ମିଶ୍ରଣରେ ତିଆରି ହୋଇଥିଲା ଜୀବନ ବିଦ୍ୟାଳୟ ।

ସେଇ ତିନ ମହାନୁଭବଙ୍କ ପ୍ରଚଣ୍ଡ ଓ ଅନମନୀୟ ଜୀବନାଦର୍ଶ ଥିଲା ଜୀବନ ବିଦ୍ୟାଳୟର ଅସ୍ଥି, ମାଂସ ଓ ରକ୍ତ । କୌଣସି କାରଣରୁ ମାଳତୀ ଦେବୀ ଅଭିମାନ କରିଥିଲେ, ନବବାବୁ ନିରବ ରହିଥିଲେ ଏବଂ ଚଉଭାଇ ସାଲିସ୍ ନକରି ଚୁପ୍ ଚାପ୍ ଓହରି ଯାଇଥିଲେ । ଜୀବନ ବିଦ୍ୟାଳୟର ଜୀବନ ଦୀପ ଅକାଳରେ ନିର୍ବାପିତ ହୋଇ ଯାଇଥିଲା ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# କାକର କାଖରେ ମକର ଆସିଛି



ସନ୍ତୋଷ ପଟ୍ଟନାୟକ

କାକର କାଖରେ ମକର ଆସିଛି
ହସି ଖେଳେ ଖୁଲି ଖୁଲି
ଦିନମଣୀ ତେଜ ଧିରେ ବଢିଯିବ
ଶୀତଟା ଯିବ ଦୋହଲି....

ବିବାହ ଓ ବ୍ରତ ଜଜ୍ଞ ଅନୁଷ୍ଠାନ
ଯେତେ ଅଛି ଶୁଭକର୍ମ
ଆରମ୍ଭିବା ପାଇଁ ଉତ୍କୃଷ୍ଠ ସମୟ
ମୃତ୍ୟୁରେ ବୈକୁଣ୍ଠ ଧାମ....

ସାଆନ୍ତାଣୀ କୃପା ଆଶିଷେ ସମ୍ପତ୍ତି
ଲଭିଛି କୃଷକ ଭାଇ
ଧାନ, ଆଖୁ କେତେ ଅମଳ ହେଇଛି
ଶ୍ରମ ତା ସାର୍ଥକ ହୋଇ....

ନୂଆଁ ଗୁଉଳକୁ ଗୁଡ ଛେନା ଘିଅ
କ୍ଷୀର କଦଳୀ ନଡିଆ
ସର୍ବ ସମାହାରେ ପ୍ରସ୍ତୁତ ବ୍ୟଞ୍ଜନ
'ମକର ଗୁଉଳ' ନାଆଁ

ସ୍ୱତନ୍ତ୍ର ବ୍ୟଞ୍ଜନେ ସ୍ନେହ ପରଶିବ
ସମର୍ପଣ ପୁଷ୍ପାଞ୍ଜଳୀ
ଗୃହଦେବତାଙ୍କୁ ଭୋଗ ଲାଗେଇବ
ବିଶ୍ୱାସ ମନା ଉତ୍କଳୀ....

ବେଗୁନଆପଡା ବ୍ଲକ୍, ତିରିଡା, ଗଞ୍ଜାମ

# ବେଳେବେଳେ ଭଲଲାଗେ



ତପସ୍ୱିନୀ ବେହେରା

ବେଳେବେଳେ ଏମିତି
ଏକାନ୍ତଟା ଭଲଲାଗେ,
ମୁଠାଏ ନଃଶ୍ୱାସର
ଅହରହ ଯା'ଆସ ର
ଘନଘନ ଶବ୍ଦଟା
ଶୁଣିବାକୁ ଭଲ ଲାଗେ ।
ଆଉ ଭଲ ଲାଗେ,
ନୀରବରେ ଦେଖିବାକୁ
ନୀଳାକାଶର ଖୋଲା ଛାତ,
ବିହଙ୍ଗର ମୁକ୍ତ ବିହାର ଆନନ୍ଦ,
ଭସା ବାଦଲଙ୍କ ମିଳନ, ବିଚ୍ଛେଦ
ବିଶ୍ବର ମୀମାଂସା,
ଆଉ ସାୟାହ୍ନ ଲଗନେ
ଆକାଶର ଲାଲ୍ ସିନ୍ଦୂରେ ଶୃଙ୍ଗାର
ନବ ବଧୂ ବେଶ ।

* * * * * * * * * * * * * * *

ପୁଣି ଏମିତି ହିଁ ଭଲଲାଗେ
ନଜ ସହ ଢେର ବେଳ
ଏକାନ୍ତରେ ବାର୍ତ୍ତାଳାପ କରିବାକୁ,
ଆଉ ତା ସହ ଧସେଇ ପଶୁଥିବା,
ମେଞ୍ଚା ମେଞ୍ଚା ସ୍ମୃତିର

ପାଉଁଶିଆ ଅତୀତକୁ
ପୁନର୍ବାର ଆବାହନ କଲାବେଳେ
ଅସରାଏ ଲୁହ ଆଉ
ଦୁଲୁକାଏ ହସ ଯେବେ,
ଅବିଭାଜିତ ଭାବେ ବଳପଡ଼ନ୍ତି
ଆଞ୍ଜୁଳାଏ ନିରାଶାର ପରିଶେଷରେ,
ଭୁଲ୍, ଠିକ୍ ର ହିସାବ ନିକାସ ସବୁ
ହେଇଯାଏ ମନର ରଫ୍ ଖାତାରେ,
କେତେ କଣ ଅଙ୍କର ସମାଧାନ ହୁଏ
ଆପଣା ଛାଏଁ।

* * * * * * * * * * * * * * * *

ବେଳେବେଳେ ଭଲଲାଗେ ଭାବିବାକୁ,
ହୋଇ ନ ଥାନ୍ତା କି ଏ ଜୀବନଟା
ଗଣିତର ସୂତ୍ରି ଗାଣିତିକ ସୂତ୍ର ପରି..?
ପିଲାଦିନେ ଯୋଉଟା ବି ସହଜରେ ହଉନଥିଲା
ଏବେ ସେଥିରେ ପାରଙ୍ଗମ ଅନେକ,
ହେଇ ଯାଆନ୍ତା ସମାଧାନ
ଜୀବନର ସବୁ ସରଳ କର
ସ୍ତର ସ୍ତର କରି
ବନ୍ଧନୀ ଠୁ ଫେଡାଣ ଯାଏ,
ଆଉ ଟାଣି ହେଇ ଯାଆନ୍ତା
ସମତଳ, ସଳଖ ରାସ୍ତାଟିଏ ମୃତ୍ୟୁ ଯାଏ
ଝୁଣ୍ଟନ୍ତେନି କେହି ବି କୋଉଠି,
କି ପ୍ରାଣ ପକ୍ଷୀ ଖୋଜନ୍ତାନି
ଆୟୁଷର ପଞ୍ଜୁରୀଟା ଖୋଲି
ପୁଣି କେଉଁ ମୁକ୍ତି ବାଟ ଏଠି...

ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର

# ଭ୍ରମଣ କାହାଣୀ - ଗିରନାର ପାହାଡ

( ଜୁନାଗଡ଼, ଗୁଜରାଟ)



ସୁବଳ ମହାପାତ୍ର

ଜୟ ଗିରନାରୀ... ଗିରନାର ବାବା କ .....ଜୟ

ସବୁବର୍ଷ ଶୀତ ଆସିଲେ ମନେ ପଡେ ବଣଭୋଜି, ପାର୍ଟି, ଆଉଟିଙ୍ଗ ଇତ୍ୟାଦି ଇତ୍ୟାଦି.....ନିଜ କର୍ମମୟ ଜୀବନରୁ କଛି ଦିନ ର ଛୁଟି ରେ ଟେନସନ ଦୂର କରି ପ୍ରକୃତି କୋଳରେ ହଜିଯିବାର ସ୍ୱାଦ ନିଶ୍ଚିତ ଭାବେ ନିଆରା। ସବୁବର୍ଷ ପରି କଛି ଦିନର ବ୍ୟବଧାନ ପରେ ଅଫିସ ର କଛି ସାଙ୍ଗ ବାହାରିଲେ କୁଆଡେ ଗୋଟେ ଯିବାପାଇଁ। ( କୁଆଡେ ଗୋଟେ କହିଲେ, ପ୍ରକୃତ ଜାଗା ଜଣା ନଥାଏ, ପ୍ରଥମେ ଯିବା ଫାଇନାଲ ହୁଏ ତା ପରେ ଜାଗା ଖୋଜା ଆରମ୍ଭ ହୁଏ) । ବହୁତ ଜାଗା ର ନାଁ ଆସିଲା ପରେ ଶେଷ ନାଁ ଟି ଥିଲା "ଗିରନାର" ପାହାଡ଼। ପିଲାଙ୍କ ହଁ, ନା ଭିତରେ, ବହୁତ କଥା କଟାକଟି ପରେ ଶେଷ ବି ହେଲା ଏହି ଜାଗାରେ। ପନ୍ଦର ରୁ ବାର, ଏଗାର, ଦଶ, ଆଠ, ଛଅ, ପରେ ଚାରିଜଣ ରାଜି ହେଲେ ଯିବା ପାଇଁ। ଏତେ କଥା ଭିତରେ ଜିଦ ରହିଲା ଗିରନାର ହିଁ ଯିବା ଆଉ ଚଢ଼ିବା ଶେଷ ଯାଏଁ।

ଗିରନାର କଣ?

ଗୁଜରାଟ ର ଗିର ଜଙ୍ଗଲ ଭିତରେ, ଜୁନାଗଡ଼ ରୁ ମାତ୍ର ସାତ କିଲୋମିଟର ଦୂରରେ ପାଞ୍ଚଟି ପାହାଡ଼ ଅବସ୍ଥିତ, ଯାହାର ନାଁ ଗିରନାର। ଏହାକୁ ପାହାଡ଼ ମାନଙ୍କ ସଙ୍କଳନ ମଧ୍ୟ କୁହାଯାଏ। ପୃଥିବୀ ର ସବୁଠୁ ପୁରୁଣା ପାହାଡ଼ ମାନଙ୍କ ମଧ୍ୟରୁ ଏ ପାହାଡ଼ ଟି ଅନ୍ୟତମ। ଗିରନାର ପର୍ବତ ( ପ୍ରାଚୀନ ନାମ ଉଜୟନ୍ତ ତଥା ଗିରିବର ତଥା ରେବତକ) ହିମାଳୟ ଠାରୁ ମଧ୍ୟ ପୁରୁଣା ପର୍ବତ ଅଟେ । ଏହା ୨୨ ତମ ତୀର୍ଥଙ୍କର ନେମିନାଥଙ୍କର ନିର୍ବାଣ ଭୂମି ।

ସମୁଦ୍ର ପତ୍ତନ ଠାରୁ ପ୍ରାୟ ୧୦୩୧ ମିଟର ବା ୩୬୬୬ ଉଚ୍ଚ ଏହି ପର୍ବତ ଟି ଗୁଜରାଟ ର ଜୁନାଗଡ଼ ଜିଲ୍ଲା ରେ ଅବସ୍ଥିତ । ଏଠାରେ ପ୍ରାୟ ୮୬୬ ଟି ହିନ୍ଦୁ ଓ ଜୈନ ମନ୍ଦିର ଅଛି । ଦୂରରୁ ଦେଖିଲେ ପାହାଡ ଗୁଡିକ ଜଣେ ଶୋଇଥିବା ଋଷି ଙ୍କ ମୁଖ ବା ମୁହଁ ପରି ଦେଖାଯାଏ। ଏହା ଏକ ପବିତ୍ର ସ୍ଥାନ।



( ଶୋଇଥିବା ସନ୍ୟାସୀଙ୍କ ମୁଖ ଆକୃତି ର ପାହାଡ )

ମନ୍ଦିର ମାନଙ୍କ ମଧ୍ୟରେ ମୁଖ୍ୟତଃ ଜୈନ ମନ୍ଦିର ( ୪୫୦୦ ପାହାଚ) , ଗୋମୂଖୀ ଗଙ୍ଗା ( ୫୦୦୦ ପାହାଚ) , ଅମ୍ବା ମାତା ( ୫୫୦୦ ପାହାଚ) , ଗୋରଖନାଥ ମହାଦେବ ( ୬୫୦୦ ପାହାଚ) ଓ ଗୁରୁ ଶିଖର ବା ଦତ୍ତାତ୍ରେୟ ମନ୍ଦିର (୧୦୦୦୦ ପାହାଚ) ଅନ୍ୟତମ । ( ପାହାଚ ସଂଖ୍ୟା ଗୁଡିକ ପ୍ରକୃତ ପାହାଚ ର ସଂଖ୍ୟା ନୁହେଁ, ଆନୁମାନିକ.....)

ଦଶହଜାର ପାହାଚ? ଯିବା ଦଶହଜାର, ଫେରିବା ବି ଦଶହଜାର? ମାନେ କୋଡିଏ ହଜାର?

ଏ ସଂଖ୍ୟାଟି ମନଭିତରେ ଭିତ ସଂଚ୍ଚର କରିବା ଯଥେଷ୍ଟ ଥିଲା, ଯାହାପାଇଁ ଆମ ପିକନିକ ପାର୍ଟି ର ମେମ୍ବର ସଂଖ୍ୟା ପନ୍ଦର ରୁ ଖସି ଚ୍ଚରି କୁ ଆସି ସାରିଥିଲା।

ମୁଁ କିନ୍ତୁ ବହୁତ ଖୁସି ଥିଲି। ଗୁଜରାଟ ରେ ଆଠବର୍ଷ ରହିବା ଭିତରେ ଗତ ଚ୍ଚରି ବର୍ଷ ରେ ଚ୍ଚରିଥର ନିଶ୍ଚୟ ଚେଷ୍ଟା କରିଥିବି ଗିରନାର ଚଢ଼ିବା ପାଇଁ କିନ୍ତୁ କେବେ ଜଣେ ସାଙ୍ଗ ପାଇ ନଥିଲି । ବେଳେବେଳେ କିଛି ସାଙ୍ଗ ଯାଇ ଫେରିବା ପରେ ଖବର ପାଇଥିଲି ସେମାନେ

ଯାଇଥିଲେ ବୋଲି, ତେଣୁ ମନ ଦୁଃଖ ହେଲେ ବି କଛି କରିବାର ନଥାଏ, କାରଣ ସେମାନେ ସେମାନଙ୍କ ସମ୍ପର୍କୀୟ ମାନଙ୍କ ସହ ଯାଇ ଫେରିଥାନ୍ତି କମ୍ବା କୌଣସି କାରଣ ବଶତଃ ସେମାନେ ଜଣେଇ ପାରି ନଥାନ୍ତି। ତେବେ ପ୍ରଭୁ ଜଗନ୍ନାଥ ଙ୍କ ଡୋରି ନ ଲ୍ଗିଲ୍ ଯାଏଁ ପୁରୀ ରେ ଥାଇ ମଧ ଦର୍ଶନ ନହେଲ୍ ପରି, ଗୁଜରାଟ ରେ ଥାଇ ମଧ ଗିରନାର ନ ଚଢି ପାରିବା କୁ ମୁଁ ସେପରି କଛି ଧରି ନେଇଥିଲି। ଗ୍ଵରି ଜଣ ହେଲେବି ସେମାନଙ୍କ ଜୋଶ ଦେଖି, ମୁଁ ୩୬ ବର୍ଷ ର ବୁଢା ( ବୁଢା ଏଥିପାଇଁ ଯେ ସେମାନେ ସମସ୍ତେ ମୋଠୁଁ ପ୍ରାୟ ଦଶ, ବାର, ଚଉଦ ବର୍ଷ ସାନ) ବି ଯୋଶୀଲ୍ ହୋଇଯାଇଥିଲି। ତେବେ ମେମ୍ବର ସଂଖ୍ୟା ପୁଣି ବଢ଼ିବାରେ ଲ୍ଗିଲେ। ଆସ୍ତେ ଆସ୍ତେ।

କର୍ମମୟ ଜୀବନରୁ ଟିକଏ ବିରତି ବି ବହୁତ ଖୁସି ଦେଇପାରେ। ଆଉ କର୍ମ ପାଇଁ ବେଳେବେଳେ ନଜ ଖୁସି କୁ ବି ଅଟକେଇବାକୁ ପଡେ। ଡିସେମ୍ବର ପଚଶ ରୁ ଆରମ୍ଭ କରିଥିବା ଏ ପ୍ଲାନ ରେ ହଠାତ ଭଙ୍ଗା ପଡିଯାଏ, କ୍ଲାଏଣ୍ଟ ଓ କମ୍ପାନୀ ର ଓନର ଆମେରିକା ରୁ ଆସିବା ଶୁଣି। ପ୍ଲାନ ରହିଯାଏ ଅଧାରେ। ଜାନୁଆରୀ ରେ କ୍ଲାଏଣ୍ଟ ଓ କମ୍ପାନୀ ଓନର ଆସି ବିଭିନ୍ନ ବିଷୟ ତର୍ଜମା କରନ୍ତି, ସକାଳ ଆଠ ରୁ ଗ୍ତି ବାର କେମିତି ହୁଏ ଜଣା ବି ପଡେନାହିଁ। କାମ, କାମ, କାମ.....ବାସ, ଏଇତ ଜୀବନ। କନ୍ତୁ ମଝିରେ ମଝିରେ ଟିକଏ ଟିକଏ ଖୁସି ସାଉଁଟି ନେବା ବି ଆମର ହକ। କ୍ଲାଏଣ୍ଟ ଓ କମ୍ପାନୀ ଓନର ଯିବାପରେ ପୁଣି ଆରମ୍ଭ ହୁଏ ଅଧା ରହି ଯାଇଥିବା ପ୍ଲାନ। କନ୍ତୁ ଓଃ...ଏ ଶୀତ.... କଏ ବାହାରିବ ଏ ଶୀତ ରେ...ଘରେ ରେଜେଇ, କମ୍ବଳ ଘୋଡ଼ି ହୋଇ ଶୋଇବା ରେ ଲ୍ଭ ଅଛି....

ହଠାତ ମାତ୍ର ଦୁଇଦିନ ପାଇଁ ଶୀତ ଛାଡିଯାଏ ଓ ମାତ୍ର ଦୁଇ ଘଣ୍ଟା ରେ ହୋଇଯାଏ ପ୍ଲାନ। ଶେଷ ଥର ପାଇଁ ପଚାରାଯାଏ କଏ ଯିବେ କ ନଯିବେ। ଯାହାହେଉ ମେମ୍ବର ପୁଣି ବଢି ବଢି ଦଶ ରେ ପହଞ୍ଚନ୍ତି, ପୁଅ ଛଅ ଜଣ ଝିଅ ଗ୍ଵରି ଜଣ। ଶୁକ୍ରବାର, ( ଫେବୃଆରୀ ଆଠ ତାରିଖ) ସନ୍ଧ୍ୟା ଛଅ ଟା ପଇଁତ୍ରିଳସ ରେ ବସ, ସ୍ଲିପର। ପହଁଚବୁ ଗ୍ତି ୩.୩୦ ରେ ଜୁନାଗଡ଼। ହୋଟେଲ ରେ ନତ୍ୟକର୍ମ ସାରି ଭୋର ୪.୩୦ ରୁ ଆରମ୍ଭ ହେବ ପାହାଡ଼ ଚଢା, ଫେରିବୁ ଦିନ ଗ୍ଵରିଟା ସୁଦ୍ଧା। ପୁଣି ସନ୍ଧ୍ୟା ୫.୩୦ ରେ ବସ ଧରିବୁ ଗାନ୍ଧିନଗର କୁ।

କେଜାଣି କାହିଁକି ଟିକେ ଖଟକା ଲାଗୁଥାଏ। ଏତେ କମ ସମୟ, ଚଢି ପାରିବୁ କି ନାହିଁ, ଯଦି ଚଢ଼ିଲା ପରେ ସମୟ ନ ଅଣ୍ଟିଲା ତେବେ? ଫେରିବା ପାଇଁ ତ ସେଇ ସମାନ ରାସ୍ତା। ନିଜେ ହିଁ ଓଲ୍ଲେଇବ। ଗାଡି ଘୋଡା ତ ନାହିଁ ଯେ ପଳେଇ ଆସିବ। ଅନ୍ୟ ଏକ ପ୍ଲାନ ବି କାହିଁକି ଠିକ ଲାଗୁ ନଥାଏ, ପାହାଡ଼ ରୁ ଓଲ୍ଲେଇ ସାରିଲା ପରେ ସେଦିନ ହୋଟେଲ ରେ ରହି ପରଦିନ ଫେରିବା। କିନ୍ତୁ ପାହାଡଚଢା ରୁ ଫେରି ଗୋଟେ ଦିନ ଶୋଇଲା ପରେ ପରଦିନ ଯେ ଚାଲିବାକୁ ଅବସ୍ଥା ଥିବ, ସେ ବି ସନ୍ଦେହ। ତେବେ? ? ଭଗବାନ ଭରସା.....

ଏଠିକାର ଲୋକମାନେ ଗୁରୁ ଦତ୍ତାତ୍ରେୟଙ୍କୁ ବହୁତ ମାନନ୍ତି । କୁହନ୍ତି ଯଦି ଭଗବାନଙ୍କ ଡୋରି ନ ଲାଗିଛି ତେବେ ତୁମେ ଯାଇ ହିଁ ପାରିବନି। ତେବେ? ଯଦି ଡୋରି ଲାଗିଛି, ସେ ହିଁ ବୁଝିବେ। ତଥାପି....ତେବେ ଭଗବାନଙ୍କ ଇଚ୍ଛା ଉପରେ କେବେ ସନ୍ଦେହ କରିବା କଥା ନୁହେଁ। ତାଙ୍କ ଉପରେ ଛାଡିଦେଲେ ସେ ହିଁ ବୁଝିବେ ଏକଥା ମୁଁ ନିଷ୍ଠେ ଅଙ୍ଗେ ନିଭେଇଛି ଏଥର।

ବସ ଖୋଜୁ ଖୋଜୁ ଯିବା ପାଇଁ ୬.୪୫ ର ବସ ତ ମିଳିଗଲା, କିନ୍ତୁ ଫେରିବା ର ସବୁ ବସ ଫୁଲ। ଫେରିବା ପାଇଁ ରାତି ୯.୫୦ ବସ ରେ ସିଟ ମିଳିଲା। କଣ କରିବା? ଗୋଟେ ଦିନ ରହି ପରଦିନ ଫେରିବା ନା ସେହିଦିନ ରାତିରେ? ତେବେ ସର୍ବ ସମ୍ମତି କ୍ରମେ ରାତି ୯.୫୦ ବସ ହିଁ ଫାଇନାଲ ହେଲା ଫେରିବା ପାଇଁ। (ଆଗକୁ ପଢିବେ, ଏଇଟା ହିଁ ଭଗବାଙ୍କ ଇଚ୍ଛା ଥିଲା) ଆଉ ଟିକେଟ କଟା ବି ସରିଗଲା। ଗୁରୁବାର ସନ୍ଧ୍ୟା ରେ ଅଫିସ ରୁ ଫେରିଲା ପରେ ଫୋନ ଉପରେ ଫୋନ, କଣ ନିଆ ହେବ? ପ୍ୟାକଙ୍ଗ ରେ କଣ କଣ ରହିବ? ଡ୍ରେସ କେତେଖଣ୍ଡ? ବାକି ଆଉ କଣ? ଓଃ......

ବୁଲିଯିବା ଆଗରୁ ସେହି ଜାଗା ବିଷୟରେ ତନାଘନା କରିବା, ମୋର ଗୋଟେ ବହୁତ ବଡ଼ ଖରାପ ଅଭ୍ୟାସ। ସେଥିପାଇଁ ସବୁବେଳେ ମୁଁ ଟିକେ ଅଧିକ careful ରହେ। କେତେବାଟ? କେମିତି ଯିବ? ଗୋଟେ ସାଇଟ ରୁ ଅନ୍ୟ ସାଇଟ କେତେବାଟ? କଣ କଣ ସବୁ

ଦେଖିବାର ଅଛି? କେଉଁଟା ଭଲ? କେଉଁଟା ଜଷ୍ଟ ସେମିତି? ଯଦି କାର ନମିଳେ, ଅଟୋ ଯାଉଛି କ ନାହିଁ? ଏମିତି ସବୁ। ଏ ସବୁ ରେ ବେଷ୍ଟ ହେଲା ଆଗରୁ ବୁଲି ଯାଇଥିବା ଲୋକଙ୍କ ର review ପଢି ଜାଣିବା। ସେମାନେ ସବୁ ବିଷୟରେ ଲେଖିଥାନ୍ତି।

ଆଗରୁ ଗିରନାର ଚଢିଥିବା ଲୋକଙ୍କର review ପଢିବା ପରେ ମୁଁ ଆଗୁଆ କିଛି ଲିଷ୍ଟ ତିଆରି କରିଥିଲି, କଣ କଣ ଅତି ଦରକାରୀ ଜିନଷ ଆଉ କଣ କଣ ନେବା ଦରକାର ନାହିଁ। ଦରକାରୀ ଜିନଷ ଭିତରେ ଟର୍ଚ୍ଚ, ମେଡ଼ିସିନ, ଗୋଟେ ପାଣି ବୋତଲ, ଲାଠି, କିଛି ଶୁଖା ଖାଦ୍ୟ, moov ସ୍ପ୍ରେ, ଭଲ comfortable ଜୋତା (ଯାହା ସବୁ ଯିବ ପାହାଡ଼ ଚଢ଼ିଲା ବେଳେ) ଆଉ ଗୋଟେ ଯୋଡି ଡ୍ରେସ, ରାତିରେ ବସ ପାଇଁ କମ୍ବଳ, ଗାମୁଛା, ଆଉ ଯାହାର ଯାହା ଅତି ଦରକାରୀ ଜିନଷ। Review ରୁ ପଢ଼ିଥିଲି ପାହାଡ ଉପରେ ଖାଇବା, ପାଣି ବୋତଲ ସବୁ ମିଳବ, ତେଣୁ ଅଯଥା ସେସବୁ ବୋହି କ ନେବା ଅପେକ୍ଷା ବରଂ ଖାଲି ଖାଲି ରେ ଗଲେ ଅଧିକ ବାଟ ଯାଇ ପାରିବ ତେଣୁ....

ଆସିଗଲା ଶୁକ୍ରବାର, ସକାଳୁ ଉଠୁ ଉଠୁ ମୁଣ୍ଡଟା କାହିଁକି କେଜାଣି ଟିକେ ବୁଲେଇ ଦେଲା। ଅଳ୍ପ ସମୟ ଖଟ ଉପରେ ବସି ତଳକୁ ଓଲ୍ଲେହିଲା ପରେ ଆରମ୍ଭ ହୋଇଗଲା ବାନ୍ତି। କାହିଁକି? କେଜାଣି...ରାତିରେ ତ ସେମିତି କିଛି ଖାଇନ, ତେବେ? ଯିବାର ଟେନସନ ବୋଧେ। ଦଶ ଜଣଙ୍କ ଭିତରେ ମୁଁ ଥିଲି ସବୁଠୁ ବଡ଼, ପୁଣି ଟିମ ଲିଡର, ସାଙ୍ଗରେ ଝିଅ ମାନେ ବି ଅଛନ୍ତି ତେଣୁ ଚିନ୍ତା ହେବା ସ୍ୱାଭାବିକ। ଆଗରୁ ବି ଆମେ ସମସ୍ତେ ମିଶି କ ଯାଉ ବୁଲିବାକୁ। କିନ୍ତୁ ସବୁଥର କିଛି କଲିଗ ମାନଙ୍କ ସହ ସେମାନଙ୍କ ସ୍ତ୍ରୀ ଓ ଛୁଆ ସବୁ ଥାନ୍ତି। ଏଥର ସ୍ତ୍ରୀ ମାନେ ଯିବାକୁ ମନା କଲେ (ଦଶହଜାର ପାହାଚ ଚଢି ପାରିବେନ ବୋଲି) ତେଣୁ ସ୍ୱାମୀ ମାନେ ବି ରହିଲେ ଘରେ । ଯେଉଁ ମାନେ ଯିବାକୁ ବାହାରିଲେ ସେମାନେ ସବୁ ୨୨, ୨୪, ୨୬ ବର୍ଷ ର ପିଲା (ମୁଁ ସେମାନଙ୍କ ଭିତରେ ସବୁଠୁ ବୁଢା) । ପୁଣି ଝିଅ ମାନେ ବି ଅଛନ୍ତି । ଏବେ ଯାଏଁ କୁଆଡେ? ଟେନସନ ହେବ ହିଁ ହେବ। ତଥାପି ନିଜକୁ ସମ୍ଭାଳ, ନିତ୍ୟକର୍ମ ସାରି ଅଫିସ ଗଲି। ଅଫିସ ରେ ବି ନର୍ମାଲ ରହିଲି, ତଥାପି ମଝିରେ ମଝିରେ ମୁଣ୍ଡ ଟିକେ ଟିକେ ବୁଲେଇ ଦେଉଥାଏ, କାହାକୁ କିଛି ଜାଣିବାକୁ ଦେଉନଥିଲେ ବି

କାଳେ କଏ ଜାଣିବ ବୋଲି ସତର୍କ ରହିବାକୁ ପଡୁଥାଏ। ପାଞ୍ଚ ବାଜିବା ମାତ୍ରେ ସମସ୍ତେ ବାହାରିଲେ ଘରକୁ ଯାଇ ପ୍ୟାକଙ୍ଗ ବ୍ୟାଗ ଧରି ବସ ଷ୍ଟାଣ୍ଡ ରେ ପହଂଚବେ ବୋଲି। ମୁଁ ବି ବାହାରିଲି। ହେଲେ ଘରକୁ ନୁହେଁ, ଡାକ୍ତର ପାଖକୁ। ଡାକ୍ତର ଚେକ କରି କହିଲେ high BP, କନ୍ତୁ ଆଉ ଥରେ ଦି ଥର ପରୀକ୍ଷା କର, ସବୁବେଳେ ଯଦି ଏମିତି ରୁହେ ତେବେ ରେଗୁଲାର ମେଡ଼ିସିନ ଖାଇବାକୁ ପଡିବ। ନଚେତ ସମସାମୟିକ ଭାବେ ବେଳେ ବେଳେ BP ଅଧିକ ହୋଇଯାଏ। କୌଣସି ଟେନସନ, ପ୍ରେସର ଅଧିକ ରହିଲେ ବଢି ଯାଏ, ପୁଣି କଛି ସମୟ ପରେ କମିଯାଏ। ତେଣୁ ଦି ଦି ଦିନ ଛାଡି ପରୀକ୍ଷା କର ତାପରେ ଯଦି ଦରକାର ହୁଏ ମେଡ଼ିସିନ ଦେବି।

ଏବେ କଣ କରିବି? ମୁଣ୍ଡ ବୁଲାଉଛି, ଘଣ୍ଟେ ପରେ ଗିରନାର ଯିବି ଚଢ଼ିବାକୁ। ଆଉ ସମୟ ନାହିଁ କାହାକୁ କଛି ଜଣେଇବାକୁ, ଯଦି କହେ ସେମାନଙ୍କ ଇଚ୍ଛା ବି ମରି ଯାଇପାରେ । ତେବେ? ଡାକ୍ତର? , "ଠିକ ଅଛି, ଏଇ ମେଡ଼ିସିନ ଆଜି ଖାଇଦିଅ ଏବେ। କାଲି ସକାଳୁ ଯଦି ମୁଣ୍ଡ ବୁଲେଇଲା ତେବେ ଆଉ ଗୋଟେ ନେବ। ସୋମବାର ଆସି ମୋତେ ପୁଣି ଦେଖା କରିବ"....ok... ok.... ସେଇଠି ମେଡ଼ିସିନ ଖାଇ ଘରକୁ ଆସିଲି।

ଘରେ ପହଞ୍ଚି ବ୍ୟାଗ ଧରି ବସ ଷ୍ଟାଣ୍ଡ ପହଁଚିଲା ବେଳକୁ ଦି ଜଣ ମୋତେ ଖୋଜୁଛନ୍ତି, ଆଉ ବାକି ସବୁ ବସ ରେ ବସି ଯିବାପାଇଁ ରେଡି। ବସ ରେ ଯାଇ ବସିଲି। ନର୍ଦ୍ଧାରିତ ସମୟ ରେ ବସ ଛାଡିଲା। ଏବେ ଶୋଇବା ବ୍ୟତୀତ ଆଉ କଛି କାମ ନଥିଲା। ରାତିରେ ବସ କୌଣସି ହୋଟେଲ ରେ ରଖିଲେ ଖାଇବା ଚନ୍ତା...ସେବେଯାଏଁ ଜୟ ଜଗନ୍ନାଥ....

ରାତିରେ ଖାଇ ପିଇ, ରାତି ୩.୩୦ ରେ ପହଞ୍ଚିଲୁ "ଜୁନାଗଡ଼"। ଗୁଜୁ ଭାଷାରେ "ଜୁନା" ଅର୍ଥ ପୁରୁଣା, ଗଡ଼ ମାନେ ଗଡ଼ ( ରାଜା ରାଜୁଡ଼ା ଙ୍କ ଗଡ଼) । ବସ୍ ଷ୍ଟାଣ୍ଡ ପାଖରେ ହୋଟେଲ ଟିଏ ବୁଝି, ନଜର ନତ୍ୟ କର୍ମ ସାରି, ଗରମ ପାଣି ରେ ଗାଧୋଇ, ପାଖରେ ଥିବା ବିସ୍କୁଟ, ମିକ୍ସଚର, କୁରକୁରେ ଖାଇ ଅତି ଦରକାରୀ ଜିନଷ ବ୍ୟତୀତ ବାକି ସବୁ ହୋଟେଲ ଲକର ରେ ରଖି ବାହାରିଲୁ ଗିରନାର ର ତଳେଟି ( ପାହାଡ଼ ର ପାଦଦେଶ) କୁ......

ଭୋର ୪.୩୫ । ଲୋକ ସବୁ ଆସ୍ତେ ଆସ୍ତେ ଆସିବାକୁ ଲାଗିଥାନ୍ତି । ବହୁତ ଲୋକ ଚଢ଼ିବା ଆରମ୍ଭ କଲେଣି । ଆହୁରି କଛି ନଜ ନଜ ଜିନଷ କଣୁଥାନ୍ତି ଦୋକାନ ରୁ । ଏଠି ଚବିଶ ଘଣ୍ଟା ଗହଳ ଚହଳ । ସବୁ ସମୟ ରେ ଲୋକ ଚଢନ୍ତି । ଖରା, ବର୍ଷା, ଶୀତ, ଦିନ ରାତି, ସବୁ ସମୟରେ । କନ୍ତୁ ଶୀତଦିନେ ଚଢ଼ିବା ଭଲ । ଖରା କୁ ଡର ନଥାଏ କ ବର୍ଷା ରେ ଗୋଡ଼ ଖସିବାର ଭୟ ନଥାଏ । ସେଥିପାଇଁ ଶୀତଦିନେ ଅଧିକ ଲୋକ ଆସନ୍ତି । ପାଣିପାଗ ବି ଭଲ ଥାଏ । ଆମେ ସବୁ ଦୋକାନ ରୁ ଲାଠି ( ବାଉଁଶ ବାଡ଼ି) ଖଣ୍ଡେ ଖଣ୍ଡେ ଦଶ ଟଙ୍କା ଭଡାରେ ଆଣି ଚଢ଼ିବା ଆରମ୍ଭ କଲୁ । ଦୋକାନୀ ପ୍ରତି ଲାଠି ତିରିଶ ଟଙ୍କା ହିସାବ ରେ ରଖିବ, ଲାଠି ଫେରେଇଲେ ଦଶ ଟଙ୍କା କାଟି କୋଡିଏ ଟଙ୍କା ଫେରେଇବ । ଯେତେଜଣ ଯାଇଥିଲୁ ଆଗରୁ କେହି ବି ଗିରନାର ଚଢି ନଥାନ୍ତି, ତେଣୁ review ପଢି ଜାଣିଥିବା ଲୋକ ହେଲି ମୁଁ, ସବୁଠୁ ଜ୍ଞାନୀ ସେମାନଙ୍କ ଭିତରେ । ସମସ୍ତଙ୍କୁ ବାଧ କରି ଲାଠି ଗୋଟେ ଗୋଟେ ଧରେଇଲି । ଆରମ୍ଭ କଲୁ ଚଢ଼ିବା। ଭୋର ୪.୪୫ ରେ ।

ହସ, ଖୁସି ଥଟ୍ଟା, ମଜା ଭିତରେ ଜୋଶ ଅଧିକା ଥାଏ । କେହି କେହି ପାହାଚ ପରେ ପାହାଚ ଦୌଡ଼ିବା ଆରମ୍ଭ କଲେ । ଡାକ ଛାଡି ଏକାଠି କଲି ସମସ୍ତଙ୍କୁ । କହିଲି,"slow and steady, win the race" । ଦୌଡ଼ିଲେ ଅଧିକ ବାଟ ଯାଇ ପାରିବା ନାହିଁ। କାହା ସହ କଂପିଟିସନ କରୁନେ । ଆସ୍ତେ ଆସ୍ତେ ଚାଲ, ଆମକୁ ଦଶହଜାର ପାହାଚ ଚଢ଼ିବାର ଅଛି । ତେଣୁ ଆସ୍ତେ । ଅନ୍ଧାର ଅଳ୍ପ ଅଳ୍ପ ଅଛି । ଷ୍ଟ୍ରୀଟ ଲାଇଟ ଲାଗିଛି ତଥାପି କଛି ଜାଗା ଅନ୍ଧାର, ତେଣୁ ଟର୍ଚ୍ଚ ହାତରେ ଧରି, ଦରକାର ବେଳେ ବ୍ୟବହାର କରି, ନଜ ନଜ ସକ୍ଷମ ଅନୁସାରେ ଚାଲ । ଦରକାର ପଡ଼ିଲେ ଆଉ ଜଣଙ୍କ ପାଇଁ ଅଳ୍ପ ସମୟ ଅପେକ୍ଷା କର । କଥା ବାର୍ତ୍ତା ହେଇ ଚାଲ ଯେ କଷ୍ଟ ଜଣା ପଡିବ ନାହିଁ, ନଚେତ ମୋତେ ଦୋଷ ଦେବନାହିଁ....ଏବେ ଚାଲ....

ପାଞ୍ଚଶହ ପାହାଚ ଅତିକ୍ରମ କଲା ବେଳକୁ, ଯେଉଁ ମାନେ ଅଧିକ ପାୱାର ଅଛି ବୋଲି ଦେଖେଇ ହେଉଥିଲେ ସେମାନେ ଫୁସ...ନା, ଆଉ ଯାଇ ହେବନ....ରହିବା ଟିକେ । ଠିକ

ଅଛି, ମାତ୍ର ପାଞ୍ଚ ମିନଟ, ଅଧିକ ସମୟ ରହିଲେ ପୁଣି ଗ୍ଭଲି ପାରିବାନ। ଢୋକେ ପାଣି ପିଅ, ଯେତେବେଳେ ଶୋଷ ହେବ, ଢୋକେ ରୁ ଅଧିକ ପାଣି ପିଇବା ନାହିଁ। ଆଉ ଅଳ୍ପ ସମୟ ଯାଉ, ହଜାରେ ପାହାଚ ଚଢି ସାରିଲା ପରେ ଅଳ୍ପ ଜଳଖିଆ ଖାଇ, ଢୋକେ ପାଣି ପିଇ ପୁଣି ଚଢ଼ିବା।

ଆସ୍ତେ ଆସ୍ତେ, ହସ, ଖୁସି ମଜା ମଜଲିସ ରେ ତିରିଶ ସେକେଣ୍ଡ, ଗୋଟେ ମିନଟ, ଦୁଇ ମିନଟ ଜଣେ ଅନ୍ୟ ଜଣଙ୍କୁ ଅପେକ୍ଷା କରି, ବିଶ୍ରାମ ନେଇ ପହଂଚ ଗଲୁ ନଅଶହ ପାହାଚ। କାହା ଦେହରେ ଆଉ ଜୀବନ ନାହିଁ। ମୁଁ ବି ଭାବିଲି ଏତିକ ବୋଧେ। ହଉ, ଦେଖା ଯାଉ। ଆଳୁ ଚପସ, ଗୋଟେ ତିରିଶ ଟଙ୍କିଆ ପ୍ୟାକେଟ କୁ ଦଶ ଜଣ, ଢୋକେ ପାଣି, ପାଞ୍ଚ ମିନଟ ର ବିଶ୍ରାମ। ପୁଣି ଗ୍ଭଲ, ୯୦୧, ୯୦୨, ୯୦୩....୧୦୦୦। ମଝିରେ ମଝିରେ ଜଣେ ଅନ୍ୟ ଜଣଙ୍କୁ ଅପେକ୍ଷା ବାହାନା ରେ ତିରିଶ ସେକେଣ୍ଡ, ଗୋଟେ ମିନଟ ର ବିଶ୍ରାମ.....ସେତିକ ହିଁ ଯଥେଷ୍ଟ....୧୦୦୧ , ୧୦୦୨ , ୧୦୦୩ ...୧୫୦୦ .... ବାସ, ରହିବା ଏବେ।

ଆଜିର ପିଲା ମାନଙ୍କୁ selfie, ଫୋଟୋ କଥା କହିଲେ ଶତ ସିଂହ ର ବଳ ଆସିଯାଏ ସେମାନଙ୍କ ଦେହରେ। ମୋଟରୁ ଗ୍ଭଲିବାକୁ ଅକ୍ଷମ, ସମାନ ପଥର ଖଣ୍ଡେ ଦେଖିଲେ କ୍ଷଣେ ବସି ଯିବାପାଇଁ ବାହାନା ଖୋଜୁଥିବା ପିଲା ୧୫୦୦ ପାହାଚ ପରେ ତଳେ ଦେଖାଯାଉଥିବା ଜୁନାଗଡ଼ ସହର ର ଲାଇଟ ସହ ଫୋଟୋ ଉଠେଇବା ପାଇଁ ଡେଇଁ ପଡିଲେ। ଖଗ୍ଭଖଚ ଫୋଟୋ ଉଠା ଗ୍ଭଲିଲା। ଭିନ୍ନ ଭିନ୍ନ ପୋଜରେ, ଭିନ୍ନ ଭିନ୍ନ ଭଙ୍ଗୀ ରେ। ପନ୍ଦର ମିନଟ ଶେଷ। ଏବେ ପୁଣି ଆଉ ୮୫୦୦ ବାକ ଅଛି ଯେ....ସମୟ ସକାଳ ୬.୧୫, ତଥାପି ଅନ୍ଧାର ଥାଏ...... ଅଳ୍ପ କଛି ଫୋଟୋ ଉଠେଇ ପୁଣି ଗ୍ଭଲିଲୁ। ପଶ୍ଚିମ ପଟେ ପୂର୍ବ ଅପେକ୍ଷା ପ୍ରାୟ ଦୁଇଘଣ୍ଟା ବିଳମ୍ବ ରେ ସୂର୍ଯ୍ୟ ଉଦୟ ହୁଏ ଓ ଦୁଇ ଘଣ୍ଟା ବିଳମ୍ବ ରେ ଅସ୍ତ ଯାଏ। ସୂର୍ଯ୍ୟ ଉଦୟ ହେବାକୁ ଆଉ ଅଳ୍ପ ସମୟ। ଆକାଶ ରେ ସିନ୍ଦୁର ଫାଟି ଟିକେ ଟିକେ ଫରଗ୍ଭ ହୋଇ ଆସିଲାଣି। କେତେ ପାହାଚ ଚଢ଼ିଲୁଣି କଛି ହିସାବ ନାହିଁ। ମଝିରେ ମଝିରେ ଲେଖା ହୋଇଥାଏ ବୋଲି ପଢିଥିଲି କନ୍ତୁ ସବୁ ଜାଗାରେ ନୁହେଁ, ତେଣୁ ଜାଣିବା ଅସମ୍ଭବ। ଗ୍ଭଲୁ,

ଦେଖାଯାଉ ଯେଉଁ ଯାଏଁ ଯାଇହେବ। ପିଲାଙ୍କୁ କହିଲି, ଉପରକୁ ଚାଲ, ସୂର୍ଯ୍ୟ ଉଦୟ ଦେଖିବା। ଶୀଘ୍ର ଚଢ଼। ପିଲା ବି ଅଳ୍ପ ଜୋଶ ରେ ଆଗକୁ ମାଡି ଚାଲିଥାନ୍ତି। କିନ୍ତୁ କାହିଁ? ସୂର୍ଯ୍ୟ ତ ଦିଶୁ ନାହାନ୍ତି। ଯେତେ ଉପରକୁ ଗଲେ ବି ଦେଖାଯାଉ ନଥାନ୍ତି। ପାହାଡ଼ ର ପଶ୍ଚିମ ପଟେ ଥାଇ ସୂର୍ଯ୍ୟ ଦେଖିବାକୁ ମନ କଲେ କେମିତି ହେବ? ସୂର୍ଯ୍ୟ, ମଝିରେ ପାହାଡ଼, ପଛରେ ଆମେ। ହତାଶ ହେବାକୁ ପଡିଲା। ତେବେ ଟିମ ଲିଡର ହିସାବରେ ଖରାପ ରୁ ବି ଭଲ ବାଛି ଟିମ କୁ ଆଗକୁ ନେବା ମୋ କାମ ବୋଲି ଜାଣିଛି। ତେଣୁ ମଝିରେ କହି ଉଠିଲି,"ସୂର୍ଯ୍ୟ ନ ଦେଖିଲେ ନାହିଁ, ସେ ହାଓ୍ୱାରେ ଆମେ କିଛି ନହେଲେ ବି ହଜାରେ ଉପରେ ପାହାଚ ଅତିକ୍ରମ କରିଗଲେ"। ମନକୁ ନ ପାଇଲେ ବି ବେଳେବେଳେ ନିଜକୁ ବୁଝେଇବାକୁ ପଡେ। ସେମାନେ ବି ମୁଣ୍ଡ ଟୁଙ୍ଗାରି ନିଜ ନିଜ ସମ୍ମତି ପ୍ରଦାନ କଲେ। ପୁଣି ଚାଲିଲୁ। ଚାଲିଲା ବେଳେ ଗରମ ଲାଗିବା ଯୋଗୁଁ ଜଣେ ପରେ ଜଣେ ସ୍ୱିଟର, ଜ୍ୟାକେଟ ଖୋଲି ଅଣ୍ଟା ରେ ବାନ୍ଧିବା ଆରମ୍ଭ କଲେ। ଅଳ୍ପ ଥଣ୍ଡା, ଅଳ୍ପ ଗରମ ରେ ଚାଲିଲୁ ଆଗକୁ ଆଗକୁ।



(୧୫୦୦ ପାହାଚ ରୁ ତଲେଟି ଓ ଜୁନାଗଡ଼ ର ଦୃଶ୍ୟ)

ସମୟ ପ୍ରାୟ ଆଠଟା। ସୂର୍ଯ୍ୟ ଅଳ୍ପ ଅଳ୍ପ ଦେଖାଗଲେ। ୩୫୦୦ ପାହାଚ ଅତିକ୍ରମ କରି ସାରିଲୁଣି ବୋଲି କାନ୍ଥରେ ଲେଖା ଯାଇଥିବା ଦେଖିବାକୁ ମିଳିଲା। ବହୁତ ଲୋକ ଆମକୁ

ଅତିକ୍ରମ କରି ଆଗକୁ ଚ୍ଚଲି ଯାଉଥାନ୍ତି। ପୁଣି ସେମାନେ ଟିକେ ବିଶ୍ରାମ ନେଲାବେଳେ ଆମେ ଆଗରେ। ଏମିତି ଆଗ ପଛ ର ଖେଳ ଭିତରେ କଏ କଏ ବହୁତ ଆଗକୁ ଚ୍ଚଲିଯାଉଥାନ୍ତି ତ କଏ କଏ ପଛରେ ପଛରେ ରହି ଯାଉଥାନ୍ତି। ବର୍ଷେ ଦୁଇବର୍ଷ ପିଲାଙ୍କ ଠାରୁ ଆରମ୍ଭକରି ସତୁରି, ପଞ୍ଚସ୍ତରୀ ବର୍ଷ ର ବୁଢା ବୁଢ଼ୀ ମାନେ ବି ଚ୍ଚଲୁ ଥାନ୍ତି। କଏ ବାପା କ କାକା ର କାନ୍ଧରେ ବସି ତ କଏ ଭରୁଆ ( ଛୋଟ ପିଲା ଓ ଜିନିଷ ପତ୍ର ବୋହି ନେବା ପାଇଁ ଭରୁଆ ମିଳନ୍ତି ଏଠି) ର କାନ୍ଧରେ। କେହି କେହି ବୁଢା ବୁଢ଼ୀ ଦୋଳା ରେ ବସି ଯାଉଥାନ୍ତି। ( ଯେଉଁ ମାନେ ଚ୍ଚଲି ନ ପାରିବେ, ସେମାନଙ୍କ ପାଇଁ ଦୋଳା ର ବ୍ୟବସ୍ଥା ଅଛି। ଜଣେ ମଣିଷ ର ଓଜନ କୁ ନେଇ ଭଡା ଫାଇନାଲ ହୁଏ। ଦୁଇଜଣ ଲୋକ ସେ ଲୋକଟିକୁ ଦୋଳା ରେ ବସେଇ ବୋହି ନେଇ ଯାଆନ୍ତି, ପୁଣି ତଳକୁ ଆଣନ୍ତି। ଲୋକ ର ଓଜନ ଅନୁସାରେ ୧୨୦୦୦ ରୁ ୨୫୦୦୦ ଯାଏଁ ଦର ଛିଣ୍ଡେ। ତଳୁ ଉପର ଯାଏଁ, ପୁଣି ଉପରୁ ତଳ ଯାଏଁ ସେମାନେ ଗୋଟେ ଭଡା ନିଅନ୍ତି) । ସମସ୍ତଙ୍କୁ ଦେଖି ଦେଖି, ନିଜ ବାଟରେ ନିଜେ ଚ୍ଚଲିଥାଉ। ଅଣଓସାରିଆ ପାହାଚ ଗୁଡିକ ରେ ଲୋକଙ୍କୁ overtake କରି ଆଗକୁ ଯିବାକୁ ଜାଗା କମ ପଡୁଥାଏ। କେହି କେହି ପଛେଇ ଗଲେ କମ୍ବା ଆସ୍ତେ ଆସ୍ତେ ଚ୍ଚଲିଲେ, ନିଜ ବେଗ ବି କମ କରିବାକୁ ପଡୁଥାଏ। ତେଣୁ ଅତି ଗହଳ ରେ ବିଶ୍ରାମ ନେଇ ଲୋକ ଖାଲି ଥିଲାବେଳେ ଚ୍ଚଲିବା କୁ କହିଲି ପିଲାଙ୍କୁ। ନଚେତ କାହା ପଛେ ପଛେ ଗଲେ ସେ ଯଦି ପଛେଇ ଗଲା, ନିଜର ବଳ ଖର୍ଚ୍ଚ ହେବ ସିନା ଆଗକୁ ଯାଇ ହେବନାହିଁ। ତଥାପି ୧୫୦୦ ରୁ ୩୫୦୦ ପର୍ଯ୍ୟନ୍ତ ପାହାଚ ଟିକେ ଅଧିକ ତିଖ ଥିଲା। ଉପରକୁ ଉଠିବା ବେଳେ ଗୋଡ କାଟୁଥାଏ। ତେଣୁ ଅଳ୍ପ ବାଟ ଯାଇ ଟିକେ ବିଶ୍ରାମ ନେଇ ପୁଣି ଉପରକୁ ଉଠୁଥାଉ।


( ଦୋଳା, ଭରୁଆ)



( ୩୫୦୦ ପାହାଚ ରୁ ତଲେଟି ଓ ଜୁନାଗଡ଼ ର ଦୃଶ୍ୟ)

୪୫୦୦ ପାହାଚ ରେ ଜୈନ ମନ୍ଦିର, ଆଉ ମାତ୍ର ୧୦୦୦ ପାହାଚ, ଆମେ ୩୫୦୦ ଅତିକ୍ରମ କରି ସାରିଲେଣି, କଣ ପହଞ୍ଚି ପାରିବା ନ? ? .....ଟିକେ ଅଧିକ ଉତ୍ସୁକତା ର ସହ କହିଲି। ସମସ୍ତେ ମୋତେ ଏମିତି ଦେଖିଲେ ଯେମିତି ଅଫିସ ରେ ବସି ମୁଁ ଫେସବୁକ ରେ ଗପ ପଢୁଛି ଆଉ ସେମାନଙ୍କୁ ଆଠ ଘଣ୍ଟା ର କାମ ମାତ୍ର ଦୁଇ ଘଣ୍ଟା ରେ ସାରିବାକୁ କହୁଛି। ଓଃ...ମୁହଁ ବୁଲେଇ ଆଗକୁ ଯିବାରେ ମନ ଦେଲି....

କ୍ରମଶଃ.....

ଖଲାରୀ, ଅନୁଗୁଳ, ଓଡିଶା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ନବବର୍ଷ



ପ୍ରକାଶ ଚନ୍ଦ୍ର ପଣ୍ଡା

ବିଗତ ବର୍ଷକୁ ଦେଇ ବିଦାୟ
ନୂତନ ବର୍ଷ ଆସେ,
ନୂଆ ସକାଳର ନୂଆ କରଣରେ
ସୂରୁଯ ଉଇଁ ହସେ ।
ଈର୍ଷା, ଦ୍ୱେଷ, ହିଂସାକୁ ତେଜି
ଶେଷରାତି ଯାଉ ପାହି,
ସ୍ନେହ, ପ୍ରେମର ସୁନେଲି କରଣ
ପ୍ରାଣେ ପ୍ରାଣେ ଯାଉ ଛୁଇଁ ।
ମାସ ପରେ ମାସ ତାପରେ ବରଷ
କେତେ ଯେ ଗଲାଣି କଟି,
ପ୍ରତିବର୍ଷ ପରି ନବବର୍ଷ ଆସେ
ନେଇ କଛି ନୂଆ ଭେଟି ।
କେଉଁ ରୂପରେ ହେ ଆସିବ ତୁମେ
ଦିନରେ ଅବା ରାତିରେ,
ଦୁଃଖ ଅବା ସୁଖ କାହାକୁ ଆଣିବ
ଅଜାଡେ ଦେବ ହାତରେ ।
ହେ ନବବର୍ଷ ସ୍ୱାଗତ ତୁମକୁ
ଖୁସିର ପସରା ଆଣି,
ଦୁଃଖୀ ରଙ୍କଙ୍କର ଦୁଃଖ ଦୂରକର
ଅମୃତ ମୁରୁଜ ବୁଣି ॥

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ମନ ହସ୍ତାକ୍ଷର



ପୂର୍ଣ୍ଣଚନ୍ଦ୍ର ରଣା

ଅଜସ୍ର ଭ୍ବନା ଆସେ ସିନା ମନେ ଅମାପ
ତାହାର ଗତି, ଅଜବ ପ୍ରଶ୍ନ ଯେ ଆଣେ ସେ
ସାଉଁଟି ଅସ୍ତବ୍ୟସ୍ତ ହୁଏ ମତି ।୧

ଆସେ ପୁଣି କେତେ କାଳ୍ପନିକ ଭ୍ବ ଆଶା ଠୁ
କେତେ ଅନ୍ତର, ଆଲୋକିତ କରେ ଆପାଦ
ମସ୍ତକ ଲେଖେ "ମନ ହସ୍ତାକ୍ଷର" ।୨

ଇନ୍ଦୁରୁ ଆଣଇ ଶୀତଳ କରଣ ଅବନୀରୁ
ଆଣେ ଶାନ୍ତି, ଗଗନ ବକ୍ଷରୁ ଭସା ବାଦଲକୁ
ଆଣେ ସିଏ ସତେ କାଟି ।୩

ଈଷଣକୁ ଦିଏ କେତେ ଯେ ଇସାର୍ ସେ ସତେ
ହୁଏ ଚଞ୍ଚଳ, ଭଲ କ ଖର୍‌ପ ର୍‌ଇଜରେ
ବୁଲେ ହୋଇଣ ଭ୍ବ ବିହୋଳ ।୪

ଉଚ୍ଛନ୍ନ କରଇ ମସ୍ତକକୁ ସିଏ ଉଡାଏ ସିଏ
ହୋଅସ, କେତେବେଳେ ଲେଖେ ମିଠା

କବିତା ସେ ଯୋଡି ପୁଣି ଅନୁପ୍ରାସ ।୫

ଊର୍ମି ସମ ସିଏ ବହେ ଦରିଆରେ ହୁଏ ସେ

ତଳ ଉପର, କେତେବେଳେ ଉଠେ ଉଚ୍ଚ

ସୋପାନକୁ ଖସେ କେବେ ବାରମ୍ବାର ।୬

ଋତୁ ପରି ପୁଣି ବଦଳାଏ ରୂପ ବାୟୁ ପରି

ଖେଳେ ଖେଳ, ଗ୍ଭରିଦିଗେ ମନ ଘୁରିବୁଲେ

କେବ ଯୋଦ୍ଧା ପରି ତାର ବଳ ।୭

ଏଇ ମନ ଯାହା ଭାବେ ନରଳାରେ ଲେଖେ

ସିଏ ହସ୍ତାକ୍ଷର, କେବେ ରହେ ମନ ପାଖେ

ପାଖେ ପୁଣି କେବେ ଗ୍ଭଲିଯାଏ ଦୂର ।୮

ହାଟସିଂହାପୁର, ଯାଜପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଜୀବନ



ନକତା ନାଗ

ଜିବନଟା ଗୁଟେ
ଦୁଲଭ ଜିନଷ୍ ଟେ
ଆଇ ଇ ଟା ଭଗବାନ
ର ଦାନ
କେଭେ ଦୁଃଖ ତ
କେଭେ ସୁଖ
କାଏଁଜେ ଉଦାସ୍
ହେମି ଇ ମୁନୁଷ୍ ?
ଜିବନ ଟା ଗୁଟେ
ଖୁଲ୍ ଦାଏଁଦାନ
ହେମି ଇନୁ
ଇ ଜିବନ ର ଖେଳ୍
କେଭେ ହାର ତ
କେଭେ ଜିତ୍
କାଏଁଜେ ହାର
ମାନମି ଇ ମୁନୁଷ୍?

"ମାଁ" ଅକ୍ଷର ନୁ
ଇ ଜିବନ୍ ବନଚେ
"ମାଁ" ଅକ୍ଷର ନୁ
ଇ ଜିବନ୍ ଟା ଶେଷ୍
କାଏଁଜେ "ମାଁ"
ଏକ ନାଇ
ପଚରୁଏ ଇ ମୁନୁଷ ?
କେତେ ଘପଡ
ଇ ମୁନୁଷ ଜାଏତର
ଦୁଇ ଦଏସା ହେଲେ
ଗରିବ୍ ଏକ
ନାଇ ପଚରୁଏ ଇ ମୁନୁଷ୍
କାଏଁ ଜେ ଏତେ ଘମଡ
କରଚ ଇ ମୁନୁଷ୍ ଜାଏତ୍?

କ୍ଷେତ୍ରରାଜପୁର, ସମ୍ବଲପୁର

# ମୂଲ୍ୟ



ସୁଧାଂଶୁ ଶେଖର ଦ୍ୱିବେଦୀ

କିଛିଦିନ ତଳେ କେରଳରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟାରେ ଅନେକ ଧନ ଜୀବନ କ୍ଷୟକ୍ଷତି ଘଟିଥିଲା । ବନ୍ୟା ଜଳ କମିବା ପରେ ସରକାରୀ ଅନୁଦାନ ଦଳ କ୍ଷୟକ୍ଷତିର ଆକଳନ କରିବାକୁ ଗାଁରେ ପହଞ୍ଚିଲେ ।

ପାର୍ବତୀ କିଛି କହୁ ନଥାଏ । ରୁଣ୍ଡ ହୋଇଥିବା ଗାଁ ଲୋକଙ୍କ ଭିତରେ ଚୁପ୍ ଚାପ୍ ଠିଆହୋଇ ସବୁ ଶୁଣୁଥାଏ । ସରକାରୀ ଅନୁଦାନ ଦଳ କ୍ଷୟକ୍ଷତିର ପରିମାଣ ଜଣଜଣ କରି ପଚାରି ବୁଝୁଥାନ୍ତି ଓ ଖାତାରେ ସେମାନଙ୍କ ନାଁ ଓ ଠିକଣା ଆଦି ଲେଖୁଥାନ୍ତି । ପାର୍ବତୀର ପାଳି ପଡିଲା । ତାକୁ ଯେତେ ପଚାରିଲେ ବି ଉଁ କି ଚୁଁ କିଛି ଜବାବ ଦେଉନଥାଏ । ମୂକ ଭଳି ଠିଆ ହୋଇଥାଏ ।

ଅନେକ ବୁଝା ସୁଝା ପରେ ସେ ମୁହଁ ଖୋଲି କହିଲା, "ବାବୁ! ବନ୍ୟାରେ ମୋ ମରଦଟା ଭାସିଗଲା । ତା ସହିତ ମୋ କୋଳର ଛୁଆଟା ବି ଭାସିଗଲା । ସେଇ ଦୁଇଜଣଙ୍କ ବଦଳରେ ସରକାର ମୋତେ ଆଉ କି ପ୍ରକାର ଅନୁଦାନ ଦେଇ ପାରିବ! ଦେଇପାରିବେ ବାବୁ! ମୋ ମରଦ ଓ ମୋ କୋଳ ଛୁଆର ମୂଲ୍ୟ ମୋତେ ଦେଇପାରିବେ?

କହୁ କହୁ ସେ ଭେ- ଭେ ହୋଇ କାନ୍ଦୁଥିଲା । ଜଣେ ନିଃସହାୟ ଭରଷାହୀନ ଚରିତ୍ର ଭଳି । ତା ନିଃସହାୟତାର ଲୁହ ତା ହୃଦୟର ଭରଷାହୀନ କୋହ ଉପସ୍ଥିତି ସଭିଙ୍କୁ ସ୍ତବ୍ଧ- ଚକିତ କରୁଥିଲା ।

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

# ଦୁଇଟି ଅଣୁ ଗଳ୍ପ

ଲିନା ରାଣୀ ଧଳ ମଙ୍ଗରାଜ

## ପାପୀ, ମହାପାପୀ

ଅଷ୍ଟମ ଶ୍ରେଣୀର ସମର୍ଥ । ଆଜି ଟିକେ ଛୋଟ ଭୂଲ୍ ଟେ ପାଇଁ ସାର୍ ତାକୁ ବହୁତ ଗାଳି ଦେଲେ । ଅନ୍ୟାୟ ଯେ କରେ ସେ ପାପୀ । ଅନାୟାୟ ଯେ ଚୁପ୍ ଚାପ୍ ଦେଖେ, ମଥାପାତି ସହେ, ସେ ତ ମହାପାପୀ ।

ମୁହଁ ଶୁଖେଇ ଶୁଖେଇ ଘରକୁ ଫେରୁଥିଲା ସମର୍ଥ । ଆଜି ପାଖ ପଡିଆରେ ନେତାଙ୍କ ଭାଷଣ ଶୁଣିବାକୁ ଶହ ଶହ ଲୋକ । ସେ ବି ଟିକେ ନେତାଙ୍କୁ ଦେଖିବାକୁ, ତାଙ୍କ କଥା ଟିକେ ଶୁଣିବାକୁ ସାଇକେଲକୁ ସିଆଡେ ବୁଲେଇଦେଲା । ଶୁଣିଲା, ଶୁଣିଲା, ଭାବିଲା ଜଣେ ପାପୀର ଭାଷଣ ଶୁଣୁଛନ୍ତି ବିଚରା ଶହ ଶହ ମହାପାପୀ ।

## ମୂଲଚାଲ

ଜେଜ ଏଥର ଆମ ଚିହ୍ନରେ ଭୋଟ୍ ଦେବ । ଜିତିଗଲେ ସବୁ ଦାବି ପୂରଣକରିଦେବି ।

ଜନାର୍ଦ୍ଦନର ଏମିତି କଥା ଶୁଣି ଜେଜ ପାନକୁ ଆଉ ଟିକେ ପାକୁଳେଇ ପାକୁଳେଇ କହିଲେ - : "ହଁ ରେ ତୁ ଆଗ ଆମକୁ ଏହି ନୂଆ ଯୋଜନା ଦି ଟାରେ ଅନ୍ତର୍ଭୁକ୍ତ କରିଦେ ତା ପରେ ତୁ ଯୋଉଠି କହିବୁ ମୁଁ ସେଠି ଭୋଟ୍ ଦେବି ।

ମାର୍ଫତ – ଶ୍ରୀ ଏଲ୍. କେ. ମଙ୍ଗରାଜ,
ଶତାବ୍ଦୀ ନଗର, ୟୁନିଟ୍ – ୮, ଭୁବନେଶ୍ୱର

# ନବଧା ଭକ୍ତି



ନରେଶ କୁମାର ତ୍ରିପାଠୀ

ହେ ବିଶ୍ୱନାୟକ ମୁଁ ତୁମ୍ଭ ସେବକ
କୃପାକର ଦୀନବନ୍ଧୁ ହେ ପଦ୍ମମୁଖ
ତବ ପାଦପଦ୍ମ ତଳ ରଖହେ ରଖ ।
ଶୁଣିଶୁଣି ପରୀକ୍ଷିତ ଲଭିଥିଲ୍ ମୁକତିପଥ
ସଂକୀର୍ତ୍ତନ୍ୟ କରି ତରିଗଲ୍ ବ୍ୟାସର ସୁତ ।
ପ୍ରହଲ୍ଲାଦ ସ୍ମରି ତତେ ଲଭିଲ୍ ସୁଖ
କୃପାକର ଦୀନବନ୍ଧୁ ହେ ପଦ୍ମମୁଖ ॥
କଇବର୍ତ୍ତ ପାଦଧୋଇ ଲଭିଗଲ୍ ପରମଲୋକ
ଶବରୀର ଅର୍ଚ୍ଚନାରେ ସୁଖୀହେଲ ରଘୁନାୟକ
ଅକ୍ରୂର ସ୍ତୁତି ଶୁଣିଲ ବିଶ୍ୱପାଳକ
କୃପାକର ଦୀନବନ୍ଧୁ ହେ ପଦ୍ମମୁଖ ॥
ଦାସଭାବେ ହନୁମନ୍ତ ଥିଲେ ତୁମ୍ଭ ଚରଣାଶ୍ରିତ,
ଅରଜୁନେ ସଖାଭାବେ ଦେଲ ଦିବ୍ୟ ଜ୍ଞାନାମୃତ
ବଳୀ ନିବେଦନ ଘେନଲ ହେ ଶ୍ରୀମୁଖ,
କୃପାକର ଦୀନବନ୍ଧୁ ହେ ପଦ୍ମମୁଖ ॥

ଇଛାପୁର, ଡୁଙ୍ଗୁରିପାଲି, ସୋନପୁର

# କଳ୍ପନା ରେ ଅପେକ୍ଷା



ପ୍ରବୀଣ୍ ରମେଶ୍

ସ୍ପର୍ଶହୋଇ ଗ୍ଲିଯାଏ କଏ ଜଣେ ର୍ସ୍ତାରେ
ଆଜି ମୁଁ ତା ସଂସ୍ପର୍ଶରେ ସେ ଅ   ଦେଖାରେ

ତା ପାଇଁ ଦିନ ହୁଏ ତୋ ପାଇଁ ର୍ତି
ତା ଆଗରେ କଛି ନୁହଁ ହୀର୍ ବା ମୋତି

ତା ବିନା ଲ୍ଗୁଛି ମୁଁ ରହିପାରେଁ ନାଁ
ସବୁଅଛି ମୋ ପାଖରେ ସେ ହିଁ ଊଣା

ମୋ ମନ ର୍ଇଜର ସେ ପ୍ରଜାପତି
ଉଡିବୁଲେ କାହିଁପାଇଁ ସେ ଦିନର୍ତି

ଜାଣି ପାରି ନଥିଲି ସେ ମୋ ପାଇଁ ଅଛି
ନାହିଁ ନାହିଁ ବୋଲି କେବେ ହୋଇଯାଇଛି

ସପନ ର୍ଇଜେ ନଇତି ଖୋଜୁଛି ତାକୁ
ପାଉନାହିଁ ସାର୍ର୍ତି ମରୀଚକାକୁ

ଆକାଶ ଜହ୍ନ ଜୋଛନାରେ ଖେଳ ବୁଲୁଛି
ଆଖି ପଲକରେ ଆସି ଗ୍ଲିଯାଉଛି

ମୋ ହୃଦୟର ଗନ୍ତାଘର ତା ପାଇଁ ଅଛି
ଆସିବକ ଅପେକ୍ଷାରେ ଗ୍ହିଁ ରହିଛି । ।

ଗଣ୍ଡାବାହାଲି, ନୂଆପଡ଼ା ।



# ସାଧନା



ମୂଳ ରଚନା ( ବଙ୍ଗଳା) :
ଶ୍ରୀ ଭଗବାନ

ଓଡିଆ ଭାଷାନ୍ତର:
ସନାତନ ମହାକୁଡ

କରିବାକୁ ହେବ ଧ୍ୟାନ ।
ପଢିବାକୁ ହେବ ବେଦାନ୍ତ ।
ଯତ୍ନ ନେବାକୁ ହେବ ଶରୀର ।
ଅଟକାଇବାକୁ ହେବ ଅପଚୟ ।
ଭୁଲିବାକୁ ହେବ ପରକଥା ।
ହେବାକୁ ପଡିବ ସ୍ୱନର୍ଭର, ଅକପଟ ।
ଭଲ ପାଇବା ଅଭ୍ୟାସ କରିବାକୁ ହେବ ।
ହୃଦୟ ବଢାଇବାକୁ ହେବ ।
ରଖିବାକୁ ହେବ ଈଶ୍ୱର, ଗୁରୁ, ଶାସ୍ତ୍ର ଓ ନଜ ଉପରେ ବିଶ୍ୱାସ ।
ହୋଇ ଉଠିବାକୁ ହେବ ପୂର୍ଣ୍ଣ ମଣିଷ ।
ସର୍ବ ଶେଷେ ଛାଡିବାକୁ ହେବ ଆଧ୍ୟାତ୍ମିକତାର ଅହଂକାର ।
"ହରେ କୃଷ୍ଣ" ବୋଲେ ।

ବେରୁଆଁବାରୀ, ନୟାଗଡ, ଓଡିଶା

ଚଳନ୍ତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଖେଳ ନା କାଳ



ସୁଷମା ପରିଜା

ରୁଧି ଗରଗର ହୋଇ ଚୁଲ୍ଲୀ ଟାକୁ ଜାଳୁଥିଲା। ତିନଦିନ ଧରି ମାଟିଆ କୁ ଜର । ବାପା ପାଇଁ ଓଷଦ ଟୋପାଏ ଆଣିବାକୁ କହି କହି ଥକି ଗଲାଣି କିଶୋର କୁ ଯେ ଟୋକାଟା ଶୁଣୁନ। ଏଇଟା ଧାନକଟା ବେଳ, ଦି ପ୍ରାଣୀ ଯାକ ଧାନ କାଟି ଗଲେ ଦି ପଇସା ହାତକୁ ଆସନ୍ତା, ତା' ସହିତ କଳେଇ ବି । ଏଇ ବେଳଟାରେ ବୁଢା ବାଧକା ପଡିଲା ଯେ ସିଏ ଧାନ କାଟି ଯିବ ନା ତା'ର ସେବା କରିବ । ଗୋଟିଏ ବୋଲି ପୁଅ କିଶୋର, ଆସି କୋଡିଏ ବରଷର ହେଲାଣି, ପିଲା ବୁଦ୍ଧି ଛାଡୁନ । ପାଠ ପାଠ ପଢିଲାନ କି କାମ ଧନ୍ଦା ବି କଲାନ, ସବୁବେଳେ ଗାଁ ଟୋକାଙ୍କ ସାଙ୍ଗରେ ମିଶି ତାସ୍ ଖେଳ ଭେଜିଭାତ କରି ଦିନ କାଟିଲା। ବାପ ଟା ପାଇଁ ଗାଁ ଔଷଧ ଦୋକାନ ରେ ପଚାରି ଟିକିଏ ଔଷଧ ଆଣି ଦେ, ଦେ, କହି ତିନ ଦିନ ବିତି ଗଲାଣି ।

ସହର ତଳଆ ଗାଁ ତାଙ୍କର ବାରଙ୍ଗ ର ବେଲଗଛିଆ । ଘାସ କୁ ମୋଟ ଗଛକୁ ଛୋଟ। ଏପଟେ କଟକ କୁ ସେପଟେ ଭୁବନେଶ୍ୱର । ଦୁଇଟି ଯାକ କୁଆଡେ ଉନ୍ନତ ସହର ହେଲେ ରୁଧି ପାଇଁ କିଛି ଫରକ ନାହିଁ । ସେ କାଲି ଯେମିତି ମୂଳପାତି ଲାଗି ଚଳୁଥିଲା ଆଜି ବି ସେମିତି ଚଳୁଛି । ଲୋକେ କହୁଛନ୍ତି ଏଇ ସରକାର ର ଅଠର ବର୍ଷ ର ଶାସନରେ ଓଡିଶା କୁଆଡେ ସୁନା ହୋଇଗଲାଣି । ସେ ଓଡିଶା ଟା କୋଉଠି ରୁଧି ଜାଣି ପାରୁନ ।ତାଙ୍କ ଗାଁ ରେ ଅନେକ ଲୋକ କେତେ ପ୍ରକାର ର ସରକାରୀ ସାହାଯ୍ୟ ପାଉଛନ୍ତି, କାହାର ମାଟି ଘର

ପକ୍କା ହେଉଛି ତ କାହାକୁ ଟଙ୍କିକଆ ଗ୍ଳଉଳ ମିଳୁଛି ମାସକୁ ମାସ। କଏ ମାସକୁ ତିନଶ ଟଙ୍କା ଭତ୍ତା ପାଉଛି ତ କଏ ଆହୁରି କ'ଣ କ'ଣ ସବୁ ପାଉଛି , ହେଲେ ତା' ପାଇଁ କଛି ନାହିଁ । ତା' ସ୍ୱାମୀ ମାଟିଆ ଟିକଏ ଆଲୁଓ୍, କଛି ଛନ୍ଦ ମନ୍ଦ ଜାଣି ପାରେନ । ତା' ନାଁ ବିପିଏଲ୍ ତାଲିକା ରେ ନାହିଁ। ସେଥିପାଇଁ ସବୁ ସରକାରୀ ଯୋଜନା କାଳେ ତା'କୁ ମିଳୁନାଇଁ ବୋଲି ମଙ୍ଗୁଳ ୱାର୍ଡ ମେମ୍ବର କହୁଥିଲ୍ । ନଜ ଭ୍ଗ୍ୟ କୁ ଆଦରି ଗ୍ଧି ସେମିତି ଖଟୁଛି, ଖାଉଛି ।

ଏଇ ଗଲ୍ ମାସ ଠାରୁ କ'ଣ ଗୋଟାଏ ଖେଳ କରୁଛି ସରକାର ଭୁବନେଶ୍ୱର ରେ। ସେଇଠି ଖେଳ ସହିତ ଆହୁରି କେତେ କ'ଣ ମେଳା ଲ୍ଗିଛି ଯେ ଏଇ ଗାଁ ଟୋକା ଯାକ ତା'କୁ ଦେଖି ଯିବା ଲ୍ଗି ଖାଲି ହାଇଁ ପାଇଁ ହେଉଛନ୍ତି । ତାଙ୍କ ସାଥିରେ ମାତିଛି କଶୋର, ସେଇ ଖେଳ ଦେଖି ଯିବ ବୋଲି। ଟିକଟ ଗୋଟାକ ପାଆଁଶ ଟଙ୍କା, ଗାଡି ଭଡା ଆଉ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ତିନଶହ ଟଙ୍କା, ଏମିତି ମୋଟ୍ ଆଠ ଶହ ଟଙ୍କା ଦରକାର ତା'ର । ସେଇ କଥା କୁ ଅଡି ବସି ତିନ ଦିନ ହେଲ୍ ଘରେ ତୁମୁଳ କାଣ୍ଡ କରୁଛି । ଏଡେ ବଡ ଭେଣ୍ଡା ପୁଅଟା ବୁଝି ପାରୁନ ବାପ ମାଆ ଙ୍କର ଦି'ଦିନ ର ହାଡଭଙ୍ଗା ଖଟଣୀ ର ମୂଲ ଆଠ ଶହ ଟଙ୍କା ସେ କେମିତି ଉଡେଇ ଦେବ ହଜର ସଉକ ପାଇଁ । ସେଇ ଗ୍ଗରେ ବାପ ଟା ପାଇଁ ଔଷଧ ଟିକଏ ମଧ ଆଣିବାକୁ ଯାଉନ। ଘରେ ପଶିଲେ ଫୋପଡା ଫିଙ୍ଗା, ଶୋଧା ଶୋଧି କରି ହଟହଟା କରୁଛି । ଆଜି ଅଧାଓଳଆ କାମ କରି ଆସିଲ୍ବେଳେ ମାଟିଆ ପାଇଁ ପବିତ୍ର ବାବୁ ଙ୍କ ଔଷଧ ଦୋକାନ ରୁ କହିବୋଲି ଗ୍ଳରିଟା ବଟିକା ଆଣିଛି ଗ୍ଧି । ସାଗୁ ଟିକଏ କରୁଛି, ଖୁଆଇ ସାରିଲେ ଔଷଧ ଦେବ।

ଏଇ ସମୟରେ ଘରେ ପଶିଲ୍ କଶୋର । କହିଲ୍ "ଦେଖ୍ ମା' ! ଏତେ ଦିନ ହେଲ୍ ମାଗି ମାଗି ପଇସା ଦଉନୁ। କାଲି ମୋ ସାଙ୍ଗମାନେ ସମସ୍ତେ ଯିବେ ଖେଳ ଦେଖି। ଆଜି ତାଙ୍କୁ ଆଗୁଆ ଟଙ୍କା ଦେବାକୁ ହେବ । ଡମ୍ବରୁ ଭ୍ଇ କହିଛି ସେ ଆଜି ଠୁ ଯାଇ ସେଠି ଟିକଟ

କାଟିବ । ଆମେ କାଲି ସକାଳୁ ଯାଇ ପହଞ୍ଚିବୁ । ତୁ ଏବେ ମତେ ଟଙ୍କା ଦେ । ସମସ୍ତେ ଦେଇ ସାରିଲେଣି । ଖାଲି ମୋ'ରି ପାଇଁ ଅପେକ୍ଷା କରିଛନ୍ତି ସେମାନେ" । ନେହୁରା ହୋଇ କହିଲା ରାଧି - କୋଉଠୁ ଆଣିବି ପଇସା ? ଦେଖୁଛୁ ପରା ତିନ ଦିନ ହେଲା ବାପ କତରା ଲଗା ହୋଇ ପଡିଛି । ଖାଇବା ଗଣ୍ଡାକ ମୁସ୍କିଲ । କେତେ ଥର ତତେ କହି ସାରିଲିଣି ରେ ବାପା ! ଆମେ ଗରିବ ଲୋକ । ସେ ଖେଳକୁଦ , ମେଳା ମଉଛବ ସବୁ ବଡ ବଡିଆ ଙ୍କ ପାଇଁ, ଆମ ପାଇଁ ନୁହଁ । କେତେ କଷ୍ଟ କରି ମୂଲପାତି ଲାଗି ଦିନକର ମଜୁରୀ ଆଣୁଛୁ ଆମେ । ସିଏ ଦିନକର ଭାତକୁ କୁଳୋଉନାଇଁ, କାହିଁକି ବୁଝୁନୁ ତୁ । ଘରେ ରୋଗୀଣା ବାପ ଟା ପଡିଛି, ତୁ ଦେଖି ପାରୁନୁ? କେମିତିଆ ପୁଅ ରେ ତୁ? ଘରୁ ଟଙ୍କା ନେଇ ଖେଳ ଦେଖିବାକୁ ଯିବୁ କହୁଛୁ? ତୁ ମଣିଷ ପିଲା ଟି? ଯା, ଯା, ମୋ ଆଗରୁ ପଳେଇ ଯାଆ । ମୋ ପାଖରେ କାଣୀ କଉଡି ଟିଏ ନାହିଁ ।

କ'ଣ କହିଲୁ? ଦବୁନ? ଏଁ, ଦବୁନ? କହି ରାଗ ରେ ଫଁ, ଫଁ, ହୋଇ ଚାଳ ରୁ ଖଣ୍ଡିଏ ବାଉଁଶ ଟାଣି ଆଣିଲା କିଶୋର । ଢୋ କରି ପାହାର ଟାଏ ପକେଇଲା ମାଆକୁ । ମୁଣ୍ଡ ଫାଟି ଧାର ଧାର ରକ୍ତ ବାହାରି ପଡିଲା । "ବୋଉଲୋ" ବୋଲି ଚିତ୍କାର କରି ତଳେ ଗଡି ପଡିଲା ରାଧି । ଘର ଭିତରେ ନିସ୍ତେଜ ହୋଇ ଶୋଇ ରହିଥିବା ମାଟିଆ ଜଳଜଳ କରି ଚାହିଁ ରହିଥିଲା । ତା' ପାଟିରୁ ଶବ୍ଦ ଟିଏ ବାହାରୁ ନଥିଲା । ସିଏ ଭାବୁଥିଲା ଏ ସରକାର ଏତେ ମାଗଣା ଯୋଜନା କରୁଛନ୍ତି, କିଶୋର ଭଳିଆ ଅଭାବୀ ପିଲାଙ୍କ ପାଇଁ "ମାଗଣା ଖେଳ ଟିକଟ" ଯୋଜନା ଟିଏ କରି ନଥାନ୍ତେ ? ? ?

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ - 753004

# ଭଲ କର୍ମ କରି ଚାଲ



ଡମ୍ବରୁଧର ବାଗ

ଯେତେ ଦିନ ଯାଏଁ ରହିଥିବ ପାଶେ
ଈର୍ଷା ଗର୍ବ ଅହଙ୍କାର ।
ଜାତିର ଉନ୍ନତି ଅସମ୍ଭବ ଜାଣ
ହେତୁକର ବାରମ୍ବାର ।
ପରର ଉନ୍ନତି ଦେଖି ଯଦି କେବେ
କରୁଥାଅ ତୁମେ ଈର୍ଷା ।
ନିଶ୍ଚିତ ଜଗତେ ତୁମ ଛଡା ଆଉ
କିଏ ହେବ ଲୋକହସା ।
ଅନ୍ୟର କ୍ଷତିରେ ଯଦି ହସୁଥାଅ
ଏହା ନୁହଁ ତୁମ ଧର୍ମ ।
ପଦାଘାତ ତୁମେ ନିଶ୍ଚେ ହେବ ଜାଣ
କହିରଖେ ତୁମ କର୍ମ ।
ଭାବୁଛ ନିଜକୁ ଅନ୍ୟଠୁ ଚାଲାକ
କରିକରି ଅପକର୍ମ ।
ସେହି ଅପକର୍ମ ତୁମ ପାଇଁ ନିଶ୍ଚେ
ପାଲଟିବ କାଳଯମ ।
ଲୁଚାଉଛ ଯଦି ସତ୍ୟ କୁ ତୁମର
କହି ସଦା ମିଥ୍ୟା ବାଣୀ ।
ଫଳ ତ ଭୋଗିବ ଏଇ ଜନମରେ
ବଞ୍ଚି ଥାଅ ଦିନ ଗଣି ।
ଦୁର୍ନୀତି ପଥରେ ଆଗେଇ ଯିବାକୁ

କରୁଛ ଯଦି ମନସ୍ଥ ।
ହଟିଯାଅ ତୁମେ ପଛକୁ ପଛକୁ
ସୁକାର୍ଯ୍ୟରେ ହୁଅ ନ୍ୟସ୍ତ ।
ନିଜ ହିତ ପାଇଁ ପର କ୍ଷତି କରେ
ଏଇ ଜନମରେ ଯିଏ ।
ନିଶ୍ଚେ ନର୍କ ଭୋଗ କରିଥାଏ ଜାଣ
ମରିବା ଆଗରୁ ସିଏ ।
ଗୁରୁଜନ ସହ ମାତାପିତାଙ୍କୁ ଯେ
ସଦା କରିଚ୍ଛଲ ଭକ୍ତି ।
ଜୀବନ ପଥରେ ଆଗେଇ ଯିବାକୁ
ନିଶ୍ଚେ ମିଳିଯିବ ଶକ୍ତି ।
ଗୁରୁଜନଙ୍କର ବିଶ୍ୱାସରେ ଯଦି
ଯିଏ ଦେଉଥାଏ ବିଷ ।
ତା'ଜୀବନର ଅନେକ କାହାଣୀ
ଅଦିନରେ ହେବ ଶେଷ ।
ଜାଣି ଜାଣି କେତେ ଏଇ ସମାଜରେ
କରିଥାନ୍ତି କେତେ ଭ୍ରମ ।
ସେଇ ଲୋକମାନେ ଦୁଃଖଯନ୍ତ୍ରଣାରେ
କାଟୁଥାନ୍ତି ଇହ ଧାମ ।
ସେଥିପାଇଁ ସଦା ମାନବ ସେବାରେ
ଦିଅ ନିଜ ତନମନ ।
ଗୁରୁ ସାଥେ ଯେତେ ରହିଛନ୍ତି ଜନ
ସଭିଙ୍କୁ ଦିଅ ସମ୍ମାନ ।
ପର ଜନ୍ମକଥା କଏ ବା ଦେଖିଛି
ଏଇ ଜନମ କୁ ଦେଖ ।
ଭଲ କାମ କରି ଏ ମର୍ତ୍ତ୍ୟ ମଣ୍ଡଳେ
ନିଜର ସୁନାମ ରଖ ।

ଚପ୍ରିଆ, ଗୋଲମୁଣ୍ଡା, କଳାହାଣ୍ଡି

# ସୁଖ୍



ବିନୋଦ ବିଶି

ଦିହିଁ ଛଚୁଁ ମୁନୁଷ ସୁଖ୍ ନୁରୁ
ସୁଖ୍ ନୁରିନୁରି ଫୁକୁନ୍ଦୁଲୁ
ହାତର ଅଲସେ ମେଛା ବାଙ୍କ୍
ସୁଖ୍ ନୁରିନୁରି ସୁଖ୍ ନୁରିନୁରି
ଭୁକେ ସୁଇସି ଧଙ୍ଗର୍ ବାଘ ॥

ହଏରେ କଡୋ, ଅବଗା ଢଡୋ
ଜାଙ୍ଗଲ ମହତ ଖିଆ
ନାଇଁ ଅଲସା କରମ କର
ସୁଖ୍ ନାଇଁ ମିଲେ ମାହାଲିଆ ॥

ବିଲ୍ଲସପୁର, ଦେଓଗାଁ, ବଲାଙ୍ଗିର

# ବାପା



ଶିଶିର କୁମାର ପଣ୍ଡା

ସାନପୁଅ ଆଜି ଫୋପାଡ଼ିଲା ଭଳ
ମତେ କହିଦେଲା ପରେ
କଛି ନ କହି ମୁଁ ଅଫିସ ଯାଇନ
ନୀରବରେ ଅଛି ଘରେ ।
ସକାଳୁ ସକାଳୁ ବାପାଙ୍କ କଥାଟା
ମନରେ ପଡୁଛି ଘାରି
କେଜାଣି କେମିତି ଅଛନ୍ତି ଗାଆଁରେ
ଶୁଆସ ଦେଲାଣି ଜାରି ।
ସାନପୁଅ ଭଳ କେତେ କଟୁକଥା
ବାପାଙ୍କୁ ଥିଲି ମୁଁ କହି
ସହିପାରୁନ ମୁଁ, ବାପା ମୋ କେମିତି
ପାରନ୍ତି ଏସବୁ ସହି !
ହସହସ ମୁହଁ ଦେଖିଛି ତାଙ୍କର
ଦିନେବି ଦେଖିନ ଦୁଃଖ
ଆମରି ଖୁସିରେ ସତରେ ଯେମିତି
ପାଆନ୍ତି ସରଗ ସୁଖ ।

ଏତେ ନଅଣ୍ଟିଆ ଜୀବନ ଭିତରେ
ପାରନ୍ତି କେମିତି ହସି
ସତେକ ମାଟିର ଆକାଶଟିଏ ସେ
ଭାବୁଛି ସେବେଠୁ ବସି ।

କୁଆଁସ, ମେରଦା କାଟିଆ, ଯାଜପୁର

# କବିତା...



ସଚ୍ଚିଦା ନନ୍ଦ ବାରିକ

ତମେ କୁହ ନା.....
ତମ ପାଇଁ କଣ ଦି ପଦ ଲେଖେ ବୋଲି !!
ହେଲେ ତମେ କୁହ
କବିତା କୁ କଣ ଲେଖି ହୁଏ
ନା ସବୁ ଅନୁଭବ କୁ ଶବ୍ଦ ରେ ଉତାରି ହୁଏ !!

ତମ କଥା
ବିରହର ଚନ୍ଦ୍ରଗୀତି ତ ନୁହେଁ
ଏକ ମଧୁର ମୁର୍ଚ୍ଛନା
କୋଉ ସାରେଗାମା ଠୁ କମ ନୁହେଁ
ଝୁମିବା ଛାଡିକୋଉ ଭାବି ହୁଏ ଯେ
ନ ଭାବି କଣ ଲେଖି ହୁଏ ଯେ !!

ତମେ ସହ ବିତିଥିବା ମୁହୂର୍ତ୍ତ ସବୁ କୁ ଭୋଗି ହୁଏ ବାରମ୍ବାର
ଆଉ କଣ ମୁହୂର୍ତ୍ତ ସବୁକୁ ଏକାଠି କରି ହୁଏ
ନା ରୋମାଞ୍ଚ କୁ ପାଇ ହୁଏ ସବୁଥର

ରାଗ ରୁଷା ଅଭିମାନ
ଏବେ ତ ନିତିଦିନିଆ ଘଟଣା
କୌଣସି କାରଣ ନ ଥାଏ

ମୋତେ ଭଲ ଲାଗେ ରଷିବାକୁ
ତମକୁ ମନେଇବା କୁ
ତମ କୁ ଭଲ ଲାଗେ ଚଡିବାକୁ
ଆଉ ମୋତେ ଚଡେଇବାକୁ....

ସବୁ କହେଲା ପଣ କୁ କଣ ଉତାରି ହୁଏ
ନା ସବୁ ଭଲ ପାଇବା କୁ ଦେଖେଇ ହୁଏ !!
ତଥାପି ତ ଭଲ ପାଏ
ମୁଁ କଛି ନ କହିଲେ ବି
ତମର ଅନେକ ଜିନଷ ଭଲ ଲାଗେ
ଯାହା କେବଳ ମୁଁ ଜାଣେ
ହୁଏ ତ ଏଠି ଉତାରିବା ସମ୍ଭବ ନୁହେଁ

କଛି ଜିନଷ ଉହ୍ୟ ରହିଯିବା ଭଲ
ଖାତାରେ ନ ଆସି ଅନୁଭବ ରେ ରହିଯିବା ଶ୍ରେୟସ୍କର
ଯହା ପାଇଁ ତମ କୁ ଭେଟୁଥିବି ପ୍ରେମ ରେ ଅନେକ ଥର....

ଗ୍ରାମ/ ପୋଷ୍ଟ – ଝୁମ୍ପୁରା, ଜିଲ୍ଲା- କେନ୍ଦୁଝର, ଓଡିଶା

# ନାହିଁ ନାହିଁ ତୋର ରକ୍ଷା ନାହିଁ !!!



ହରେରାମ ପଣ୍ଡା

ପୁଲଓ୍ୱାମା ଠାରେ ବିସ୍ଫୋରଣ କରି
ବୀର ବୋଲି ଭାବୁ ପାକସ୍ଥାନ !
ଭୁଲି କ ଗଲୁଣି କାରଗିଲ ଦଶା
କୁକୁର ପଣିଆ କେତେ ଦିନ ?
ଘଡ଼ିକରେ ଗଲା ଚୌଚାଳିଶି ପ୍ରାଣ
ଦେଶରେ ପଡ଼ିଲା ହାହାକାର,
କାଶ୍ମୀର ଠାରୁ କୁମାରିକା ଯାଏ
ସଭିଙ୍କ ନୟନେ ଅଶ୍ରୁଧାର ।
ଆକାଶଟା ସତେ ଖସିକି ପଡ଼ିଲା
ଧରା ରସାତଳଗାମୀ ହେଲା,
ନିମିଷକେ ଦେଶବାସୀଙ୍କ ଛାତିରେ
ଦାରୁଣ ଆଘାତ ଦେଇଗଲା ।
ବୀର ଜଓ୍ୱାନଙ୍କ ରକ୍ତରେ ରଞ୍ଜିତ
ବୀର ପ୍ରସବିନୀ ମାଆ କୋଳ,
ନୟନୁଁ ଝରୁଛି ଲୁହ ନୁହେଁ ଲହୁ
ହେବ ନଷ୍ଟେ ତୋ ପାଇଁ କାଳ ।
କାନ୍ଦୁଛି ଏ ଦେଶ, କାନ୍ଦୁଛି ଏ ମାଟି
କାନ୍ଦେ ବନଲତା, ଗିରିଝର,
ଶତର ବିନାଶ ନଦେଖି ଆଖିରେ
ବେଦନା ହେବକ କେବେ ଦୂର?

( କେତେ) ପିତାମାତାଙ୍କର କୋଳ ଶୂନ୍ୟହେଲା
ସନ୍ତାନ ଯେ ହେଲେ ଅନାଥ,
କେତେ ସୀମନ୍ତରୁ ଲିଭିଲା ସିନ୍ଦୁର
ସଂସାର ହୋଇଲା ଧୂଳିସାତ ।
ହିନ୍ଦୁ, ମୁସଲମାନ, ଜୈନ, ଖ୍ରୀଷ୍ଟିୟାନ,
ସକଳେ ଅଛନ୍ତି ଏକହୋଇ,
ପୂଜନ୍ତି ଦିଅଁଙ୍କୁ ମସଜିଦ ମନ୍ଦିରେ
ହତ୍ୟାକାରୀର ଧ୍ୱଂସପାଇଁ ।
ଜାଗିଛି ଏ ଦେଶ, ଜାଗିଛି ଏ ଜାତି
ନାହିଁନାହିଁ ତୋର ରକ୍ଷାନାହିଁ,
ସଂନ୍ତ୍ରାସବାଦୀଙ୍କ ଆଶ୍ରୟଦାତା ତୁ
କୁଆଡ଼େ କେମିତି ଯିବୁ ତୁହି ?
ଜନନୀ ମାଗୁଛି ରକ୍ତ ବଦଳରେ
ରକ୍ତ ଆଞ୍ଜୁଳରେ ଦେବାପାଇଁ,
କରୁଛୁ ସପଥ " ଇଟାର ଜବାବ
ପଥରରେ ନଷ୍ଟ ଦେବାପାଇଁ ।"

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
ମଧୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର

# ସହିଦ ସ୍ମରଣେ



ଡ଼ି ଶୁଭମ୍

ନିର୍ବିକାର ଏ ଜୀବନ । ନିରଳସ ଏ ଜୀବନର ସ୍ୱପ୍ନ । ଶାଣିତ ସୂର୍ଯ୍ୟର ପ୍ରତିଭାରେ ପ୍ରତିଭାତ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ । ଏଠି ଫଲଗୁର ବାସ୍ନା ଥାଏ ତ ପୁଣି ବସନ୍ତର ସୌନ୍ଦର୍ଯ୍ୟ । ଏ ଜନଜୀବନ ଟା ନୀରବ ନିଥର ପ୍ରାୟ । ତମସାର ଗହ୍ୱର ଭିତରେ ପ୍ରସ୍ଫୁଟିତ ହୁଏ ମାଧୁର୍ଯ୍ୟ । ମଧୁରତାର ନିବିଡ଼ ସମ୍ପର୍କ ଏଠି ଜୀବନ୍ୟାସ ପାଏ । ଜୀବନର ରଙ୍ଗମଂଚ ସବୁବେଳେ ରଙ୍ଗୀନ । ଏ ମଂଚରେ ଗ୍ଢଲେ ନାଟକର ପରାକାଷ୍ଠା । ଅସୁମାରୀ ସୁଷମାରେ ସୁସଜ୍ଜିତ ଭାରତମାତା । ଭାରତ – ଏ ନାଁରେ ଭରିରହିଛି ଆତ୍ମୀୟତା । ଏଇ ଭାରତବର୍ଷର ସୁରକ୍ଷାପାଇଁ ସେନାରେ ଜଗିରହନ୍ତି ସେନାବାହିନୀ । ସେ ନିଦାଘର ଉଷ୍ଣତା ହଉ କି ଶୀତର ପ୍ରକୋପ ସବୁ ସମୟରେ ନିଜକୁ ପ୍ରସ୍ତୁତ ରଖିଥାନ୍ତି ସେନାବାହିନୀ । ଯେଉଁମାନଙ୍କ ପାଇଁ ଆମେ ଘଡ଼ିଏ ଶାନ୍ତିରେ ଶୋଇପାରୁ ସେମାନଙ୍କ ରକ୍ଷା ବି ଆମ କର୍ତ୍ତବ୍ୟ ହେବା ବିଧେୟ । ସେଥି ପାଇଁ କୁହାଯାଏ –

ଏ ମହା ଜୀବନ ସୂର୍ଯ୍ୟ ସାରଥୀ
ଅନ୍ଧତମସା ଫୁଲ, ତୁମରି ଛନ୍ଦେ ତୁମ ସୁଗନ୍ଧେ ଲଭିଛି
ଏ ଜାତି ମୂଲ ।

ଏକବିଂଶ ଶତାବ୍ଦୀର ରଥ ଏବେ ବିପର୍ଯ୍ୟସ୍ତ । ମାନବ ଏକ ସାମାଜିକ ପ୍ରାଣୀ । ନିଜ ଜୀବନ ଜୀଇଁବା ପାଇଁ ସକଳ କାର୍ଯ୍ୟ ମଣିଷ ଏଇ ସମାଜ ନିମିତ୍ତ କରିଥାଏ । ଜାତିପ୍ରତି ଅନୁରକ୍ତ ଏ ମାନବ ସମାଜ । ମାନବିକ ମୂଲ୍ୟବୋଧର ବିକାଶ ଘଟାଇ ରାଷ୍ଟ୍ରର ଉନ୍ନତିରେ

କାର୍ଯ୍ୟ କରିବା ସଭିଙ୍କ କର୍ତ୍ତବ୍ୟ ହେବା ଆବଶ୍ୟକ । କିନ୍ତୁ ଏପରି ପରିସ୍ଥିତିରେ କେତେକ ବର୍ବର ହିଁ ଦେଶ ପାଇଁ ସୃଷ୍ଟି କରିଛନ୍ତି ବିଷର ବଳୟ । ଏମାନେ ହେଲେ ଦେଶର ମହାଶତ୍ରୁ । ଦେଶର ଶାନ୍ତିଶୃଂଖଳାକୁ ବିପର୍ଯ୍ୟସ୍ତ କରିବାରେ ଏମାନେ ମାହିର । ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଆକ୍ରମଣାତ୍ମକ ପନ୍ଥାକୁ ବି ଆପଣାନ୍ତି । ବନ୍ଧୁକର ଟ୍ରିଗର ସେମାନଙ୍କର କଥା କହେ । ନରରକ୍ତ ପିପାସୁ ଏ ଆତଙ୍କବାଦୀ ଗୋଷ୍ଠୀ ଏ ସମାଜ ଓ ରାଷ୍ଟ୍ରପାଇଁ ବିପଦର ସଂକେତ ।

କାଶ୍ମୀର ଭାରତର ଭୂସ୍ୱର୍ଗ । ବିଶ୍ୱର ନନ୍ଦନକାନନ ଆଉ ନିତ୍ୟ ନୂତନ ଅପୂର୍ବ ଶୋଭାରାଶିରେ ଭରପୁର କାଶ୍ମୀର । ଏଥିରେ ବିମୋହିତ ହୋଇ ଯେ କେହି ବି ଏହାକୁ ନେବାକୁ ଇଚ୍ଛା ପ୍ରକଟ କରିବ । ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ କାଶ୍ମୀର ଏକ ପ୍ରମୁଖ ସମସ୍ୟା । ତେବେ ପାକିସ୍ତାନର ଏ ବର୍ବର ବୁଦ୍ଧି ପାଇଁ ଆମ କାଶ୍ମୀରକୁ କଣ ପାଇଁ ଦୁର୍ଦଶା ଭୋଗିବାକୁ ପଡ଼ିବ? ଭାରତୀୟ ସେନା ସବୁଠୁ ଶକ୍ତିଶାଳୀ ସେନା । ଦେଶମାତୃକାର ରକ୍ଷା ନିମନ୍ତେ ଆମ ବୀର ଯବାନ ସଦାବେଳେ ପ୍ରସ୍ତୁତ । ପାକିସ୍ତାନୀ ମାନେ ସବୁବେଳେ କାଶ୍ମୀର ପ୍ରସଂଗ ନେଇ ଯୁଦ୍ଧ କରିଆସୁଛନ୍ତି । ତେବେ ଭାରତୀୟ ସେନା ସବୁବେଳେ ଦୃଢତାର ସହ ସେସବୁର ମୁକାବିଲା କରୁଛି । ମାତ୍ର ଉଦାରତାର ସୁଯୋଗ ନେଇ ସେମାନେ ବଳ ଦୁହେଁ ବରଂ ଛଳନା କରି ଆକ୍ରମଣ କରୁଛନ୍ତି । କାରଗିଲ ଯୁଦ୍ଧ ପରେ ବି ଆଜି ମଧ୍ୟ ଠିକ୍ ସେମିତି ଅବସ୍ଥା । ଭାରତର ଅସାଧାରଣ ଉଦାରତାର ସୁଯୋଗ ନେଇ ଆକ୍ରମଣ କରିବାରେ ଲାଗିଛନ୍ତି ।

ଉରି ଆକ୍ରମଣର କିଛିଦିନ ପରେ ସେପ୍ଟେମ୍ବର ୨୯ରେ ଆରମ୍ଭ ହୋଇଥିଲା ସର୍ଜିକାଲ ଷ୍ଟ୍ରାଇକ୍ । ସଫଳତାର ସହ ପାକିସ୍ତାନୀ ମାନଙ୍କୁ ଧୂଳିଚଟେଇ ଆସିଥିଲେ ଭାରତୀୟ ବୀର ଯବାନ । ଏତେ ସବୁ ପରେ ବି ସେ ନରରାକ୍ଷସ ମାନଙ୍କର ବିଗ୍ଭର ଓ ବିବେକର ପରିବର୍ତ୍ତନ ହେଲାନାହିଁ । କଥାରେ ଅଛି ପ୍ରକୃତି ନୈବ ମୁଚ୍ୟତେ । ଠିକ୍ ସେହିପରି ଏ ରକ୍ତପିପାସୁ ମାନେ ଫେବୃଆରୀ ୧୪ ଶ୍ରୀନଗର ପୋଲଓ୍ୱାମା ଠାରେ ଆରମ୍ଭ କରିଦେଲେ ନରସଂହାର ପର୍ବ । ଆଖି ପିଛୁଳାକେ ଟଳି ପଡ଼ିଲେ ୪୪ ଜଣ ବୀର ଯବାନ । ସାରା ବିଶ୍ୱ

ସେଇ ଦିନ ପ୍ରେମର ବନ୍ଧନରେ ଉବୁଟୁବୁ ଥିଲା ବେଳେ ଏ ଦୁଖଦ ଖବର ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା । ଛାତି ଫାଟିପଡୁଥିଲା ଯବାନଙ୍କ ପରିବାର ଲୋକଙ୍କର । ସାରା ଭାରତ କିଛି ସମୟ ପାଇଁ ହତବାକ ହୋଇପଡ଼ିଥିଲା । ଯୋଜନାବଦ୍ଧ ଭାବେ ଆକ୍ରମଣ କରି ଖସିଯାଇଥିବା ସେ ବର୍ବର ରାକ୍ଷସ ମାନଙ୍କୁ ବନ୍ଧୁକ ମୁନରେ ଜବାବ ଦେବା ଆବଶ୍ୟକ । ପୁଣି ଥରେ ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ୍ କରି ମୁହଁରେ ଉତ୍ତର ଦେଇ ଚେତେଇ ଦେବାକୁ ହବ । ସବୁ ସମୟରେ କାଶ୍ମୀରକୁ ନେଇ ଆକ୍ରମଣ । ଆଜି ସେ ବୀର ଯବାନର ଝିଅ ନିଜ ବାପାଙ୍କୁ ଦେଖିପାରିଲାନି, ଘରେ ଘରେ ବାପ, ମା, ସ୍ତ୍ରୀ ସମସ୍ତେ ଅପେକ୍ଷା କରିରହିଥିଲେ । ସତରେ ଏ ରାକ୍ଷସ ମାନଙ୍କୁ ଟ୍ରିଗର ମୁନରେ ଜବାବ ଦେବା ଆବଶ୍ୟକ । ଜୀବନ ସଂଗ୍ରାମରେ ହାରିନାହାନ୍ତି ଆମ ବୀର ଯବାନ । ହେଲେ ଚତେଇ ଦେଇଗଲେ ସେ ନରରାକ୍ଷସ ମାନଙ୍କୁ ବୀରତ୍ୱର ପରିଭାଷା ।

ସମୟ ଆସିଛି ପ୍ରତିଶୋଧ ନେବାର । ଏଥର ଏମିତି ପ୍ରତିଶୋଧ ନିଆଯିବ ଯେମିତି ସେମାନେ ଆକ୍ରମଣ ପୂର୍ବରୁ ଶହେଥର ଭାବିବେ । ମୋ ବୀର ଯବାନ ଭାଇଙ୍କୁ ମୋର ଶତଶତ ପ୍ରଣାମ ।

ସମ୍ପାଦକ- ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର, ଭଦ୍ରକ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସମ୍ପର୍କ

ଦିପ୍ତିଶିଖା କର

ସମ୍ପର୍କ ଅଟେ ଭଲପାଇବାର ଏଥିରେ ନାହିଁ ସନ୍ଦେହ,
ଦୁନଆି ଅଟେ ସ୍ୱାର୍ଥର ଏଥିରେ ନାହିଁ ସନ୍ଦେହ ।
ସତ, କେହି ନୁହଁନ୍ତି କାହାର,
ପରମପିତା ପରମାତ୍ମା କେବଳ ନଜର ।
କୌଣସି ସମ୍ପର୍କ, ସମସ୍ତ ମେଞ୍ଚାଏ ସ୍ୱପ୍ନ,
ସ୍ୱାମୀ- ସ୍ତ୍ରୀ, ଭ୍ରାତା- ଭଗ୍ନୀ କେହି ନୁହଁନ୍ତି କାହାର ।
ସମ୍ପର୍କ ଅଟେ ବିଶ୍ୱାସର, ଭରଷାର ଓ ତ୍ୟାଗର,
ସମ୍ପର୍କକୁ ଅପଣାଇ ନେବା ଦାୟିତ୍ୱ ମଣିଷର ।
କାୟାର ମେଳ, ମାୟାର ଖେଳ
ତାହା ଆଗେ ଭାଙ୍ଗି ଯାଉଛି ସମ୍ପର୍କର ମେଳ ।
ସମସ୍ତ ସମ୍ପର୍କ ବେକାର,
କାହିଁକି ମିଛରେ କରୁଛ ଚକ୍କର,
ପ୍ରଭୁଙ୍କୁ କର ନଜର,
ଭବୁ ହୋଇବୁ ପାର, ଭବୁ ହୋଇବୁ ପାର ।
କବିର ଲେଖନ ନୁହଁଇ ମିଥ୍ୟା,
ଯୁଗେ ଯୁଗେ ରହୁ ସମ୍ପର୍କ ଗାଥା ।

ଉଦ୍ଭିଦ ବିଜ୍ଞାନ ଛାତ୍ରୀ
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଯାଜପୁର

# କଳଙ୍କିତ ଜହ୍ନ



ଶୁଭସ୍ମିତା ବେହେରା

ଆସ ନାହିଁ ତୁମେ

କାରଣ

ତୁମ ଆଗମନରେ

ମୋର ଆପତ୍ତି ନଥିଲେ ବି

ସ୍ୱାଗତ ନିମନ୍ତେ ଆଗ୍ରହ ନାହିଁ

ସେ ଦିନ, ସେ ତିଥି, ସେ ମାସ ଆଉ ନାହିଁ,

ଯେ, ମୁଁ ତୁମ ଆସିବାକୁ ଚାହିଁ ରହିବି ...

ସେ ସମୟ ତ ଚାଲି ଯାଇଛି ଅନେକ ଦିନୁ

ଯେବେ ଥିଲି ମୁଁ ଉଲ୍ଲସିତ..

ହଁ ପରା, ଆଜି କିଛି ଅଲଗା..

ବଦଳିଛି ସମୟ, ଆଉ ତାର ରଂଗ ଢଙ୍ଗ...

ମୁଁ କିନ୍ତୁ, ସେମିତି ନରୀହ ମୃଗୁଣୀ ହେଇ

ଚାହିଁ ରହେ ସେ ଅତୀତ ର ପାଖୁଡାକୁ...

ଦେଖୁନାହିଁ ଆଉ, ଚାନ୍ଦିନୀ ରାତିର ସେ ଜହ୍ନ,

ନା, ରାତି ରାତି ଉଜାଗର ହେଉଛି
ତୁମ ସ୍ୱର ଶୁଣିବାକୁ...
ତୁମେ ମୋ ପାଇଁ କେବେଠୁ
ଅପହଞ୍ଚ ଇଲାକା ସାଜି ସାରିଛ...
ଅବଶ୍ୟ
ଅସମ୍ଭବ ବି ସମ୍ଭବ ହୁଏ ବେଳେବେଳେ
କିନ୍ତୁ,
ତୁମେ ସେ ସବୁର ଊର୍ଦ୍ଧ୍ୱରେ...
ତୁମେ ମୋ ପାଇଁ ସେଇ ଜହ୍ନ
ମୁଁ ପରା ହାତ ବଢାଉଥିବା ବାମନ...
ଜହ୍ନ ଭାରି ଭଲ ଲାଗେ,
ଥିଲେ ସେଥିରେ କଳଙ୍କ
ସେ ଲାଗି ଥିଲ ପରା ତୁମେ ପ୍ରିୟ...
ଏବେ ବି ତ ଅଛ,
ଆଗରୁ ରହିଥିଲ
ଆଗକୁ ବି ରହିଥିବ....

ଉଦୟନାଥ ଅଟୋନୋମସ କଲେଜ ( ଅଡଶପୁର)
ଜେନାପୁର, ଜାଜପୁର, ଓଡିଶା

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ୧୨- ସୁଖ ଦୁଃଖର ମିଶ୍ରଣ

ବାପା, ନାନୀ ଦୁହେଁ କଟକ ଯାଇଛନ୍ତି । ବଡନନାଙ୍କ ବାହାଘର ପାଇଁ ଝିଅ ଦେଖିବାକୁ । ବାହାଘର ପରେ ଆମ ଘରକୁ ନୂଆବୋଉ ଆସିବେ । କେଡେ ମଜା ହେବ । ପଦୁ ନାନୀ, ଦୁରିଆ ନାନୀ, ଟୁନ କେତେ ଫୁଟାଣୀ ମାରନ୍ତି । ତାଙ୍କ ନୂଆବୋଉ ମାନେ ତାଙ୍କୁ ଦିନ ରାତି ସଜାଉ ଥାଆନ୍ତି । କେଡେ ଗେହ୍ଲା କରନ୍ତି । କହନ୍ତି, ସାନ ନଣନ୍ଦ ମାନଙ୍କ ଜରିଆରେ ସେମାନେ ପରିବାରର ସମସ୍ତ ସଦସ୍ୟଙ୍କ ମନ ଜିତି ପାରନ୍ତି । କହିବି, "ତୁମେ ମନ ଭରି ସୁଶୀନାନୀ କୁ ସଜା । ମୋର ଖାଲି ଦୁଇଟା ବେଣୀ ବାନ୍ଧିଦେବ ।"

ସୁଶୀନାନୀ ପ୍ରତିବାଦ କଲା, ଆମ ନୂଆବୋଉ ସହରୀ । ନୂଆ ନୂଆ ଡିଜାଇନ୍ ରେ ଆମକୁ ସଜାଇବେ । ତୁ ଜମା ମନା କରିବୁନ । ପ୍ରଥମ ଦିନରୁ ଯାହା ଅଭ୍ୟାସରେ ପଡିବ ତାହା ସବୁଦିନ ପାଇଁ ରହିବ । ତୁ ଜମା ବାହାଦୂରୀ ମାରିବୁନ । ସେଥିରେ ଆମର କ୍ଷତି ହେବ ।

ପଦୁ ନାନୀ ନୂଆବୋଉଙ୍କୁ ଭଲ ସିଲେଇ ଆସେ, ଦୁରିଆ ନାନୀ ନୂଆବୋଉକୁ କାନ୍ଦଣା ଆଉ ଟୁନ ନୂଆବୋଉକୁ ଭଲ ରନ୍ଧା । ଆମ ନୂଆବୋଉ ସବୁ ଗୁଣରେ ପରିପୂର୍ଣ୍ଣା ବୋଲି ବାପା ସେଦିନ ଅନ୍ୟମାନଙ୍କ ପାଖରେ ବଖାଣି ହେଉଥିଲେ ।

ଧେତ୍, ତୁ ଗୋଟାଏ ମସ୍ତବଡ ମୂର୍ଖ । ଆମ ନୂଆବୋଉ ସହରୀ । ସେ କାହିଁକି କାନ୍ଦଣା ଜାଣିଥିବେ! ପାଠୋଇ ନୂଆବୋଉ, ପାଠ ପଢାରେ ତାଙ୍କର ଦିନ ଯାଉଥିବ । ସେ କ'ଣ

ରାନ୍ଧିବାକୁ ସମୟ ପାଉଥିବେ । ବାପା କହୁଥିଲେ ସେ କଲେଜ ପାସ୍ କରିଛନ୍ତି । ମୁଁ ମୂର୍ଖ, ଆଉ ତୁ? କଲେଜ ପାସ୍ ନୁହେଁ, ଆଇ.ଏ ପାସ୍ କରିଛନ୍ତି । କେତକୀ ଦିଦିଙ୍କ ଭଳ ।

ବାପାଙ୍କୁ ଦେଖିଲୁ! ଆମକୁ ପଢାଇଲେନ, ବୋହୂ ଆଣିବେ ପାଠୋଇ । ସିଏ ଆମକୁ ପାସଙ୍ଗରେ ପଗ୍ଭଇବେ?

ତୁ ଜାଣିନୁ, ବେଶୀ ପାଠ ପଢିଲେ ଗତି ବିଧି ସବୁ ବଦଳଯାଏ । ଅପାଠୋଇ ମାନଙ୍କ ଭଳ "ଅଳ୍ପ ବିଦ୍ୟା ଭୟଙ୍କରୀ" ନୁହେଁ ।

ତୋର ଏଇ ଗୁଣ ଯୋଗୁ ତତେ ନାନୀ ସବୁବେଳେ ବୋକୀ କହେ । ଏ ସଂସାରଟା ଯାକର ମଣିଷ ତୋ ପାଇଁ ଭଲ । ଗ୍ଭଲାକ, ଚତୁର ନ ହେଲେ ତତେ ସମସ୍ତେ ବିକ ଖାଇଯିବେ ।

ବିକ ଖାଇଯିବେ? ମଣିଷ କ'ଣ ବିକ୍ରୀ ହୁଅନ୍ତି? ? ତୋର କଛି ବୁଦ୍ଧି ନାହିଁ । ରବିବାର ହାଟରେ ଗାଇ ବିକ୍ରୀ ହୁଅନ୍ତି! ମୁଁ କ'ଣ ଗାଇ?

ତୁ ଗୋଟିଏ ଗୋବର ଗଣେଶ । ଖାଲି ଗୁଡେ ପୁଗ୍ଭଣ ପଢି ଜ୍ଞାନ ଅର୍ଜି ପକେଇଛୁ ।ମାତ୍ର ତାହା ହେଉଛି ପୋଥି ବାଇଗଣ । ବାଡି ବାଇଗଣ ଆଉ ପୋଥି ବାଇଗଣରେ ବହୁତ ଫରକ୍ ।

ମୁଁ ଗୋବର ଗଣେଶ ତ ତୁ ଗବଗଛ । ମୁଁ ବାଇଗଣ ଆଉ ତୁ କଲଗ୍ଭ

କଲଗ୍ଭ ରୁ ମନେ ପଡିଲ୍ଭ । ମୁଁ ଆଜି ସକାଳେ ବଗିଗ୍ଭରୁ କଲଗ୍ଭ ତୋଳ ଆଣିଥିଲି । ବାପା, ନାନୀ ଭଲକାମ ପାଇଁ ବାହାରକୁ ଯାଉଛନ୍ତି ବୋଲି ପିତା ଆଜି ରନ୍ଧା ହେଲ୍ଭନ । କାଲି ଭରଣି କଲଗ୍ଭ ତିଆରି କରି ଖାଇବା ।

କାଲି କାହିଁକ, ଆଜି ।

ଗ୍ଭତିରେ ପିତା ଖାଆନ୍ତି ନ ।

ଖାଇଲେ କ'ଣ ହେବ?

ସେ ସବୁ ନାନୀକୁ ପଗ୍ଭରିବୁ । ମୋ ମୁଣ୍ଡ ଖାଆନ ।

ଆଜି ଗ୍ଭତିରେ ଆମେ ଦୁଇଜଣ ଘରେ ଏକା ଶୋଇବା! ଡର ଲ୍ଗିବନ?

ଘର ଭିତରେ ଡର କ'ଣ?

ଭୂତ ।

ଭୂତ ଘର ଭିତରକୁ କାହିଁକ ଆସିବ ।ସିଏ ବରଗଛରେ ତା ବସାରେ ରହିବ ।

ତୁ ଜାଣିଛୁ ବରଗଛରେ ତା ବସା ଅଛି ।

ନାଁ, ଗୁରୁମା କହିଛନ୍ତି ସେ ଫାଙ୍କା ଜାଗା ଦେଖିଲେ ବସା ବାନ୍ଧେ ।

ଯେତେ ସବୁ ବାଜେ କଥା କହି ନଜେ ଶୋଇବୁ ନାଁ ମତେ ଶୁଆଇଦେବୁ । ଶୋଇପଡ, ମତେ ବହୁତ ନଦ ଆସିଲ୍ଣି । କହି ଲଣ୍ଠନର ତେଜ କମ୍ କଲ୍ ସୁଶୀ ନାନୀ ।

ଟେବୁଲ୍ ଘଡିକୁ ଗ୍ଭହିଁଲି, ବାରଟା ବାଜି ଦଶ ମିନଟ୍ । ଅର୍ଥାତ ଅଧଗ୍ଭତି, ଭୂତ ଅଧ ଗ୍ଭତିରେ ତା ଶୀକାର ଖୋଜିବାକୁ ବାହାରେ । ଉପର ଗ୍ଭଳ ଆଡକୁ ଧିରେ ଗ୍ଭହିଁଲି । ଆଃ- - ଭୂତ ।

କ'ଣ ହେଲ୍? ନଦ ମଳ ମଳ ସ୍ୱରରେ କହିଲ୍ ସୁଶୀନାନୀ ।

ଏଇ ଦେଖ୍ ଭୂତ ବସିଛି ।

ଏଇଟା ଗୋଟାଏ ଭୂଆଁ ବିଲେଇ । ଅମାର ପାଖରେ ମୂଷା ଧରିବାକୁ ଜଗି ବସିଛି ।

ଡରରେ ଜମା ଶୋଇ ପାରୁନ । କେତେବେଳେ ଲଣ୍ଠନର ତେଜ ବଢାଉଛି ତ ପୁଣି ଧିରେ-ଆଉଥରେ ଘଡିକୁ ଗ୍ଚହିଁଲି । ତିନଟା ବାଜି କୋଡିଏ ମିନଟ୍ । ହାଇ ଉପରେ ହାଇ, ମାତ୍ର ଶୋଇ ପାରୁ ନ ଥିଲି ।

ଜଲ୍‌ଦି ଉଠ୍ ସୁଶୀନାନୀ ।

ପୁଣି କ'ଣ ହେଲା?

ଗ୍ଚଲ୍ ଠାକୁର ଘରେ ଶୋଇବା । ସେଠିକୁ ଭୂତ ଆସିବନ ।

ଆଖି ବନ୍ଦ କରି ତକଆ ଦୁଇଟା ଧରି ଗ୍ଚଲିଲା ସୁଶୀନାନୀ, ପଛେ ପଛେ ମୁଁ ।

ବାହାଘର ଦିନ ସ୍ଥିର କରି ବାପା, ନାନୀ ଗାଁକୁ ଫେରି ଆସିଛନ୍ତି । ଜୁଲାଇ ବାର ତାରିଖ ବାହାଘର । ଘରେ ଭିଡ ଜମିଛି । ଛାତି ଫୁଲାଇ ବାପା ବଖାଣି ଗ୍ଚଲିଥାଆନ୍ତି, ସମୁଦି ମୋର ସୁନା ମୁଠା ଖଠେ । କ ଆପ୍ୟାୟିତ ବ୍ୟବହାର । ରେଭେନ୍‌ସା କଲିଜିଏଟ୍ ସ୍କୁଲ୍‌ରେ ହେଡ୍ ମାଷ୍ଟର । ବଡପୁଅ ସିନେମାରେ । ଦ୍ୱିତୀୟ ପୁଅ ଇଞ୍ଜିନୟର, ତୃତୀୟ ଡାକ୍ତରୀ ପଢୁଛି । ବଡ ଜୋଇଁ ପୁଲିସ ।

ଆମ ପୁଅ କୋଉ କମ୍ କି? ମୁଁ କହି ରଖୁଛି ନନା, ଆମ ପୁଅ ଆଗରେ ସମସ୍ତେ ମାନ୍ଦା ପଡିଯିବେ । ଦଶରଥ ପିଉସା କହିଲେ ।

ବାହାଘର ପାଇଁ ଜୋର୍ ସୋର୍ ରେ ତିଆରି ଗ୍ଚଲିଛି । ସଂପୂର୍ଣ୍ଣ ଗାଁ ବାସୀଙ୍କର ଗୋଡ ତଳେ ଲାଗୁନ । କଟକରେ ବାହାଘର ହେବ । ଘର ଭଡା ନଆ ସରିଲାଣି । ଗାଁ ବାସୀଙ୍କ ପାଇଁ ଟ୍ରେନ୍ ରେ ଟିକେଟ୍ କରା ହୋଇଛି । ହରିଜନ ସାହି, ଧୋବା ସାହିରୁ ବହୁ ଜଣ ଯିବାକୁ ଇଚ୍ଛୁକ । ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବସ୍ ଯୋଗାଡ ହୋଇଛି ।ସେଇ ବସ୍ ରେ ଗ୍ଚଉଳ, ନଡିଆ ପ୍ରଭୃତି ବହୁ ଜିନଷ ମଧ ଯିବ । ଗ୍ଚରିଦିନ ପୂର୍ବରୁ ସମସ୍ତେ କଟକ ପହଞ୍ଚି ଗଲେ । ବଡ ଧୂମ୍‌ଧାମରେ ସବୁ କଛି ଆୟୋଜନ ହେଉଛି । ସମସ୍ତଙ୍କୁ ଅଲଗା ଅଲଗା କାମ ସମର୍ପି ଦିଆଯାଇଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା । ଜମିଦାର ବାବୁଙ୍କ ପୁଅ, ପୁଣି ବଡ

ଅଫିସର- - କ'ଣ ଏମିତି ସେମିତି କଥା କଛି ଯେମିତି କେଉଁଥିରେ ତ୍ରୁଟି ନ ହୁଏ । ନାନୀ ଉପରେ ଭଠାର ଘର ଦାୟିତ୍ତ୍ୱ । ବିଗୁରୀ କେଉଁ ଉତ୍ସବରେ ବି ଯୋଗ ଦେଇପାରୁନ । ମଙ୍ଗଳ ହାଠି ବସିଲା । ଏବେ ବୋହୂର ଗହଣା ଗାଣ୍ଠି ନେଇ ଦେବୀ ମଙ୍ଗୁଳବା ପାଇଁ ସ୍ତ୍ରୀ ଲୋକମାନେ ବାହାରିଲେ । ଶଙ୍ଖ, ହୁଳହୁଳର ନାଦରେ ଘରଟା ଯେମିତି ପଡୁଛି ଉଠୁଛି । ମୁଁ ପୂର୍ବରୁ ଯାଇ ନାନୀକୁ ଭଠାର ଘରେ ତାଲା ପକାଇ ବାହାରକୁ ଆସିବା ପାଇଁ କହି ଆସିଥିଲି ।

ହଠାତ୍ ସବୁ ସ୍ଥଗିତ ହୋଇଗଲା । କଥା କ'ଣ, କଥା କଣ? ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା । ପଚରା ଉଚରା କରିବାରୁ ଜଣା ପଡିଲା ନୂଆବୋଉ ( ଉପେନ୍ଦ୍ର ନନାଙ୍କ ସ୍ତ୍ରୀ) ନାନୀକୁ ବହୁ ଛି ଛାକର କରି କହିଲେ । କାରଣଟା ହେଲା ବିଧବା ହୋଇ ସେ କେମିତି ଶୁଭ କାର୍ଯ୍ୟ ମୁହୂର୍ତ୍ତରେ ପାଦ ଦେବାକୁ ସାହାସ କଲା । ନାନୀର ରାଗ ବି କଛି କମ୍ ନୁହେଁ, ଜିଦି ଧରି ବସିଛି ସେଇକ୍ଷଣି ଘର ଛାଡି ଗ୍ଭଲିଯିବ । ସମସ୍ତେ ବୁଝାଇ ବୁଝାଇ ନୟାନ୍ତ ହେଲେ । ଶେଷରେ ବଡନନା ମଧ୍ୟ ବୁଝାଇଲେ । ମାତ୍ର କଛି ଲାଭ ହେଲାନ । ନାନୀ ସେଠା ଛାଡି ଗାଁ ଅଭିମୁଖେ ବାହାରିଗଲା ।

ବାପା ମୋ ହାତଟାକୁ ଜୋର୍ ରେ ଝିଙ୍କି ନେଇ କହିଲେ, "ସେ ଦିନ ଭଳ ତୁ ବି ପଛେ ପଛେ ଗ୍ଭଲି ଯିବୁନ । ତୋ ନନାର ବାହାଘର । କହି ମତେ ତାଙ୍କ ରୁମ୍ ଭିତରେ ବସାଇ ଦେଇ ନିଜେ ବାହାରେ ବସି ରହିଲେ ।

ନାନୀ ଗ୍ଭଲିଯିବା ପରେ ଭାବେଣୀ ପଡିଲା ଭଣ୍ଡାର ଘରର ଦାୟିତ୍ତ୍ୱ କାହାକୁ ଦିଆଯିବ । ନୂଆବୋଉ କହିଲେ, ମୁଁ ଗ୍ଭବିଟା ରଖୁଛି । ଅନ୍ୟମାନେ ଏଥିରେ ରାଜି ହେଲେନ । ଜେଠେଇ ଫୁସ୍ ଫୁସ୍ ହୋଇ ଜେମା ଖୁଡୀଙ୍କ କାନରେ କହିଲେ, "ତୁ ବୁଝୁନୁ କି? ବସିଆ ଥିଲେ ଇଏ କଛି ଫେରି କରି ପାରିବନ । ସେଇଥିନାଗି ପରା ସେ ବସିଆକୁ ବାହାର କରିଦେଲା ।

ବଡ ପାଟିଟାଏ କରି ବାପା କହିଲେ, "ଗ୍ଭବି ଅନ୍ୟ କାହା ହାତରେ ଦେବା ଆବଶ୍ୟକ ନାହିଁ। ସୁଶୀ ହାତରେ ଦେଇ ଦିଅ । ସିଏ ସବୁ ଦେଖା ରଖା କରିବ ।"

ସେଇଆ ହେଲା, ସୁଶୀନାନୀ ଭଣ୍ଡାର ଘର ଦାୟିତ୍ୱ ନେଲା ଆମେ ସବୁ ବହୁ ମଜା କରୁଥିଲେ ମଧ୍ୟ ସେ ଭଠାର ଘର ଛାଡି ଆସି ପାରୁ ନ ଥିଲା ।

ବାପାଙ୍କ ରୁମ୍ ଭିତରେ ବସି ରହି ମୁଁ ବହୁ ଚନ୍ତା କରୁଥିଲି । ଆମ ସମାଜରେ ଏଇଟା କ ପରମ୍ପରା! ଭାଇର ବାହାଘର ମଧ୍ୟ ତାକୁ ଦେଖିବାକୁ ମନା । ଦଶରଥ ପିଉସା, ନୃସିଂହ କକେଇଙ୍କର ସ୍ତ୍ରୀ ମାନେ ମଧ୍ୟ ଏ ଇହଧାମରେ ନାହାନ୍ତି । ସେମାନଙ୍କର ଉପସ୍ଥିତି ତ କାହାକୁ ଖଟକା ଦେଉନ । ତେବେ ପୁରୁଷ ଲୋକ, ସ୍ତ୍ରୀ ଲୋକଙ୍କ ମଧ୍ୟରେ ଏ ଫରକ୍ କାହିଁକି? ନାଁ, ଆଉ ଚୁପ୍ ରହିବିନ । ବାପାଙ୍କୁ ନିଶ୍ଚୟ ପଗ୍ଚରିବି । ଦର ଆଉଜା କବାଟଟିକୁ ଖୋଲି ବାହାରକୁ ଆସିଲି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ଖର୍ ଦିନ ରେ ବର୍ଷା



ପ୍ରକାଶ ସାହୁ

ଭିଷଣ ଖର୍ ଅସହ୍ୟ ତାତି
ପାଣି ର ହେଲ୍ ନାଶ
ଧରଣୀ ଆଜି ଡାକୁଛି ବସି
ମେଘ ନାନୀ ତୁମେ ଆସ
ଡାକ ଶୁଣିକ ଆସିଲ୍ ନାନୀ
ଥଣ୍ଡା ପବନ ସାଥେ
ଅନେକ ଦିନ କରି ଅପେକ୍ଷା
ମୟୁର ଅପା ନାଚେ
ଆକାଶ କୋଲୁ ବର୍ଷା ର ବୁନ୍ଦା
ପଡିଲ୍ ଧୀରେ ଖସି
ଘାସ ଫୁଲ ରେ ଥିରିକନା
ଖୁସି ରେ ଗଲ୍ ବସି
ଥଣ୍ଡା ପବନ ଯାନ ରେ ବସି
ବହିଲ୍ ଶିରିଶିରି
ଘାସ ଫୁଲ ଟି ହସିଲ୍ ଯହିଁ
ହସ ତାର କରିକରି

ଚହଟି ଗଲ୍ ଘାସ ଫୁଲଟି
ବାଆ ଦୋଳ ରେ ଝୁଲି
ବର୍ଷା ର ବୁନ୍ଦା ଥରି ଉଠିଲ୍
ତହିଁ ରେ ଢଳ ଢଳ
ଖଣ୍ଡେ ଦୂର ରୁ ଝିଙ୍କାରୀ ଟିଏ
ଦେଖିଲ୍ ବୁନ୍ଦା ଲୁଚ
ଭ୍ବିଲ୍ ମୁଇଁ ଏଇଲେ ଯାଇ
ପିଇବି ତାକୁ ସଂଚ
ତେଣେ ଧୁଳଆ ଜନ୍ଦା ବିଚର୍
ଦେଖି ଭ୍ବିଲ୍ ତାକୁ
ଏଇନେ ଯାଇ ତିଣ୍ଟିବ ବୋଲି
ଦେଖାଇ ତାର ବୁକୁ
ସାଙ୍ଗ ହୋଇକ ନାଚଲେ ଦୁହେଁ
ମେଘ ନାନୀ ର ସାଥେ
ତାଙ୍କ ଖୁସି କୁ ଦେଖି ଧରଣୀ
ମେଘ ନାନୀ କୁ କୁହେ
ଦେଖ ନାନୀ ଖର୍ ଦିନ ରେ ବର୍ଷା
ସଭିଙ୍କ ମନେ ଖୁସି ବହେ

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ସମୟର ଅପେକ୍ଷାରେ



ପ୍ରଶାନ୍ତ କୁମାର ପଧାନ

ସାପଶିଢ଼ିର ଏ ଜୀବନ ଖେଳରେ
ବିଧାତା ଲେଖିଛି ଶୂନ
ଶହେକୁ ନଜର ଭାବିବାଟା ମୋର
ହେବ ସିନା ମୂର୍ଖପଣ ।।
ସମୟ ସୁଅରେ ସମ୍ଭାବନା ସବୁ
ନିମିଷକେ ଯାଏ ଭାସି
ବେସାହାରା ହୁଏ ବ୍ୟଥିତ ହୃଦୟ
ପ୍ରତିକ୍ଷଣେ ପାଏ ଫାଶୀ ।।
ଉଆଁସର ରାତି ପଡିଥିଲା ବୋଧେ
ଭାଗ୍ୟହେଲା ଯେବେଲେଖା
ସେଥିଲାଗି ସିନା ସମୟ ଆଙ୍କୁଛି
ସୁଖରେ ଲକ୍ଷ୍ମଣରେଖା ।।
ପ୍ରତିଟି ପାହାଚେ ଅଗ୍ନିର ପରୀକ୍ଷା
କରୁଅଛି ଅସହାୟ
ସତେକି ଯେମିତି ହରିଣର ପାଇଁ
ଅହରହ ବାଘ ଭୟ ।।
ତଥାପି ଛାଡିନି ସଂଘର୍ଷ କରିବା
ଜୀବନ ଖୋଜୁଛି ରାହା
ହାରିବା ବାଜି ବି ଜିତି ଯାଇପାରେ
ଭାଗ୍ୟ ଯଦି ହୁଏ ସାହା ।।

ଗ୍ରାମ – ବୁଢ଼େମୁଣ୍ଡା, ଜିଲ୍ଲା - ବରଗଡ

# ଆଜିର ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ସ୍ୱାମୀଜୀ



ଅଧାପକ ପରୀକ୍ଷିତ ସାହୁ

ଗୀତାର ଶ୍ଳୋକାନୁସାରେ ଏ ଧରାପୃଷ୍ଠରେ ଯେତେବେଳେ ଅଧର୍ମର ମାତ୍ରା ବୃଦ୍ଧି ହୋଇଯାଏ ଅଥବା ଧର୍ମର ଗ୍ଳାନି ଘଟିବା ଦ୍ୱାରା ଅମାନବୀୟ ଅତ୍ୟାଚାର ମାନବ ସମାଜକୁ ପୀଡା ଦିଏ, ସେତେବେଳେ ଭଗବାନ ସ୍ୱୟଂ ଆବିର୍ଭୂତ ହୋଇ ପୁନଃ ଧର୍ମ ସଂସ୍ଥାପନ କରିବା ଉଦ୍ଦେଶ୍ୟରେ ଦୁଷ୍ଟ ଦଳନ ଓ ସାଧୁମାନଙ୍କ ପରିତ୍ରାଣ କରିଥାନ୍ତି । ସେହି କ୍ରମରେ ଯେତେବେଳେ ଅରାଜକତା, ଅଜ୍ଞାନତା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ଅଧର୍ମର ପ୍ରଭାବରେ ସମାଜ ପଥଭ୍ରଷ୍ଟ ହୁଏ, ସେତେବେଳେ ମହାପୁରୁଷ ମାନଙ୍କର ଧରାବତରଣ ଘଟିଥାଏ । ମହାପୁରୁଷ ମାନେହିଁ ସମାଜରେ ଆଣିଥାନ୍ତି ନବଜାଗରଣ, ଶାନ୍ତି ଓ ମୈତ୍ରୀ ଓ ପ୍ରୀତିର ବାତାବରଣ । ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ, ନୈତିକ ଜୀବନଯାତ୍ରା, ସାହସିକ ପଦକ୍ଷେପ, ଉପଯୁକ୍ତ ନେତୃତ୍ୱ, ଭବିଷ୍ୟତ ଗଠନ ପାଇଁ ଦିଗଦର୍ଶନ ଯୁଗେ ଯୁଗେ ମାନବ ସଭ୍ୟତା ପାଇଁ ହୋଇଥାଏ ଆଲୋକବର୍ତ୍ତିକା । ସେମାନଙ୍କ ପଥ ଅନୁସରଣ କରି ସାଧାରଣ ମଣିଷର ଜୀବନ ମଧ୍ୟ ପରିବର୍ତ୍ତିତ ହେବାର ସୁଯୋଗ ପାଏ । Henry Wordsworth Longfellow ତାଙ୍କର କବିତା A psalm of life ମାଧ୍ୟମରେ କୁହନ୍ତି - "Lives of great men all remind us / we can make our lives sublime / and departing leave behind us / footprints on the sands of life."

ମହାପୁରୁଷ ମାନଙ୍କ ଉଦ୍ଦେଶ୍ୟରେ ସେଥିପାଇଁ ଇଂରାଜୀରେ କୁହାଯାଇଛି - "Lives of greatmen are like beacon lights. They guide us and inspire us. Many people who had lost all hope and courage have been uplifted by some incidents from the lives of great men. Hence it is very useful to read Biographies and Autobiographies of great person.

ବିଶ୍ୱବକ୍ଷରେ ଜନ୍ମ ଗ୍ରହଣ କରିଥିବା ଅନେକ ମହାପୁରୁଷମାନଙ୍କ ମଧ୍ୟରୁ ଭାରତର ଘରେ ଘରେ ପରିଚିତ ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଜଣେ ଅନନ୍ୟ ପ୍ରତିଭା । ମୁନିଋଷିଙ୍କର ଏ ପବିତ୍ର ଭୂମି ଭାରତବର୍ଷରେ ତାଙ୍କର ଆବିର୍ଭାବ ହୋଇ ଦେଶରେ ମହାନତା ଓ ପବିତ୍ରତା କ୍ଷେତ୍ରରେ ଏକ ନୂତନ ଦିଗନ୍ତର ଉନ୍ମୋଚନ କରିପାରିଛି । ସମଗ୍ର ବିଶ୍ୱ ସ୍ତରରେ ଯଦି ଭାରତକୁ ପ୍ରଥମେ କେହି ଉପସ୍ଥାପନ କରିଥାନ୍ତି ସେ ହେଉଛନ୍ତି ଏହି ମହାନ ଆତ୍ମା ସ୍ୱାମୀ ବିବେକାନନ୍ଦ । ସେ ସାଂପ୍ରତିକ ବିଶ୍ୱର ସମସ୍ତ ଧର୍ମନେତା ମାନଙ୍କର କେବଳ ସମକକ୍ଷ ନୁହନ୍ତି ବରଂ ସେମାନଙ୍କଠାରୁ ବହୁ ଊର୍ଦ୍ଧ୍ୱରେ ତାଙ୍କର ସ୍ଥାନ ।

ସେହି ମହାନବ୍ୟକ୍ତିଙ୍କର ଜନ୍ମ ହୁଏ କଲିକତା ମହାନଗରୀର ଏକ ଅନାମଧେୟ ଗ୍ରାମ ସିମୁଳିଆ ପଲ୍ଲୀରେ ୧୮୬୩ ମସିହା ଜାନୁୟାରୀ ୧୨ ତାରିଖରେ । ତାଙ୍କର ପିତା ଥିଲେ କଲିକତା ହାଇକୋର୍ଟର ଆଟର୍ଣ୍ଣି ବିଶ୍ୱନାଥ ଦତ୍ତ ଏବଂ ମାତା ଥିଲେ ଭୁବନେଶ୍ୱରୀ ଦେବୀ, ତାଙ୍କର ବାଲ୍ୟକାଳ ସଂପର୍କରେ ବହୁ ଆକର୍ଷଣୀୟ ତଥା ସ୍ମରଣୀୟ କଥା ରହିଛି । କିନ୍ତୁ ସେ ସଂପର୍କରେ ଏହି କ୍ଷୁଦ୍ର ପ୍ରବନ୍ଧରେ ବର୍ଣ୍ଣନା ସମ୍ଭବ ନୁହେଁ । ବାଲ୍ୟକାଳରୁ ସେ ଥିଲେ ଖୁବ୍ ସାହସୀ ଏବଂ ବୁଦ୍ଧିମାନ । ତା ପରେ ତାଙ୍କର ଅନୁସନ୍ଧିତ୍ସୁଭାବର ପରିପ୍ରକାଶ ଘଟିଲା । ଛାତ୍ର ଜୀବନରୁ ସେ ଈଶ୍ୱରଙ୍କୁ ଖୋଜିବାରେ ଲାଗିପଡିଲେ ।

ବାଲ୍ୟକାଳରୁ ତାଙ୍କ ମନରେ ଧର୍ମଭାବନାର ମଞ୍ଜି ସଂଗୋପିତ ହୋଇ ରହିଥିଲା । ପ୍ରକୃତ ସତ୍ୟ ଜାଣିବା ପାଇଁ ସର୍ବଦା ଆଗ୍ରହ ପ୍ରକାଶ କରୁଥିଲେ ସେ । ସତ୍ୟକୁ ପାଇବା ପାଇଁ ଯୁକ୍ତି ମଧ୍ୟ କରୁଥିଲେ । ବିନା ପରୀକ୍ଷାରେ କୌଣସି କଥାକୁ ସହଜରେ ସେ ବିଶ୍ୱାସ କରୁ ନଥିଲେ । ତାଙ୍କ ମନରେ ବାରମ୍ବାର ପ୍ରଶ୍ନ ଆସୁଥିଲା, ଈଶ୍ୱର କିଏ? ସେ କେଉଁଠି ରୁହନ୍ତି? ତାଙ୍କୁ ଆମେ ଦେଖି ପାରିବା କି ନାହିଁ? ଏଥିପାଇଁ ରାତିରେ ସେ ମନଯୋଗ ସହିତ ଧ୍ୟାନ କରୁଥିଲେ । କୌଣସି ଧର୍ମାଚାର୍ଯ୍ୟ ମାନଙ୍କୁ ଦେଖିଲେ ସେମାନଙ୍କୁ ଈଶ୍ୱରଙ୍କ ସଂପର୍କରେ ପଚାରନ୍ତି । ଈଶ୍ୱରଙ୍କ ଭଜନ ଗାଇବାକୁ ସେ ଖୁବ୍ ଭଲ ପାଆନ୍ତି । ଏକଦା ତାଙ୍କ ପଡୋଶୀଙ୍କ ଘରକୁ ଶ୍ରୀ ରାମକୃଷ୍ଣ ପରହଂସ ଆସିଥିବେଳେ ତାଙ୍କ ନିକଟରେ ଗୀତ ଗାଇବାର ସୁଯୋଗ ପାଇଥିଲେ ସେ । ସୁମଧୁର ସ୍ୱରର ଗୀତ ଶୁଣିବା ପରେ ଶ୍ରୀ ରାମକୃଷ୍ଣ ତାଙ୍କୁ ଦକ୍ଷିଣେଶ୍ୱର ଯିବା ପାଇଁ କହିଥିଲେ । ସମୟକ୍ରମେ ତାଙ୍କର ଦକ୍ଷିଣେଶ୍ୱରରେ ଉପସ୍ଥିତି ଏବଂ

ଶ୍ରୀରାମକୃଷ୍ଣଙ୍କ ସହ ଘନିଷ୍ଠତା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲେ । ତାଙ୍କୁ ଦକ୍ଷିଣେଶ୍ୱରରେ ଦେଖି ଶ୍ରୀରାମକୃଷ୍ଣ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ସତରେ ସେ ଯେପରି ତାଙ୍କୁ ହିଁ ଦୀର୍ଘ ଦିନ ଧରି ଅପେକ୍ଷା କରି ରହିଥିଲେ। ତାଙ୍କୁ ଦେଖିବାମାତ୍ରେ ସେ ପ୍ରଶ୍ନ କରିଥିଲେ – ଏତେ ଦିନ ପରେ ଆସିଲୁ.....!!" ସ୍ୱାମୀଜୀ (ବାଲ୍ୟକାଳର ନରେନ୍) ଶ୍ରୀରାମକୃଷ୍ଣଙ୍କୁ ତାଙ୍କର ପୂର୍ବ ପ୍ରଶ୍ନ ପଚାରିଲେ "ଆପଣ କଣ ଈଶ୍ୱରଙ୍କୁ ଦେଖିଛନ୍ତି?" ଶ୍ରୀରାମକୃଷ୍ଣ ହସି ହସି ସେଦିନ ଉତ୍ତର ଦେଇଥିଲେ – "ଖାଲି ଦେଖିନାହିଁ, ବରଂ କଥା ହେଇଛି....ଆଉ ତୁ ଯଦି ଦେଖିବାକୁ ଚାହୁଁ ତେବେ ମଧ୍ୟ ଦେଖାଇ ଦେଇପାରେ.... ।" ସେଦିନଠାରୁ ସ୍ୱାମୀଜୀଙ୍କର ଦୃଢ ବିଶ୍ୱାସ ଆସିଯାଇଥିଲା । ତାପରେ ତାଙ୍କର ଜୀବନ ପ୍ରକୃତ ମାର୍ଗରେ ପରିଚାଳିତ ହୋଇ ଚାଲିଲା । ସମୟକ୍ରମେ ସ୍ୱାମୀଜୀଙ୍କ ଭାରତ ଭ୍ରମଣ ଏବଂ ଶେଷରେ ୧୮୯୩ ମସିହା ବେଳକୁ କନ୍ୟାକୁମାରୀଠାରେ ଉପସ୍ଥିତ। ତିନିସାଗରର ମହାମିଳନ ସ୍ଥଳରେ ପହଞ୍ଚିବାପରେ ଦେବୀ ମନ୍ଦିରରେ ପ୍ରଣିପାତ କରି ସମୁଦ୍ର ମଧ୍ୟରେ ଥିବା ଶିଳାଖଣ୍ଡ ନିକଟକୁ ପହଁରି ପହଁରି ଯାଇ ସେଠାରେ ଗଭୀର ଧ୍ୟାନମଗ୍ନ ହେଲେ । ତାଙ୍କ ମନ ମଧ୍ୟରେ ଭାରତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଆଲୋଡନ ସୃଷ୍ଟିକଲା । ଅତୀତର ଗରିମା, ବର୍ତ୍ତମାନର ଦୁର୍ଦ୍ଦଶା ଏବଂ ଭବିଷ୍ୟତର ସ୍ୱପ୍ନ ସବୁ ଆଖି ଆଗକୁ ଚାଲି ଆସିଲେ। ସେ ବୁଝିଲେ ଇତିହାସର ଏହି ଘଡିସନ୍ଧି ସମୟରେ ଭାରତରେ ନବଜାଗରଣ ଆଣିବାକୁ ହେବ । କେବଳ ସେଥିପାଇଁ ତାଙ୍କୁ ଆହ୍ୱାନ କରିବାକୁ ହେବ ଭାରତର ଶୋଇ ପଡିଥିବା ନରନାରୀ ଏବଂ ଯୁବସମାଜକୁ। ତାଙ୍କ ମନରେ କୌଣସି ଭୟ, ସନ୍ଦେହ, ଜିଜ୍ଞାସା ଓ ସଂଶୟ ରହିଲା ନାହିଁ। "ଉଠ, ଜାଗ, ଅନେକ ଶୋଇସାରିଛ, ଏଥର ଉଠ, କାର୍ଯ୍ୟରେ ଲାଗିଯାଅ" ଏହି ମନ୍ତ୍ରଧାରଣ କରି ସେ ମାନ୍ଦ୍ରାଜ୍ ଠାରେ ପହଞ୍ଚିଥିଲେ। ସେ ସଂକଳ୍ପବଦ୍ଧ ହେଲେ ଯେ ଭାରତର ଆଧ୍ୟାତ୍ମିକତାକୁ ପୁନଃ ପ୍ରତିଷ୍ଠିତ କରିବାକୁ ପଡିବ ।

ଏହାଦ୍ୱାରା ଭାରତ ସାମାଜିକ, ରାଜନୈତିକ ଶିକ୍ଷା ଇତ୍ୟାଦି କ୍ଷେତ୍ରରେ ଉନ୍ନତ ହୋଇପାରିବ । ଜାତିର ପ୍ରାଣ ଶକ୍ତିକୁ ସତେଜ କରିବାକୁ ହେବ । ଏହାପରେ ତାଙ୍କ ଚିକାଗୋ ଯାତ୍ରା ୧୮୯୩ ମସିହାରେ । ଚିକାଗୋର ସେହି ଧର୍ମ ମହାସଭାରେ ଯୋଗଦେଇ ଭାରତ ପ୍ରତି ଥିବା ଅନ୍ୟମାନଙ୍କ ଦୃଷ୍ଟିଭଙ୍ଗୀକୁ ବଦଳାଇ ଦେଇ ପାରିଥିଲେ। ପୁଣ୍ୟଭୂମି ଭାରତବର୍ଷର

ଆଧ୍ୟାତ୍ମିକଭାବଧାରା, ଉନ୍ନତ ସଂସ୍କୃତି ଓ ସମନ୍ୱୟବାଦୀ ଆଦର୍ଶକୁ ଉପସ୍ଥାପନ କରି ବିଶ୍ୱବାସୀଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିଥିଲେ । ଭାରତବର୍ଷର ନବଜାଗରଣ କ୍ଷେତ୍ରରେ ତାଙ୍କର ପ୍ରଭାବ ଅତୁଳନୀୟ । ଦେଶର ସ୍ୱାଧୀନତା ପଗ୍ଚଶ ବର୍ଷ ପୂର୍ବରୁ ସେ ଦେଖି ପାରିଥିଲେ । ତେଣୁ ସେ ସ୍ପଷ୍ଟଭାବରେ ଉଦଘୋଷଣା କରି କହିଥିଲେ – "ମୁଁ ସ୍ପଷ୍ଟ ଦେଖିବାକୁ ପାଉଛି ଯେ ଆମର ପ୍ରାଚୀନ ମାତୃଭୂମି ପୁଣିଥରେ ଜାଗ୍ରତ ହେଉଛି, ନୂତନ ଜୀବନ୍ୟାସ ଲାଭ କରି ପୂର୍ବଠାରୁ ଅଧିକ ଭାସ୍ୱର ହୋଇ ସେ ନିଜର ସିଂହାସନରେ ସମାସୀନ ହୋଇଛି । ସେ ଯେତେବେଳେ ଚକାଗୋରୁ ପୁଣି ଭାରତ ମାଟିକୁ ଫେରି ଆସିଥିଲେ ସେତେବେଳେ ତାଙ୍କର ବାଗ୍ମୀ ତଥା ଓଜସ୍ୱିନୀ ବକ୍ତବ୍ୟ ମାଧ୍ୟମରେ ଏ ଦେଶର ସାଂସ୍କୃତିକ ସଂପଦ ବିଷୟରେ ସଚେତନାର ବାର୍ତ୍ତା ପ୍ରଗ୍ଚର କରିଥିଲେ । ସକାରାତ୍ମକ ଦିଗରେ ଆତ୍ମବିଶ୍ୱାସ ରଖି ଅଗ୍ରସର ହେବାର ମନ୍ତ୍ର ଦେଇ ସମାଜର ଅବହେଳିତ ମାନବର ବିକାଶ ପାଇଁ ସେ ଆହ୍ୱାନ ଦେଇଥିଲେ । ସମାଜ ଗଠନ ପାଇଁ ସେ ଶିକ୍ଷା, ଧର୍ମ, ସଂସ୍କୃତି ଏବଂ ଯୁବଶକ୍ତିର ଜାଗରଣ ନିମନ୍ତେ ବହୁ ଅମୂଲ୍ୟ ବାଣୀ ଉକ୍ତି ଛାଡି ଯାଇଛନ୍ତି । ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ପାଇଁ ତାଙ୍କର ଚନ୍ତାଧାରା ଅନନ୍ୟ ଓ ଅତୁଳନୀୟ ଅଟେ । ବିଶେଷକରି ଯୁବଶକ୍ତିର ଜାଗରଣ ପାଇଁ ତାଙ୍କର ପ୍ରଗାଢ ପ୍ରଚେଷ୍ଟା ରହିଥିଲା । ସେ ଭାରତର ଯୁବଶକ୍ତିର ଜାଗରଣ ପାଇଁ ଆହ୍ୱାନ ଦେଇ କହିଥିଲେ – "ଉତିଷ୍ଠିତ ଜାଗ୍ରତ୍, ପ୍ରାପ୍ୟ ବରାନ୍ ନିବୋଧତ୍" । ଯାହାର ଅର୍ଥ ହେଉଛି – ଉଠ, ଜାଗ୍ରତ ହୁଅ, ଲକ୍ଷ୍ୟସ୍ଥଳରେ ନ ପହଞ୍ଚିବା ପର୍ଯ୍ୟନ୍ତ ବିରତ ହୁଅନାହିଁ । ସମଗ୍ର ଦେଶବାସୀଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ – "ସେମାନେ ଭଗବାନଙ୍କର ସନ୍ତାନ ଏବଂ ଅମୃତର ଅଧିକାରୀ । ତୁମେ ପବିତ୍ର ଓ ପରିପୂର୍ଣ୍ଣ । ତୁମେ କେବେହେଲେ କୁହନାହିଁ ଯେ ତୁମେ ଦୁର୍ବଳ । ଉଠ ସାହସୀ ହୁଅ, ବୀର୍ଯ୍ୟଶାଳୀ ହୁଅ । ସମସ୍ତ ଦାୟିତ୍ୱ ନିଜ କାନ୍ଧରେ ବହନ କର, ଏବଂ ଜାଣିରଖ, ତୁମେ ହିଁ ତୁମ ନିଜର ଭାଗ୍ୟ ବିଧାତା । ତୁମର ପ୍ରୟୋଜନୀୟ ସମସ୍ତ ଶକ୍ତି ଓ ସହାୟତା ତୁମର ଅନ୍ତର୍ନିହିତ ହୋଇ ରହିଛି । ତୁମର ପ୍ରୟୋଜନୀୟ ସମସ୍ତ ଶକ୍ତି ଓ ସହାୟତା ତୁମର ଅନ୍ତର୍ନିହିତ ହୋଇ ରହିଛ । ଲୋକମନେ ତୁମକୁ ନିନ୍ଦା ବା ପ୍ରଶଂସା ଯାହା କରନ୍ତୁ, ଭାଗ୍ୟ ତୁମ ପ୍ରତି ଅପ୍ରସନ୍ନ କିମ୍ବା ପ୍ରସନ୍ନ ହେଉ, ଆଜି ତୁମର ଦେହାବସାନ ହେଉ ଅଥବା ଯୁଗ ପରେ ହେଉ, ତୁମେ ଦେଖ ଯେପରି ତୁମେ ସତ୍ୟ ପଥରୁ ବିଚ୍ୟୁତ ହୋଇନ । ଶକ୍ତିର ସ୍ୱର୍ଗ ରାଜ୍ୟରେ ପହଞ୍ଚିବା

ପୂର୍ବରୁ କେତେ ଯେ ଝଡର କେତେ ଢେଉ ସହ୍ୟ କରିବାକୁ ହୁଏ । ଯେ ଯେତେ ବଡ ମଣିଷ ହୋଇଛି, ସେ ସେତେ ଭୟଙ୍କର ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛି । ପ୍ରତ୍ୟେକ ସଫଳ ମଣିଷ ପଛରେ ଏକାଗ୍ର ନିଷ୍ଠା ହିଁ ବିଦ୍ୟମାନ ରହିଛି । ସେହି ନିଷ୍ଠା ହିଁ ତାଙ୍କୁ ସଫଳତା ଦେଇଥାଏ । ତେଣୁ ହେ ମାନବ ନିଜ ଉପରେ ତୁମେ ବିଶ୍ୱାସ ରଖ ଯେ ତୁମେ ଦିନେ ବୈଦିକ ଋଷି ଥିଲ । ବର୍ତ୍ତମାନ ଅନ୍ୟ ଏକ ରୂପରେ ପଦାର୍ପଣ କରିଛ । ତୁମ ଭିତରେ ଅନନ୍ତ ଶକ୍ତି ରହିଛି । ଯାହାର ଜାଗ୍ରତ କରି ମନପ୍ରାଣ ଦେଇ କର୍ମ କରିଚାଲ । ଭାରତୀୟ ଜୀବନର ମୂଳ ହେଉଛି ଧର୍ମ । ଧର୍ମ ହିଁ ମଣିଷକୁ ସତ୍, ଉଦାର, ସୁନ୍ଦର, ପ୍ରେମ ପରାୟଣ, ନିଃସ୍ୱାର୍ଥପର, ସାହସୀ ଓ ଚରିତ୍ରବାନ୍ କରେ ।

ସ୍ୱାମୀଜୀ ଜାଣିଥିଲେ ଯୁବଶକ୍ତିର ବିକାଶରେ ହିଁ ଦେଶର ପ୍ରାଣଶକ୍ତି ବିକଶିତ ହେବ । ଯୁବକ ଭିତରେ ଥିବା ଉଦ୍ଦାମତା ଯଦି ଜାଗ୍ରତ ହୋଇଯାଏ ତାହେଲେ ସେ ଦେଶ ଆଉ ପଛକୁ ଫେରିବ ନାହିଁ । ସେଥିପାଇଁ ସେ ଭାରତୀୟ ଯୁବକମାନଙ୍କ ପାଇଁ କେତେଗୋଟି ଆହ୍ୱାନ ପ୍ରଦାନ କରିଥିଲେ । ସେହି ଆହ୍ୱାନକୁ ଆତ୍ମସ୍ଥ କରିପାରିଲେ ଯୁବଶକ୍ତିକୁ ତାର ପ୍ରକୃତ ମାର୍ଗର ସନ୍ଧାନ ମିଳିଯିବ । ସେ ଉଦୀୟମାନ ଯୁବ- ସଂପ୍ରଦାୟ ଉପରେ ବିଶ୍ୱାସ ରଖି ସେମାନଙ୍କ ମଧ୍ୟରୁ କର୍ମୀ ଖୋଜିଥିଲେ । ଯେଉଁ କର୍ମୀ ସିଂହର ବିକ୍ରମରେ ଦେଶର ସମସ୍ତ କର୍ମ କର୍ତ୍ତା ସହିତ ସବୁ ସମସ୍ୟାର ସମାଧାନ କରିପାରିବ । ସେହି ଯୁବଗୋଷ୍ଠୀଙ୍କୁ ସଂଘବଦ୍ଧ କରିବାପାଇଁ ସେ ସଂକଳ୍ପ କରିଥିଲେ । ଭାରତର ପ୍ରତ୍ୟେକ ଯୁବକଙ୍କୁ ଏହି ଗୋଷ୍ଠୀରେ ସାମିଲ କରିବା ଥିଲା ତାଙ୍କର ପରମ ଓ ଚରମ ଲକ୍ଷ୍ୟ । ଏହି ଯୁବଗୋଷ୍ଠୀ ହିଁ ଅବିରତ ତରଙ୍ଗ ହୋଇ ଜନ୍ମମାଟୀ ଉପରେ ପ୍ରବାହିତ ହେବେ ଏବଂ ଦୀନ- ଦୁଃଖୀମାନଙ୍କ ପଇଁ ସୁଖ ସ୍ୱାଛନ୍ଦ୍ୟ ଆଣିଦେବେ । ସେ କହିଥିଲେ ଯେ ଆମର ଯୁବକମାନେ ପ୍ରଥମେ ସବଳ ହେବାକୁ ପଡିବ ଓ ପରେ ଧର୍ମ ଆସିବ । ତେଣୁ ସେ ଯୁବକମାନଙ୍କ ପ୍ରତି ଆହ୍ୱାନ ଦେଇ କହିଥିଲେ – "ହେ ମୋର ଯୁବ ବନ୍ଧୁଗଣ, ତୁମେମାନେ ସବଳ ହୁଅ । ନିଜ ଉପରେ ବିଶ୍ୱାସ ରଖ । ଆତ୍ମ ପ୍ରତ୍ୟୟ ରଖ ଯେ ମୁଁ ସବୁକିଛି କରିପାରିବି । ଏହା ନହେଲେ ଧରିନିଆଯିବ ଯେ ନିଜଠାରୁ ନିଜେ ବିଶ୍ୱାସ ହରେଇଛ ବୋଲି ।" ତାଙ୍କର ଅନ୍ୟତମ ଆହ୍ୱାନ ଥିଲା – "ହେ ବୀର ହୃଦୟ ଯୁବଶକ୍ତି! ତୁମେ ସମସ୍ତେ ବିଶ୍ୱାସ କର ଯେ ତୁମ ମାନଙ୍କ ଦ୍ୱାରା ବହୁତ

ବଡବଡ କାମ ହେବାର ଅଛ । ସେଥିପାଇଁ ହିଁ ତୁମର ଧରାବତରଣ ହେଇଛି । କୁକୁରର ଭୁକବା ଶବ୍ଦରେ ( କାହାର ନନ୍ଦା କମ୍ବା ସମାଲୋଚନା) ଅଥବା ଆକାଶର ବଜ୍ରପାତ ଶବ୍ଦ ( କାହାର ଧମକ) ରେ ଡରିନଯାଇ ମୁଣ୍ଡ ଉଠାଇ ଠିଆ ହୁଅ ଏବଂ କାମ କରିଚାଲ । ତେଣୁ ସାହସୀ ହୋଇ ସମସ୍ତ ଦାୟିତ୍ୱ ତୁଲାଇବାକୁ ଚେଷ୍ଟା କର । ତାଙ୍କ ମତରେ – "ମନୁଷ୍ୟ ଦରକାର, ମନୁଷ୍ୟ ଦରକାର; ଆଉ ସବୁ ହେଇଯିବ । ବୀର୍ଯ୍ୟବାନ୍, ତେଜସ୍ୱୀ, ଅକପଟ ଯୁବକମାନଙ୍କର ଆବଶ୍ୟକ ରହିଛି । ଏହିପରି ଶହେ ଯୁବକ ହେଲେ ସମଗ୍ର ଜଗତର ଭାବସ୍ରୋତ ପରିବର୍ତ୍ତିତ ହୋଇଯିବ ।" ସେ କହିଥିଲେ ମାତ୍ର କେତେଜଣ ଯୁବକ ଦରକାର ଯେଉଁମାନେ ସବୁକିଛି ତ୍ୟାଗ କରି ଦେଶ ପାଇଁ ଜୀବନ ଉତ୍ସର୍ଗ କରିପାରିବେ । ଯୁବକମାନଙ୍କୁ ତାଙ୍କର ମାଂସପେଶୀକୁ ଲୁହାରେ ଏବଂ ସ୍ନାୟୁକୁ ଇସ୍ପାତ୍ ରେ ଗଢିବା ପାଇଁ ଆହ୍ୱାନ ଦେଇଥିଲେ । ଦୀର୍ଘଦିନ ଧରି ଏ ଦେଶବାସୀ ଅନେକ ନର୍ଯ୍ୟାତନା ପାଇ କାନ୍ଦିଛନ୍ତି । ଆଉ କାନ୍ଦିବାର ପ୍ରୟୋଜନ ନାହିଁ । ବର୍ତ୍ତମାନ ନଜ ଗୋଡରେ ଠିଆହେବାର ସମୟ ଆସିଛି । ମଣିଷ ହେଇ ବଞ୍ଚିବାର ସମୟ ପହଞ୍ଚିଯାଇଛି । ଯୁବଶକ୍ତିକୁ ନର୍ଦ୍ଦେଶ ଦେଇ ସେ କହିଛନ୍ତି ଯେଉଁଠାରେ ଦୁର୍ଭିକ୍ଷ ଓ ମହାମାରୀ ସେହିଠାରେ ପହଞ୍ଚି ଦୁଃଖିମାନଙ୍କର ଦୁଃଖ ମୋଚନ କର । କେବଳ ସେତିକ ନୁହେଁ, ସେ କହିଥିଲେ ଯଦି ତୁମର ମୋ ଉପରେ ସାମାନ୍ୟ ବିଶ୍ୱାସ ବି ରହିଛି, ତା ହେଲେ ପ୍ରଥମେ ତୁମ ଘରର ସମସ୍ତ ଦ୍ୱାର ଓ ଝର୍କା ଖୋଲା କରିଦିଅ । ତୁମର ବାସସ୍ଥାନର ଚତୁର୍ଦ୍ଦିଗରେ ଦୁଃଖ ଦୁର୍ଦ୍ଦଶା ଭୋଗ କରୁଥିବା ଲୋକମାନଙ୍କର ସଂଖ୍ୟା କଛି କମ ନାହିଁ । ଯାଅ, ସେହିମାନଙ୍କର ସେବାରେ ନଃସ୍ୱାର୍ଥପର ଓ ନଷ୍ଠାର ସହିତ ଲାଗିପଡ । ପବିତ୍ରତା, ସହିଷ୍ଣୁତା ଓ ଅଧ୍ୟବସାୟ ଭଳ ତିନୋଟି ଉତ୍ତମ ଗୁଣକୁ ଆଧାର କରି କର୍ତ୍ତବ୍ୟ କରିଚାଲ । ତୁମେ ଯଦି ସତରେ ମୋର ସନ୍ତାନ ହୋଇଥାଅ, ତେବେ କେବେ ହେଲେ ଭୟ ନକରି ସିଂହ ଭଳ ଆଗେଇ ଚାଲ । ଦେଶ ଓ ବିଶ୍ୱକୁ ଜାଗ୍ରତ କରିବାକୁ ହେବ । ଏଥିପାଇଁ ଆବଶ୍ୟକ ହେଲେ ଅଗ୍ନିକୁ ମଧ ଡେଇଁବା ପାଇଁ ପଡିବ । ପୁନଶ୍ଚ ସେ କହିଛନ୍ତି ହେ ଯୁବଗୋଷ୍ଠୀ! ଆଉ ଶୋଇ ରୁହ ନାହିଁ । ଉଠ, ଜାଗିଉଠ । ସମସ୍ତ ଦୁଃଖ ଶୋକ ଓ ଅଭାବ ଦୂର କରିବାର ଶକ୍ତି ତୁମଠାରେ ରହିଛି । ଯଦି ତୁମେ ବିଶ୍ୱାସ କରିଗଲ ଯେ ଅସୀମ ଜ୍ଞାନ ଓ ଶକ୍ତି ତଥା ଅଦମ୍ୟ ସାହସ ତୁମ ଭିତରେ ରହିଛି ଏବଂ ତୁମେ ସେହି ଶକ୍ତିକୁ ପ୍ରକାଶ କରିପାର, ତେବେ ତୁମେ ମଧ ମୋ ପରି ହୋଇପାରିବ ।

ଆମେ ଯାହା ହୋଇପାରିଛେ, ସେଥିପାଇଁ ଆମେ ନିଜେ ହିଁ ଦାୟୀ । ଯାହା ହୋଇପାରିନାହିଁ, ସେଥିପାଇଁ ମଧ୍ୟ ଦାୟୀ। ବର୍ତ୍ତମାନ ଯାହା ହୋଇଛୁ, ତାହା ଆମର ଅତୀତ କର୍ମର ଫଳ ଏବଂ ଭବିଷ୍ୟତରେ ଯାହା ହେବାପାଇଁ ଚାହୁଁଛେ ତାହା ଆମର ବର୍ତ୍ତମାନର କର୍ମ ମାଧ୍ୟମରେ ସ୍ଥିର ହେବ। ତେଣୁ ଆମକୁ ନିର୍ଣ୍ଣୟ କରିବାକୁ ପଡିବ ପ୍ରକୃତ କାର୍ଯ୍ୟ କିପରି କରାଯିବ। ତୁମେ ଯାହାକିଛି ସହାୟତା ଚାହୁଁଛ ସେ ସବୁ ତୁମ ଭିତରେ ଅଛି। ସେ ସବୁକୁ ଚିହ୍ନଟ କର, ବିନିଯୋଗ କର। ନିଜ ଭବିଷ୍ୟତ ନିଜ ହାତରେ ଗଢ। ତୁମେମାନେହିଁ ଦେଶର ଆଶା, ଭରସା । ମୃତ୍ୟୁ ତ ଦିନକୁ ଦିନ ପାଖେଇ ଆସୁଛି। ତା ପୂର୍ବରୁ ନିଜର କାମ ଶେଷ କରିଦିଅ। ଈର୍ଷା ଓ ଅହଂକାର ଶୂନ୍ୟ ହୋଇ କାର୍ଯ୍ୟରେ ଲାଗିପଡ। ଦୂର କରିଦିଅ ଇହଲୋକ ଓ ପରଲୋକର ଭୋଗବାସନା। ନିଜକୁ କର୍ମ କରିବାର ଯୋଗ୍ୟ ଯନ୍ତ୍ର କରି ଗଢିତୋଳ। ଶେଷରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି ସେ କହିଛନ୍ତି – "ମୋ ଭିତରେ ଯେଉଁ ନିଆଁ ଜଳୁଛି, ତାହା ତୁମ ମାନଙ୍କ ଭିତରେ ଜଳି ଉଠୁ।" ଅର୍ଥାତ୍ ମୋର ଆଦର୍ଶ ଓ ଚିନ୍ତାଶକ୍ତିରେ ଅନୁପ୍ରାଣିତ ହୋଇ ତୁମେମାନେ ଦେଶ ଓ ଦେଶର ଉନ୍ନତି ପାଇଁ ଲାଗିପଡ।

ପ୍ରକୃତରେ ବର୍ତ୍ତମାନର ଯୁବସମାଜ ପାଇଁ ସ୍ୱାମୀଜୀଙ୍କର ଏହି ଅମୂଲ୍ୟ ବାଣୀ ଗୁଡିକ ପ୍ରେରଣାର ଉତ୍ସ ସଦୃଶ। ଯଦି ଯୁବସମାଜ ସ୍ୱାମୀଜୀଙ୍କ ଅନୁଗାମୀ ହୋଇପାରିବ, ତାହେଲେ ଭାରତରୁ ସବୁ ଦୁଃଖ ଦୁର୍ଦ୍ଦଶା ଅଚିରେ ଦୂରେଇ ଯାଇ ଭାରତବର୍ଷ ବିଶ୍ୱର ସର୍ବଶ୍ରେଷ୍ଠ ଭୂମିଖଣ୍ଡରେ ପରିଣତ ହୋଇପାରିବ।

ମୁଖ୍ୟ ସଂପାଦକ "ଅର୍ପଣ"
ଭାଇଘର, ନବରଙ୍ଗପୁର

# ଜାଣି ଅଜଣା



ବିଭୁତି ଭୁଷଣ ସାମଲ

ପ୍ରଶ୍ନ ତ ଅନେକ ସବୁ ପ୍ରଶ୍ନର
ଉତ୍ତର ମେଳେନା ଖୋଜି
କଛି ଉତ୍ତରକୁ ସମସ୍ତେ ଜାଣିବି
ଜାଣି ସିଆଣିଆ ଆଜି
ଶ୍ରାବଣ ମାସରେ ଶୈବପିଠେ ଭିଡ
କାଉଡିଆ ହେଲେ ମେଳ
ବୃଷଭ ମୂର୍ତ୍ତିରେ ଦେଇ ପୁଷ୍ପାଞ୍ଜଳୀ
ଶିବଲିଙ୍ଗେ ଜଳଢାଳ
ଜାଗର ରାତିରେ ହେଲେ ଉଜାଗର
ପ୍ରଭୁକୃପା ମିଳେବୋଲି
ପଥର ବୃଷଭ ଛୁଇଁକ ଜୁହାର
ଜୀବନ୍ତ ବୃଷଭ ପେଟପୁରେନାହିଁ
ଗୁଟୁଛି ଅଇଁଠା ଖଲି
ଦୋକାନ ବଜାର ଅଳଆ ଅଣ୍ଡାଳ
ଖାଏ ହାଟ ବାଟ ବୁଲି
ଦୋକାନୀ ସାଇତି ରଖିଅଛି ଠେଙ୍ଗା
ପାହାରଟେ ଦେବ ବୋଲି
ଦରକାର ହେଲେ ଛାଟି ଦିଏ ପାଣି
ଧକ୍କା ମାରି ଠେଲି ପେଲି
ବାପା ମାଆ ପର ଚଳନ୍ତି ଠାକୁର

କହିବା ଅତି ସରଳ
ଶେଷ ସମୟରେ କରେ ସେବାଯତ୍ନ
ଉତ୍ତମ ପୁତ୍ର ବିରଳ
ଅଧମ ପୁତ୍ରର କୃପଣ ସ୍ୱଭାବ
ଧନ ନାହିଁ ତାଙ୍କ ପାଇଁ
ଦଶାହ କ୍ରିୟାରେ ପାଣିପରି ଟଙ୍କା
ଖର୍ଚ୍ଚ କପରି କରଇ
ଲୋକ ଦେଖାଣିଆ ସେ ବଡ ପଣିଆ
ଆଡମ୍ବରେ ଭୋଜି କରି
ଆଲୋକ ଚକ୍ରରେ ଲେମ୍ବାଏ ଗଜରା
ଗୁରୁଣ୍ଡି ଜୁହାର କରି
ବଞ୍ଚିଥିବା ବେଳେ ଥିଲେ ତ ସେମାନେ
ଘରର ଅଦରକାରୀ
ଗୃହପାଳିତ କ ରଖିଥିଲ ତାଙ୍କୁ
ଶିଡିତଳେ ଘର କରି
ଆହୁରି ଅନେକ ପ୍ରଶ୍ନ ଉଙ୍କିମାରେ
କହିହୁଏ ନାହିଁ ଖୋଲି
ଭାବୁଛ କ ଗପ ଲାଗୁଛି ଖରାପ
ଆସୁଅଛି ଆମ ପାଳି

କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଶାଖା, କୁଳଅଣା

# ହେଇଛି ମୁଁ ସହିଦ



ଧିରେନ୍ ବାଗ

କାନ୍ଦିବନ ପ୍ରିୟା ମୋତେ ଦେଖି
ମୁଁ ଆସୁଛି ମାଆ ପଣତେ
ହୀରଙ୍ଗେ ଢାଙ୍କି ।
କରିଥିଲି ପଣ ତାରି ପାଇଁ
ତାର ଯଶ ଗୌରବ
କ୍ଷୁର୍ଣ୍ଣ ହବାକୁ ଦେବି ନାହିଁ ।
କଥା ଦେଇଥିଲି ଫେରିବି
ନାଲି ସିନ୍ଦୁର ସିନ୍ଥିରେ ଦେଇ
ନଜର ମୁଁ କରି ନେବି ।
ତିଳେ ହେଁ ଦୁଃଖ ନାହିଁ ମୋର
ମାଆ ପାଇଁ ଜୀବନ ଦେଇ
ହୋଇଛି ମୁଁ ସହୀଦ ବୀର ।
ଦୁଃଖ କରିବନ ମୋରି ପଇଁ
ରଖିବ ହୃଦେ ତୁମର
ଏ ଜନମେ ନହେଲେ
ଆର ଜନମେ ହେବି ତମର ।

ଗଉଡରମା, କୁଳଅଣା, ମୟୂରଭଞ୍ଜ

# ମଣିମା ଶୁଣିମା ହେଉ



ଶ୍ରୀ ଅଖଣ୍ଡ

ପ୍ରକୃତି ପୁରୁଷ ପ୍ରଭୁ ଶ୍ରୀଜଗନ୍ନାଥ । ଆଉ ଏହି ପ୍ରକୃତି ବଳରେ ସାର୍ ସଂସାର ଗତିଶୀଳ । ପ୍ରଭୁଙ୍କର ଆରମ୍ଭ କେଉଁଠି, ଶେଷ କେଉଁଠି ତାହା ଖୋଜିଲେ ମିଳେ ନାହିଁ । ସେ ହେଉଛନ୍ତି ଅନାଦି ଓ ଅନନ୍ତ । ବିଶ୍ୱାସ ଥିଲେ ବିଶ୍ୱରୂପୀଙ୍କ ବିଶାଳତାକୁ ଜାଣିହୁଏ । ଆସ୍ଥା ଥିଲେ ଇଶ୍ୱରଙ୍କ ଅସ୍ତିତ୍ୱକୁ ବୁଝିହୁଏ । ଭାବ ଥିଲେ ହିଁ ଭଗବାନଙ୍କୁ ଅନୁଭବ କରିହୁଏ । ନହେଲେ ଭଗବାନଙ୍କୁ ନେଇ ଆମେ ବ୍ୟର୍ଥ ଯୁକ୍ତି କରୁ ଓ ପ୍ରମାଣ ଖୋଜି ଖୋଜି ଜୀବନ ଶେଷ ହୋଇଯାଏ । ସଂସାରରେ ଯାହା ସବୁ ଅନୁଭବ କରାଯାଏ, ସେସବୁର କାରଣ ହେଉଛନ୍ତି ଇଶ୍ୱର । ସୁଖ, ଦୁଖ, ଦିନ, ରାତି ଆମେ ଯାହା ଉପଭୋଗ କରୁଛେ, ତାହା ସବୁ ଜଗନ୍ନାଥଙ୍କ ମାୟାଯୁକ୍ତ ରୂପ । ପ୍ରଭୁଙ୍କ ରୂପରେ ମିଶିଲେ, ତାଙ୍କୁ ଅନୁଭବ କଲେ, ସବୁ ଦୁଃଖ କଷ୍ଟ ଦୂର ହେବ । ସେ ହେଉଛନ୍ତି ଆନନ୍ଦ ମୂରତି । ତାଙ୍କ ଆନନ୍ଦ ଭାବକୁ ବୁଝି ସେଥିରେ ମଜି ରହିଲେ, ଆପଣ ନଜେ ନଜକୁ ଆନନ୍ଦିତ କରିପାରିବେ । ଏହା ହିଁ ପ୍ରକୃତରେ ପ୍ରଭୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧା । ହେ ପ୍ରଭୁ ! ଆପଣଙ୍କୁ ମୁଁ କୋଟି ନମସ୍କାର କରୁଛି। କାରଣ ଆପଣଙ୍କ ନକଟରେ ସବୁକଛି ଅନ୍ତର୍ନିହିତ ହୋଇ ରହିଛି । ସବୁଠାରେ ଆପଣ କେଉଁ କାଳରୁ ଅବିନାଶୀ ବା ଅକ୍ଷର (ଯାହର କ୍ଷୟ ନାହିଁ) ଭାବେ ବିଦ୍ୟମାନ ଅଛନ୍ତି । ମଣିଷ ଦେହରେ ତାମସିକ ଗୁଣ ଯୋଗୁଁ ସେ ଧୀରେ ଧୀରେ ଅଜ୍ଞାନ ହୋଇଯାଉଛି । ତାକୁ ପ୍ରମାଦ୍ୟ, ଆଳସ୍ୟ, ନଦ୍ରା ବିମୋହିତ କରୁଛି । ତାକୁ ହିଁ ସେ ପ୍ରକୃତ ସୁଖ ବୋଲି ଧରିନେଉଛି । ଏହାର ଉପରକୁ ଉଠିଲେ ଯେ ପ୍ରଭୁଙ୍କ ସାନ୍ନିଧ ରହିଛି ଓ ପରମ ଆନନ୍ଦ ରିହିଛି । ତାହା ସେ ବୁଝି ପାରୁନାହିଁ । ସୁପ୍ତ ଅବସ୍ଥାରୁ ଆମକୁ ଜାଗ୍ରତ

ଅବସ୍ଥାକୁ ଆସିବାକୁ ହେବ । ନିଜକୁ ଉଜାଗର କରିବାକୁ ପଡିବ । ସୁପ୍ତ ମନକୁ ଭକ୍ତି ଦୀପ ଦ୍ୱାରା ଉଜାଗର କଲେ ହିଁ ତାହା ପ୍ରଭୁଙ୍କୁ ଅନୁଭବ କରିପାରିବ । ଯୋଗେଶ୍ୱର ଜଗନ୍ନାଥଙ୍କୁ ସ୍ଥିର ଭାବେ ଧ୍ୟାନ କରିପାରିବ । ଚାରିବାହୁ ବିଶିଷ୍ଟ ରୂପ ସହ ପ୍ରଭୁଙ୍କ ଶ୍ରୀମୁଖ ଅତ୍ୟନ୍ତ ସୁନ୍ଦର । ତାଙ୍କ ମୁଖକୁ ଯିଏ ଅନୁଭବ କରିଛି, ତାକୁ ଆଉ କେଉଁ ସୌନ୍ଦର୍ଯ୍ୟ ଅବା ଆକର୍ଷିତ କରିପାରିବ ? ସେ ହେଉଛନ୍ତି ବିଶ୍ୱମୂର୍ତ୍ତୀ । ଅର୍ଥାତ୍ ସାରା ବିଶ୍ୱର ସେ ହେଉଛନ୍ତି ସ୍ୱରୂପ । ଜଗତ ଈଶ୍ୱର ବିଷ୍ଣୁ ଏହି ଜଗତ ଭଳି ଆଉ କେତେ ଜଗତକୁ ମଧ୍ୟ ଧାରଣ କରିଛନ୍ତି । ପ୍ରଭୁଙ୍କ ବିଶ୍ୱରୂପ ଦର୍ଶନ କରିବାକୁ ସମସ୍ତେ ଚାହାନ୍ତି । ଭକ୍ତ ଚାହେଁ । ଦେବାଦେବୀଗଣ ମଧ୍ୟ ଏଥିପାଇଁ ଲାଳାୟିତ । ସେହି ତେଜୋମୟ ରୂପ ଦର୍ଶନ କରିବା ସମସ୍ତଙ୍କ ଭାଗ୍ୟରେ ନଥାଏ । ସମସ୍ତଙ୍କର ସେତିକି ଶକ୍ତି ମଧ୍ୟ ନଥାଏ ଯେ ସେହି ତେଜମୋୟ ରୂପକୁ ଦେଖିପାରିବେ ବା ଅନୁଭବ କରିପାରିବେ । କାରଣ ମହାପ୍ରଭୁଙ୍କ ସେହି ରୂପ ପରମ ଓ ଅନନ୍ତ । ଭକ୍ତ ପ୍ରଭୁଙ୍କ ଶରଣାପନ୍ନ ହେଲେ ହିଁ ପ୍ରଭୁଙ୍କ ସେହି ରୂପକୁ ଅନୁଭବ କରିପାରିବ। ଆପଣ ମଧ୍ୟ କଣ ସେହି ରୂପକୁ ଦେଖିବାକୁ ଚାହାନ୍ତି ନାହିଁ ବା ଅନୁଭବ କରିବାକୁ ଚାହାନ୍ତି ନାହିଁ । ତେବେ ପ୍ରଭୁଙ୍କୁ ଡାକନ୍ତୁ । ପ୍ରଭୁଙ୍କୁ ପ୍ରଣାମ କରନ୍ତୁ । ପ୍ରଭୁ ଶୁଣନ୍ତି ଓ ଆପଣଙ୍କ ଡାକ ନିଶ୍ଚିତ ଶୁଣିବେ । କାରଣ ସେ ତ ଆପଣଙ୍କ ଡାକ ଶୁଣିବାକୁ ଆତୁର ହୋଇ ଅଛନ୍ତି ।

ଦୀକ୍ଷା ମିଶନ, ପିପିଲି, ପୁରୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ତୁମେ ନାରୀ



ଖଗେଶ୍ୱର ବାଗ

ନା ଅରି ତୁମେ କାହାର ନା ଶତ୍ରୁ କେହି ତୁମରି,
ତୁମେ ତ ମହନୀୟା ଚରିତ୍ର ତୁମେ ହିଁ ସର୍ବଂସହା ନାରୀ ।।
ଭବର ବନ୍ଧନ ତୁମ ଠାରେ ତୁମେ ମର୍ତ୍ତ୍ୟ ର ମନ୍ଦାକିନୀ,
ତୁମେ ଦୁଇ କୁଳର ଦୁହିତା ତୁମେ ହିଁ ସ୍ୱୟଂ ନାରାୟଣୀ ।।
ତୁମେ ଶ୍ରେଷ୍ଠ ତୁମେ ସ୍ରଷ୍ଟା ତୁମେ ହିଁ ବିଲୟର କାରଣ,
ଟେକିଛ ସଂସାରର ଭାର ଭାରିଯା ନାମ ବହିଣ ।।
ପତିର ଉଦ୍ଧାରକ ତୁମେ ପତ୍ନି ପରିଚୟ ନେଇ,
ତୁମେ ହିଁ ଅର୍ଦ୍ଧାଙ୍ଗୀ ଅର୍ଦ୍ଧ ନାରୀ ପୁରୁଷ ରୂପ ପାଇ ।।
ତୁମେ ଦୁର୍ଗା ଲକ୍ଷ୍ମୀ ମୀରା ଗାର୍ଗୀ ଘୋଷା ଅରୁନ୍ଧତୀ,
ଦ୍ରୌପଦୀ ଚନ୍ଦ୍ରମା ତୁମେ ସାବିତ୍ରୀ ଜାନକୀ ସତୀ ।।
ତୁମ ବିନା ଏ ଦୁନିଆର କଳ୍ପନା ଯେ ଅସମ୍ଭବ,
ଜଡ ତନେ ପ୍ରାଣ ପଶେ ସ୍ପର୍ଶେ ଯାଦୁ କିବା ତବ !

ବୁଦ୍ଧିକୋମନା, ଜିଲ୍ଲା- ନୂଆପଡା

# ପ୍ରେମ ପ୍ରତୀକ୍ଷା



ପ୍ରଶାନ୍ତ କୁମାର ନାଥ

ତୋଳଥିଲ ଯେବେ ଘରଟିଏ ପ୍ରିୟା
ସପନକୁ ମୋର ଆସି
ସେବେ ଠୁଁ ଭ୍ବିଲି ତୁମେଯେ ସାଜିବ
ମୋ ପାଇଁକ ହସ ଖୁସି

ତୁମ ଭ୍ବନାରେ ଦିନ ବିତିଗଲ୍
ସପନେ ପହିଲ୍ ର୍ତି
ମନ ମୋ କହିଲ୍ ତୁମେ ମୋ ପାଇଁ
ଜନମ ଜନମ ସାଥି ।

ସେବେ ଠାରୁ ପ୍ରିୟା ପ୍ରେମ ପ୍ରତିକ୍ଷାରେ
ମୋର ଏ ଖିଆଲି ମନ
ମନେ ମନେ ପର୍ ଭ୍ବି ମୁଁ ନେଇଛି
ତୋଳବା ପାଇଁକ ଜହ୍ନ ।

ଜହ୍ନ ପରି ତୁମ ମୁହଁଟି ସୁନ୍ଦର
ଓଠ ତଳେ କଳାଜାଇ
ପ୍ରେମ ପ୍ରତିକ୍ଷାରେ ମୋ ମନ ରହିଛି
ତୁମରି ବାଟକୁ ଗ୍ହିଁ ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର

# ପିଜୁଳର ସହଜ କଲମୀ



ପ୍ରୀତିଲଗ୍ନା ଧଳ

ସାଧାରଣତଃ ପିଜୁଳରେ ସବୁଆଡ଼େ ମଞ୍ଜିରୁ ଜାତ ଗଛ ଦେଖିବାକୁ ମିଳେ । ମଞ୍ଜିରୁ ଜାତ ଗଛ ବହୁତ ଡେରିରେ ଫଳ ଧରେ ଏବଂ ମା'ଗଛର ଗୁଣ ଓ ଅମଳର ମାନ ସଠିକ୍ ରୂପେ ନିର୍ଣ୍ଣୟ କରିହୁଏ । ତେଣୁକରି ବର୍ତ୍ତମାନ ପିଜୁଳର ବଂଶବିସ୍ତାର ପାଇଁ ବ୍ୟବସାୟିକ ଦୃଷ୍ଟିକୋଣରୁ ଅଙ୍ଗୀୟ ପ୍ରସାରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଅଙ୍ଗୀୟ ପ୍ରସାରଣର ପ୍ରକାରଭେଦ ମଧ୍ୟ ରହିଛି ସେଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି ।

## ୧. ଯୋଡ଼ା କଲମୀ :

ଏହି କଲମୀ ବ୍ୟବସାୟିକ ଭିତ୍ତିରେ କରାଯାଉଛି । ଏହି କଲମୀ ଦ୍ୱାରା ଶତକଡ଼ା ୯୦- ୯୫ ଭାଗ ସଫଳତା ଲାଭ କରିଛି । ଭଲ କିସମ ମା' ଗଛର ପେନସିଲ ମୋଟେଇ ପାକଳ ଡାଳକୁ ମାଟି ଆଡ଼କୁ ଓହଳାଇ ବାଡ଼ିଦ୍ୱାରା ବାନ୍ଧିବାକୁ ହୁଏ । ଅନ୍ୟ ଏକ ଦେଶୀ ଛୋଟ ସମାନ ମୋଟେଇ ବିଶିଷ୍ଟ ଗୃରାଗଛକୁ ପଲିଥିନ୍ ବ୍ୟାଗ କିମ୍ବା ମାଟି କୁଣ୍ଡରେ ଲଗାଯାଇଥାଏ । ସେହି ଛୋଟ ଗଛ ଓ ମା' ଗଛର ଓହଳାଇ ଥିବା ଡାଳକୁ ପାଖାପାଖି ରଖାଯାଏ । ଦୁଇ ଡାଳକୁ କଲମୀକରା ଛୁରୀ ସାହାଯ୍ୟରେ ସମାନ ଭାବରେ ଚଞ୍ଛାଯାଏ । ଚଞ୍ଛାଅଂଶ ୧ ସେ.ମି ଚଉଡ଼ା ଏବଂ ୪- ୫ ସେ.ମି ଲମ୍ବା ଓ ୨ ମି.ମି. ଗଭୀର ବିଶିଷ୍ଟ ହେବା ଆବଶ୍ୟକ । ଚଞ୍ଛାଡାଳ ଦ୍ୱୟକୁ ଯୋଡ଼ି ୨୦୦ ଗଜ ମୋଟା ଓ ୨ ସେ.ମି ଚଉଡ଼ା ବିଶିଷ୍ଟ ପଲିଥିନ୍ ରିବନକୁ ଭଲ ଭାବରେ ବନ୍ଧାଯାଏ । ତା' ପରେ ଛୋଟ ଗଛର ଯୋଡ଼େଇ ଉପରକୁ ଥିବା ଡାକୁ ସମ୍ପୂର୍ଣ୍ଣ ଭାବେ ୨ ମାସରେ କଟାଯାଏ । କଲମୀ କରାଯାଇଥିବା ଯାଗାରୁ ମା' ଗଛର

ତଳଭାଗ ଏବଂ ଗୁଣ୍ଡିଗଛର ଉପର ଭାଗରୁ ଡାଳକୁ ୨- ୩ ଥରରେ ସପ୍ତାହକ ମଧ୍ୟରେ ଧିରେ ଧିରେ ସମ୍ପୂର୍ଣ୍ଣ ଭାବରେ କଟାଯାଏ । ପ୍ରସ୍ତୁତ କଲମୀ ଗଛକୁ ଛାୟା ଥିବା ଜାଗାରେ ରଖାଯାଏ ।

୨) ଆଖି କଲମୀ :

ଆଜିକାଲି ଆଖି କଲମୀ ଦ୍ୱାରା ମଧ୍ୟ ପିଜୁଳି ଗଛର ବଂଶବିସ୍ତାର ବ୍ୟବସାୟୀକ ଭିତ୍ତିରେ କରାଯାଉଛି । ପ୍ରଥମେ ଛୋଟ ଗଛକୁ ପଲିଥିନ୍ ବ୍ୟାଗ କିମ୍ବା ମାଟି କୁଣ୍ଡରେ ଲଗାଯାଏ ଓ ଏହାକୁ ମୂଳଗଛ କୁହାଯାଏ । ଗଛର ଯେଉଁ ସ୍ଥାନରେ କଲମୀ କରାଯିବ କଅଁକୁ ଥିବାସବୁ ପାଖର ଡାଳ ଗୁଡ଼ିକୁ କାଟି ଅଲଗା କରାଯାଏ । ମା' ଗଛର ଚକ୍ଚକ ହୋଇଥିବା ପତ୍ର ବାହାରିବା ପାଇଁ ପ୍ରସ୍ତୁତ ପାକଳ ଆଖିକୁ ୨ ରୁ ୧.୫ ସେ.ମି ଆକାରରେ କାଟି ବକଳ ସହ ଅଲଗା କରି ନିଆହୁଏ । ଗୁଣ୍ଡି ଗଛର ୧୫- ୨୦ ସେ.ମି. ଉପରକୁ କଟା ହୋଇଥିବା ବିକଳ ସମାନ ଆକାରରେ କଟାଯାଇ ମା' ଗଛରୁ ଆସିଥିବା ଆଖିକୁ ଯତ୍ନ ସହକାରେ ଲଗାଯାଏ । ତା ଉପରେ ୨୦୦ ଗଜ ମୋଟେଇ ଓ ୨ ସେ.ମି ଚଉଡ଼ା ବିଶିଷ୍ଟ ପଲିଥିନ୍ ରନ୍ଧକୁ ଆଖିର ପତ୍ର ବାହାରିବା ସ୍ଥାନକୁ ଛାଡ଼ି ଭଲ ଭାବରେ ଗୁଡ଼ା ହୋଇ ବନ୍ଧାଯାଏ । ଆଖିରୁ ପତ୍ର ବାହାରିବା ପାଇଁ ୨୫- ୩୦ ଦିନ ସମୟ ଲାଗେ । ପତ୍ର ବାହାରିବା ପରେ ମୂଳଗଛର ଅଗ୍ରଭାଗକୁ ଧାରୁଆ ଛୁରୀ ସାହାଯ୍ୟରେ ସମ୍ପୂର୍ଣ୍ଣ ଭାବରେ କଟାଯାଏ । ବେଳେବେଳେ ପତ୍ର ବାହାରିବା ପୂର୍ବରୁ ମଧ୍ୟ ଉପର ଡାଳ କଟାଯାଏ । କଲମୀ କରିବା ପାଇଁ ମୂଳ ଗଛର ମୋଟେଇ ୧.୫ ସେ.ମି ହେବା ଆବଶ୍ୟକ । ପ୍ରସ୍ତୁତ କଲମୀ ଗଛ ଗୁଡ଼ିକୁ ଛାଇ ଜାଗାରେ ରଖାଯାଏ ।

ପନିପରିବା ବିଜ୍ଞାନ ବିଭାଗ
ଓ.ୟୁ.ଏ.ଟି, ଭୁବନେଶ୍ୱର

# କର ହେ ଶପଥ



ପ୍ରେମଶିଲ୍ ରାଉତ

କଥା ଦିଅ ସାଥି ରହିବାକୁ ମୋର
ହୃଦୟରେ କରି ଘର
ଆସୁ ପଛେ ଯେତେ ବାଧା ଓ ବନ୍ଧନ
କରିବନ କେବେ ପର ।

ସାଥି ହୋଇ ସଦା ଚାଲୁଥିବ ବାଟ
ମୋ ହାତେ ହାତ ମିଳେଇ
ସୁଖରେ ଦୁଃଖରେ ସବୁ ସମୟରେ
ପାଖେ ପାଖେ ଥିବ ରହି ।

ଚାହେଁ ନାହିଁ ସାଥି ତୁମଠାରୁ ମୁହିଁ
ସୁନା ରୂପା ହିରା ମୋତି
ମାଗୁ ନାହିଁ ମୁଁ ଯେ କୋଠାଘର, ଟଙ୍କା
ଲୋଡା ନାହିଁ ମୋ ସଂପର୍ତ୍ତି ।

ମାଗୁଛି ତୁମକୁ ଓଠେ ଟିକେ ହସ
ମନେ ଆଞ୍ଜୁଳାଏ ଶାନ୍ତି
ଚାହେଁ ମନ ମୋର ତୁମଠାରୁ ସାଥି
ଅଭୁଲା ପ୍ରେମ ପୀରତି ।

ପଚାରୁଛି ସାଥି ମୋ ମନ ତୁମକୁ
ଭଲପାଉଛ କ ନାହିଁ
ମୁଣ୍ଡ ଛୁଇଁ ବାରେ କର ହେ ଶପଥ
ସାଥି ହୋଇ ଥିବ ରହି ।

ଆଜୀବନ କାଳ ଭଲପାଇବାକୁ
କଥା ଦିଅ ମୋତେ ଆଜି
ଚିରକାଳ ତୁମ ମନ ଆଇନାରେ
ରଖିବ ହେ ରାଣୀ ସାଜି ।

ଗ୍ରାମ- ବୃନ୍ଦାବାହାଲ, କଳାହାଣ୍ଡି

# ଦଏବ ଦେଇଛେ ଯୁଖି



ଶଙ୍ଖସିନ୍ଧୁ ପୁରୋହିତ

ମନ୍ଦିର ଆଘେ ତୁଲସି ଗଛ୍,
ମାହାପୁରୁ ହେଇଯାଏସି ।
ମସାନ୍ ପଦଥି ଇତାର୍ ଦିହେ
କୁକର୍ ବି ମୁତସି ॥
ଜାଗର୍ ଥି ଜଲଲେ ନଆଁ
ଦୀପ ହେଇ ସଂସାର ମଂଗଲ କରସି ।
ଛାନ ପିରଡାଥି ଲାଗିଗଲେ ଇଟା
ଦୁନଆଁ ଦହନ୍ କରିନେସି ॥
ଅରଖି, ଦୁଦଗ୍ର ଦେବତାର ମୁଡେ
ବଡା ଅଏନ୍ ଦିସି,
ଜଂଗଲ ଭିତରେ କଏ ଖାଇନେଲେ
ଠାନେ ଝୁମରି ପଡସି ॥

ପାଏନ୍ ଜୀବନ, ପାଏନ୍ ମଙ୍ଗଲ
ପଏନ୍ ସମକର ଦରକାର
ଦିନେ, ଦୁଇଦିନ୍ ନାଇଁ ପାଏଲେ
ହେଇଯିବା ସଭେଁ ଖାର୍ ॥
ଅଏତକା ହେଲେ ସେ ପାଏନ୍ ଫେନ୍
କାରନ୍ ହେବା ମରବାର୍ ॥
ଯାହାକେ ଯେନ୍ନେ, ଯେନତା କେ ସେଟା
ଦଇବ ଦେଇଛେ ଯୁଖି ।
ଇଆଡେ ସେଆଡେ, ଉପରକେ ତାର
କରି ନାଇ ପାରୁ ବାବୁ
କାଁରି ହେଉଛି ଘାଁଟି ॥

ବଡାଲି, ଉଲୁଣ୍ଡା, ସୁବର୍ଣ୍ଣପୁର

# ଅନ୍ତିମ ସୂର୍ଯ୍ୟ



ପୁରୁଷୋତ୍ତମ ମିଶ୍ର

ମୁଁ ପ୍ରତିବର୍ଷ ଖରା ଦିନ ଛୁଟି ଟି ମୋ ମାମୁଁ ଘର ସନ୍ତୁମାଧବ ଶାସନରେ ଖେଳି ବୁଲି ଓ ଅଳ୍ପ ପଢ଼ି କଟାଏ । ସେ ବର୍ଷ ମୋର ସପ୍ତମ ପରୀକ୍ଷା ସରିଯାଇଥାଏ ଓ ଅଷ୍ଟମ ଶ୍ରେଣୀ ପାଇଁ ବହି ସବୁ ଯୋଗାଡ଼ ବି ହେଇସାରିଥାଏ । ମୋ ମାମୁଁଘରେ ଖରାଦିନଆ ସକାଳ ସବୁ ଭାରି ସୁନ୍ଦର । ଉଠୁ ଉଠୁ ସ୍କୁଲ କିମ୍ବା ଟିୟୁସନ ର ଚିନ୍ତା ନଥାଏ କି ଡେରି ରେ ଉଠିଲେ ଆଉ ବାପାଙ୍କ ଗାଳିଶୁଣିବା ର ଟେନସନ ବି ନଥାଏ ।

ମୁଁ ସେଦିନ ସକାଳୁ ମାଈଙ୍କ ଠାରୁ ରୁଟି ଓ ଭଜା ଖାଇ ବସିଗଲି ମାମୁଁଙ୍କ ପାଖରେ ଗଣିତ ପଢ଼ିବାକୁ । ମାମୁଁ ମୋତେ ୧୦ ଟା ଅଙ୍କ କରିବାକୁ ଦେଇ ସମାଜ ସାପ୍ତାହିକ ଧରି ବସିଗଲେ ଗପ ପଢିବାକୁ, ମୁଁ ମଝିରେ ମଝିରେ ଦେଖିବାକୁ ଚେଷ୍ଟା କରୁଥିଲି ମାମୁଁ କୋଉ ଗପ ପଢୁଛନ୍ତି। କିନ୍ତୁ ମୋତେ କେବଳ ସ୍ପଷ୍ଟ ଭାବେ ଦୃଶ୍ୟ ହେଉଥିଲା 4-5-2008 ଯାହା ସେଦିନର ଡେଟ୍ ଥିଲା। ଏଇ ସମୟରେ ମାମୁଁ ଘର ଗାଁର ଦିବାକର ମିଶ୍ର ନିଜ ସାଥିରେ ନିଜ ଝିଅ କୁ ଆଣି ସେଠାରେ ମାମୁଁଙ୍କ ପାଖେ ଛାଡ଼ିଦେଇଗଲେ । ଝିଅଟି ଚପଲ ପିନ୍ଧି ନଥିବାରୁ ତାତିଲା ଚଟାଣ ଉପରେ ଡେଇଁ ଡେଇଁ ଆସୁଥିଲା । ମୁଁ ଟିକେ ହସିଦେଲି ଆଉ ମୋ ହସ ଦେଖି ମାମୁଁ ମୋତେ ଗାଳି କଲେ କିନ୍ତୁ ସେ ଝିଅ କିଛି ପ୍ରତିକ୍ରିୟା ପ୍ରକାଶ କଲା ନାହିଁ । ରଜ ଛୁଟି ସରିବା ପର୍ଯ୍ୟନ୍ତ ସେ ପ୍ରତିଦିନ ମାମୁଁଙ୍କ ପାଖକୁ ପଢିବାକୁ ଆସୁଥିଲା ଏବଂ ସେ ଓ ମୁଁ ମିଶି ମାମୁଁଙ୍କ ପାଖେ ଗଣିତ ଓ ବିଜ୍ଞାନ ପଢୁଥିଲୁ। ଏ ଭିତରେ ମୁଁ ଜାଣି ସାରିଥାଏ ତା ନାଁ ଇପ୍ସିତା ମିଶ୍ର । ମାମୁଁ ତାକୁ ଡାକୁଥିଲେ ଇପି । ମୁଁ କିନ୍ତୁ ତାକୁ ସେହି ଇପ୍ସିତା ହିଁ ସମ୍ବୋଧନ କରୁଥିଲି ।

ସେ ବି ଅଷ୍ଟମ ରେ ପଢୁଥିଲେ ମଧ୍ୟ ପୁରୁଣା ନବମ ଶ୍ରେଣୀ ଗଣିତ ବହିଟେ ସାଙ୍ଗରେ ଧରି ଆସୁଥିଲା । ମଝିରେ ମଝିରେ ନବମ ବୀଜଗଣିତ ର କେତୋଟି ପ୍ରଶ୍ନର ସମାଧାନ କରୁଥିବା

ମୁଁ ଦେଖୁଥିଲି । ମୁଁ ଆଶ୍ଚର୍ଯ୍ୟ ହେଇ ପଗ୍ଚରିଲାରୁ ସେ କହିଲା, "ଏଇଟା ମୋ ବଡ଼ବାବାଙ୍କ ପୁଅ ଟୁନୁ ନନାର ବହି । ତାକୁ ତାଙ୍କ ଟିୟୁସନ୍ ସାର୍ ଯାହା ପାଠ ପଢ଼ା ଦିଅନ୍ତି ସେ ମୋତେ ଦେଇଦିଏ କରିଦେବା ପାଇଁ ।"

- - କନ୍ତୁ ସେଇଟା ତ ନବମ ଗଣିତ ? ତୁ କେମିତି କରିପାରୁଛୁ ?

- - ମୁଁ କଣ ସବୁ କରିପାରୁଛି ? ଉଦାହରଣ ଦେଖି ଯେତିକ ଆସୁଛି ସେତିକ କରିଦେଉଛି ନା । ଘରେ ନବମ ପାଠ କଲେ ବାପା ରାଗୁଛନ୍ତି ଆଉ ଟୁନୁନନା ତାଙ୍କ ଘରେ ମାଡ଼ ଖାଉଛି ବୋଲି ଏଠିକ ନେଇଆସିଛି । ବିଷ୍ଣୁସାର୍ ଆସିବା ଆଗରୁ ଗୋଟେ ଦୁଇଟା ଗଣିତ କରି ଦେଉଛି ।

ମୁଁ ଆଶ୍ଚର୍ଯ୍ୟ ହୁଏ ଝିଅଟାର ଗଣିତ ପ୍ରତି ଏତେ ଆଗ୍ରହ ଦେଖି । ସେ କେବେ ବି ଅଙ୍କଟିଏ ଭୁଲ କରେନ । ମାମୁଁ ବି ତା ବିଚକ୍ଷଣ ମେଧାରେ ଖୁବ୍ ଖୁସି ହୁଅନ୍ତି । ମୋର କେବେ ପାଠ ଭୁଲ୍ ହେଲେ କହନ୍ତି, "ଇପି ତା କାନ କୁ ମୋଡି ଦୁଇ ଚଟକଣା ମାରେ ତ, ଅକଲ ଆସିଯାଉ ସେ ମୂର୍ଖ ର "। ଇପ୍ସିତା ମୋ କାନ ନମୋଡ଼ି ଖାଲି ହସେ । ଆମେ ଦୁଇ ଜଣ କନ୍ତୁ ସେହି ସ୍ୱଳ୍ପ ସମୟ ଭିତରେ ଖୁବ ଭଲ ସାଙ୍ଗ ହୋଇ ଯାଇଥିଲୁ । ମୋ ଡାକ ନାମ ଗୁଲସନ୍ ହେଇଥିବା ସତ୍ତ୍ୱେ ସେ ମୋତେ ଗୁଲିସୁନ ଡାକ ଚଢ଼ଉଥିଲା ।

ସେହି ସପ୍ତମ ପରୀକ୍ଷା ପରଠୁ ପ୍ରତିବର୍ଷ ଖରା ଦିନ ଛୁଟିରେ ଆମର ଦେଖା ସାକ୍ଷାତ ହେଉଥିଲା । ଇତି ମଧ୍ୟରେ ମୁଁ ମାଟ୍ରିକ ପରୀକ୍ଷା ଦେଇ ଅପେକ୍ଷା କରିଥାଏଁ ପରୀକ୍ଷା ଫଳକୁ । ଫଳ ବାହାରିଲା ମୁଁ 600 ରୁ 532 ମାର୍କ ରଖି ପ୍ରଥମ ଶ୍ରେଣୀ ରେ ଉତୀର୍ଣ୍ଣ ହେଲି । ମାମୁଁଙ୍କ ଠାରୁ ଜାଣିବାକୁ ପାଇଲି ଇପ୍ସିତା 535 ମାର୍କ ରଖି ରେଭେନସା ବିଶ୍ୱବିଦ୍ୟାଳୟ ରେ ପଢ଼ୁଛି । ମୁଁ ତାକୁ ୟା ଭିତରେ ଥରେ ଦି ଥର ସମ୍ପର୍କ କରିବାକୁ ଚେଷ୍ଟା କରି ବିଫଳ ହେବାରୁ ତା ସହ ଆଉ କୌଣସି କଣ୍ଟାକ୍ଟ ରେ ନଥିଲି । ମୁଁ ଯୁକ୍ତ ଦୁଇ ପଢିବା ପରେ କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ରେ ଆଡ଼ମିଶନ ନେଲି । ସେହି ସମୟରେ ଜାଣିବାକୁ ପାଇଲି ଇପ୍ସିତା ବୁର୍ଲା ସ୍ଥିତ ସରକାରୀ ଡାକ୍ତରୀ ମହାବିଦ୍ୟାଳୟ ରେ ଡାକ୍ତରୀ ପଢ଼ୁଛି ।

ଶୁଣିବାକୁ ପାଇଥିଲି ପ୍ରଥମ ଚେଷ୍ଟାରେ ସେ ମେଡିକାଲ ଏଣ୍ଟ୍ରାନ୍ସ ଭଲ rank ରଖି ଉତୀର୍ଣ୍ଣ ହେଇଛି ।

ଇତି ମଧ୍ୟରେ ପାଞ୍ଚ ଛ ବର୍ଷ ବିତି ଯାଇଥିଲା । ମୁଁ ବ୍ୟସ୍ତତା ଭିତରେ ଆଉ ମାମୁଁ ଘରକୁ ବେଶି ଯାଇପାରି ନଥିଲି । କିନ୍ତୁ ମାମୁଁଘର କଥା ମନେ ପଡ଼ିଲେ ସବୁଠୁ ଆଗ ଇପ୍ସିତା ର ଶାନ୍ତ ସରଳ ଚହ ଟା ମୋ ଆଖି ଆଗରେ ଆଙ୍କି ହେଇ ଯାଉଥିଲା । ତା ପତଳା ଶରୀର, କୁଞ୍ଚୁକୁଞ୍ଚିଆ କେଶ, ବଡ଼ ବଡ଼ ସ୍ଥିର ଦୁଇଟି ଚକ୍ଷୁ ଓ ଖିଲି ଖିଲି ହସ ତ ଜୀବନରେ କେବେ ଭୁଲିବାର ନୁହଁ । ଏବେ ସେ କେମିତି ଦିଶୁଥିବ ଆଉ ମୋତେ ଚହ୍ନି ମୋ ସହ କଥା ହେବକି ନାହିଁ ମୁଁ ଜାଣିବାକୁ ଚାହୁଁଥିଲି।

ଇପ୍ସିତା ସମ୍ବନ୍ଧୀୟ ଆଉ ଏକ ଘଟଣା ଆଜି ବି ମୋର ସ୍ପଷ୍ଟ ମନେ ଅଛି । ନବମ ଶ୍ରେଣୀ । ଜୁନ ମାସ । ରଜ ଆଉ ଅଳ୍ପଦିନ ଥାଏ । ମାଈଁ ତାଙ୍କ ବାପଘରୁ କୁ ଦୁଇଦିନ ପାଇଁ ଯିବାକୁ ବାହାରିଥିଲେ । ପାଖରେ ତାଙ୍କ ଘର । ମୋତେ ବି ରିକ୍ସା ରେ ବସେଇ ସାଙ୍ଗରେ ନେଇଗଲେ। ସେଠି ବି ସବିତା ର ଭଣଜା ବୋଲି ମୋର ଖାତିର କାହିଁରେ କଣ । ଫେରିଲା ବେଳକୁ ମୋର ନୂଆ ପ୍ୟାଣ୍ଟ ଶାର୍ଟ, ମାମୁଁ ଝିଅ ବୁନର ଫ୍ରକ୍ ଓ ମାଈଁଙ୍କର ନୂଆଶାଢ଼ି କଣା ହେଇ ଆସିଲା । ମାଈଁଙ୍କର ଛୋଟ ଝିଅଟିଏ ଥିଲା, ଝୁନା । ମୋରି ବୟସର । ପ୍ରଚଣ୍ଡ ଗଧୀ । ତାର ପୁରୁଣା ଡ୍ରେସ କେଇହଳ ମାଈଁ ମାଗି କରି ଆଣିଲେ । କହିଲେ, "ଆମ ଘର ପାଖରେ ଗରିବ ଝିଅଟେ ଅଛି । ବହୁତ ଭଲ ପଢେ । ହଳକୁ ଛାଡ଼ି ଆଉ ଦୁଇ ହଳ ଫ୍ରକ୍ ବି ନାହିଁ ବିଚାରୀ ର । ଝୁନା ତ ଏସବୁ ପିନ୍ଧୁନ । ତାକୁ ଦେଲେ ସେ ବଡ଼ ଖୁସି ରେ ପିନ୍ଧନ୍ତା " ।

ମୁଁ ଭାବୁଥିଲି କିଏ ସେ ଗରିବ ଭଲ ଛାତ୍ରୀ ଟି ? ମୁଁ ବି ଦେଖେ ଇପ୍ସିତା ପ୍ରତିଦିନ ସେହି ନୀଳ ଖଇରୀ ରଙ୍ଗର ଫ୍ରକ୍ କୁ ଛାଡ଼ି ଅନ୍ୟ କିଛି ପୋଷାକ ପିନ୍ଧି କରି କୋଉଦିନ ଆସେନ । ଆମେ ନଥିଲୁ ବୋଲି ଇପ୍ସିତା ପଢ଼ିବାକୁ ଆସିନଥିଲା । ରବିବାର ସକାଳେ ମାଈଁ ମୋତେ ପଠେଇଲେ ତାକୁ ଡାକଆଣିବା ପାଇଁ । ମୁଁ ତାଙ୍କ ଘରକୁ କେବେ ଯାଇନଥିଲି । ମୋ ମାମୁଁଙ୍କ ଛୋଟ ଝିଅ ବୁନ ସହ ତାଙ୍କ ଘରକୁ ଗଲି । ଆମେ ତାଙ୍କ ଘର କବାଟ ନବାଡେଇ ସିଧା ସେହି ନୁଆଁଣିଆ ଚାଳ ଘର ଭିତରକୁ ପଶିଗଲୁ । ଆଉ ଯାହା ଦେଖିଲି, ମୋ କୈଶୋର ମନ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରି ଉଠିଲା । ଇପ୍ସିତା ସେତେବେଳେ ଏକଦମ ଚାରି, ପିଠି

ପାଖରେ ବୋତାମ ଛିଡି ଗଣ୍ଠି ପଡିଥିବା ଫ୍ରକ ଟିଏ ପିନ୍ଧି ବସି କଂସାଟେ ଆଗରେ ଥୋଇ ତୁଚ୍ଛା ପଖାଳ ଖାଉଛି । ପଖାଳ କଂସାଟି ବି ଫଟା । କଂସା କଡ଼ରେ ଛୋଟିଆ ଥାଳିଆ ରେ ଲଙ୍କା ଆଉ ଲୁଣ ଥୁଆ ହେଇଛି । ତାରି ଭିତରେ ବି ଇପ୍ସିତା ବାମ ପାଖରେ ଇତିହାସ ବହିଟି ଥୋଇ କଂସା ରେ ଡାହାଣ ହାତ ପୁରାଉଛି ଓ ବାଁ ହାତରେ ବହିର ପୃଷ୍ଠା ଓଲଟାଉଛି । ଟିକେ ଦୂରରେ ଇପ୍ସିତା ର ମାଆ ତାର ସେହି ନୀଳ ଖଇରିଆ ଡ୍ରେସ ଟା ସିଲେଇ କରୁଛନ୍ତି । ମୋତେ ସେଠି ଦେଖି ଇପ୍ସିତା ଟିକେ ଅପ୍ରସ୍ତୁତ ହୋଇ ପଡ଼ିଲା । ମୁଁ କିନ୍ତୁ ଆଉ ସେଠି ଠିଆ ହୋଇ ପାରିଲିନ । "ମାଈଁ ଡାକୁଛନ୍ତି, ଖାଇସାରି ଆସିବୁ", କହି ଦୌଡି ପଳେଇ ଆସିଲି ସଙ୍ଗେ ସଙ୍ଗେ ।

ସେଦିନ ସେ ଗ୍ଟରିଟା ବେଳେ ମାମୁଁଘରକୁ ଆସିଲା । ଝୁନାର ସବୁ ଡ୍ରେସ ପିନ୍ଧିକି ହେଉଛି କ ନାହିଁ ଦେଖିଲା ବୋଧେ । କିଛି ସମୟ ପାଇଁ ମାଈଁଙ୍କ ରୁମ୍ ଟା ବନ୍ଦ ଥିଲା । ସେ ସେହି ସବୁ ଡ୍ରେସ କୁ ଜରି ବ୍ୟାଗ ଭିତରେ ରଖି ମାମୁଁ ଘର ପିଣ୍ଡା ତଳକୁ ଓହ୍ଲେଇ ପଳାଉଥିଲା ମୋତେ କନିଅର ଗଛ ପାଖରେ ଦେଖି ଅଟକି ଗଲା । ମୁଁ ତାକୁ ପଗ୍ଟରିଲି "କାଲି ସକାଳୁ ଆସିବୁ ତ? "

- - ହଁ ଆସିବି । ତୁ କାହିଁକି ସଙ୍ଗେ ସଙ୍ଗେ ପଳେଇଆସିଲୁ । ମୋ ବାବା ମାଆ ତତେ ପଛରୁ ଡାକବାକୁ ଗଲାବେଳକୁ ତୁ ସେଠୁ ଛୁ ।

- - ହଁ ଟିକେ କାମ ଥିଲା ।

- - ଆମର ଗରିବ ବୋଲି ତୁ ଆମ ଘରେ ବସିଲୁନ ନାଁ ?

ତାର ଏମିତି ପ୍ରଶ୍ନ ରେ ମୋ ଛାତିର ଦୁଃଖଟା ଆହୁରି ଭାରି ହେଇଗଲା ଭଳି ମୋତେ ଲାଗିଲା। ମୁଁ ମୁଣ୍ଡ ହଲେଇ କହିଲି," ନାଇଁ ରେ ସେମିତି ନୁହେଁ । ଧନୀ ଆଉ କିଏ କି? "

ସେ କିନ୍ତୁ ସେଦିନ ବଡ଼ ଦମ୍ଭ ରେ ଚକମିକ ଆଖିରେ ମୋତେ କହିଥିଲା, "ଗୁଲିସୁନ ! ତୁ ଦେଖିବୁ, ମୁଁ ପାଠ ପଢ଼ି ବହୁତ ଆଗକୁ ଯିବି। ମୋର ଇଚ୍ଛା ମୁଁ ଗୋଟେ ବଡ଼ ଡାକ୍ତର ହେଇ

ମୋ ବାବା ମାଆଙ୍କ ସ୍ୱପ୍ନ ପୂରଣ କରିବି । ମୋ ବାବା ମୋ ପାଇଁ ଯେତେ କଷ୍ଟ କରୁଛନ୍ତି ମୁଁ ବି ଦିନେ ଚାକରୀ କରି ତାଙ୍କର ସବୁ ଦୁଃଖ କଷ୍ଟ ଦୂର କରିଦେବି ।"

ସେ ସେତିକ କହିଲାବେଳେ ତା ଗଳା ପାଖରେ ସ୍ୱର ଟା ଟିକେ କରୁଣ ହେଇ ଆସୁଥିଲା । ସେ ଚାଲିଯାଉଥିଲା ଆଉ ମୁଁ ତାକୁ ପଛରୁ ଥାଇ ସେମିତି ଚାହିଁରହିଥିଲି । କି ଦୃଢ଼ତା ଥିଲା ତାର ସେହି କେହି ଧାଡ଼ି କଥାରେ ! ଆଜି ଯାଏଁ ମୁଁ ତାର ସେହି ଉଜ୍ଜ୍ୱଳ ଆଖି ଓ ଦୃଢ ବାକ୍ୟ କୁ ଭୁଲି ନାହିଁ ।

ଡିସେମ୍ବର ମାସ । ମୁଁ ଗାଁ କୁ ଆସିଥାଏ । ମାଆ କହୁଥିଲା ମାମୁଁଘର ଆଡ଼େ ଯିବ । ତା ମାଆ ମାନେ ମୋ ଆଈର ଶ୍ରାଦ୍ଧ ଦିନ ଯିବାକୁ ମାମୁଁ ତାକୁ ଡକେଇଛନ୍ତି । ମାଆ ମୁହଁରୁ ମାମୁଁଘର ନାଁ ଶୁଣି ପୁଣି ଥରେ ମୋର ଖରାଦିନଆ ଛୁଟି ଓ ଇପ୍ସିତା କଥା ମନେ ପଡିଗଲା । ମୁଁ ମାଆଠୁ ତା ବିଷୟରେ ଜାଣିବାକୁ ପଚାରିଲି ।

- - ମାଆ ସେ ଦିବାକର ମାମୁଁ ଙ୍କ ଝିଅ ଯିଏ ଡାକ୍ତରୀ ପଢୁଥିଲା ତା ଖବର କଣ? ଏମ୍.ବି.ବି.ଏସ୍ ପରେ ପିଜି ପାଇଲାଣି ନାଁ ପାଇନ ?

- - ଭାଉଜ କହୁଥିଲେ ସେ କୋଉଠି ଗୋଟେ ଜଏନ୍ କରିଛି । ତାଙ୍କ ଘର ପରିସ୍ଥିତି ଯାହା ଥିଲା, ତାର ଚାକରୀଟେ ଆଗ ଦରକାର ଥିଲା । ସରକାରୀ ମେଡିକାଲ ରେ ଚାକରୀ ପାଇଛି। ଭଲ ଦରମା ବି ପାଉଛି । ତା ବାପ ପରା ତାଙ୍କର ଘର କଲାଣି । ଗାଁରେ ଲୋକେ କହୁଛନ୍ତି, "ଶହେ ଟା ବାଲୁଙ୍ଗା ପୁଅ ଠୁ ଇପି ଭଳ ଗୋଟାଏ ଯୋଗ୍ୟ ଝିଅ କୋଟିଏ ଗୁଣରେ ଭଲ " । ଯାହା କହ ପଛେ ଦିବାକର ନନା କୋଉ ଜନ୍ମ ରେ କି ପୂଣ୍ୟ କରିଥିବେ ନିଶ୍ଚୟ, ନହେଲେ ଏମିତି ହୀରା ଖଣ୍ଡେ ପାଇଥାନ୍ତେ ! ସେ ଯେମିତି ଟ୍ୟାଲେଣ୍ଟେଡ ଝିଅ ଚାକରୀ କରୁ କରୁ ପିଜି ପାଇଯିବ ନିଶ୍ଚୟ ।

ମୁଁ ଆଉ ମାଆ କୁ ବେଶି କିଛି ପଚାରିଲିନି, ନହେଲେ ସେ ତା ପରେ ପରେ ଇପ୍ସିତା ସହ ମୋତେ ତୁଳନା କରି ଗାଳ କରିବା ଆରମ୍ଭ କରିଦେଇଥାନ୍ତା । କୋଉ କଥା ନେଇ କୋଉଠି ପହଞ୍ଚେଇ ଦେଇଥାନ୍ତା ।

ମାଆର ମାମୁଁଘର କୁ ଯିବା ଆଉ ରି ଦୁଇ ଦିନ ବାକିଥାଏ । ଆମେ ସକାଳୁ ସେଦିନ ପିଣ୍ଡାରେ ଖଟ୍‌ରେ ବସି ଚା ପିଉଛୁ, ପେପର୍ ବାଲା ସମ୍ବାଦ ପେପର୍ ପକେଇଦେଇ ଗଲା । ବାବା ପେପର୍ ଉଠେଇ ପ୍ରଥମ ପୃଷ୍ଠା ଟା ଖୋଲିଛନ୍ତି କଣ ଗୋଟେ ପଢିକି ଆଶ୍ଚର୍ଯ୍ୟ ହେଇ ମାଆ କୁ ପଚାରିଲେ, "ତୁମ ଗାଁର ସେ ଡାକ୍ତର ଝିଅଟା କୋଉଠି ପୋଷ୍ଟିଙ୍ଗ ହେଇଥିଲା କୁହନ "?

- - କାହିଁ କଣ ହେଲା କ ?

- - ହେଇ ଦେଖିଲ କଣ ବାହାରିଛି ?

ଆମେ ସମସ୍ତେ ଖବର କାଗଜ ଟା ଉପରେ ନଇଁ ପଡ଼ିଲୁ । ଖବର ଟିର ହେଡିଙ୍ଗ୍ ପଢ଼ି ମୋ ମୁଣ୍ଡ ଘୁରେଇ ଦେଲା । ମୋ ପାଦ ତଳର ମାଟି ଖସି ଯାଉଥିଲା । ମୋତେ ଲାଗୁଥିଲା ଏଇ ଏବେ ଆକାଶଟା ବି ମୋ ମୁଣ୍ଡ ଉପରେ ଛିଡି ପଡ଼ିଯିବ । ଖବର ଟି ଥିଲା ଏମିତି, "ରାଘବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀର ଅସ୍ୱାଭାବିକ ମୃତ୍ୟୁ କୁ ନେଇ ଉତକ୍ଷିପ୍ତ ପରିଜନ ଘଟାଇଲେ ଉନ୍ମତ କାଣ୍ଡ । ରାତି ଅଧରେ ଡାକ୍ତରାଣୀ ଙ୍କ ସରକାରୀ କ୍ୱାର୍ଟର୍ସ ରେ ଧସେଇ ପଶି କଲେ ଗଣଦୁଷ୍କର୍ମ । ଡାକ୍ତରାଣୀ ଗୁରୁତର " ।

ମାଆ ସଙ୍ଗେ ସଙ୍ଗେ ମାଇଁଙ୍କୁ ଫୋନ୍ ଲଗାଇଲା । ମାଇଁ କହିଲେ, "ହଁ, ବିଚାରୀ ଏବେ ମୃତ୍ୟୁ ସହ ଲଢୁଛି ।"

ମୁଁ ସେ ଯାଏଁ ଇପ୍ସିତା କୁ ଫେସବୁକ ରେ ଖୋଜି ଖୋଜି ପାଇନଥିଲି କାରଣ ସେ ଇପ୍ସିତା ମିଶ୍ର କମ୍ବା ଡ଼କ୍ଟର ଇପ୍ସିତା ମିଶ୍ର ନାଁରେ ତା ପ୍ରୋଫାଇଲ ଖୋଲିନଥିଲା । ସେ ଫେସବୁକ ରେ ତା ନାଁ ରଖିଥିଲା ଇପ୍ସିତା ଫାଇଟର୍ । ତା ସହ ଏହି ଘଟଣା ପରେ ବୁନର ପ୍ରୋଫାଇଲ ଚେକ କରି ମୁଁ ସେହି ଫାଇଟର ଟିକୁ ପାଇଲି । ସତରେ ସେ ଗୋଟେ ଫାଇଟର । ତା ଲଢେଇ ର, ସଂଘର୍ଷ ର ସୀମା ନଥିଲା । ଖୁବ ଇଚ୍ଛା ହେଉଥିଲା ତା ପାଖକୁ ଦୌଡି ଯିବା ପାଇଁ । ମୁଁ ଛଟ୍ ପଟ୍ ହେଉଥିଲି । ମାଆ ମାମୁଁଘରକୁ ବାହାରିଲା । ମୋତେ ଡାକଲା । ମୁଁ ବାହାରିଲି । ମାମୁଁଘର ଗାଁ ଯେମିତି ଇପିର ଦୁର୍ଦଶାରେ ନାରଖାର ହେଇଯାଇଥିଲା । ଇପ୍ସିତାର ବାବା ମାଆ ଡାକ୍ତରଖାନା ରେ ଥିଲେ । ତାଙ୍କ ଅଧାଗଢ଼ା ଘର ଆଗରେ ତାଲା ଝୁଲୁଥିଲା ।

ଟିଭି ରେ ଆଉ ନ୍ୟୁଜ ପେପର୍ ରେ ଅହରହ ସେହି "ଡାକ୍ତର୍ଣୀଙ୍କୁ ଗଣଦୁଷ୍କର୍ମ " ଘଟଣାର ଖବର ସାମ୍ନାକୁ ଆସି ମୋ ମନକୁ ଆହୁରି ଖିନ୍ନଭିନ୍ନ କରି କଷ୍ଟ ଦେଉଥିଲା । ମାମୁଁଘର ଗାଁରେ ସଭିଙ୍କ ମୁହଁରେ ଗୋଟିଏ କଥା, "କେତେ କଷ୍ଟରେ ଦିବାନନା ଝିଅକୁ ଡାକ୍ତର୍ଣୀ କରିଥିଲେ, କିନ୍ତୁ ହେଲା କଣ? ଦୁଃଖର ଦିନ ତାଙ୍କର ସରିଆସୁଥିବା ବେଳେ ଭଗବାନ ଏ କି ଦଣ୍ଡ ଦେଲେ ? ଆହାଃ ! କେଡ଼େ ସୁନ୍ଦର, କେତେ ଗୁଣର ଝିଅଟା ! ହେ ପ୍ରଭୁ, ଝିଅଟା ବଞ୍ଚିଯାଉ " ।

ଆଉ କେହି କେହି କହୁଥିଲେ, "ତାର ଯାହା ହେଇଛି ସେ କଣ ବଞ୍ଚିବ ? ଡାକ୍ତରମାନେ କହୁଛନ୍ତି ଝିଅଟି ଯଦି ବି ବଞ୍ଚେ ସେ ଆଉ କୌଣସି ଦିନ ସାଧାରଣ ଜୀବନ ଯାପନ କରିପାରିବ ନାହିଁ । "

ଏମିତି ସବୁ ଖବର ଓ ଲୋକଙ୍କ କଥା ଶୁଣି ମୋ ହୃଦୟ ଫାଟି ଯାଉଥିଲା । ମୋ ଆଖି ଆଗରେ ସେହି କୁନି ଝିଅ ଇପ୍ସିତା ର ଚେହେରା ଭାସି ଉଠୁଥିଲା । ତାର ସେହି ଉଜ୍ଜ୍ୱଳ ଆଖି ମୋ ଆଖି ଆଗରେ ଥିଲା ଓ ତାର ଦୃଢ ଆତ୍ମବିଶ୍ୱାସ ଭରା କଥା ମୋ କାନ ପାଖରେ ପିଟି ହେଉଥିଲା । 'ଗୁଲିସୁନ ତୁ ଦେଖିବୁ, ମୁଁ ପାଠ ପଢ଼ି ବହୁତ ଆଗେଇବି ।' ଏହି ବାକ୍ୟ ଟି ବାରମ୍ବାର ମୋତେ ଶୁଭୁଥିଲା ।

ରାତି ଅନେକ ହେଲାଣି ମୋ ଆଖିକୁ କିନ୍ତୁ ନିଦ ନାହିଁ । ମୁଁ ଆଖି ବୁଜିଲା ବେଳକୁ ଦେଖୁଛି ସୁନ୍ଦର ପରୀ ଭଳି ଝିଅଟେ ଖିଲ ଖିଲ ହେଇ ହସି ଦେଉଛି । ପୁଣି ଆଖି ଖୋଲି ଆଖି ବନ୍ଦ କଲା ବେଳକୁ ଦେଖୁଛି ଚିରା ଫ୍ରକ ଟେ ପିନ୍ଧି ନବମ ଶ୍ରେଣୀର ଟ୍ୟାଲେଣ୍ଟେଡ ଝିଅଟେ ପଖାଳ ଖାଉ ଖାଉ ପାଠ ପଢୁଛି । "ନାଁ..ମୁଁ ଶୋଇପାରିବିନି ", କହି ଉଠି ବସିଲି ଆଉ ବସୁ ବସୁ ଖୁବ ଗୋଟେ ବଡ଼ ପାଟି କରି କାନ୍ଦି ଉଠିଲି । ମାଆ କୁ ଶୁଣାଗଲା ବୋଧେ । ମୋ ରୁମ୍ କୁ ଆସି ଲାଇଟ୍ ଅନ କରି ମୋ ପାଖରେ ବସିଲା । ମୁଁ ସ୍ୱପ୍ନ ଦେଖିଛି ଭାବି ମୋତେ ଆଉଁଷି ଦେ । କହିଲା, "ବାୟା ଶୋଇପଡ ଏବେ " ।

ମୁଁ କିନ୍ତୁ ସକାଳ ଯାଏଁ ଇପ୍ସିତାର ଦୁଃଖ ଓ କଷ୍ଟ ଭିତରେ ହିଁ ଛଟଛଟ ହେଉଥିଲି ।

ଖୁବ ସକାଳୁ ବୁନ ଆସି ଆମ ସମସ୍ତଙ୍କୁ କହିଲା, "ଗୋଟେ ଖରାପ ଖବର ଅଛି । ଇପି ନାନୀ ବୋଧେ ଆଉ ନାହିଁ ।"

ବୁନର କଥା ଟା ଶୁଣି ମୋ ଆଖି ଆଗ ଅନ୍ଧାର ହେଇଗଲା । ମୋତେ ଲାଗିଲା ମୋ ଶରୀରରୁ ବି ଆତ୍ମା ଟା ବାହାରି ଯାଉଛି ।

ମାମୁଁଘରେ ସମସ୍ତେ ଟିଭି ଦେଖୁଥିଲେ । ମୁଁ ଦୂରେଇ ବସି ସମସ୍ତଙ୍କୁ ଲୁଚେଇ ମୋ ଛାତି ଭିତରର ଦୁଃଖକୁ ତରଳେଇ ଗ୍ଲୁଥିଲି । ମୋତେ ବି ଟିଭିର ସାଉଣ୍ଡ ଶୁଭୁଥିଲା ଯେ କେମିତି ଇପ୍ସିତା ତା ଶେଷ ସମୟରେ ବଞ୍ଚିଯିବା ପାଇଁ ସଂଘର୍ଷ କରିଥିଲା । ଆଖିର ଇଶାରାରେ କହିଥିଲା ସେ ବଞ୍ଚିବାକୁ ଗ୍ଲହେଁ ।

ମୁଁ ଭାବୁଥିଲି ସେହି ସାହସୀ ଝିଅଟା ତା ଜୀବନର ଶେଷ ମୁହୂର୍ତ୍ତ ଗୁଡିକୁ କେମିତି ସାମ୍ନା କରିଥିବ । ମୁଁ ଇପ୍ସିତା କଥା ଭାବୁଛି ଆଉ ମୋତେ ଯେମିତି କେହି ତାର ଶେଷବେଳ ର ଦୃଶ୍ୟ ଓ କାହାଣୀ ଶୁଣେଇ ଗ୍ଲୁଛି । ମୁଁ ସେମିତି ହିଁ ଅନୁଭବ କରୁଥିଲି । ମୁଁ ଦେଖୁଥିଲି ଇପ୍ସିତା ତା ଶଯ୍ୟାରେ କ୍ଷତ ବିକ୍ଷତ ହେଇ ଶୋଇଛି । ଯନ୍ତ୍ରଣାରେ ଜର୍ଜରିତ ଶରୀର ତାର ଏ କଳୁଷିତ ସଂସାର ରୁ ମୁକ୍ତି ଗ୍ଲହୁଁଛି । ତଥାପି ମନରେ ଅଦମ୍ୟ ସାହସ । ବଞ୍ଚିଯିବାକୁ ଅସମ୍ଭବ ଇଚ୍ଛା । ଯେତେବେଳେ ଶରୀର ତା ମନର ସାଥ ଦେଇନପାରି ତାର ଆଖିକୁ ସବୁଦିନ ପାଇଁ ବନ୍ଦ କରିଦେବାକୁ ଯାଉଛି, ସେତିକ ବେଳେ ଇପ୍ସିତା ର ସେହି ସୁନ୍ଦର ବଡ଼ ବଡ଼ ଆଖି ଆଗରେ ତା ଗରିବ ବାପା ମାଆଙ୍କ ଛବି ଭାସି ଉଠୁଛି । ସେ ଭାବୁଛି, "ମୋ ବ୍ୟତୀତ ଏ ଦୁହିଁଙ୍କର ଆଉ ଅଛି କଏ ? ମୋତେ ବଞ୍ଚିବାକୁ ହେବ । ମୋ ବାପାମାଆ ଙ୍କ ପାଇଁ ମୋତେ ଭଲ ହେଇ ଫେରିବାକୁ ହେବ । ମୁଁ ସୂର୍ଯ୍ୟ ହେଇ ତାଙ୍କ ଜୀବନକୁ ଆଲୋକିତ କରିବି । ମୁଁ ବଞ୍ଚିବି । ମୋତେ ବିନା ଦୋଷରେ ଯେଉଁମାନେ ନିର୍ଯାତନା ଦେଇଛନ୍ତି ସେମାନଙ୍କୁ ଶାସ୍ତି ଦେବି " । ଇପ୍ସିତା ର ଦୃଢ ମନୋବଳ ତାକୁ ଶେଯରୁ ଉଠେଇବାକୁ ଯାଉଥିବ, ଶରୀରଟିର ଯନ୍ତ୍ରଣା ତାକୁ ଚୀର ନିଦ୍ରାକୁ ଟାଣି ନେଉଥିବ ।

ରାତି ପାହିଲେ ନବ ବର୍ଷ ର ନୂତନ ସକାଳ ସମସ୍ତଙ୍କ ଜୀବନରେ ନୂଆ ଉତ୍ସାହ ନେଇ ଆସୁଥିବ, ସୂର୍ଯ୍ୟଙ୍କ ସୁନେଲି କିରଣ ସମସ୍ତଙ୍କ ସକାଳକୁ ଆନନ୍ଦ, ଉଦ୍ଦିପନା ରେ ଭରିଦେଉଥିବ । ମାତ୍ର ଇପ୍ସିତାର ଜୀବନରୁ ସୂର୍ଯ୍ୟ ସବୁଦିନ ପାଇଁ ଅସ୍ତ ହେଇଯାଉଥିବେ । ଦିବାକର ମାମୁଁ ଙ୍କ ପରିବାର ର ଉଜ୍ଜ୍ୱଳ ସୂର୍ଯ୍ୟଟିର ଅନ୍ତ ହେଇଯାଉଥିବ ।

ମାଆ ଆସି ମୋ ପାଖରେ ଠିଆ ହେବା ଯାଏଁ ମୁଁ ଇପ୍ସିତାର ଯନ୍ତ୍ରଣାକୁ ଜୀଉଁଥିଲି ଆଉ ତାରି ଶେଷ ଦୃଶ୍ୟ ମୋ ଛାତିରୁ ହୃତପିଣ୍ଡକୁ କାଟି ଟିକ ଟିକ କରୁଥିଲା । କାନ୍ଦି କାନ୍ଦି ମୋ ଆଖି ଲାଲ ହେଇଯାଇଥିଲା । ମାଇଁ ଆଉ ମାଆ ଆସି ମୋ କଡ଼ରେ ବସିଲେ । ଆମେ ସମସ୍ତେ ନୀରବରେ ବସିଥିଲୁ । ମାଇଁ ନୀରବତା ଭାଙ୍ଗିଲେ, "ଭଗବାନ ଏଡ଼େ ନିଷ୍ଠୁର କାହିଁକି ହୁଅନ୍ତି କେଜାଣି ? କଣ ଥିଲା ଝିଅଟାର ଦୋଷ ? ଭଲ ପାଠ ପଢ଼ି ଡାକ୍ତରାଣୀ ହେବା ନାଁ ଏତେ ସୁନ୍ଦର ହେଇ ଜନ୍ମ ହେବା ? କୋଉଟା ତାର ଦୋଷ ? ଶୁଣିଛି ରୋଗୀଟାକୁ ଇପି ବହୁତ ଚେଷ୍ଟା କରିଥିଲା ବଞ୍ଚେଇବା ପାଇଁ । ଛୋଟିଆ ଡାକ୍ତରଖାନା ଟାରେ ସବୁ ସୁବିଧା ନଥିବାରୁ ପରିବାର ଲୋକଙ୍କୁ କହିଥିଲା ବଡ଼ ଡାକ୍ତରଖାନା କୁ ସ୍ଥାନାନ୍ତର କରିନେବା ପାଇଁ । ରେଫର କରିବା ପାଇଁ ଲେଖିବି ଦେଇଥିଲା । ସେମାନେ କିନ୍ତୁ ମାନିଲେନି । ଛୋଟ ଡାକ୍ତରଖାନାଟା ଛାଡିଲେନି । ପଚଶ ବର୍ଷର ଭେଣ୍ଡିଆ ପିଲାଟା ଅକାଳ ରେ ଚାଲିଗଲା । ଏଥିରେ ଇପି ର ଦୋଷ କୋଉଠି ? ଆହୁରି ବି ଶୁଣାହେଉଛି ଯେଉଁମାନେ ଇପି ସହ ଏସବୁ କଲେ ସେମାନେ ଠିକ ରେ ଜାଣନ୍ତିନି ମରିଯାଇଥିବା ପିଲାଟାର ରୋଗ କଣ ଥିଲା । ପରିଜନ ର ପ୍ରତିଶୋଧ ନୁହେଁ ସେମାନେ ଉଦେଶ୍ୟ ମୂଳକ ଭାବେ ଇପି ଉପରେ ରାତି ଅଧିଆ ଆକ୍ରମଣ କଲେ । କେଡ଼େ ନୃଶଂସ ଲୋକଗୁଡ଼ା ! ଫାସି ଠୁ ଯଦି ଆଉ କିଛି ବଡ଼ ଦଣ୍ଡ ଥାଏ ସେଇଟା ମିଳୁ ସେମାନଙ୍କୁ । ହାୟରେ ବିଧାତା ! କଣ ହେଇଗଲା କିରୀହ ଝିଅଟାର । ଆମ ଗାଁର ଗର୍ବ ଥିଲା ଇପି "।

ମାଇଁ ବି କାନ୍ଦୁଥିଲେ । ଇପି ଏ ଦୁନିଆଁ ଛାଡ଼ି ଚାଲିଯାଇଥିଲା । ସେହି ମେଧାବୀ ଝିଅଟାର ବଡ଼ ବଡ଼ ଆଖି ବୁଜି ହେଇଯାଇଥିଲା । ତା ପାଦରେ ସେଦିନ ଚପଲ ନଥିବାରୁ ମୁଁ ହସିଥିଲି, ଆଜି ତାଙ୍କ ଛୋଟିଆ ଘରେ ସେ ଜୀବିତ ଅବସ୍ଥାରେ ନଥିବାରୁ ମୁଁ ଛାତି ଫଟେଇ ଭିତରେ ଭିତରେ କାନ୍ଦୁଥିଲି । ସେଦିନ ସେ କିଛି ପ୍ରତିକ୍ରିୟା ଦେଖେଇନଥିଲା, ଆଜି ବି ଦେଖାଉ ନାହିଁ । ଆଖି ବୁଜି ଶୋଇପଡିଛି । ମୁଁ ତାକୁ ଦେଖିବାକୁ ବଡ଼ ମନ କରିଥିଲି କିନ୍ତୁ

ଏମିତି ଭାବେ ଦେଖିବି ମୋ କଳ୍ପନା କୁ ବି ଏ ଚିନ୍ତା ଆସିବା ଅସମ୍ଭବ ଥିଲା । ତା କୁଞ୍ଚୁକୁଞ୍ଚିଆ କେଶ ସେମିତି ପୂର୍ବ ପରି ତା ଗାଲରେ ବିଛାଡ଼ି ହେଇପଡ଼ିଥିଲା । ହେଲେ ସେ ଆଉ ଆଗପରି ହାତରେ ସଜାଡ଼ି କାନ ପାଖରେ ଗେଞ୍ଜି ଦେଉନଥିଲା । ମୁଁ ଆଉ ବେଶି ସମୟ ସେଠି ଠିଆ ହେଇପାରିଲିନ । ଦୌଡ଼ି ପଳାଇ ଆସୁଥିଲି । ମୋତେ ଲାଗିଲା କେହି ଜଣେ ମୋତେ ପଛରୁ ଟାଣି ଧରି କହୁଛି, "ଗୁଲିସୁନ ! ରହ । ଯାଉଛୁ କୁଆଡ଼େ? ଆମର ଗରିବ ଘର ବୋଲି ଟିକେ ବସିବୁ ବି ନାହିଁ? "

ମୁଁ ରହିଗଲି । ମୋ ଆଖ ପାଖରେ କେହି ନଥିଲେ । ମୁଁ କନ୍ଦ କାନ୍ଦି କାନ୍ଦି କହୁଥିଲି, "ନାଇଁ ରେ, ସେମିତି ନୁହେଁ । ତୋ ଠାରୁ ଧନୀ ଆଉ କେହି ନାହିଁ । "

ମୁଁ ଦେଖୁଥିଲି ଇପିର ଶରୀର ଟା ଶ୍ମଶାନ ଆଡ଼କୁ ବିଗ୍ରଟ ଏକ ପଟୁଆର ରେ ଯାଉଛି ଆଉ ତା ସହ ଗାଁର ସବୁଯାକ ଆଲୁଅ ବି ଲିଭିଯାଇ ଦିନ ଟାରେ ଅମା ଅନ୍ଧକାର ଘୋଟି ଯାଉଛି । ଲାଗୁଥିଲା ଯେମିତି ଗାଁରୁ ସୂର୍ଯ୍ୟ ବିଦାୟ ନେଉଛନ୍ତି । ସତରେ, ସୂର୍ଯ୍ୟଙ୍କର ଅନ୍ତିମ ଯାତ୍ରାର ଦୃଶ୍ୟ ବି ବଡ଼ କରୁଣ ଓ ହୃଦୟ ବିଦାରକ ଥିଲା ।

ନନ୍ଦିପୁର, ଦଶରଥପୁର, ଯାଜପୁର

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**



କେ. ନିର୍ମଳ

# ଭୃଣ କନ୍ୟା ହତ୍ୟା

ଭୃଣ କନ୍ୟା ହତ୍ୟା କାହିଁକି କରୁଛ
ହେ ମୂଢ ମାନବ ଗଣ,
ସେହି କନ୍ୟା ଦିନେ ଏ ସୃଷ୍ଟିରେ ପର୍
ଗଢ଼ିବ ନନ୍ଦନ ବନ ।

ମା'ର ଗର୍ଭରୁ ତୁମେ ବି ଆସିଛ
ଏହି ଧରଣୀ ମା' କୋଳେ,
ସେହି ମା' କଥା ମନେ ନାହିଁ ତୋର
ଜନ୍ମ ଦେଲ୍ ଯେତେବେଳେ ।

ଏହି ସଂସାରରେ କନ୍ୟା ମାତୃରୂପା
ରଖିଥିବୁ ତୋର ଧ୍ୟାନେ,
ଭୃଣ କନ୍ୟା ହତ୍ୟା ବନ୍ଦ କରିଦିଅ
ଜଗତରୁ ସବୁ ଦିନେ ।

ସେହି ମାତୃ ଗର୍ଭୁ ଭୂମିଷ୍ଠ ହୋଇଛ
ତୁମେ ସବୁଜ ଧର୍‌ରେ,
ସେ ବି ଦିନେ ଯଶ ରଖିଯିବ
ସୁଯଗ ଦିଅ ହେ ଥରେ ।

ଭଦ୍ରକ, ବାସୁଦେବପୁର ( ଜଗନ୍ନାଥ)

# ଫଗୁନ ଆର କେତେ ଦୂରେ



କବି ପ୍ରସାଦ

ନଲିଆ ଆକାଶେ ଚରେଇ ନନୀ
କଚର ମିଚର କରେ
ଖାଇ କରି ର୍ସଲ ଫୁଲ
କୁଇଲି ଗାଏଲା୍ନ ସୁରେ
ଫଗୁନ ଆର କେତେ ଦୁରେ ।

ହଲି ହଲି କରି ଫୁଲର ଡାହି
ମଳୟ୍ ଧୁକା କେ ନୁରେ
କୁଚ ଧର୍ ମହୁଲ ଗଛୁ
ମହୁଲ ଫୁଲ ଝରେ
ଫଗୁନ ଆର କେତେ ଦୂରେ ।

ଗଛ ଦେଇ କରି ପତର ଝର୍
କଅଁଲି ପତର ପାରେ
ସାତ ରଙ୍ଗୀ ପରକୁତି ର୍ନୀ
ହୁଲି କେ ଡାକ ମାରେ
ଫଗୁନ ଆର କେତେ ଦୂରେ ।

ହେତେଇ ହେତେଇ ମୁନୁଷ ମନ
ରତୁ ର୍ଜକେ ଝୁରେ
ଶୀତ ପାହାରଖିଆ ଇ ଜୀବନ
କେନ୍ତା ଆର ଦମ ଧରେ
ଫଗୁନ ଆର କେତେ ଦୂରେ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା

# ତୃତୀୟ ପୁରୁଷ



କେଶରୀ ପ୍ରସାଦ ମହାନ୍ତି

ପ୍ରେମ ଯୁଦ୍ଧ ର ଶେଷ ଫଳ କେବଳ ଜୟ, ନଚେତ୍ ପରାଜୟ ଉପରେ ନିର୍ଭର କରେ । ସନ୍ଧି ସ୍ଥାପନ ର ପ୍ରଶ୍ନ ପ୍ରେମ ଯୁଦ୍ଧ ରେ ସ୍ଥାନ ପାଏନାହିଁ । ଏହି କଥାଟିକୁ ବିଜ୍ଞାନ ଛାତ୍ର ସ୍ୱରୁପ ପଟ୍ଟନାୟକ ବହୁତ ବିଶ୍ୱାସ କରନ୍ତି । ସେଥିପାଇଁ ତ ଆଜିଯାଏ ସେ ପ୍ରେମରୂପକ ଜାଲରେ ସଂପୂର୍ଣ୍ଣ ଛନ୍ଦି ହୋଇ ନାହାନ୍ତି ।

“ପ୍ରେମ” ପରୀକ୍ଷା ର ଉତ୍ତର ପୁସ୍ତିକାରେ ୨- ୪ ଫର୍ଦ୍ଦ ଲେଖିସାରିବା ପରେ ପରୀକ୍ଷା ବାତିଲ ହୋଇଗଲେ, ଅର୍ଥାତ୍ ସେ ପ୍ରେମରେ ପୂର୍ଣ୍ଣଚ୍ଛେଦ ପଡିଗଲେ କେତେ ଯେ କଷ୍ଟ ହୁଏ, ଏ କଥା ସେ ହିଁ ଅନୁଭବ କରିଛନ୍ତି ।

ସ୍ୱରୁପ ନିଜ ସ୍କୁଲ ଜୀବନରେ ଅମୃତାଙ୍କ ପ୍ରେମରେ ପଡି ଯାଇଥିଲେ । ହେଲେ ଅମୃତାଙ୍କ ଅନିଚ୍ଛା ଯୋଗୁ ସେ ତାଙ୍କୁ ଭୁଲିବାକୁ ବାଧ ହୋଇପଡିଲେ । ବାସ୍, ସେଇଥିରୁ ହିଁ ସେ ପୁଣି ଏକାକି ହୋଇଗଲେ ।

କଲେଜ ପଢୁଆ ଛାତ୍ର ହେଉଛନ୍ତି ସ୍ୱରୁପ । ଏବେ ସେ ଗ୍ରାଜୁଏସନ କରୁଛନ୍ତି । ପାଠ ପଢିବା ଠାରୁ ଅଧିକ ସମୟ ସାଙ୍ଗ ମାନଙ୍କ ସହ ସେ ବିତାଇଛନ୍ତି । ଏହା ଭିତରେ ଅନୁରାଗ ରୁ ବିରାଗ, ହସରୁ କାନ୍ଦ, ସୁଖରୁ ଦୁଃଖ ଏ ସବୁ ଭିତରେ ତଥା ଆଜିର ଲୋକମାନଙ୍କର କୁମନ୍ତ୍ରଣା ରେ ପଡି ସେ କେତେବେଳେ ନିଜ ହୃଦୟରେ “ସ୍ୱପ୍ନା” ଙ୍କୁ ନେଇ ସୁନେଲି ସ୍ୱପ୍ନ ଗୁଡିଏ ଦେଖି ପକାଇଛନ୍ତି, ସେ ନିଜେ ବି ଜାଣିନାହାନ୍ତି । ଧିରେ ଧିରେ ସ୍ୱପ୍ନାଙ୍କ ପ୍ରତି ଥିବା ଆବେଗତା ଏବଂ ଦୁର୍ବଳତା ଗଭିର ହେବାରେ ଲାଗିଛି, କିନ୍ତୁ ସେ ଦୁର୍ବଳତାର ସଞ୍ଜ୍ଞା କୁ ସ୍ୱରୁପ ହଜେଇ ବସିଛନ୍ତି । ଏହିସବୁ ଭିତରେ ସେ କିନ୍ତୁ ଜାଣିପାରିଛନ୍ତି କି ସ୍ୱପ୍ନା ଅନ୍ୟ କାହାକୁ ନିଜ ହୃଦୟର ଗଭୀରତମ ପ୍ରଦେଶରେ ସ୍ଥାନିତ କରିଛନ୍ତି । ବାସ୍ ଏତିକରେ ହିଁ

ପରୀକ୍ଷା ବାତିଲ ହେଲା ପରେ ଗୋଟିଏ ଉତ୍ତମ ପରିକ୍ଷାର୍ଥୀର ମନରେ ଯେପରି ବିଷାଦ କାଳିମା ଖେଳିଯାଏ ଠିକ୍ ସେପରି ସ୍ୱରୁପଙ୍କ ମନ ଦୁଃଖରେ ଭାଙ୍ଗିପଡିଲା ।

ଏତେ ଆଶା, ଭରସା, ବିଶ୍ୱାସ ନେଇ ଯେଉଁ ବାଲି ମନ୍ଦିରଟିଏ ଗଢିବାକୁ ସ୍ୱରୁପ ସଂକଳ୍ପ ନେଇଥିଲେ, ସେ ମନ୍ଦିରଟିରେ ଆଗରୁ ଦେବତା ସ୍ଥାନ ପାଇସାରିଛନ୍ତି, ଏହି କଥା ଶୁଣି ସେ ଅସହାୟ ହୋଇପଡିଲେ ।

ତେଣୁ ସେ ଯେହେତୁ ଭଲଭାବେ ଜାଣନ୍ତି ସେ କାହାରି ମଝିରେ ପ୍ରବେଶ କରିବାକୁ ଚାହାନ୍ତିନି, ତେଣୁ ସେ ଉକ୍ତ ମାର୍ଗରୁ ଫେରିଆସିବାକୁ ମନସ୍ଥ କଲେ ।

ଦିନପରେ ଦିନ ବିତିଗଲା । ଜାନୁୟାରୀ ଯାଇ ଫେବୃୟାରୀ ହେଲା । ଠିକ୍ ଏପରି ୨୦୦୯ ଯାଇ ୨୦୧୯ ହେଲା । ଠିକ୍ ଏହା ଭିତରେ ଘଟିଯାଇଛି ଅନେକ ପରିବର୍ତ୍ତନ । ସ୍ୱରୁପ ଆଜି BSI ର Director ଆଉ ସ୍ୱପ୍ନା ମଧ୍ୟ ଇତି ମଧ୍ୟରେ Agriculture officer ଆଉ ସୁସାନ୍ତ (ସ୍ୱପ୍ନାଙ୍କର ମନର ମଣିଷ) ଏବେ ଜଣେ ସୁନାମଧନ୍ୟ ପଦାର୍ଥ ବିଜ୍ଞାନି ।

ସମୟ ଚକ୍ରର ନର୍ଦ୍ଦେଷରେ ସମସ୍ତେ ଆଜି ନିଜ ନିଜ ସ୍ଥାନରେ ଠିକ୍ ରେ ଅଛନ୍ତି । ସ୍ୱପ୍ନାଙ୍କ ବିବାହ ମଧ୍ୟ ତାଙ୍କ ପିତା ଏବେ ଠିକ୍ କଲେଣି । ତାଙ୍କ ପିତା "IUPAC" ର ଜଣେ ଉଚ୍ଚ ପଦସ୍ଥ ଏବଂ ଅଭିଜ୍ଞ ରସାୟନ ବିଜ୍ଞାନୀଙ୍କ ସହ ବିବାହ ସ୍ଥିର କରିଛନ୍ତି । ହେଲେ ସ୍ୱପ୍ନା ତ ନାରାଜ । କାରଣ ସେ ତ ସୁସାନ୍ତ ଙ୍କୁ ବହୁତ ଭଲ ପାଆନ୍ତି ।

ଏଣୁ ସିଧା ସିଧା ବାପାଙ୍କୁ ସୁସାନ୍ତଙ୍କ ବିଷୟରେ ସମସ୍ତ କଥା କହି ଦିଅନ୍ତି । ସୁସାନ୍ତଙ୍କ ସୁଗୁଣ ତାଙ୍କର ବ୍ୟବହାର, ପଦବୀ ଏ ସବୁ ବିଷୟରେ ଜାଣିସାରିଲା ପରେ ମଧ୍ୟ କେଜାଣି କାହିଁକି ସ୍ୱପ୍ନାଙ୍କ ବାପା ସୁସାନ୍ତଙ୍କୁ ପସନ୍ଦ କରିଲେ ନାହିଁ । ତାଙ୍କର ଏକା ଯିଦ୍, ରସାୟନ ବିଜ୍ଞାନୀ ସହ ହିଁ ବିବାହ ହେବ ।

ଯେହେତୁ ସ୍ୱରୁପ ଥିଲେ ସ୍ୱପ୍ନାଙ୍କର ଭଲ ବନ୍ଧୁଟିଏ, ଏଣୁ ସ୍ୱପ୍ନା ଏସବୁ କଥା ସ୍ୱରୁପଙ୍କୁ କହିଥିଲେ । ସ୍ୱରୁପ କଥାଟିକୁ ଶୁଣି ସ୍ୱପ୍ନାଙ୍କୁ ପ୍ରତିଶୃତି ଦେଇ କହିଲେ – ବ୍ୟସ୍ତ ହୁଅନି । ମୁଁ ଥିବାଯାଏ କିଛି ପ୍ରୋବ୍ଲେମ୍ ହେବନି ।

ଏପଟେ ସୁସାନ୍ତ ଅଥର୍ଯ୍ୟ । ଯଦି ଯଦି ସ୍ୱପ୍ନା ତାଙ୍କର ନହୁଏ ତେବେ ସେ ଆଉ କାହାର ହେବେନି ବୋଲି ସିଦ୍ଧାନ୍ତ ମଧ୍ୟ ନେଇ ସାରିଲେଣି ।

ସ୍ୱପ୍ନାଙ୍କ ବିଭାଘର ଦିନ ସକାଳ ସମୟ । ସ୍ୱରୁପ ସକାଳୁ ଆସି ସ୍ୱପ୍ନାଙ୍କ ଘରେ ପହଞ୍ଚିଲେ । ସୁସାନ୍ତ ମଧ୍ୟ ଉପସ୍ଥିତ ଥାଆନ୍ତି । ସୁରେଶ ( ସ୍ୱପ୍ନାଙ୍କ ପିତାଙ୍କ ପସନ୍ଦ ପାତ୍ର) ଙ୍କ ଫୋନ୍ ଆସିଥାଏ । ସୁରେଶଙ୍କ ସହ ସ୍ୱପ୍ନାଙ୍କ ପିତା କଥା ହେଉଥିବା ବେଳେ ସୁସାନ୍ତ ଆଉ ସମ୍ଭାଳ ନପାରି ନିଜ କଥାକୁ ସ୍ୱପ୍ନାଙ୍କ ପିତାଙ୍କୁ କହିଦେଲେ । ତା ପରେ ନିଆଁରେ ଘିଅ ଢାଳିଲା ପରି ହଠାତ୍ ସ୍ୱପ୍ନାଙ୍କ ପିତା ରାଗି ଉଠିଲେ । ଠିକ୍ ଏତିକିବେଳେ ସ୍ୱପ୍ନାଙ୍କ ପିତାଙ୍କୁ ବୁଝାଇବାକୁ ଯାଇ ସ୍ୱରୁପ କହିଲେ, ଅଙ୍କଲ୍, ସ୍ୱପ୍ନା ଯାହାକୁ ପସନ୍ଦ କରୁଛି ତମେ ତା ସହ ହିଁ ବିବାହ ଦିଅ ।

ଠିକ୍ ଏତିକି ବେଳେ ସ୍ୱପ୍ନାର ପିତା ସ୍ୱରୁପଙ୍କୁ ପ୍ରଶ୍ନ କଲେ – "ତମେ କେମିତି ସ୍ୱପ୍ନାର ମନକଥା କହିବ" । ଏତିକି ବେଳକୁ ସ୍ୱରୁପ କହିଲେ, ମୁଁ ଥିଲି ସ୍ୱପ୍ନାଙ୍କ ପୁରୁଣା ପ୍ରେମିକ ।

ଏପରି ଯୁକ୍ତି, ତର୍କ ଚାଲିଥାଏ । ଉଭୟ ହାର ମାନିବାକୁ ନାରାଜ । ଶେଷରେ ସ୍ୱପ୍ନାଙ୍କ ପିତା ସ୍ୱରୁପ ଙ୍କୁ କହିଲେ, ତମେ ବହୁତ କହୁଛ । ଏବେ ମତେ କୁହ ତମେ ଯଦି ସ୍ୱପ୍ନାକୁ ଭଲପାଅ, ତେବେ ତମେ ତମ ନିଜ କଥା ନ କହି ସୁସାନ୍ତ କଥା କାହିଁକି କହୁଛ । ତମେ ତ ସେ ଦୁଇଜଣଙ୍କ ମଧ୍ୟରେ ତୃତୀୟ ପୁରୁଷ । ତମେ ତ ତାଙ୍କୁ ଅଲଗା କରିବା କଥା । କିନ୍ତୁ ତାଙ୍କୁ ଏକାଠି କରିବାକୁ ଚାହୁଁଛ। ଏହାର ଉତ୍ତରରେ ସ୍ୱରୁପ କହିଲେ – "ପ୍ରେମର ଆନନ୍ଦ ତ୍ୟାଗରେ ଥାଏ, ଭୋଗରେ ନଥାଏ" ।

କିଛି ସମୟ ପୂର୍ବରୁ ସ୍ଲିପିଙ୍ଗ୍ ପିଲ୍ ଖାଇଥିବା ସ୍ୱରୁପ ଏହି ପଦିଏ କଥା କହି ଶେଷରେ ଟଳି ପଡିଲେ । ସମସ୍ତେ ଚକିତ, ସ୍ୱପ୍ନା ନିରବ......

ହଠାତ୍ ଖେଳିଗଲା ହୋ- ହାଲ୍ଲା ଶବ୍ଦ । ସୁସାନ୍ତ ଆଶ୍ଚର୍ଯ୍ୟ, ସ୍ୱପ୍ନାଙ୍କ ପିତା ନିଶ୍ଚଳ ।

ଭାରତ ଭୂଖଣ୍ଡ ତାର ସତ୍ୟ, ସେବା, ସହିଷ୍ଣୁତା, ଉଦାରତା ଓ ତ୍ୟାଗ ଭଳି ଅନେକ ସଦଗୁଣ ବିମଣ୍ଡିତ ଇତିହାସ ପାଇଁ ମହିଆନ ବୋଲି ଉକ୍ତିଟି ଝରିପଡିଛି ସ୍ୱପ୍ନାଙ୍କ କଣ୍ଠରୁ । ତୃତୀୟ ପୁରୁଷ ବି ସଂପର୍କ ଯୋଡିଥାଏ, ଛିଣ୍ଡାଏ ନାହିଁ, ଏକଥା ସ୍ୱପ୍ନାଙ୍କ ପିତା କହି ପକାଇଲେ ଆଉ ତା ପରେ........

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

# ମୋର୍ ଗାଁ ମୋର ମାଁ



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ମାଟିର୍ ଗୁଟେ ଅଲଗା ବାସ୍ନା
ବାସୁଥିସି ମହମହ,
ମାଁ ମାଏଟ୍ କେ ଯେ ପାଏସି ଭଲ୍
ମନ୍ ତାର୍ ଗହଗହ ।

କରମ୍ ଭୁଇଁ ଅଲଗା ହେଲେ ଭିଲ୍
ମନ୍ ଟା ଥିସି ଗାଆଁ ନେ,
ହାତ୍ ଠାରି ଡାକ୍ ଦଉଥିସି
ସେନେହ୍ ସରଧା ମନେ ।

ଆମ୍ ବୁରେଇର୍ ବଉଲି ଧୁକା
ପାଚଲା ଲେଡିର୍ କହଁର୍,
ଉଦ୍'ମୁଦାଇ ବଂଧର୍ ପାନ ଗଧା
ଖର୍ ମାସେ ଲାଗେ ବତର୍ ।

ପହପହନୁ ଝଲିଆ ଗଂଜା ଡାକେ
ମାଁ ବନ୍'ଢେ ଖର୍ ଖର୍,
ବାଭନ୍ ବୁଢି ସଖାଲୁ ଉଠି
ବନ୍'କେ ଯାଏ ତର୍ ତର୍ ।

ଘଁଟ୍ ସଂଖେ ପୂଜା ହଏ ମନ୍ଦିର୍
ବଲଦ୍ ଢିଲେ ଚରୁହା,
ସିମେଣ୍ଟ ଛଡ଼ର ଛତ୍ ନ ହେଲେ ବି
ବନେ ମୋର ଝାଁଟି କୁରିଆ ।

ମାଏଟ୍ ଖାଇକରି ଶିଖଲି ଗୁଲି
ଜାନଲି କଥା କହି,
ଛାଡିନେ ରଁଚଛେ ଗାଁର୍ ପିରତୀ
ଛାଡି ନାଇଁ ହଏ ରହି ।

ପ୍ରଧାନପାଲି, ସମ୍ବଲପୁର

# ଭେଟଦିଅ ତମେ ଭେଟଦିଅ!!!



ଏମ୍. ବିଜୟ କୁମାର

କହଲେ ନାଇ ଲୁଏ ମୋର କଥା
ଖାଲି କରୁଛେ ମୁଇ ସୁରତା
ତମେ ତୋ ସବଜାନତା ହୋ ଭେଟର
ଆର କହେମି ମୁଇ କେନ କଥା

ଭେଟ ଦିଅ ତମେ ଭେଟଦିଅ
ନୋଟ ନେଇ କରି ଭେଟ ଦିଅ
ଭେଟଦିଅ ତମେ ଭେଟଦିଅ
ମଦ ପିଇ କରି ତମେ ଭେଟଦିଅ
ସଲ୍ସୁତର୍ ଭିତରିଆ ସାରି
ମଗନହା ପାଟି ସଭୁ ତୋ ସାଗସରତା( ୦)

ଭେଟଦିଅ ତମେ ଭେଟଦିଅ
ସାଗୁନ- କପଡା ନେଇ ଭେଟ ଦିଅ
ଭେଟ ଦିଅ ତମେ ଭେଟ ଦିଅ!
ପରବତ ଉଫଡେଇ ଦେମୁଁ ଦେଖୁଥ
ରଜା ଜମିଦାର ପଏସାବାଲ୍କେ
ବୁଆ/ ଶଶୁର ତମର ଲେତାଗୁତା( ୧)

ମୁଡିଆ ମାରୁଛୁ ଢୋ ଢୋ ଗୋଡ଼ ତଳେ
ଉହୁଲି ଯାଉଛୁ ବାରେ ଘାଏ ରଖ ହେଲେ
ସବୁବେଳେ ଠିଆ ହେଉଛୁ ତମର ସଖା

ଭୋଟ ବେଲେ ଖାଲି ଆମକେ ନାଇପ ଦେଖା
ମହାଦାନୀ ତମେ ହୋ  ଧେନ ଧେନ ଭୋଟଦାତା
( ୨)

ଉଘି ନୁରେ ଖୁକ ମାଛି ନୁରେ ଘା
ବିଲେଇ ଆଏଖ ମୁଜି ତପସ୍ବିରନୀ ହୁଏଗା
ଖଲି ଚଁଟା ଗୁମଗୁ ପରର ଭାତେ କୁକୁରମାଡ଼
ଦାଲଭାତ ଖାଇ ଜିନ୍ଦାବାଦ କରି କରି
ନଜେ ମୁର୍ଦାବାଦ ନାଇ ମିଲେ ଟିକେ ହାଡ଼
ନେଇ ନେଇ ନେତା ମୁତି ମୁତି ମୁତୁରୀ
ଜିତି ଜିତି ଗୋଡ଼ର ଜୋତା( ୩)

କାଏ ଲୋଭଲୋଭର ଲାଗି ନଜକେ କରୁଛ ବିକ୍ରି
ଘିନ ନେଉଛନ ଭୋଟ ତମର ହାତ କାଟି କରି
ମନେରଖ ସବୁ ଦଲେ ଉଛ ଜାଏତ ମଗୁଁଆଲ
ସାବଧାନ ତମେ ତୋ ତାକର ପଛୁଆଲ
ଖୁଡ଼କଟା ଲୋକ ଇ ମାଏଟେ ତମେ ତୋ
ସାସନ କରବାର କଥା( ୪)

କହଲେ ନାଇ ଲୁଏ ମୋର କଥା
ଖାଲି କରୁଛେ ମୁଇ ସୁରତା
ତମେ ତୋ ସବଜାନତା ହୋ ଭୋଟର
ଆର କହେମି ମୁଇ କେନ କଥା। ।

ମହୁଲପଲ୍ଲୀ / ବୁଢ଼ାବାହାଲ/  ସଁଇନ୍ତଲା/ ବଲାଙ୍ଗୀର- ୩୨

# ସ୍ୱପ୍ନର ପଥିକ



କାର୍ତ୍ତିକ ତ୍ରିପାଠୀ

ପୁରୁଣା ସ୍ମୃତିକୁ ରୋମନ୍ଥନ କଲେ ଜଣାଯାଏ ଯେ ଜୀବନ କେତେ ତିକ୍ତତା, ପୂର୍ଣ୍ଣତା, ହସ ଲୁହର ମାଧ୍ୟମ ଦେଇ ଅତିବାହିତ ହୋଇଛି । ଆଜିର ପ୍ରତିଯୋଗିତା ମୂଳକ ସମାଜରେ କାହା ପାଖରେ ସମୟ କାହିଁ ଯେ ଏ ବିଷୟରେ ଚିନ୍ତା କରିବ । ଛାତ୍ର ଜୀବନରୁ କର୍ମ ଜୀବନ, କର୍ମଜୀବନରୁ ବାର୍ଦ୍ଧକ୍ୟ କେମିତି ବିତିଛି ସେ ସମୟ ଏବେ ନାଁ ଅଛି କିଶୋର ଜୀବନର ଚପଳତା ନା ଅଛି ନାଁ ଯୌବନ ର ଉଦ୍ଦାମତା, କେବଳ ସ୍ମୃତି ଟିକକୁ ନେଇ ତ ବଞ୍ଚିବା କଥା ଯାହା । ଜୀବନର ୭୨ଟି ବସନ୍ତ, ଶୀତ, ଗ୍ରୀଷ୍ମ ଅତିବାହିତ ହୋଇ ସାରିଛି । କେତେ ପାଇଲେ, କେତେ ଦୂରେଇଲେ, ଏହାର ସମୀକ୍ଷା କରୁଥିଲେ ନିଜ ବିଛଣାରେ ଶୋଇ ଶୋଇ ଦେବୀଦତ୍ତ ବାବୁ । ଅତୀତରେ ଭାରତ ସରକାରଙ୍କ ଉଚ୍ଚପଦବୀ ଅଧିଷ୍ଠିତ ଥିଲେ । ଯଶ, ମାନ ସମ୍ମାନ ଅଜାଡି ହୋଇ ପଡୁଥିଲା ତାଙ୍କ ପାଦତଳେ । ଜୀବନ ଓ ବୃତ୍ତିରେ ଉଚ୍ଚରେ ଶୀଖର ଚଢିବା ବେଳେ କେବେ ପଛକୁ ଗୃହିଁନାହାନ୍ତି ସେ । ସମୟର ପ୍ରହାରରେ ଆଜି ସବୁ କିଛି ଥାଇ ବି ସେ ନିଶ୍ୱ । ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରନ୍ତି ଦେବୀଦତ୍ତ । ପିଲାଦିନୁ ସେ ଜଣେ ଅତ୍ୟନ୍ତ ମେଧାବୀ ଛାତ୍ର ଥିଲେ । ଆଉ ଲାଜକୁଳା ସ୍ୱଭାବର ବି । କ୍ରମେ ସେ ପ୍ରାଥମିକ ଶିକ୍ଷା ପରିସମାପ୍ତି କରନ୍ତି ନିକଟସ୍ଥ ବିଦ୍ୟାଳୟରେ । ସେ ଗ୍ରାମଠାରୁ ଅନତି ଦୂରରେ ଥିବା ବିଦ୍ୟାଳୟରେ ପଢିବା ଆରମ୍ଭ କରନ୍ତି । ଅତ୍ୟନ୍ତ ଲାଜକୁଳା ସ୍ୱଭାବର ଥିବାରୁ ସେ କାହା ସହ ଏତେ ମିଶିପାରୁ ନଥିଲେ । ସେଥିପାଇଁ ସହପାଠୀମାନେ ତାଙ୍କୁ ଟାହିଟାପରା କରୁଥିଲେ । ପୁରା ନାମ ଦେବୀଦତ୍ତ ହୋଇଥିବାରୁ ସାଙ୍ଗମାନେ ଦେବୀ ବୋଲି ଡାକୁଥିଲେ । ଅଳକା ନାମ୍ନୀ ଜଣେ ସହପାଠୀନି ଥିଲା ତାଙ୍କର ପୁରା ନାମ ଅଳକାନନ୍ଦା । ଚୁଲବୁଲି ଚପଳମତି ଝିଅ ଭାବେ ସେ ଆଖପାଖରେ ପରିଚିତ । ସେ ହିଁ ପ୍ରଥମେ ଦେବୀଦତ୍ତଙ୍କ ସହ କଥା ହେଲା, ପଚାରିଲା କି "ଦେବୀ" ଏଟା ଗୋଟେ

ଝିଅଙ୍କ ନାଁ । ତୋ ନାଁ ଦେବୀ କଏ ଦେଲା କହି ହସିଦେଇଥିଲା । ଠିକ୍ ସେଇ ଦିନୁ ଦୁହିଁଙ୍କ ମଧ୍ୟରେ ବନ୍ଧୁତା । କେତେ ବା ବୟସ ସେତେବେଳେ ଦୁହିଁଙ୍କର । ଦେବୀ ସମୁଦ୍ର କୂଳରେ ସାମୁକା ତୋଳି ଅଳକା ହାତରେ ଦିଏ । ଏକାଠି ଖାଇବା ବୁଲିବାରେ ସମୟ କଟିଯାଏ ଦୁହିଁଙ୍କର । ସେପର୍ଯ୍ୟନ୍ତ ମଧ୍ୟ ଏ ସଂପର୍କର କିଛି ନାମକରଣ ହୋଇନଥିଲା ।

ଦୁହେଁ କଲେଜ ପଢ଼ିବା ଆରମ୍ଭ କରନ୍ତି ଏକା କଲେଜରେ ସବୁ ଯେମିତି ଠିକ୍ ଚାଲୁଥାଏ । ଆଉ କେହି ଅଳକାକୁ ଚାହିଁଲେ ମଧ୍ୟ ସହି ପାରନ୍ତି ନାହିଁ ଦେବୀଦତ୍ତବାବୁ । ପିଲାଦିନେ ଦେବୀଦତ୍ତ ଅଳକାକୁ କହିଥିଲେ ତୋ ମୁହଁ ଠିକ୍ ଚାନ୍ଦପରି, ସେଥିପାଇଁ ବେଳେବେଳେ ତାକୁ ଚନ୍ଦ୍ର ବୋଲି ଡାକୁଥିଲେ । ଏ ନାଁ ଟି ଅଳକାଙ୍କୁ ବହୁତ ପସନ୍ଦ । ତେବେ ଏ ସଂପର୍କର ନାମ ପ୍ରେମ କି କଣ ନାଁ ଦେବୀଦତ୍ତ ଜାଣିଥିଲେ ନା ଅଳକାନନ୍ଦା । ତେବେ ଦୁହିଁଙ୍କ ସାନିଧ୍ୟ ଦୁହିଁଙ୍କୁ ଭଲ ଲାଗୁଥିଲା । ପ୍ଲସ୍ ଟୁ ସରିଲାବେଳକୁ ଦେବୀଦତ୍ତଙ୍କ ବାପାଙ୍କ ଟ୍ରାନ୍ସଫର ଦିଲ୍ଲୀକୁ ହୋଇ ଯାଇଥିଲା । ତେଣୁ ସେ ତାଙ୍କ ପରିବାର ସହ ଦିଲ୍ଲୀ ଯିବାକୁ ପଡିଥିଲା । ଦିଲ୍ଲୀ ଯିବା ଦିନ ବହୁଚେଷ୍ଟା କରି ମଧ୍ୟ ଅଳକାକୁ ଦେଖା କରିବାର ସୁଯୋଗ ମିଳିନଥିଲା । କହିବା ବାହୁଲ୍ୟ ଯେ ଅଳକା ଜାଣି ଜାଣି ବିଦାୟ ଦେବାକୁ ଆସିନଥିଲା । ସେ ଦେବୀଦତ୍ତଙ୍କ ସହ ବିଚ୍ଛେଦ ଚାହୁଁ ନଥିଲା, ସବୁକିଛି ତ ଆଉ ଆମ ଚାହିଁବା ଅନୁସାରେ ହେବନି । ତେବେ ସେତେବେଳେ ତ ଆଉ ମୋବାଇଲ୍ ର ବ୍ୟବହାର ସେତେ ହୋଇ ନଥିଲା, ତେଣୁ ସେ ମଧ୍ୟ ଅଳକା ସହ ସମ୍ବନ୍ଧ ରଖିପାରିଲେନି । ସମୟ ଓ ସ୍ରୋତ କାହାକୁ ଅପେକ୍ଷା କରେନି, ଗଡିଚାଲିଲା ସମୟ । ଦୁନିଆର ଭିଡ ଭିତରେ କ୍ରମେ ଦେବୀଦତ୍ତଙ୍କ ପାଖେ ଅଳକାର ମୁହଁ ଫିକା ପଡିଯାଇଥିଲା, କିନ୍ତୁ ହୃଦୟ ଅବା ମନର କେଉଁ ନିଭୃତ କୋଣରେ ସେ ସ୍ମୃତି ସେମିତି ସାଇତି ହୋଇ ରହିଥିଲା । ଏହା ଭିତରେ ଦେବୀ ପ୍ରଶାସନିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାରିଥାନ୍ତି । ତେବେ ସେ ଥରେ କୌଣସି କାମରେ ଓଡିଶା ତଥା ନିଜ ଗାଁ କୁ ଆସିଥାନ୍ତି । କିନ୍ତୁ ଅଳକାର କିଛି ଠିକଣା ମିଳିନଥିଲା ସେଠାରେ । ତେବେ ପୁଣି ଦିଲ୍ଲୀ ଫେରି ଯାଇଥିଲେ । ବାଆ, ମା ଙ୍କ ସମ୍ମତି ରେ ତାଙ୍କର ପ୍ରିୟଙ୍କାଙ୍କ ସହ ବିବାହ ହୋଇ ଯାଇଥିଲା । ପ୍ରିୟଙ୍କା ମଧ୍ୟ ଥିଲେ ଉଚ୍ଚଶିକ୍ଷିତା, ସୁଗୃହିଣୀ । ସେ ଦେବୀଙ୍କ ଜୀବନକୁ ଆହୁରି ସୁନ୍ଦର ଏବଂ ସରସ କରିଦେଇଥିଲେ । ଏମିତି ସମୟ ଗଡିଚାଲିଲା । ନିଜ କ୍ୟାରିୟର ରେ ଆଗକୁ ଆଗକୁ

ବଢିଚାଲିଲେ ଦେବୀଦତ୍ତ । ତାଙ୍କର ପିଲା ମାନେ ମଧ୍ୟ ଧୀରେ ଧୀରେ ବଡ ହେବାକୁ ଲାଗିଲେ । ଏମିତି ସଂସାର ଏବଂ କ୍ୟାରିଅର ରେ ସେ ଅଳକାଙ୍କୁ ସଂପୂର୍ଣ୍ଣ ରୂପେ ଭୁଲିଯାଇଥିଲେ । ଅବଶ୍ୟ ସେ ଭାବନା ବେଳେବେଳେ ତାଙ୍କୁ ଅନ୍ୟମନସ୍କ କରିଦିଏ ।

ତେବେ ଅଳକା ମଧ୍ୟ ଜଣେ ସ୍ୱାଧୀନଚେତା ଏବଂ ସ୍ପଷ୍ଟବାଦୀ ଝିଅ ଥିଲା । ସେ ନିଜକୁ ସମାଜ ପାଇଁ ଯୋଗ୍ୟ କରିବାକୁ ଚିନ୍ତା କରେ । ଶାଶୁଘର ପାଇଁ ନୁହେଁ । ସେ ମଧ୍ୟ ଦେବୀଦତ୍ତଙ୍କୁ ଭୁଲିଯାଇଥିଲା । ସ ମଧ୍ୟ ଗୋଟିଏ ଇଉନିଭରସିଟିରେ ପଦାର୍ଥ ବିଜ୍ଞାନର ଅଧ୍ୟାପିକା ଭାବେ ଜଏନ୍ କରିସାରିଥିଲା । ଶିକ୍ଷା ଏବଂ ରିସର୍ଚ୍ଚ ଭିତରେ ସେ ନିଜକୁ ଏବଂ ଦେବୀଦତ୍ତଙ୍କୁ ବି ଭୁଲିଯାଇଥିଲା । ତେବେ ସେହି କଲେଜର ଜଣେ ଅଧ୍ୟାପକଙ୍କୁ ପ୍ରେମ ବିବାହ କରନ୍ତି ଅଳକାନନ୍ଦା । ଏମିତି ଭାବେ ନିଜ ତେଲ ଲୁଣ ସଂସାରରେ ସମୟ ବିତିଯାଏ ।

ନିଜ ବିଛଣାଏ ଶୋଇ ରହି ଏ ସବୁ ଅତୀତକୁ ମନେ ପକାଉଥାନ୍ତି । ଏବେ ସେ ଜୀବନର ଅପରାହ୍ନରେ ପହଞ୍ଚି ସାରିଛନ୍ତି । ଆଖିକୁ ବି ଭଲ ଦିଶୁନି, ଦେହରେ ସବୁବେଳେ ବେମାରୀ ଲାଗି ରହିଛି । ପ୍ରିୟଙ୍କା ବି ଏବେ ଆରପାରିରେ । ପିଲାମାନେ କିଏ ଦିଲ୍ଲୀରେ ତ ଜଣେ ଜର୍ମାନୀରେ । ଯାହା ଖାଲି ଇଣ୍ଟରନେଟ ମାଧ୍ୟମରେ କଥାବାର୍ତ୍ତା । ଆଜି କାଲି ବହୁତ ମନେପଡନ୍ତି ପ୍ରିୟଙ୍କା ଦେବୀ । ସେ ଏବେ ଭୁବନେଶ୍ୱରରେ ଏକ ଘର କିଣି ରହିଥାନ୍ତି । ଦେବୀଦତ୍ତ ଶେଷ ସମୟରେ ନିଜ ରାଜ୍ୟରେ ହିଁ ରହିବାକୁ ଚାହିଁଲେ । ସୁଦର୍ଶନ ବୋଲି ଗୋଟେ ଲୋକ ଥାଏ ରୋଷେଇ ଏବଂ ବୋଲହାକ କରିବାକୁ । ବହୁତ ଏକା ଏକା ଲାଗେ ତାଙ୍କୁ ଆଜିକାଲି । ଏବେ ସେ ନାତି ନାତୁଣୀମାନଙ୍କ ଗହଣରେ ରହିବାକୁ ଚାହୁଁଥାନ୍ତି ଯାହା ବାସ୍ତବିକ ସମ୍ଭବ ନଥିଲା । ସେମାନେ କେବଳ ବର୍ଷକୁ ଥରେ କିମ୍ବା ଦୁଇଥର ଆସନ୍ତି । ତା ପରେ ପୁଣି ସେହି ଏକା ହୋଇଯାଆନ୍ତି ସେ ।

ଥରେ ଏମିତି ତାଙ୍କ ପୁଅ ବୋହୂ ଜର୍ମାନୀରୁ ଆସିଥାନ୍ତି । ଦେବୀଦତ୍ତଙ୍କ ପାଦ ତଳେ ଲାଗୁନଥାଏ । ବହୁତ ଖୁସିଥିଲେ ସେ । ପୁଅବୋହୂ ପ୍ରସ୍ତାବ ଦେଲେ ଯେ ତାଙ୍କ ସହ ଜର୍ମାନୀ ଚାଲିଯିବାକୁ । କିନ୍ତୁ ଦେବୀଦତ୍ତ ଅନ୍ୟତ୍ର କୁଆଡେ ଯିବାକୁ ଇଚ୍ଛୁକ ନଥିଲେ ଏବଂ ୩- ୪

ଦିନର ରହଣି ପରେ ପୁଅବୋହୁ ଜର୍ମାନୀ ଗ୍ଲିଗଲେ । ପୁଣି ଏକା ହୋଇଗଲେ ଦେବୀ, ନିଜକୁ ଏକାକୀତ୍ୱରେ ଆବିଷ୍କାର କଲେ । ତେବେ ଦେବୀଦତ୍ତ ଜଣେ ପୂର୍ବତନ ପ୍ରଶାସନିକ ଅଧିକାରୀ ଭାବେ ଖୁବ୍ ପ୍ରତିଷ୍ଠିତ ଥିଲେ ସମାଜରେ । ଯାହା ସ୍ୱାଭାବିକ ଥିଲା, ଛୋଟ ପିଲାମାନଙ୍କ ଗହଣରେ କେବେ ପୁଣି ପୁରସ୍କାର ଉତ୍ସବରେ ଯୋଗ ଦେଇ ନିଜ ସମୟ କୁ ଉପଭୋଗ କରିବାକୁ ଚେଷ୍ଟା କରୁଥାନ୍ତି । ଏମିତି ଗୋଟିଏ ଉତ୍ସବରେ ଯୋଗ ଦେବାକୁ ସେ ବି.ଜେ.ବି. କଲେଜକୁ ଯାଇଥାନ୍ତି ମୁଖ୍ୟ ଅତିଥି ଭାବେ । ନିଜର ବକ୍ତୃତା ଶେଷ ହେବା ପରେ ତାଙ୍କୁ ଗୋଟିଏ ଗୀତ ଗାଇବାକୁ ସମସ୍ତେ ଅନୁରୋଧ କଲେ । ପିଲାମାନଙ୍କ ଅନୁରୋଧ ଏଡାଇ ନପାରି ସେ ଗୀତ ଗାଇବାକୁ ଚେଷ୍ଟା କଲେ । ତାଙ୍କର ପ୍ରିୟ ଗୀତ - ଅକ୍ଷୟ ମହାନ୍ତିଙ୍କର – ନଦୀର ନାମ ଅଳସ କନ୍ୟା, ତୀରର ନାମ ତନ୍ଦ୍ରା, ଗ୍ରାମର ନାମ, ସ୍ୱପ୍ନପୁରୀ, ପ୍ରିୟାର ନାମ ଚନ୍ଦ୍ରା ।

ଅମିତି ଗୀତ ସରୁ ସରୁ ତାଙ୍କ ମାନସପଟରେ ଆଙ୍କି ହୋଇ ଯାଇଥିଲା ତାଙ୍କର ପ୍ରିୟ ବାନ୍ଧବୀ ଅଳକାନନ୍ଦାଙ୍କ ମୁହଁ, ଆଖି ମଧ୍ୟ ଓଦା ହୋଇ ଯାଇଥିଲା । ସଭା ଶେଷ ହେଲାପରେ ଜଣେ ପୂର୍ବତନ ପ୍ରଫେସର୍ ତାଙ୍କୁ ଦେଖା କରି କହିଲେ କଣ ଦେବୀଦତ୍ତ, ଚହ୍ନି ପାରିଲ ମୋତେ । ସେ ଦୋ ଦୋ ଚହ୍ନା ହେଲେ ଆଉ କହିଲେ, ଆରେ ଦିଲ୍ଲୀ ଇଉନିଭରସିଟିରେ ସାଙ୍ଗରେ ପିଜି କରୁଥିଲେ ପରା । ଚହ୍ନିଗଲେ ଦେବୀଦତ୍ତ ଏ ତାଙ୍କର ପିଜି ବେଳର ସାଙ୍ଗ ପ୍ରଭାତ, ଏବେ ପ୍ରଫେସର୍ ପ୍ରଭାତ ମହାପାତ୍ର । ରିଟାୟାର୍ଡ ୧୨ ବର୍ଷ ହେଲା କଲେଣି । ଦୁଇ ବନ୍ଧୁ ବସି ସୁଖ, ଦୁଃଖ ହେଲେ । ତେବେ ପ୍ରଭାତବାବୁ ତାଙ୍କୁ ନିଜ ଘରକୁ ଡିନର୍ ପାଇଁ ନିମନ୍ତ୍ରଣ ଦେଲେ ଓ ଅନୁରୋଧ ଏଡାଇ ନପାରି ପହଞ୍ଚିଲେ ତାଙ୍କ ଘରେ ଡିନର୍ ପାଇଁ । ତାଙ୍କ ଘରେ ପ୍ରଭାତବାବୁ ତାଙ୍କ ପତ୍ନୀ, ଏବଂ ପୁଅ ଡକ୍ଟର ଅଜୟ ଏବଂ ବୋହୁ ଓ ନାତି ନାତୁଣିଙ୍କ ସହ ରହୁଥିଲେ । ସେମାନେ ଦେବୀଦତ୍ତଙ୍କୁ ଦେଖି ବହୁତ ଖୁସି ହୋଇଗଲେ । ପ୍ରଭାତ ଓ ଦେବୀଦତ୍ତ ଡ୍ରଇଁ ରୁମ୍ ରେ କଥା ହେଉଥିବା ସମୟରେ ପ୍ରଭାତଙ୍କ ପତ୍ନୀ କଫି ନେଇ ଆସି ବସିଲେ । ଦେବୀଦତ୍ତଙ୍କୁ ତାଙ୍କ ପତ୍ନୀଙ୍କ ମୁହଁ ଚହ୍ନା ଚହ୍ନା ଲାଗିଲା ଏବଂ ସେ ତାଙ୍କ ସହ କଥା ହେବାରୁ ତାଙ୍କ କଣ୍ଠସ୍ୱର ମଧ୍ୟ ଚହ୍ନା ଚହ୍ନା ଲାଗିଲା । ତାଙ୍କର ବୁଝିବା ବାକି

ନଥିଲା ଯେ ଏ ହେଉଛନ୍ତି ଅଳକା ମାନେ ଅଳକାନନ୍ଦା। ଅଳକା ମଧ ଦେବୀଦତ୍ତଙ୍କୁ ଚିହ୍ନିବାରେ ଆଦୌ ଭୁଲ୍ କରିନଥିଲେ। ଅଳକାଙ୍କ ମୁହଁରୁ ବାହାରିଗଲା "ଆରେ ଦେବୀ, ତୁ" । ଆରେ ଅଳକା ତୁ!!! ଆକାଶ ପାତାଳ ପୃଥିବୀ ଯେମିତି ଏକାକାର ହୋଇଯାଇଥିଲା ଯେମିତି ସମୟ ଅଟକ ଯାଇଥିଲା । ପୃଥିବୀ ଆବର୍ତ୍ତନ ବନ୍ଦ କରି ଦେଇଥିଲା । ତେବେ ପ୍ରଭାତ ପଚାରିଲେ ତୁମେ ଦୁହେଁ ଦୁହିଁଙ୍କୁ ଜାଣିଛ? ଅଳକା କହିଲେ ମୁଁ ତୁମକୁ ଯେଉଁ ମୋର ସବୁଠୁ ଭଲ ସାଙ୍ଗ ବିଷୟରେ କହିଥିଲେ, ଏ ହେଉଛି ସେ । ତେବେ ପରିଣତ ବୟସରେ ନା ଥିଲା ମର୍ଯ୍ୟାଦାର ଲଜ୍ୟା ନା ସଙ୍କୋଚ । ସେ ପ୍ରଭାତଙ୍କୁ ସବୁ କଥା କହିଦେଲେ। ଅଳକାଙ୍କୁ ଏମିତି ଭାବେ ଭଲ ପାଉଥିବା ମଣିଷ ବି ଅଛନ୍ତି ସେ ବିଶ୍ୱାସ କରି ପାରିନଥିଲେ। ଅଳକା କହିଲେ, ସବୁ ଭଲପାଇବା ବିବାହ ରେ ପରିଣତ ହୋଇ ନଥାଏ, ଏମିତିବି କଛି ଅନାସକ୍ତ ଅନାବିଳ ଭଲପାଇବା ବି ଥାଏ। ନହେଲେ ଆମେ ଯଦି ବିବାହ କରିଥାନ୍ତେ, ଏ ସ୍ୱର୍ଗୀୟ ଭଲପାଇବା ସଂସାର କେଉଁ କୋଣରେ ଲୁଚଯାଇଥାନ୍ତା। ତେବେ ଦେବୀଦତ୍ତ ଆଉ କଛି କହି ପାରିନଥିଲେ ସେ ନଜ ଘରକୁ ଫେରିଯାଇଥିଲେ। ତେବେ ତା ପର ଦିନ ପେପରରେ ହେଡ ଲାଇନ ଥିଲା ପୂର୍ବତନ ପ୍ରଶାସନକ ଅଧିକାରୀ ଦେବୀଦତ୍ତ ମହାନ୍ତିଙ୍କର ପରଲୋକ। କୋହକୁ ରୋକ ପାରିନଥିଲେ ଅଳକାନନ୍ଦା। ଶେଷ ଦର୍ଶନ ପାଇଁ ସେଠାରେ ପହଞ୍ଚିଥିଲେ। ସେମାନଙ୍କ ପୁଅ ବୋହୁ ବନ୍ଧୁବାନ୍ଧବଙ୍କ ଗହଣରେ ଶବ ସତ୍କାର ହୋଇଗଲା। କନ୍ତୁ ଅଳକା ପୁଣି ଫେରିଯାଇଥିଲେ ସେ ଅତୀତର ଦିନକୁ। ଦେବୀଦତ୍ତ କେବଳ ଗୋଟିଏ ଅମୀମାଂସିତ ସ୍ମୃତି ହୋଇ ରହିଗଲେ ଅଳକାଙ୍କ ପାଇଁ।

ଭଦ୍ରକ, ଓଡିଶା

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ପ୍ରିୟା ଆସିବ ତୁମେ



ବିଶ୍ୱରଂଜନ ପଣ୍ଡା

ତୁମେ ମୋ ମନର ସୀମା ରେଖା ଡେଇଁ ଆସୁଛ ଯେବେ ଗୋ ପ୍ରିୟା ,
ବୈଶାଖ ର ତାତି ହୃଦୟ ଭିତରେ
ଶୀତଳ ସ୍ପର୍ଶ ପାଏ । ୧ ।

ଓଠରେ ହସର ଝଲକ ତୁମର
ଦେଖି ମନ ପୂରି ଯାଏ,
ସାଇତା ସୁଖର କନକ ଆଲୋକ ତୁମ ଅର୍ଚ୍ଚନା ପାଇଁ ବ୍ୟଗ୍ର ହୁଏ। ୨।

ହୃଦୟ ତନ୍ତ୍ରୀ ମୋ କମ୍ପି ଉଠୁଛି ତୁମ ସୁରର ଝଙ୍କାରେ
ଶରୀର ର ଲୋମ ଟାଙ୍କୁରି ଉଠୁଛି ତୁମ ପାଉଁଜି ଶବ୍ଦରେ। ୩ ।

ମନ କୋଇଲି ମୋ ଅଧୀରେ ଗାଉଛି
ତୁମ ଅଭିସାର ଆସେ,
ମୟୂର ନାଚୁଛି ନବ ଭଙ୍ଗୀ ଦେଇ ସତେ ଶ୍ରାବଣ ର ଧାର୍ ବର୍ଷେ ।୪।

ଆସି ବ ତୁମେ ଭାସିବ ତୁମେ କେତେ ପ୍ରିତି କଥା ସତେ,
ଯିବ ପୁଣି ଭୁଲି ଭସାଇଣ ମୋତେ
ହାତ ଛାଡ଼ି ତୁମ ପଥେ ।୫।

ନବରଙ୍ଗପୁର

# ପ୍ରାଚୀନ ହିନ୍ଦୁ ସଂସ୍କୃତି କେତେ ମହାନ୍



ବାଲ୍ମୀକ ନାୟକ

ଦୁନିଆରେ ପ୍ରତ୍ୟେକ ଯୁଗରେ ପ୍ରାଚୀନ ଓ ଆଧୁନିକ ସଂସ୍କୃତି ମଧ୍ୟରେ ରହୁଥିବା ବୈଷମ୍ୟକୁ ନେଇ ବିବାଦ ଗ୍ଲିଆସିଛି । ଗତ ଏକ ହଜାର ବର୍ଷ ତଳର ଆଧୁନିକ ମଣିଷ ସମାଜ, ଗତ ପାଞ୍ଚଶହ ବର୍ଷ ତଳର ଆଧୁନିକ ମଣିଷମାନଙ୍କ ଦୃଷ୍ଟିରେ ପ୍ରାଚୀନ ବା ପୁରୁଣା ଥିଲା । ସେହିଭଳି ଆଜିର ଆଧୁନିକ ମଣିଷ ପାଇଁ ଗତ ଦୁଇ ବା ତିନିଶହ ବର୍ଷର ମଣିଷମାନେ ବି ପୁରୁଣା ହୋଇପଡିଛନ୍ତି । ପ୍ରତ୍ୟେକ ପିଢି ଭିତରେ ମତପାର୍ଥକ୍ୟ ଓ ବିଗ୍ରହ ବୈଷମ୍ୟ ରହୁଥିଲେ ବି ସବୁବେଳେ ଗୋଟିଏ ପୁରାତନ ପନ୍ଥୀ ବର୍ଗ ପ୍ରାଚୀନ ସଂସ୍କୃତି ମହାନ୍ ଥିଲା, ଆଧୁନିକ ସମାଜ ଭଲ ନୁହେଁ ବୋଲି ସମାଲୋଚନା କରିଆସୁଛନ୍ତି । ସେମାନଙ୍କ ମତରେ "ପ୍ରାଚୀନ କାଳରେ ଗୋଟିଏ ସୁବର୍ଣ୍ଣ ଯୁଗ ଥିଲା ।" ସୁବର୍ଣ୍ଣ ଯୁଗର ଅର୍ଥ ହୁଏତ ମଣିଷମାନେ ସୁଖ, ଶାନ୍ତି, ନିରୋଗ ଓ କଷ୍ଟ ରହିତ ଜୀବନ ଅତିବାହିତ କରୁଥିଲେ । ସେହି ଯୁଗରେ ସଦାଗ୍ଚାରୀ, ଆଧ୍ୟାତ୍ମିକ ପ୍ରବୃତ୍ତି ସମ୍ପନ୍ନ, ସତ୍ୟନିଷ୍ଠ ଓ ଦୟାବାନ୍ ମଣିଷମାନେ ବାସ କରୁଥିଲେ ବୋଲି ସେମାନେ ଯୁକ୍ତି ବାଢିଥାନ୍ତି । ଆଜିଭଳି ସେ ଯୁଗରେ ବେଇମାନ, ଭ୍ରଷ୍ଟାଗ୍ଚାର, ଅନୀତି ଓ ଆଧ୍ୟାତ୍ମିକ ବିରୋଧୀ ଲୋକ ନଥିଲେ ବୋଲି ଦାବି କରିଥାନ୍ତି । ପ୍ରାଚୀନ ଯୁଗରେ ସମସ୍ତ ପ୍ରକାର ଉତ୍କୃଷ୍ଟ ଧରଣର ଉପକରଣ, ଅସ୍ତ୍ରଶସ୍ତ୍ର, ଯାନବାହାନ ଆଦି ଉପଲବ୍ଧ ଥିଲା ବୋଲି ଶାସ୍ତ୍ରରୁ ପ୍ରମାଣ ଖୋଜି ଦର୍ଶାଇଥାନ୍ତି ।

ଉପରୋକ୍ତ ସମସ୍ତ ବକ୍ତବ୍ୟ ଉପରେ ଗଭୀର ଭାବେ ଚିନ୍ତା କଲେ ବୁଝାପଡୁଛି କି ଅନେକ ବକ୍ତବ୍ୟ / ତଥ୍ୟ ମନଗଢା କାହାଣୀ ଓ କାଳ୍ପନିକ ଆଦର୍ଶବାଦ ବ୍ୟତୀତ ଅନ୍ୟକିଛି ନୁହେଁ । ଆଧ୍ୟାତ୍ମିକ ଶାସ୍ତ୍ରମାନଙ୍କରେ ହିଁ ଲେଖାଅଛି – ସେ ଯୁଗରେ ବି ରୋଗ, ଶୋକ, ହିଂସା,

ଭଷ୍ଟାଗ୍ଭର, ଅତ୍ୟାଗ୍ଭର, ଅନୀତି, ଶୋଷଣ ଆଦି ସମସ୍ତ ଦୁର୍ଗୁଣ ଥିଲା । ସେଥିପାଇଁ ସେ ସମୟରେ ସାମାଜିକ, ରାଜନୈତିକ, ଅର୍ଥନୈତିକ, ଆଧାତ୍ମିକ ପ୍ରଭୃତି ବିଷୟକୁ ଆଧାର କରି ସୃଷ୍ଟି ହୋଇଥିବା ମହାଭାରତ କାବ୍ୟରେ କୌରବ ଏବଂ ପାଣ୍ଡବ, ରାମାୟଣ କାବ୍ୟରେ ରାମ ଓ ରାବଣ, ହରିବଂଶରେ କୃଷ୍ଣ ଓ କଂସ ଚରିତ୍ର ଗୁଡିକ ମଧ୍ୟରେ ଯୁଦ୍ଧ ହୋଇଥିଲା ବୋଲି ଯାହା ଉଲ୍ଲେଖ ହୋଇଛି, ସେହି ଯୁଦ୍ଧ ଗୁଡିକରେ ଯେଉଁ ପରିମାଣରେ ନରସଂହାର ହୋଇଥିଲା ବର୍ତ୍ତମାନ ପୃଥିବୀର ଜନସଂଖ୍ୟା ତା ଠାରୁ କମ୍ ହେବ । ମହାଭାରତ ଯୁଦ୍ଧରେ କାଳେ ରକ୍ତର ନଦୀ ବୋହି ଯାଇଥିଲା । ବୈଜ୍ଞାନିକ ତଥ୍ୟ କହୁଛି, ମଣିଷର ରକ୍ତ ଶରୀର ବାହାରକୁ ଆସିବା କିଛି ସମୟ ପରେ ହିଁ ଜମାଟ ବାନ୍ଧିଯାଇଥାଏ । ପ୍ରଶ୍ନ ଉଠୁଛି, ସେତେବେଳର ମଣିଷମାନଙ୍କ ଦେହର ରକ୍ତ କଣ ଜମାଟ ବାନ୍ଧୁନଥିଲା? ଏତେ ସଂଖ୍ୟାରେ ଯଦି ନରସଂହାର ହେଉଥିଲା, ତେବେ ଲୋକମାନେ ସୁଖ ଓ ଶାନ୍ତିରେ ରହୁଥିଲେ କେମିତି?

ଆମର ବ୍ୟକ୍ତିଗତ ଅନୁଭବରୁ ଆମେ ଜାଣିଛୁ ଯେ, ଗତ ୧୯୬୨ ସାଲରେ ଚୀନ୍ ଓ ଭାରତର ଲଢେଇ, ଦ୍ୱିତୀୟଥର ୧୯୬୫ରେ ପାକସ୍ତାନ ସହ ଲଢେଇ ଏବଂ ୧୯୭୧ ସାଲ୍ ରେ ପୂର୍ବ ପାକସ୍ତାନ ସହ ଲଢେଇ ସମୟରେ ଭାରତୀୟ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଥିଲା । ସମସ୍ତେ ଭୟ ଓ ଆଶଙ୍କା ଭିତରେ ଦିନ କାଟୁଥିଲେ ବି ତାଙ୍କ ପରିବାରର କେହି ସୈନିକ ବା ସୁରକ୍ଷା କର୍ମୀ ଶହୀଦ୍ ନ ହଉ, ସେଥିପାଇଁ ସୀମାବର୍ତ୍ତୀ ଅଞ୍ଚଳର ଅଧିବାସୀମାନେ ନିଦ୍ରାହୀନ ରାତି କଟାଉଥିଲେ । ସୁଖ ଓ ଶାନ୍ତି କେଉଁଠୁ ଆସିବ?

ପ୍ରାଚୀନ ଆଧାତ୍ମିକ ଶାସ୍ତ୍ରମାନଙ୍କର ଅଧିକାଂଶ ପୃଷ୍ଠାରେ ତଥାକଥିତ ଦେବ ଓ ଦାନବଙ୍କ ଭିତରେ ହୋଇଥିବା ସଂଘର୍ଷର କାହାଣୀ ଲିପିବଦ୍ଧ ହୋଇଛି । ତଥାପି ଆଧାତ୍ମିକ ଗୁରୁମାନେ ପ୍ରାଚୀନ ଯୁଗର ଗୁଣ ଗାଉଛନ୍ତି ।

ଆମ ଦେଶରେ ହଜାର ହଜାର ବର୍ଷ ତଳୁ ବେଦଶାସ୍ତ୍ରମାନଙ୍କୁ ପଢି, ବୁଝି ବ୍ୟାଖ୍ୟା କରୁଥିବା ଶାସ୍ତ୍ର ବିଶାରଦ ଓ ବିଦ୍ୱାନମାନଙ୍କ ଭିତରୁ ଜଣେ ବି ମଣିଷମାନଙ୍କ ଉପଯୋଗୀ ଗୋଟିଏ ବି ଆଧୁନିକ ଉପକରଣ ତିଆରି କରିପାରିଲେ ନାହିଁ । ପାଶ୍ଚାତ୍ୟ ଦେଶରେ ବୈଜ୍ଞାନିକମାନଙ୍କ

ଦ୍ୱାର୍ ଯେତେବେଳେ ଉଡାଯାହାଜ ତିଆରି କରିବା ଖବର ଆସିଲା, ଆମ ଦେଶରେ ବିଦ୍ୱାନ ଦାବିକଲେ, ଆମ ଦେଶରେ ବହୁତ ଆଗରୁ ପୁଷ୍ପକ ବିମାନ ତିଆରି ହୋଇସାରିଛି । କେତେକ ଗାଲୁ ଗପ ପ୍ରଚ୍ଚର କଲେ, ସେମାନେ ଆମ ଦେଶରୁ ବେଦକୁ ନେଇଯାଇ ନେଇ ସେହି ପାଠରୁ ଉଡାଜାହାଜ ବନେଇବା କୌଶଳ ଶିଖିପାରିଲେ । ପ୍ରଶ୍ନ ଉଠୁଛି – ଯଦି ବେଦରେ ଉଡାଜାହାଜ ତିଆରି କରିବାରେ ଟେକନୋଲୋଜି ଲେଖା ଥିଲା, ତେବେ କେବଳ ଗୋଟିଏ ମାତ୍ର ପୁଷ୍ପକ ବିମାନ କାହିଁକି ଥିଲା? ହଜାର ହଜାର ସଂଖ୍ୟାରେ ତିଆରି ନ ହେଲା କାହିଁକି? ଦ୍ୱିତୀୟତଃ ବେଦର ଭାଷା ହେଉଛି ସଂସ୍କୃତ, ଯେଉଁ ଦେଶରେ ଉଡାଜାହାଜ ତିଆରି ହେଲା, ସେ ଦେଶର ଜଣେ ବି ହୁଏତ ସଂସ୍କୃତ ଭାଷା ଜାଣିନଥିବେ । ତଥାପି ସେମାନେ ବେଦ ପଢି, ବୁଝି ଜ୍ଞାନ ହାସଲ କରିନେଲେ ଏବଂ ଆମର ସଂକୃତ ପଣ୍ଡିତମାନେ ରହିଗଲେ ପଛରେ ।

ଇଲେକଟ୍ରିସିଟି ଏବଂ ଇଲେକଟ୍ରୋନିକସ୍ ଉଦ୍ଭାବନ ହେବା ପରେ ସାରା ଦୁନିଆରେ ଏକ ଅଦ୍ଭୁତପୂର୍ବ କ୍ରାନ୍ତି ଆସିଲା । ଶବ୍ଦ ଓ ଛବିକୁ ରେଡିଓ ତରଙ୍ଗ ସାହାଯ୍ୟରେ ଦୁନିଆର ଗୋଟିଏ କୋଣରୁ ଅନ୍ୟାନ୍ୟ କୋଣ ପର୍ଯ୍ୟନ୍ତ ନିଖୁଣ ଭାବେ ପହଞ୍ଚାଇ ଦିଆଯାଇପାରିଲା । ଏହି ଉଦ୍ଭାବନ ବି ହେଲା ପାଶ୍ଚାତ୍ୟ ଦେଶରେ । ଆମ ଦେଶର ପଣ୍ଡିତମାନେ ପ୍ରଚ୍ଚର କଲେ କଛି ନୂଆ କଥା ନୁହେଁ, ମହାଭାରତ ଯୁଦ୍ଧ ବେଳେ ସଞ୍ଜୟ ଯୁଦ୍ଧଭୂମିର ସମସ୍ତ ଦୃଶ୍ୟ ଦିବ୍ୟ ଦୃଷ୍ଟିରେ ଦେଖି ଧୃତରାଷ୍ଟ୍ରଙ୍କୁ ଶୁଣାଇ ଦେଉଥିଲେ । ପ୍ରାଚୀନ ଯୁଗରେ ବି ଏହି ଟେକନୋଲୋଜି ଆମ ଦେଶରେ ଥିଲା ।

୨୦୧୨ ମସିହା ଜୁଲାଇ ମାସରେ ହୋଇଥିବା ବୀଜ୍ଞାନିକ ପରୀକ୍ଷଣ "ଗଡ ପାର୍ଟିକଲସ୍" ଉପରେ ବି ନିଜର ପାଣ୍ଡିତ୍ୟ ପ୍ରଚ୍ଚର କରି କହିଲେ, ଆମେ ଆଗରୁ ଜାଣିଛୁ, ବ୍ରହ୍ମ ହିଁ ସେହି "ଗଡ ପାର୍ଟିକଲସ୍" । ବୈଜ୍ଞାନିକମାନେ ଅଯଥା ଏତେ ପରିଶ୍ରମ କରି ଅଧିକା କଣ ପାଇଲେ?

ଅନ୍ୟ ଦେଶର ଯବନ ସୈନିକମାନେ ଯେଉଁ ମାରଣାସ୍ତ୍ର ବ୍ୟବହାର କରି ଆମ ଦେଶକୁ ପ୍ରାୟ ଦୁଇ ହଜାର ବର୍ଷ ପର୍ଯ୍ୟନ୍ତ ଗୋଲାମ ବନେଇ ରଖିଲେ, ଆମ ଦେଶରେ ଯଦି ପୁରାଣ ବର୍ଣ୍ଣିତ ତଥାକଥିତ ଶବ୍ଦଭେଦୀ ବାଣ, ଆଗ୍ନେୟାସ୍ତ୍ର, ବ୍ରହ୍ମାସ୍ତ୍ର ଆଦି ତିଆରି ହୋଇ ବ୍ୟବହାର କରାଯାଇଥାନ୍ତା, ତେବେ ଆମକୁ କିଏ ବା ଜିତି ପାରିଥାନ୍ତା?

ଆରମ୍ଭରୁ ଆମକୁ କେବଳ କାଳ୍ପନିକ ଶକ୍ତିମାନଙ୍କର ଛତ୍ରଛାୟା ତଳେ ହାତଯୋଡି ବସି ମାନସିକ ଶାନ୍ତି ପାଉଥିବା ନିଜକୁ ପ୍ରବଞ୍ଚନା କରିବାକୁ ଶିକ୍ଷା ଦିଆଯାଉଛି । ସଂସାରରେ ଯାହା ନାହିଁ, ତାହା ଅଛି ଏବଂ ଯାହା ଅଛି, ତାହା ମାୟା ବୋଲି ମାନିବାକୁ ବାଧ୍ୟ କରାଯାଉଛି । ହଜାର ହଜାର ବର୍ଷର ଗୋଲାମ ଜୀବନରୁ ମୁକ୍ତ ହୋଇ ମଧ୍ୟ ଆମେ ମାନସିକ ଦାସତ୍ୱରୁ ମୁକ୍ତ ହୋଇପାରିଲୁ ନାହିଁ । ଦେଶ ଓ ସମାଜର ଉନ୍ନତି ନ ହେବାର ମୁଖ୍ୟ କାରଣ ହେଉଛି – କାଳ୍ପନିକ ଶକ୍ତିମାନଙ୍କ ପ୍ରତି ରହିଥିବା ଅହେତୁକ ଶ୍ରଦ୍ଧା । ପ୍ରାଚୀନ ସଂସ୍କୃତିର ଢୋଲ ପିଟି ଅତୀତର ମୋହ ତ୍ୟାଗ କରିବାକୁ ପ୍ରସ୍ତୁତ ହେଉନଥିବା ଆଧ୍ୟାତ୍ମିକ ଗୁରୁମାନେ ଜନତାଙ୍କୁ ଭ୍ରମିତ କରି ଦିଗହରା କରିଆସିଛନ୍ତି । ଭ୍ରମିତ ଜନତା ଦ୍ୱନ୍ଦ୍ୱରେ ପଡି ବୁଝିପାରୁନାହାନ୍ତି, କେଉଁ ଦିଗରେ ଗ୍ଲିଲେ ପ୍ରକୃତରେ ଉନ୍ନତିର ଶିଖରରେ ପହଞ୍ଚିବେ ।

ଆଧ୍ୟାତ୍ମିକ ଗୁରୁମାନଙ୍କର ମତ ହେଉଛି କେବଳ ରାଜତନ୍ତ୍ର ହିଁ ସମାଜକୁ ସଫଳ ଶାସନ ପ୍ରଦାନ କରିପାରିବ । କାରଣ ଏହା ହିଁ ବେଦ ସମ୍ମତ ପଦ୍ଧତି ଅସଲ କଥା ହେଉଛି ଯେ ପ୍ରତ୍ୟେକ ବଳବାନ କ୍ଷତ୍ରିୟ ରାଜା ନିଜର ରାଜଦରବାରରେ ରାଜନୀତି, ଆଧ୍ୟାତ୍ମିକତା ଓ ଶାସନ ସମ୍ପର୍କରେ ଚର୍ଚ୍ଚା କରିବା ପାଇଁ ବ୍ରାହ୍ମଣ ବର୍ଗର ତଥାକଥିତ ପଣ୍ଡିତମାନଙ୍କୁ ହିଁ ସ୍ଥାୟୀ ନିଯୁକ୍ତି ଦେଇଥାନ୍ତି । ପରୋକ୍ଷରେ ଦେଶକୁ ଶାସନ କରିଥାନ୍ତି ପୁରୋହିତ ବର୍ଗ । ଏହି ପ୍ରତିକ୍ରିୟାବାଦୀ ଏବଂ ପ୍ରଗତି ବିରୋଧୀ ଶକ୍ତିର ସମର୍ଥକମାନେ ପ୍ରାଚୀନ ସଂସ୍କୃତି ପ୍ରତି ଜନତାଙ୍କୁ ମୋହ ବା ଦୁର୍ବଳତାରୁ ନିଜର ଫାଇଦା ପାଉଥିଲେ । ସେମାନଙ୍କର ପ୍ରୟାସ ଆଜି ବି ଗ୍ଲୁ ରହିଛି । ଆଜି ଦେଶରେ ମୁଦ୍ରାସ୍ଫୀତି, ଖାଦ୍ୟାନ୍ନର ଅଭାବ, ଅଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା, ଧନୀ ଗରିବ ଭିତରେ ଅଧିକ ତାରତମ୍ୟ, ଭ୍ରଷ୍ଟାଗ୍ର ଆଦି ସମସ୍ୟା ଯୋଗୁଁ ମଣିଷ ଜୀବନ ଓ ମୃତ୍ୟୁ ଭିତରେ ଝିଙ୍କୁ ପାଲଟି ଯାଇଥିବା ବେଳେ କେତେକ ନାଟୁଆ

ନେତା ଚକ୍ରାର କରୁଛନ୍ତି ଆମ ଦେଶର ନାମ "ଇଣ୍ଡିଆ" ନ ହୋଇ "ଭାରତବର୍ଷ" ହେଉ। ଆମେ ବୁଝିପାରୁନାହିଁ – ଦେଶର ନାମକୁ ବଦଳେଇଦେଲେ ଦେଶରେ କଉଳ ପରିବର୍ତ୍ତନ ହୋଇଯିବ? ସତରେ ଯଦି ପରିବର୍ତ୍ତନ ହୋଇଯିବ ତେବେ କଣ ଇଣ୍ଡିଆର ଲୋକମାନେ ପ୍ରାଚୀନ ଭାରତବର୍ଷ ଆଡକୁ ଦୌଡିବା ଆରମ୍ଭ କରିଦେବେ? ସମସ୍ତ ପ୍ରକାର ଆଧୁନକ ଉପଭୋଗ୍ୟ ବସ୍ତୁ ତ୍ୟାଗ୍ କରି ବଣ ଜଙ୍ଗଲରେ ଯାଇ ରହିବେ କି? କେବେ ବି ସମ୍ଭବ ନୁହେଁ।

କେତେକ ପଣ୍ଡିତ କହୁଛନ୍ତି –"ରାଷ୍ଟ୍ରଭାଷାରେ ଇଂରାଜୀ ଶବ୍ଦଗୁଡିକ ବଦଳରେ ସଂସ୍କୃତ ଶବ୍ଦକୁ ବ୍ୟବହାର କରାଯାଉ।" ଇଂରାଜୀ ଶବ୍ଦ ପ୍ରତି ଘୃଣା କରି ଯଦି ରାଷ୍ଟ୍ର ଏବଂ ପ୍ରାଦେଶିକ ଭାଷାରେ ସଂସ୍କୃତ ଶବ୍ଦ ପ୍ରୟୋଗ କରାଯିବ, ତେବେ ଅନୁବାଦ ଶବ୍ଦର ଅର୍ଥ ମୂଳ ଇଂରାଜୀ ଶବ୍ଦର ଅର୍ଥ ଶହେ ପ୍ରତିଶତ ମିଶି ନ ପାରେ। ଦ୍ୱିତୀୟତଃ କ୍ଲିଷ୍ଟ ସଂସ୍କୃତ ଭାଷାକୁ ମନେରଖିବା ଓ ବ୍ୟବହାର କରିବା ସହଜ ହେବନାହିଁ। ଯଥା: ମୋଟର ପାଇଁ "ବହ୍ନିବଭାଣ" ୱାରେଣ୍ଟ ପାଇଁ "ପ୍ରାହ୍ୱାନପତ୍ର", ଟ୍ରେନ୍ ପାଇଁ "ବାଷ୍ପୀୟ ସକଟ" ଇତ୍ୟାଦି। ତୃତୀୟତଃ ସାରା ଦୁନିଆରେ ବୈଷୟିକ ଜ୍ଞାନ, ବୈଜ୍ଞାନିକ ତଥ୍ୟ, ସାମାଜିକ ଦର୍ଶନ ଆଦି ଇଂରାଜୀ ଭଳି ଏକ ସରଳ ଭାଷାରେ ପ୍ରକାଶିତ ହେଉଥିବାରୁ ବିଦ୍ୟାର୍ଥୀମାନେ ଖୁବ୍ ଶୀଘ୍ର ବହୁମାତ୍ରାରେ ଜ୍ଞାନ ହାସଲ କରିପାରୁଛନ୍ତି। ତେଣୁ ସଂସ୍କୃତ ଶବ୍ଦ ବ୍ୟବହାର କଲେ ଦେଶ ଆଗରେ ନୁହେଁ ପଛରେ ପଡି ରହିଥିବ।

କେତେକ ଆଧ୍ୟାତ୍ମିକଗୁରୁ ଭାରତୀୟ ପୋଷାକ ସପକ୍ଷରେ ଭାଷଣ ଦେଇଥାନ୍ତି। ଧୋତି ଓ କୁର୍ତ୍ତା ହେଉଛି ଆମର ଜାତୀୟ ପୋଷାକ। ଇଂରେଜମାନଙ୍କ ଦ୍ୱାରା ଅଣା ଯାଇଥିବା ପ୍ୟାଣ୍ଟ, ସାର୍ଟ, କୋର୍ଟ ଇତ୍ୟାଦି ତ୍ୟାଗ କରି ଧୋତି, କୁର୍ତ୍ତା ପିନ୍ଧିବା ଉଚତ ବୋଲି ଯୁକ୍ତି କରିଥାନ୍ତି। ଆମେ ବୁଝିପାରୁନାହିଁ ଯେ, ପୋଷାକ ବଦଳେଇଲେ ଆମର ଉନ୍ନତି ହେବ ନା ଅବନତି ହେବ? ପ୍ୟାଣ୍ଟ, ସାର୍ଟ, କୋର୍ଟ ଆଦି ପିନ୍ଧିବାକୁ ଯେତେ ସହଜ ଓ ସୁବିଧା, ଧୋତି ପିନ୍ଧିଲେ ସେତିକ ସୁବିଧା ହୁଏ ନାହିଁ। ଏଇଠି ଆଉ ଗୋଟିଏ କଥା ଦେଖିବା ଯେ, ପୁରୁଷମାନଙ୍କ ଡ୍ରେସ୍ କୋଡ୍ କଥା ତ ଠିକ୍ ଅଛି, ସ୍ତ୍ରୀମାନଙ୍କ ର ବି ଯଦି ପ୍ରାଚୀନ କାଳର ଡ୍ରେସ୍ କୋଡ

ଲାଗୁ କରିବା, ତେବେ ସେମାନେ ସାୟା ଓ ବ୍ଲାଉଜ ଭଳ ଅନ୍ତବସ୍ତ୍ର ବି ପିନ୍ଧିପାରିବେ ନାହିଁ। କାରଣ ଭାରତୀୟ ସ୍ତ୍ରୀ ଲୋକମାନଙ୍କୁ ସାୟା, ବ୍ଲାଉଜ୍ ପିନ୍ଧାଇବା ଇଂରେଜମାନେ ହିଁ ଶିଖାଇଥିଲେ।

ପ୍ରାଚୀନ ହିନ୍ଦୁ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଆଧ୍ୟାତ୍ମବାଦୀ ନେତା, ଆଧ୍ୟାତ୍ମିକ ସଂଗଠନମାନେ ବିଜ୍ଞାନ ଦ୍ୱାରା ଉଦ୍ଭାବନ କରାଯାଇଥିବା ପ୍ରଚାର ଯନ୍ତ୍ରକୁ ଖୁବ୍ ବେଶୀ ବ୍ୟବହାର କରୁଛନ୍ତି। ପ୍ରତ୍ୟେକ ଭାଷାରେ ଭକ୍ତମାନଙ୍କୁ ପ୍ରଭାବିତ କରିବା ପାଇଁ ଟି.ଭି. ଚ୍ୟାନେଲ ଗୁଡିକୁ ଅନୁବନ୍ଧିତ କରି ନେଇଛନ୍ତି। ସେଥିରେ କେବଳ ଆଧ୍ୟାତ୍ମିକତା ଓ ତଥାକଥିତ ଈଶ୍ୱର, ସ୍ୱର୍ଗ, ମୋକ୍ଷ, ଆତ୍ମା, ପରମାତ୍ମା ସଂପର୍କରେ ଦିନରାତି ଚର୍ଚ୍ଚା ହେବ। ମାନିଲେ କଣ ଫାଇଦା ହେବ, ନମାନିଲେ କଣ ସବୁ କ୍ଷତି ହେବ ବର୍ଣ୍ଣନା କରାଯାଇଥାଏ। ବର୍ଣ୍ଣନା କରାଯାଉଥିବା ତଥ୍ୟ ବା କାହାଣୀରେ କେତେଦୂର ସତ୍ୟ ରହିଛି ବା ତର୍କ ସଂଗତ କି ନୁହେଁ, କେହି ବିଚାର କରନ୍ତି ନାହିଁ । ଯେହେତୁ ଟିଭିରେ ପ୍ରସାରଣ ହେଉଛି, ତେଣୁ ନିଶ୍ଚୟ ସତ୍ୟ ହୋଇଥିବ ଭାବି ସମସ୍ତେ ବିଶ୍ୱାସ କରନ୍ତି। ଦର୍ଶମାନଙ୍କର ଫାଇଦା ହେଉ କି ନ ହେଉ, ଆଧ୍ୟାତ୍ମିକ ଗୁରୁ ଓ ଚ୍ୟାନେଲ୍ ମାଲିକମାନଙ୍କର କୋଟି କୋଟି ଟଙ୍କାର ଫାଇଦା ହେଉଛି।

କେତେକ ମନ୍ତ୍ରୀ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ଆଧାରହୀନ ଅବୈଜ୍ଞାନିକ ଜ୍ୟୋତିଷଶାସ୍ତ୍ରକୁ ସାମିଲ କରିସାରେଲେଣି। କର୍ଣ୍ଣାଟକ ପ୍ରଦେଶର ଶିକ୍ଷାମନ୍ତ୍ରୀ ସ୍ପିରିଚୁଆଲ୍ ୟୁନିଭରସିଟି ଗଠନ କରି ସେଥିରେ ବେଦ, ଉପନିଷଦ, ଗୀତା, ଭାଗବତ, ଅଷ୍ଟାଦଶ ପୁରାଣ, ରାମାୟଣ, ମହାଭାରତ ଓ ଜ୍ୟୋତିଷଶାସ୍ତ୍ର ସଂପର୍କରେ ଶିକ୍ଷା ଦେବାକୁ ପ୍ରସ୍ତାବ ପାରିତ କରିସାରିଲେଣି। ଏହା ଦ୍ୱାରା ଭାରତୀୟ ବିଦ୍ୟାର୍ଥୀମାନଙ୍କ ଶିକ୍ଷାସ୍ତର କେଉଁଆଡକୁ ଗତି କରିବ କହିବା ଅନାବଶ୍ୟକ। ଏହି ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନେ ରେକି, ବାସ୍ତୁଶାସ୍ତ୍ର, ପେଙ୍ଗସୁଇ, ମାରସିୟାଲ ଆର୍ଟସ୍, ସ୍ପିରିଚୁଆଲ୍ ହିଲିଙ୍ଗ୍, ଜେମସ୍, କ୍ରିଷ୍ଟାଲସ୍, ଜ୍ୟୋତିଷଶାସ୍ତ୍ର, ମ୍ୟୁଜିକଥେରାପି, ନ୍ୟୁଟ୍ରିସନ, ମେଡିଟେସନ୍, ଯୋଗ, ମେଡିସିନାଲ୍ ପ୍ଲାନସ୍, ନ୍ୟୁରୋଲୋଜି, ଯନ୍ତ୍ର ତନ୍ତ୍ର ଓ ମନ୍ତ୍ର ଉପରେ ରିସର୍ଚ୍ଚ କରିବେ। ବିଦ୍ୟାର୍ଥୀମାନଙ୍କୁ

ଡିପ୍ଲୋମା, ଡିଗ୍ରୀ, ପ୍ରମାଣପତ୍ର ଆଦି ପ୍ରଦାନ କରାଯିବ । ବିଶ୍ୱବିଦ୍ୟାଳୟର ନାମ "Amrutha Sinchan Spiritual Private University ହେବ । "TOI December, 19, Wednesday 2012 ପ୍ରଥମ ପୃଷ୍ଠାର ଖବର ଦ୍ରଷ୍ଟବ୍ୟ) ।

କର୍ଣ୍ଣାଟକ ପ୍ରସିଦ୍ଧ "କ୍ୟୁକେ ସୁବ୍ରମନ୍ୟ ମନ୍ଦିର" ରେ ପ୍ରତିବର୍ଷ ବ୍ରାହ୍ମଣମାନଙ୍କ ଅଇଁଠା କଦଳୀପତ୍ର ଉପରେ ଖାଲି ଦେହରେ ଗଡି ଗଡି ଗଲେ ପୂଣ୍ୟ ହୁଏ, ଦେହର ରୋଗ ଭଲ ହୋଇଯାଏ ବୋଲି ହଜାର ହଜାର ସ୍ତ୍ରୀ ପୁରୁଷ ମାର୍ଗଶୀର ମାସରେ ପଡୁଥିବା "ଚମ୍ପାଶାସ୍ତି" ତିନ ଦିନ ପାଇଁ "ମଦେସ୍ନାନ" ପାଳନ କରୁଛନ୍ତି । କଛିବର୍ଷ ତଳେ କଛି ବୁଦ୍ଧିଜୀବୀମାନଙ୍କ ପ୍ରତିରୋଧମୂଳକ ପଦକ୍ଷେପ ଯୋଗୁଁ କର୍ଣ୍ଣାଟକ ହାଇକୋର୍ଟ "ମଦେସ୍ନାନ" ଅସଂଗତ, ଅମାନବୀୟ କହି ପ୍ରତିବନ୍ଧ ଲଗାଇଥିଲେ । ଚଳତବର୍ଷ "ମଦେସ୍ନାନ" ଭକ୍ତମାନଙ୍କ ସଂଖ୍ୟା ଅନ୍ୟ ବର୍ଷମାନଙ୍କଠାରୁ ଅଧାକୁ ଖସି ଆସିଛି ବୋଲି ଖବର ପ୍ରକାଶ ପାଇଛି । କାରଣ "କର୍ଣ୍ଣାଟକ ରାଜ୍ୟ ହିନ୍ଦୁଲିଦା ଜାଗ୍ରତ ବାଦିକେ" ସଂଗଠନର ସଭାପତି ଶ୍ରୀ କେ.ଏସ୍. ଶିବରାମୁ ଲୋକମାନଙ୍କୁ ବୁଝାଇଥିଲେ ଯେ "ମଦେସ୍ନାନ" ହେଉଛି ଏକ ଜାତିଭେଦର ପ୍ରତୀକ । ଏହାଦ୍ୱାରା କାହାରି କଛି ଫାଇଦା ହୁଏନାହିଁ ।

ଆଜି ବି ଅନେକ ମଠ ଓ ମନ୍ଦିରମାନଙ୍କରେ ଦେବଦାସୀ ପ୍ରଥା ପ୍ରଚଳତ ଅଛି । ହୁଏତ ଦେବଦାସୀର ସଂଜ୍ଞା ବଦଳଯାଇ କେବଳ ଶିଷ୍ୟା ହୋଇଛି । ମନ୍ଦିରର ପୂଜାରୀ ଓ ମଠର ଅଧିକାରୀମାନଙ୍କ ଦ୍ୱାରା ଏହି ମହିଳା ଶିଷ୍ୟାମାନଙ୍କର ଯୌନ କେଲେଙ୍କାରୀ ଘଟଣା ସାର୍ବଜନକ ହେଉଛି । ଦୋଷୀମାନେ ଧରାପଡୁଛନ୍ତି କନ୍ତୁ ଅହେତୁକ ଶ୍ରଦ୍ଧା ରଖୁଥିବା ଭକ୍ତମାନେ ସେମାନଙ୍କୁ ନର୍ଦୋଷ ବୋଲି କହିବାକୁ ଲଜ୍ଜା ଅନୁଭବ କରନ୍ତି ନାହିଁ । ପ୍ରମାଣ ଅଭାବରୁ ଖଲାସ ହୋଇ ପୁଣି ନଜ ଗାଦି ସମ୍ଭାଳ ବସନ୍ତି ।

ପ୍ରାଚୀନ ମନ୍ଦିରମାନଙ୍କର ସୁରା (ମଦ) ଓ ଗଞ୍ଜେଇ ସେବନର ପ୍ରଥାକୁ ଶାସ୍ତ୍ର ସମ୍ମତ କହି ସାଧୁ, ସନ୍ନ୍ୟାସୀମାନେ ଭକ୍ତମାନଙ୍କୁ ପ୍ରୋତ୍ସାହିତ କରିଥାନ୍ତି । ଅନେକ ମଠ ଓ ମନ୍ଦିରରୁ ପ୍ରତିବନ୍ଧିତ ଡ୍ରଗ୍ସ ପୋଲିସ ଦ୍ୱାରା ଜବତ ହୋଇଛି । କଛିଦିନ ଖବର ପ୍ରକାଶ ପାଏ, ସାମାନ୍ୟ

ହୋ- ହାଲ୍ଲା ହୁଏ, ତା ପରେ ସବୁକଛି ଶାନ୍ତ ହୋଇଯାଏ । ମଠ ଓ ମନ୍ଦିରରେ ଯଥାବିଧି ଏହା ଗ୍ଲିଥାଏ ।

ଆଧାମ୍ନିକ ଶାସ୍ତ୍ରମାନଙ୍କରେ ବଳୀପ୍ରଥା ବି ଉଲ୍ଲେଖ ଅଛି । ଅନ୍ୟ ପଶୁ, ପକ୍ଷୀମାନଙ୍କୁ ତଥାକଥିତ ଦେବୀଙ୍କ ଆଗରେ ହତ୍ୟା କରି ନଜ ପାଇଁ ସୁଖ, ସମୃଦ୍ଧି ହାସଲ କରିବାରେ ଅହେତୁକ ଶ୍ରଦ୍ଧାକୁ ତ୍ୟାଗ କରିବା ପାଇଁ ଯେତେ ଢଙ୍ଗରେ ତର୍କ ଦେଇ ବୁଝେଇଲେ ମଧ କେହି ବୁଝିପାରନ୍ତି ନାହିଁ । ମନ୍ତ୍ର ସାଧନା କରି ଦେବୀ କମ୍ଵା ଆମ୍ବାକୁ ନଜ ସପକ୍ଷରେ ମନେଇବା ପାଇଁ କେତେକ ତଥାକଥିତ ତାନ୍ତ୍ରିକ ମଣିଷକୁ ବି ବଳ ଦେଇଥାନ୍ତି । ଧଗ୍ପଡିଲେ, ଏମାନଙ୍କୁ କୌଣସି ତଥାକଥିତ ଦେବୀ କମ୍ବା ଆମ୍ବା ସାହାଯ୍ୟ କରନ୍ତି ନାହିଁ । ଆଇନ୍ ଅନୁସାରେ ଦଣ୍ଡ ପାଇ ଜେଲ୍ କୁ ଯାଆନ୍ତି ।

ଭ୍ରତରେ ମଣିଷମାନଙ୍କ ଭିତରେ ଛିଆଁ ଅଛୁଆଁ ପରମ୍ପର୍ ବି ଶାସ୍ତ୍ର ସମ୍ମତ ବୋଲି ହିନ୍ଦୁ ସଂସ୍କୃତିରେ ଅତି ନଷ୍ଠୁର ଭ୍ବରେ ପାଳନ କର୍ଯାଉଛି । ଶୋଷଣର ଶିକାରେ ହେଉଥିବା କଛି ଜାତିର ଜନତାଙ୍କୁ ନେଇ ସମସ୍ତେ ଖେଳ ଖେଳୁଛନ୍ତି । ନେତାମାନେ ଭ୍ଟେ ପାଇଁ ନାନା ପ୍ରକାର ପ୍ରଲ୍ଭନ ଦେଖେଇ ସେମାନଙ୍କୁ ବ୍ୟବହାର କରୁଛନ୍ତି । କଛି ଜାତିର ଲ୍ କମାନେ ପୂର୍ବଜନ୍ମର କର୍ମଫଳ ଭ୍ଗେ କରିବାକୁ ବାଧ କହି ସେମାନଙ୍କୁ ଶୋଷଣ କରୁଛନ୍ତି । ଅଗତ୍ୟା ଦଳତ ସମାଜ ତଥାକଥିତ ଭ୍ଗ୍ୟ ଓ ଭଗବାନଙ୍କ ଭରସାରେ ହିଁ ଜୀଇଁ ରହିବାକୁ ବାଧ ହୋଇଥାଏ ।

ଆଜିର ଯୁଗରେ ବାସ କରୁଥିବା କୌଣସି ବ୍ୟକ୍ତି ଶହେ ବର୍ଷ ପୂର୍ବର ସାମାଜିକ ସ୍ଥିତିକୁ ଫେରିଯିବା ଅସମ୍ଭବ । ଆଜିର ମୋଟର ସାଇକେଲ ଚଳାଉଥିବା ବ୍ୟକ୍ତି ବାଇସାଇକେଲକୁ ତ୍ୟାଗ କରିସାରିଲ୍ଣି । ଏପରିକ ତଥାକଥିତ ସାଧୁ, ସନ୍ଥମାନେ ବି ପଦଯାତ୍ରା ତ୍ୟାଗ କରି ବିଜ୍ଞାନ ପ୍ରଦତ୍ତ ଆଧୁନକ ଯାନବାହନ ବ୍ୟବହାର କଲେଣି । ସେମାନଙ୍କର ବାସସ୍ଥାନ, ଖାଦ୍ୟ, ପାନୀୟ ଓ ବସ୍ତ୍ର ଆଦି ଯେ କୌଣସି ଭ୍ଗେ ବିଳାସରେ ରହୁଥିବା ଧନୀ ବ୍ୟକ୍ତି

ଅପେକ୍ଷା ବି ଅଧିକ ହୋଇଥାଏ । ପ୍ରବଚନ ଦେଲାବେଳେ ସେଇମାନେ କହିଥାନ୍ତି – ଧନ ସମ୍ପତ୍ତି ସବୁକଛି ମାୟା । ମାୟା ତ୍ୟାଗ କରି ଆଧାତ୍ମିକତାକୁ ଆଶ୍ରାକର ।

ଏଇଠି ଆମେ ସ୍ପଷ୍ଟ କରିଦେବାକୁ ଗ୍ହୁଁଛୁ କ, ପ୍ରାଚୀନ କାଳର ଅନେକ ପ୍ରଥା ଓ ମାନ୍ୟତା ଆଜି ବି ଆମର ଗ୍ରହଣୀୟ । ଆଧାତ୍ମିକ ଗ୍ରନ୍ଥମାନଙ୍କରେ ଅନେକ ମାନବ ଉପଯୋଗୀ ତଥ୍ୟ ବି ରହିଛି । ସେଥିପାଇଁ ଗୌତମ ବୁଦ୍ଧ କହିଛନ୍ତି – କେବଳ ଆଧାତ୍ମିକ ଗ୍ରନ୍ଥରେ ଲେଖାଅଛି କମ୍ବା ଆଧାତ୍ମିକ ଗୁରୁମାନେ କହିଛନ୍ତି ବୋଲି ବିଶ୍ୱାସ କରନାହିଁ । ନଜର ତର୍କ ବୁଦ୍ଧିରେ ପରୀକ୍ଷା କରି ଦେଖିନଅ । ଯଦି ଠିକ୍ ଲାଗୁଛି ମାନ, ଯଦି ଠିକ୍ ନ ଲାଗୁଛି ମାନବା ଆବଶ୍ୟକ ନାହିଁ । ସେହିଭଳ ପଶ୍ଚିମ ଦେଶର ଲୋକମାନେ ବ୍ୟବହାର କରୁଥିବା ସମସ୍ତ ବସ୍ତୁ ଆମ ପାଇଁ ଠିକ୍ ନ ହୋଇପାରେ । ଆଧୁନକତା ନାମରେ ପଶ୍ଚିମ ସଭ୍ୟତାକୁ ମାନବା ଆମ ପାଇଁ କ୍ଷତିକାରକ ହୋଇପାରେ । ତେଣୁ ପ୍ରତ୍ୟେକ ଯୁଗରେ, ପ୍ରତ୍ୟେକ କାମରେ ତାଳମେଳ ରହିବା ଅତ୍ୟନ୍ତ ଜରୁରୀ । ଜୀବନରେ ସବୁ କଥାକୁ ତାଳ ମେଳ ଆଧାରରେ ନର୍ଦ୍ଧାରଣ କରିବା ପାଇଁ ମଣିଷର ବୁଦ୍ଧି ଖର୍ଚ୍ଚ ହେବା ଆବଶ୍ୟକ ।

କେ.ଆର. ପୂରମ, ବାଙ୍ଗାଲୋର


"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ପୁସ୍ତକ ସମୀକ୍ଷା


ସନ୍ତୋଷ କୁମାର ମହାନ୍ତି

ଶିଶୁ ସାହିତ୍ୟ କ୍ଷେତ୍ରରେ ସଚିତ୍ର ଶିଶୁ ଗଳ୍ପ ସଂକଳନର ଅଭାବ ପରିଲକ୍ଷିତ ହୁଏ । ବିଶେଷକରି ଶ୍ରେଣୀ ଉପଯୋଗୀ ସଚିତ୍ର ଶିଶୁ ଗଳ୍ପ, କବିତା ବହି ବଜାରରେ ବହୁତ କମ ମିଳେ । ଏହି ଅଭାବକୁ ନଜରରେ ରଖି ଅନ୍ତର୍ଜାତୀୟ ଅନୁଷ୍ଠାନ କେୟାର ଇଣ୍ଡିଆ ଦ୍ୱା "ଚଗଲା ଚଆଁ" ଶିଶୁ ଗଳ୍ପ ସଂକଳନ, ଜାନୁଆରୀ - ୨୦୧୯ ରେ ପ୍ରକାଶିତ ହୋଇଛି। ଶିଶୁ ସାହିତ୍ୟିକ ସନ୍ତୋଷ କୁମାର ମହାନ୍ତିଙ୍କ ଦ୍ୱାରା ଏହି ଗଳ୍ପଟି ଲିଖିତ । ପିଲାମାନଙ୍କ ପାଇଁ ଶ୍ରୀ ମହାନ୍ତି ୧୯୯୬ ମସିହାରୁ ଗଳ୍ପ ଓ କବିତା ଆଦି ଲେଖି ଆସୁଛନ୍ତି । ଏହା ସହିତ ସେ ନବଧାରା, ସୁବର୍ଣ୍ଣଦୀପ ଓ ଗୃନ୍ଦ ଦୀପିକା ଆଦି ଶିଶୁ ପତ୍ରିକାର ସମ୍ପାଦନା ସହ ଜଡିତ ଅଛନ୍ତି । ୨୦୧୧ ମସିହାରେ ଲେଖକଙ୍କ ପ୍ରଥମ ଶିଶୁ ଗଳ୍ପ ସଂକଳନ "ସଂଜୁ ଆଉ ସଞ୍ଜନା" ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଲାଭ କରିଥିଲା । "ଚଗଲା ଚଆଁ" କୁନି ପିଲାଙ୍କୁ ଆନନ୍ଦ ଦେବ । ଲେଖକଙ୍କ କଲମ ଆହୁରି ସମୃଦ୍ଧ ହେଉ ଏହାହିଁ ବେଦାନ୍ତୀ ପରିବାର ତରଫରୁ କାମନା ।


ଚଗଲା ଚିଆଁ
USAID
FROM THE AMERICAN PEOPLE
care


ପ୍ରକାଶନ ବର୍ଷ-୨୦୧୯
ବାଳିକା ଶିକ୍ଷା କାର୍ଯ୍ୟକ୍ରମ, କେୟାର-ଇଣ୍ଡିଆ

# ଶିଶୁ ବିଭାଗ



# ଘେନ ସ୍ୱମ୍ଭୁ ପ୍ରଣିପାତ



ସତ୍ୟବ୍ରତ ସାହୁ

ଦେବ ଦେବ ପ୍ରଭୁ ମହାଦେବଙ୍କର ଆସୁଛି ଜାଗର ଯାତ,
ଶିବ ପାଦ ଧ୍ୟାୟି ଉଜାଗର ରହି ଦେଖିଯିବା ମହାଦୀପ ।୧।
ଫାଲଗୁନ ମାସର କୃଷ୍ଣ ଚତୁର୍ଦ୍ଦଶୀ ଶିବଙ୍କର ଜନ୍ମଦିନ,
ସାରା ଜଗତରେ ମହାଶିବ ରାତ୍ରୀ ନାମରେ ହୁଏ ପାଳନ ।୨।
ଶିବ ଅର୍ଥ ଅଟେ ମଙ୍ଗଳମୟ ଶିବ ପୂଜା କରୁଥିଲେ,
ଦୟାମୟ ପ୍ରଭୁ ମହାଦେବଙ୍କର ଅପାର କରୁଣା ଝରେ ।୩।
ଅଳ୍ପରେ ସନ୍ତୋଷ ହୋଇଥାନ୍ତି ବୋଲି ନାମ ତାଙ୍କ ଆଶୁତୋଷ
ଶ୍ମଶାନ ନିବାସୀ, ମହାକାଳ, ରୁଦ୍ର, ଈଷ, ମହେଶ, ଭୂତେଶ ।୪।
ଜଗତକୁ ରକ୍ଷା କରିବାକୁ ଯାଇ ହଳାହଳ ବିଷ ପିଇ,
ସଂହାର କରତା, ମହେଶ୍ୱର, ହର ନୀଳକଣ୍ଠ ଗଲେ ହୋଇ ।୫।
ନଜାଣି ବଣରେ ସୁସ୍ୱର ଶିକାରୀ ଆଖିରୁ ଅଶ୍ରୁ ଝରାଇ,
ବେଲ ପତ୍ର ତୋଳ ପୂଜା କରିଥିଲା ରାଜପଦ ଗଲେ ପାଇ ।୬।
ଗଙ୍ଗା ମାତାଙ୍କୁ ମଥାପରେ ଧରି ଅଟନ୍ତି ସେ ଗଙ୍ଗାଧର,
ଜଟାରେ ତାଙ୍କର ଚନ୍ଦ୍ର ଶୋଭା ବୋଲି ନାମ ତାଙ୍କ ଚନ୍ଦ୍ରଚୂଡ ।୭।
ବିଶ୍ୱନାଥ, ଯୋଗେଶ୍ୱର, ଭୋଳାନାଥ, ପଶୁପତି, ଶୁଳପାଣି,
ଡମ୍ବରୁଧର, ମୃତ୍ୟୁଞ୍ଜୟ, ଭୂତପତି, ମହାକାଳ ଜାଣି ।୮।
ଗିରୀଶ, ଶଙ୍କର, ଜଟାଜୁଟଧାରୀ, ପଞ୍ଚାନନ, ସଦାଶିବ,
କୃପାନେତ୍ରେ ସଦା ଗୃହିଁ ରହିଥିବ ତ୍ରିଲୋଚନ, ମହାଦେବ ।୯।
ହେ ଶିବଶମ୍ଭୁ ଘେନ ପ୍ରଣିପାତ ଜଗତ କଲ୍ୟାଣକାରୀ,
ମଣିଷ ଜନମ ସାର୍ଥକ କର ଏତିକି ଖାଲି ଗୁହାରୀ ।୧୦।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ମୁଁ ବି ଫଗୁ ଖେଳବି



ଚନ୍ଦ୍ର ଶେଖର ଗୋ

(୧)

ମା' ଗୋ ପାପାଙ୍କୁ କହିଦିଅ
ପଇସା ମତେ ମାଗିଦିଅ
ନୀଳଆ ଶାଗୁଆ  ଲାଲ ହଳଦିଆ
ବାଛିବାଛି ରଂଗ କଣିବି
ମୁଁ ବି ଫଗୁ ଖେଳବି ।।

ଆଈକୁ ବୋଳବି ରଂଗ ଲାଲ
ଲାଲ ଦିଶିବ ତା' ଧଳାବାଳ
ଆଈ ମାଆ ଦେବ ଗାଳ
ମୁଁ ହସିବି ଖିଲିଖିଲି ।।

ଅଜାକୁ ବୋଳବି ନୀଳରଂଗ
ଫଗୁ ଖେଳବାକୁ କରିବି ସଂଗ
ରଂଗ ଧରି ଗାଁରେ ବୁଲିବି
ମୁଁ ବି ଫଗୁ ଖେଳବି ।।

ଯା'କୁ ପାଇବି ରଂଗ ବୋଳବି
ଗୁରୁଜନଙ୍କର ପାଦ ଛୁଇଁବି
ମୁଁ ବି ଫଗୁ ଖେଳବି ।।

(୨)

ହୋଳ ଆଣିଚ ରଂଗ
ଆ ଫଗୁ ଖେଳବା ସାଂଗ ।।

ମୁଁ ଧରିଚ ନୀଳଆ ଶାଗୁଆ
ତୁ ଧରିଥା ଲାଲ ହଳଦିଆ
ବୋଳାବୋଳ ହେବା ରଂଗ
ଆ ଫଗୁ ଖେଳବା ସାଂଗ ।।

ଯିଏ ଡରିବ ଲୁଚ ରହିବ
ରଂଗ ଖେଳବାକୁ ମନା କରିବ
ହେବି ନାଇଁ ତା'ର ସାଂଗ
ଆ ଫଗୁ ଖେଳବା ସାଂଗ ।।

ଆ ଗଳି ଆରେ ପଦାକୁ
ରଂଗ ବୋଳବା ଗଧାକୁ
ହଉ କାଇଁ କୂଅ ବେଙ୍ଗ
ଆ ଫଗୁ ଖେଳବା ସାଂଗ ।।

(୩)

ଆସ ଫଗୁଖେଳ ଖେଳବା

ରଂଗ ବୋଳାବୋଳ ହୋଇବା

ହାପି ହୋଲି କହିବା ।।

ଆଖି ନାକ କାନ ଛାଡ଼ିଦେ

ରଂଗ ପିଚକାରୀ ମାରିଦେ ।।

ଏଇ କଥା ଆମକୁ ଜଣା

ଏ ରଂଗ ନୁହଁଇ ଅବୀର

ଆଖି କାନେ ପଶିଗଲେ

ଅସୁସ୍ଥ ହେବ ଶରୀର ।।

କର୍ଲାଖମାର, ନୂଆପଡ଼ା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆମ ମହାନ ଓଡ଼ିଶା



ରାଜଶେଖର ସି "ଚମା"

ଆସନ୍ତୁ କରିବା ଆମ ମହାନ ଓଡ଼ିଶା ପ୍ରଦେଶର ଗୁଣଗାନ,
ଯେତେ ଗାଇଲେ ବି ସମ୍ପୂର୍ଣ୍ଣ ହେବନ ଯାହାର ଯଶୋଗାନ। ୧।

ନିର୍ମଳ ପରିମଳ ଯାହାର ସୁନ୍ଦର ପ୍ରକୃତି,
ବହୁ ପ୍ରାଚୀନ ଯାହାର ଶ୍ରୀଜଗନ୍ନାଥ ସଂକୃତି। ୨।

ପ୍ରବାହିତ ହେଉଛନ୍ତି ଦୟା ବଂଶଧାରା ବୈତରଣୀ ମହାନଦୀ ତରଙ୍ଗିଣୀ,
ଅନ୍ୟତମ ନଦୀ ହେଉଛନ୍ତି ନାଗାବଳୀ ସୁବର୍ଣ୍ଣରେଖା ଇବ ବ୍ରାହ୍ମଣୀ। ୩।

ଓଡ଼ିଆ ଓଡ଼ିଶାବାସୀଙ୍କ ମହନୀୟ ମାତୃଭାଷା,
ଉତ୍କଳୀୟଙ୍କର ଯାହା ଶାସକୀୟ ପ୍ରାଚୀନଭାଷା। ୪।

ପୁରୀଧାମ ଶ୍ରୀଜୀଉଙ୍କର ରଥଯାତ୍ରା ଯାହାର ପୁରାତନ ପରମ୍ପରା,
ପ୍ରଥମାଷ୍ଟମୀ ପର୍ବ ମାଣବସା ଗୁରୁବାର ଶ୍ରୀଲକ୍ଷ୍ମୀପୂଜା ବହୁତ ନିଆରା। ୫।

ଏକାମ୍ର କ୍ଷେତ୍ର ଭୁବନେଶ୍ୱର ଯାହାର ରାଜଧାନୀ ନଗରୀ,
ସହସ୍ର ବର୍ଷ ଊର୍ଦ୍ଧ୍ୱ କଟକ ଯାହାର ଐତିହାସିକ ନଗରୀ। ୬।

ଉତ୍କଳ ଜନନୀଙ୍କର ଅଛନ୍ତି ବହୁ ଦେଶଭକ୍ତ,
ଯିଏ ଧାର୍‌ପାତ କରିପାରିବେ ନିଜ ବିନ୍ଦୁବିନ୍ଦୁ ରକ୍ତ। ୭।

ବିଶ୍ୱପ୍ରସିଦ୍ଧ କୋଣାର୍କ ଶ୍ରୀସୂର୍ଯ୍ୟ ମନ୍ଦିର ଏକ ଶିଳ୍ପ କୁଶଳ କଳାକ୍ଷେତ୍ର,
ତ୍ରିଭୁବନେଶ୍ୱର ସ୍ଥିତ ଚଉଷଠି ମନ୍ଦିର ଶ୍ରୀଲିଙ୍ଗରାଜ ମନ୍ଦିର ଭକ୍ତିପୂତ ପୁଣ୍ୟକ୍ଷେତ୍ର। ୮।

ଓଡ଼ିଶା କ୍ରମବୃଦ୍ଧି ଅଭିବୃଦ୍ଧି ହେତୁ ସମସ୍ତେ ସପନ ଦେଖୁଛନ୍ତି ବହୁପ୍ରକାର,
କ୍ରମାନ୍ୱୟରେ କାର୍ଯ୍ୟଦକ୍ଷ କାର୍ଯ୍ୟାର୍ଥ ସିଦ୍ଧି ରହିଲେ ନିଶ୍ଚିତ ହେବ ସାକାର। ୯।

ନବନିର୍ମାଣ ଦ୍ୱାର୍ କରିବା ଆମ ମହାନ ଓଡ଼ିଶାକୁ ନିତ୍ୟ ନବୀନ,
ପ୍ରଧାନ ପ୍ରବୀଣ ହେଲେ ସର୍ବଦା ରହିବ ଶକ୍ତିଶାଳୀ ସମୃଦ୍ଧି ସମ୍ପନ୍ନ ସ୍ୱାଧୀନ। ୧୦।

chvrajasekhar@gmail.com

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ଶୁଣ ଶୁଣ ପିଲ୍‌ମାନେ



ଅବିନାଶ ବେହେର୍‌

ଶୁଣ ଶୁଣ ପିଲ୍‌ମାନେ ଦେଇ ଟିକେ ମନ
ଦେଶ ପାଇଁ ତୁମେ,
ତୁମ ପାଇଁ ଦେଶ ହେବ ଧନ୍ୟ ।
କରିବ ତମେ ଏମିତିକା ଭଲ କାମ,
ଦୁନଆଁରେ ବଢିବ ତମର ସୁନାମ ।
ତୁମେ  ଗଢିବ ଦେଶର ଭବିଷ୍ୟତ,
ସଦା କହିବ ମିଛକୁ ଛାଡି ସତ ।

ଶୁଣ ଶୁଣ ପିଲ୍‌ମାନେ ଦେଇ ଟିକେ ମନ,
ହେଲେ ପରିଶ୍ରମୀ ସଫଳ ହେବ ଜୀବନ ।
ତୁମେ ଯେବେ ମନ ଲଗେଇ ପଢିବ ପାଠ
ହେବ ସମର୍ଥ ଦୂରେଇବାକୁ,
ସମାଜରୁ ଦୁଃଖ କଷ୍ଟ ।
ଖେଳ କୁଦରେ ହେଲେ ତମେ ଧୁରନ୍ଧର,
ବହୁତ ଗୌରବ ବଢିବ ଆମ ଦେଶର  ।

ଶୁଣ ଶୁଣ ପିଲ୍‌ମାନେ ଦେଇ ଟିକେ ମନ,
ସୁନାପିଲ୍ ହେବ, ଶୁଣିବ କଥା
କହିଲେ ବାପା, ମାଆ, ଗୁରୁଜନ ।
ବଡମାନଙ୍କୁ କରିବ ସମ୍ମାନ,

ଦେବ ସ୍ନେହ ଆଦର ସଭିଁଙ୍କୁ ସମାନ ।
ସମୟର କଲେ ସତ୍ ବ୍ୟବହାର,
ଲକ୍ଷ୍ୟ ପଥରେ ବାଧା ଆସିବନ ତମର ।

ଶୁଣ ଶୁଣ ପିଲ୍ମାନେ ଦେଇ ଟିକେ ମନ,
ଦିନଦୁଃଖିଙ୍କୁ କେବେ କରିବ ନାହିଁ ଅପମାନ ।
ଜାଣିଶୁଣି କ୍ଷତି କରିବ ନାହିଁ କେବେ କାହାର,
ମନଜାଣି କଥା କହିବ, ସବୁଠି ପାଇବ ଆଦର ।
ଦେଶର ଜାତିର ଉନ୍ନତି ପାଇଁ
ସଦା କରିବ ଚେଷ୍ଟା,
ହେଲେ ତମେ ଭଲ,
ସଭିଁଙ୍କୁ କରିବ ଆକୃଷ୍ଟ ତମ ନିଷ୍ଠା ।

ସଂସ୍କୃତ ଶିକ୍ଷକ,
ବାକରତଳା ସରକାରୀ ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ ।

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/ ୦୩/ ୨୦୧୯ | ପଙ୍କୋଦ୍ଧାର ଏକାଦଶୀ |
| ୦୪/ ୦୩/ ୨୦୧୯ | ଶିବରାତ୍ରି ( ଜାଗର) |
| ୦୬/ ୦୩/ ୨୦୧୯ | ଅମାବାସ୍ୟା, ରାହୁ ଓ କେତୁ ଚଳନ |
| ୦୭/ ୦୩/ ୨୦୧୯ | ଶରଣ ଶେଷ |
| ୦୮/ ୦୩/ ୨୦୧୯ | ଚନ୍ଦ୍ର ଦର୍ଶନ |
| ୧୪/ ୦୩/ ୨୦୧୯ | ମାସାନ୍ତ |
| ୧୫/ ୦୩/ ୨୦୧୯ | ମୀନ ସଂକ୍ରାନ୍ତି |
| ୧୬/ ୦୩/ ୨୦୧୯ | ଫଗୁ ଦଶମୀ ଓ ଦୋଳ ଯାତ୍ରା ଆରମ୍ଭ |
| ୧୭/ ୦୩/ ୨୦୧୯ | ପାପନାଶିନୀ ଏକାଦଶୀ |
| ୧୮/ ୦୩/ ୨୦୧୯ | ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ |
| ୧୯/ ୦୩/ ୨୦୧୯ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୨୦/ ୦୩/ ୨୦୧୯ | ବରାହ ଦୋଳ, ରାଜାଗ୍ନି |
| ୨୧/ ୦୩/ ୨୦୧୯ | ଦୋଳ ପୂର୍ଣ୍ଣିମା ଓ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ |
| ୨୫/ ୦୩/ ୨୦୧୯<br>୨୬/ ୦୩/ ୨୦୧୯ | ପଞ୍ଚୁଦୋଳ<br>ସ୍କନ୍ଦ ଷଷ୍ଠୀ |
| ୨୯/ ୦୩/ ୨୦୧୯ | ବୃହସ୍ପତି ସଞ୍ଚାର |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



ବୟସ ତ ପାଠପଢ଼ା, କିନ୍ତୁ ମୁଣ୍ଡେ କାଠବିଡ଼ା।
ଜୀବନକୁ ବୁଝିବା ଆଗରୁ ଏ କି ଜୀବିକା।
ଛ'ରୁ ଚଉଦ ବରଷ, ଶିକ୍ଷା ବାଧ୍ୟତାମୂଳକ।
କିଏ ସେ କରିଲା ବଞ୍ଚିତ।
ସାଇକେଲ ବହିବସ୍ତା, ମଧ୍ୟାହ୍ନ ପୋଷାକ ବଣ୍ଟା।

ଆବାସିକ ବିଦ୍ୟାଳୟ
ହେ ପିତାମାତା, କଲେ କ ବ୍ୟବସ୍ଥା
ପିଲ୍ଙ୍କ ଭବିଷ୍ୟତ ଗଢ଼ିବା।

ବିଜେତା: ଚନ୍ଦ୍ର ଶେଖର ଗୋ, କର୍ଲାଖମାର, ନୂଆପଡ଼ା

କେତେ କଷ୍ଟକର ଏହି ଗରିବ କଶୋରୀଙ୍କ ନଃସହାୟ ଜୀବନ,
କାନନ ର ଶୁଖୁଲ୍ ଜାଳେଣି କାଠ ହୋଉଛି ରନ୍ଧନ ର ଇନ୍ଧନ,
ବିଦ୍ୟାଳୟ ଯିବା ବୟସ ରେ ଅନୁଚତ ଏହି ଶାରୀରିକ ଉତ୍ପୀଡ଼ନ,
ପ୍ରଣାଳୀବଦ୍ଧ ଶିକ୍ଷା ହେବ ତାଙ୍କର ନୈତିକ ମାନସିକ ଶକ୍ତିର ଉତ୍କର୍ଷ ସାଧନ।।

ବିଜେତା: ଶ୍ରୀ ରାଜଶେଖର ସି

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନଜସ୍ୱ। ଯଦି କୌଣସି ପାଠକ/ ପାଠିକା ନଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com ।ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**